www.adyashgroup.com
@adyashalivee
adyashalive

ADYASHA
ଆଦ୍ୟାଶା
Live
Published by Er Debabrata Behera

PRGI No. : ORORI/25/A0506 | Daily Edition | Email : adyashaalive"gmail.com

BHUBANESWAR I Vol. 02 I Issue : 112 I Thursday I 29 October. 2026 I Page 8 I Rs. 7 I ବର୍ଷ ୦୨ । ସଂଖ୍ୟା ୧୧୨ । ଭୁବନେଶ୍ୱର । ଗୁରୁବାର I ୨୯ ଅକ୍ଟୋବର ୨୦୨୬ । ପୃଷ୍ଠା : ୮ । ମୂଲ୍ୟ ୭ ଟଙ୍କା

ତାଣ୍ଡବ ରଚିଲା 'ଅର୍ଣ୍ଣବ'



ନେଲାଣି ୩ ଜୀବନ : ମାଟିରେ ମିଶିଲା ଅନେକ ଘର

ତେଲଙ୍ଗାନା, ୨୮/୧୦ (ଆଦ୍ୟାଶା) : ଆନ୍ଧ୍ର ପ୍ରଦେଶରେ ଲ୍ୟାଣ୍ଡ ଫଲ୍ କରିବା ପରେ ତାଣ୍ଡବ ରଚିଛି ବାତ୍ୟା ଅର୍ଣ୍ଣବ । ଆନ୍ଧ୍ରରେ ବ୍ୟାପକ କ୍ଷତି କରିଛି ଏହି ସାମୁଦ୍ରିକ ଝଡ଼ । ବିଳମ୍ବିତ ରାତିରେ ସ୍ଥଳଭାଗ ଛୁଇଁଥିବା ବାତ୍ୟା ଅର୍ଣ୍ଣବ ଏବେ ବି ତା'ର ତାଉ ଦେଖାଇବା ଜାରି ରଖିଛି । ଆନ୍ଧ୍ର ଓ ସୀମାନ୍ତ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଲାଗି ରହିଛି ତୁହାକୁ ତୁହା ବର୍ଷା ଓ ପବନ । ବର୍ତ୍ତମାନ ସୁଦ୍ଧା ଅର୍ଣ୍ଣବ ଆନ୍ଧ୍ରରେ ୩ ଜଣଙ୍କ ଜୀବନ ନେଇ ସାରିଥିବା ବେଳେ ୩୧ଟି ଘରକୁ ସଂପୂର୍ଣ୍ଣ ଭାବେ ମାଟିରେ ମିଶାଇ ଦେଇଛି । ଏଥିସହ କେଉଁଠି ଗଛ ଭାଙ୍ଗି ଯାଇଛି ତ ଆଉ କେଉଁଠି ବିଦ୍ୟୁତ ଖୁଣ୍ଟ ଉପୁଡ଼ି ପଡ଼ିଛି । ଉଭୟ ଆନ୍ଧ୍ର ଓ ଓଡ଼ିଶାର ବାତ୍ୟାର ତାଣ୍ଡବ ଦେଖିବାକୁ ମିଳିଛି । ଏବେ ବି କ୍ଷୟକ୍ଷତିର ଆକଳନ ଚାଲିଥିବା ବେଳେ ବର୍ତ୍ତମାନ ସୁଦ୍ଧା ୩ ଜଣଙ୍କ ମୃତ୍ୟୁ ଘଟିଥିବା ସ୍ପଷ୍ଟ କରିଛନ୍ତି ଏନଡିଆରଏଫର ଜଣେ ବରିଷ୍ଠ ଅଧିକାରୀ ।

ଅଧିକାରୀଙ୍କ କହିବା କଥା ଯେ ଶକ୍ତିଶାଳୀ ଘୂର୍ଣ୍ଣିବାତ୍ୟା ଯୋଗୁ ଆନ୍ଧ୍ରର ପ୍ରାୟ ୭୧୪ଟି ଗାଁ ବ୍ୟାପକ ଭାବେ ପ୍ରଭାବିତ ହୋଇଛି । ଆନ୍ଧ୍ର ବ୍ୟତୀତ ଓଡ଼ିଶାରେ ମଧ୍ୟ ଏହାର ପ୍ରଭାବ ପଡ଼ିଛି । ଛତିଶଗଡ଼, ଝାରଖଣ୍ଡ, ପୁଡୁଚେରୀ, ତେଲଙ୍ଗାନା ଓ ଆଣ୍ଡାମାନରେ ମଧ୍ୟ ବାତ୍ୟା ଅର୍ଣ୍ଣବ ତା'ର ଛାପ ଛାଡ଼ିଛି । ଏଥିପାଇଁ ଏନଡିଆରଏଫ ପକ୍ଷରୁ ଏହି ସବୁ ରାଜ୍ୟରେ ପ୍ରାୟ ୪୦ଟି ଟିମକୁ ମୁତୟନ କରାଯାଇଥିବା ଏନଡିଆରଏଫ ଆଇଜି ନରେନ୍ଦ୍ର ସିଂହ ଭୁଣ୍ଡେଲା ସୂଚନା ଦେଇଛନ୍ତି । ଅତିରିକ୍ତ ୪ଟି ଏନଡିଆରଏଫ ଟିମକୁ ମଙ୍ଗଳବାର ରାତିରେ ସ୍ଥିତିର ମୁକାବିଲା ପାଇଁ ଆନ୍ଧ୍ର ପ୍ରଦେଶକୁ ପଠାଯାଇଛି । ଏବେ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର କାର୍ଯ୍ୟ ଜାରି ରହିଥିବା ସେ କହିଛନ୍ତି । ବାତ୍ୟା ଅର୍ଣ୍ଣବ ରାତି ପ୍ରାୟ ୧୨.୫୭ରେ ପୁଡୁଚେରୀର ୟାନାମ ନିକଟବର୍ତ୍ତୀ ଅଞ୍ଚଳରେ ସ୍ଥଳ ଭାଗ ଛୁଇଁଥିଲା । ସ୍ଥଳ ଭାଗକୁ ଆସିବା ପୂର୍ବରୁ ଗୋଟିଏ ଅତି ଭୀଷଣ ବାତ୍ୟାରେ ଥିଲା ଅର୍ଣ୍ଣବ । କିନ୍ତୁ ସ୍ଥଳ ଭାଗ ଛୁଇଁବା ମାତ୍ରେ ଏହା ଭୀଷଣ ବାତ୍ୟାରେ ପରିଣତ ହୋଇଥିଲା ।

ଏହି ସମୟରେ ପବନର ସର୍ବାଧିକ ବେଗ ଘଣ୍ଟା ପ୍ରତି ୧୪୦ କିମି ରହିଥିଲା । ଲ୍ୟାଣ୍ଡଫଲ ପରେ କିଛି ସମୟ ପାଇଁ ସ୍ଥିର ହୋଇଯାଇଥିଲା ଅର୍ଣ୍ଣବ । ଏବେ ଏହା ଧୀରେ ଧୀରେ ଦୁର୍ବଳ ହୋଇ ଆଗକୁ ବଢ଼ିବାରେ ଲାଗିଛି । ସନ୍ଧ୍ୟା ସୁଦ୍ଧା ଏହା ଓଡ଼ିଶାର ମାଲକାନାଗିରି ଦେଇ ଛତିଶଗଡ଼ ମୁହାଁ ହେବ । ଏହି ସମୟରେ ଏହା ଗଭୀର ଅବପାତରେ ପରିଣତ ହୋଇ ସାରିଥିବ ।

ବାତ୍ୟା ଯୋଗୁ ଉତ୍ତର ଆନ୍ଧ୍ର ପ୍ରଦେଶ ଓ ଦକ୍ଷିଣ ଓଡ଼ିଶା ସବୁଠାରୁ ଅଧିକ ପ୍ରଭାବିତ ହୋଇଛି । ଦୁଇ ରାଜ୍ୟରେ କିଛି ଜିଲ୍ଲାରେ ପବନ ସାଙ୍ଗକୁ ପ୍ରବଳ ବର୍ଷା ଲାଗି ରହିଛି । ଓଡ଼ିଶା ଅପେକ୍ଷା ଆନ୍ଧ୍ରରେ ଅଧିକ କ୍ଷୟକ୍ଷତି ହୋଇଛି । ଏନଡିଆରଏଫ ଟିମ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବା ବେଳେ ଜାଣିବାକୁ ପାଇଛି ଯେ ଶହଶହ ଗଛ ଭାଙ୍ଗି ଯାଇଛି । ୩୧ଟି ଘର ମାଟିରେ ମିଶି ଯାଇଛି ଓ ବିଭିନ୍ନ ସ୍ଥାନରୁ ୩ ଜଣଙ୍କ ମୃତଦେହ ମିଳିଛି । ଓଡ଼ିଶାରେ ସେତେଟା କ୍ଷୟକ୍ଷତି ହୋଇ ନଥିବା ଶ୍ରୀ ସିଂହ ସ୍ପଷ୍ଟ କରିଛନ୍ତି । ତାଙ୍କ କହିବା କଥା ଯେ ଆନ୍ଧ୍ର ପ୍ରଦେଶରେ ୫୭ ହଜାର ଲୋକଙ୍କୁ ମଙ୍ଗଳବାର ରାତିରେ ରିଲିଫ କ୍ୟାମ୍ପକୁ ସ୍ଥାନାନ୍ତର କରାଯାଇଛି । ସେହିପରି ୟାନାମରୁ ମଧ୍ୟ ୩୮ ଜଣଙ୍କୁ ଉଦ୍ଧାର କରି ସୁରକ୍ଷିତ ସ୍ଥାନକୁ ପଠାଯାଇଛି ।



ଭୁଶୁଡ଼ିଲା ୮୦ ଫୁଟ୍‌ର ଲକ୍ଷ୍ମୀପୂଜା ମଣ୍ଡପ

ଭୁବନେଶ୍ୱର, ୨୮/୧୦ (ଆଦ୍ୟାଶା) : ବାତ୍ୟା 'ଅର୍ଣ୍ଣବ' ଆନ୍ଧ୍ର ପ୍ରଦେଶରେ ଲ୍ୟାଣ୍ଡଫଲ କରିସାରିଥିବା ବେଳେ ଏହାର ପ୍ରଭାବରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ବର୍ଷା ଓ ପବନ ଜାରି ରହିଛି । ଏହି ବାତ୍ୟାରେ ରାଜଧାନୀ ଭୁବନେଶ୍ୱର ମଧ୍ୟ ପ୍ରଭାବିତ ହୋଇଛି । ଗତକାଲିଠାରୁ ଏଠାରେ ତୁହାକୁ ତୁହା ବର୍ଷା ହେଉଛି । କେତେବେଳେ ଜୋରରେ ବର୍ଷା ହେଉଛି ତ ଆଉ କେତେବେଳେ ଝିପିଝିପି ବର୍ଷା ହେଉଛି । ରାଜଧାନୀରେ ସ୍ଥିତି ଏଭଳି ରହିଥିବା ବେଳେ ଡମଣା ନିକଟସ୍ଥ କ୍ଲବ ଟାଉନ୍ ପଡ଼ିଆରେ ଦେଖିବାକୁ ମିଳିଛି 'ଅର୍ଣ୍ଣବ' ଜନିତ ପବନର ତାଣ୍ଡବ ।ଏଠାରେ ଏକ ସୁଉଚ୍ଚ ଲକ୍ଷ୍ମୀପୂଜା ମଣ୍ଡପ ଭୁଶୁଡ଼ି ପଡ଼ିଛି । ଉତ୍ତର ଭୁବନେଶ୍ୱର ଯୁବକ ସଙ୍ଘ ଗଜଲକ୍ଷ୍ମୀ ପୂଜା କମିଟି ତରଫରୁ ଏଠାରେ ଆୟୋଜିତ ହୋଇଥିଲା ଲକ୍ଷ୍ମୀପୂଜା । ଏଠାରେ ତିଆରି ହୋଇଥିଲା ୮୦ ଫୁଟ୍ ବିଶିଷ୍ଟ ମା' ଗଜଲକ୍ଷ୍ମୀଙ୍କ ପୂଜା ମଣ୍ଡପ । ତେବେ ଆଜି ଦିନ ପ୍ରାୟ ୧୨ଟା ବେଳେ ହୋଇଥିବା ପବନରେ ଏହି ମଣ୍ଡପ ଭୁଶୁଡ଼ି ପଡ଼ିଥିଲା । ଫଳରେ ମା' ଲକ୍ଷ୍ମୀଙ୍କ ମୂର୍ତ୍ତି ମଧ୍ୟ ନଷ୍ଟ ହୋଇଯାଇଛି ।

ମାଆଙ୍କ ଷୋଡ଼ଶ ଉପଚାର ନୀତି ହେଉଥିବା ବେଳେ ଏହି ଘଟଣା ଘଟିଥିବା ଜଣାପଡ଼ିଛି । ସେହି ସମୟରେ ପ୍ରବଳ ବର୍ଷା ସାଙ୍ଗକୁ ପବନ ହୋଇଥିଲା । ପବନରେ ପ୍ରଥମେ ଲାଇଟ ଗେଟ ପଡ଼ିଯାଇଥିଲା । ଲାଇଟ୍ ଗେଟ୍ ପଡ଼ିବା ପରେ ପୂଜାରୀ ଓ କମିଟିର କର୍ମକର୍ତ୍ତାମାନେ ପୂଜା ମଣ୍ଡପରୁ ବାହାରି ଯାଇଥିଲେ । ଆଉ ଦେଖୁ ଦେଖୁ ପୂରା ମଣ୍ଡପ ଭୁଶୁଡ଼ି ପଡ଼ିଥିଲା । ଏଥିରେ କେହି ଆହତ ହୋଇନାହାନ୍ତି । ସେହିପରି ବାତ୍ୟା ଅର୍ଣ୍ଣବ ପ୍ରଭାବରେ କଳାହାଣ୍ଡି ଜିଲାରେ ବୁଧବାର ମଧ୍ୟାହ୍ନରୁ ବର୍ଷା ଓ ପବନ ଲାଗି ରହିଛି । ଏହାରି ଭିତରେ ଜୁନାଗଡ଼ ସହର ବଡ଼ପଡା ଛକ ଓ ପୁଲିସ ଷ୍ଟେସନ ନିକଟରେ ହେଉଥିବା ଗଜଲକ୍ଷ୍ମୀ ପୂଜାର ବାଉଁଶ ଗେଟ୍ ଭୁଶୁଡ଼ି ପଡ଼ିଛି । ଏକ ଅଟୋ, ଏକ କାର ଓ ଏକ ବୋଲେରୋ ଏହା ତଳେ ଚାପି ହୋଇଯାଇଥିଲେ । ଗେଟ୍ ଭୁଶୁଡ଼ିବା ପରେ ଏହି ରାସ୍ତାରେ ଯାତାୟତ ଠପ୍ ହୋଇଯାଇଥିଲା । ଅର୍ଣ୍ଣବ ଲ୍ୟାଣ୍ଡଫଲ କରି ଦୁର୍ବଳ ହୋଇଯାଇଥିଲେ ହେଁ ଏହା ଆଜି ମାଲକାନଗିରି ଅତିକ୍ରମ କରି ଛତିଶଗଡ଼ ଅଭିମୁଖେ ଗତି କରିବାକୁ ଥିବାରୁ ରାଜ୍ୟରେ କିଛି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ।

ନଦୀଗର୍ଭକୁ ଚାଲିଗଲା ଗଙ୍ଗାମାତା ମନ୍ଦିର

ଆରଡି, ୨୮/୧୦ (ଆଦ୍ୟାଶା) : ବାତ୍ୟା ଅର୍ଣ୍ଣବ ପ୍ରଭାବରେ ଧାମରା ନିକଟରେ ଅଶାନ୍ତ ହୋଇପଡିଛି ସମୁଦ୍ର । ଏପରିକି ଧାମରା ମୁହାଣରୁ ବୈତରଣୀ ଓ ସାଳନ୍ଦୀ ନଦୀ ଦେଇ ମାଡି ଆସୁଛି ଉଚ୍ଚ ଜୁଆର ଢେଉ । ଏହି ଜୁଆର ଢେଉ ମାଡ଼ରେ ଆରଡିପୀଠ ମୁଁଆ ଘାଟରେ ଜେଟି ସହ କୂଳକୁ ଲାଗିଥିବା ମା ଗଙ୍ଗାମାତାଙ୍କ ମନ୍ଦିର ବୈତରଣୀ ନଦୀ ଗର୍ଭକୁ ସମ୍ପୂର୍ଣ୍ଣ ଭାବେ ଭାସିଯାଇଛି । ଗତ ମଙ୍ଗଳବାର ଠାରୁ ବାତ୍ୟା ପ୍ରଭାବରେ ଲଗାଣ ବର୍ଷା ଲାଗି ରହିଥିବାରୁ ନଦୀ ଉଛୁଳିବା ସହ କୂଳ ଖାଉଥିବା ସ୍ଥାନୀୟ ଲୋକେ କହିଛନ୍ତି । ବିଶେଷକରି ଭଦ୍ରକ ଜିଲାର ସାଧାରଣ ଲୋକଙ୍କ ସହ ଆରଡି ପୀଠର ବାବା ଆଖଣ୍ଡଳମଣିଙ୍କ ଦର୍ଶନ ପାଇଁ ଆସୁଥିବା ବହୁ ଶ୍ରଦ୍ଧାଳୁ ଏହି ବୈତରଣୀ ନଦୀର ମୁଁଆଘାଟ ପାରି ହୋଇ କେନ୍ଦ୍ରାପଡ଼ା ଜିଲ୍ଲାକୁ ଯାଇଥାନ୍ତି । ସେହିପରି କେନ୍ଦ୍ରାପଡ଼ା ସହ ଜଗତସିଂହପୁର, ଯାଜପୁର, କଟକ ଜିଲାର ଅଧିକାଂଶ ଅଞ୍ଚଳରୁ ପ୍ରତିଦିନ ଶହ ଶହ ଭକ୍ତ ଏହି ବୈତରଣୀ ନଦୀଘାଟରେ ପାର ହୋଇ ବାବା ଆଖଣ୍ଡଳମଣିଙ୍କ ଦର୍ଶନ ପାଇଁ ଆସିଥାନ୍ତି । ହେଲେ ଜେଟି ଭାସି ଯାଇଥିବାରୁ ଏବେ ମଟର ଚାଳିତ ବୋଟ ବିପଦପୂର୍ଣ୍ଣ ଭାବେ ଲଙ୍ଗର ପକାଇ ଲୋକଙ୍କୁ ପାରି କରୁଛନ୍ତି । ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।



ବାତ୍ୟା ଆଶ୍ରୟସ୍ଥଳୀରେ ଉପମୁଖ୍ୟମନ୍ତ୍ରୀ

ପଦ୍ମପୁର, ୨୮/୧୦ (ଆଦ୍ୟାଶା) : ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ରାୟଗଡ଼ା ଜିଲ୍ଲାରେ ମଧ୍ୟମ ଧରଣର ବର୍ଷା ଲାଗି ରହିଛି । ଗତ ୨୪ ଘଣ୍ଟା ମଧ୍ୟରେ ଜିଲ୍ଲାରେ ହାରାହାରି ୪୬୦.୭୭ ମିଲିମିଟର ବର୍ଷା ହୋଇଥିବା ବେଳେ ପଦ୍ମପୁର ଅଞ୍ଚଳରେରେ ସକାଳ ୦୭ ଟା ସୁଦ୍ଧା ସର୍ବାଧିକ ୩୮.୦୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି । ଲଗାଣ ବର୍ଷା ଓ ସମ୍ଭାବ୍ୟ ବିପଦକୁ ଦୃଷ୍ଟିରେ ରଖି ପ୍ରଶାସନ ତରଫରୁ ବ୍ୟାପକ ସୁରକ୍ଷା ପଦକ୍ଷେପ ଗ୍ରହଣ କରାଯାଇଛି । ପଦ୍ମପୁର ବ୍ଲକ ଡେରିଗାଁ ପଞ୍ଚାୟତ ମୁଟୁକୁଣି ଗ୍ରାମର କଚ୍ଚା ଘରେ ରହୁଥିବା ଲୋକଙ୍କୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରାଯାଇଛି । ଗ୍ରାମର ପ୍ରାୟ ୧୬ଟି ପରିବାରର ୫୨ ଜଣ ସଦସ୍ୟ ଓ ଦୁଇଜଣ ଗର୍ଭବତୀ ଓ ଜଣେ ପ୍ରସୂତି ମହିଳାଙ୍କୁ ଆଣି ଜୟପଙ୍ଗା ପ୍ରାଥମିକ ବିଦ୍ୟାଳୟରେ ଖୋଲାଯାଇଥିବା ଅସ୍ଥାୟୀ ଆଶ୍ରୟସ୍ଥଳୀରେ ରଖାଯାଇଛି । ସେଠାରେ ସେମାନଙ୍କୁ ରନ୍ଧା ଖାଦ୍ୟ ଓ ଅନ୍ୟାନ୍ୟ ଜରୁରୀ ସୁବିଧା ଯୋଗାଇ ଦିଆଯାଉଛି । ଏହି ପରିପ୍ରେକ୍ଷୀରେ ଜିଲ୍ଲା ଗସ୍ତରେ ଥିବା ଉପମୁଖ୍ୟମନ୍ତ୍ରୀ ତଥା ଜିଲ୍ଲା ଦାୟିତ୍ୱରେ ଥିବା ମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଜି ଜୟପଙ୍ଗା ଆଶ୍ରୟସ୍ଥଳୀରେ ପହଞ୍ଚି ସ୍ଥିତି ସମୀକ୍ଷା କରିଛନ୍ତି । ସେ ଅନ୍ତେବାସୀଙ୍କୁ ଶୁଖିଲା ଖାଦ୍ୟ ଓ ରାସନ ସାମଗ୍ରୀ ବଣ୍ଟନ କରିବା ସହ ସେମାନଙ୍କ ସହ ଆଲୋଚନା କରିଥିଲେ । ଲୋକଙ୍କ ପାଇଁ ପ୍ରସ୍ତୁତ ରନ୍ଧା ଖାଦ୍ୟର ମାନ ଯାଞ୍ଚ କରିବା ସହ ଉପମୁଖ୍ୟମନ୍ତ୍ରୀ ନିଜେ ମଧ୍ୟ ତାହା ଗ୍ରହଣ କରିଥିଲେ । ଏହା ପରେ ସେ କେନ୍ଦୁଗୁଡ଼ା ଜଳଭଣ୍ଡାର ପରିଦର୍ଶନ କରି ଜଳସ୍ତରର ସ୍ଥିତି ଅନୁଧ୍ୟାନ କରିବା ସହ ପ୍ରଶାସନିକ ପ୍ରସ୍ତୁତି ଉପରେ ସନ୍ତୋଷ ପ୍ରକାଶ କରି ଫେରିଛନ୍ତି ।



କାଳ ସାଜିଲା ଜେନେରେଟର
୨ ମୃତ : ୩ ଗୁରୁତର

କେନ୍ଦୁଝର, ୨୮/୧୦ (ଆଦ୍ୟାଶା) : ଜେନେରେଟର ଧୂଆଁରେ ଶ୍ୱାସରୁଦ୍ଧ ହୋଇ ୨ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୩ ଜଣଙ୍କ ଅବସ୍ଥା ଗୁରୁତର ରହିଛି । ଘଟଣା ଘଟିଛି କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ ନୟାକୋଟ ଥାନା ସୁତୁଙ୍ଗ ଗାଁରେ । ମୃତକ ଦ୍ୱୟ ହେଉଛନ୍ତି, ରାଜେନ୍ଦ୍ର ସାଆନ୍ତ ଓ ନିତୁ ସାଆନ୍ତ । ଗୁରୁତରମାନେ ହେଉଛନ୍ତି ଜଗନ୍ନାଥ ଗିରି, ପ୍ରଶାନ୍ତ ଦେହୁରୀ ଓ ନିରଦାଶ ଦେହୁରୀ । ସମସ୍ତେ ସୁତୁଙ୍ଗ ଗାଁର ବାସିନ୍ଦା । ଗାଁରେ ଗଜଲକ୍ଷ୍ମୀ ପୂଜା ଚାଲିଥିବା ବେଳେ ରାତିରେ ଜେନେରେଟର ଚଲାଇ ଗୋଟିଏ ଘରେ ଶୋଇଥିଲେ ଏହି ୫ ଯୁବକ । ଶୋଇଥିବା ଅବସ୍ଥାରେ ଜେନେରେଟରରୁ ବାହାରି ଥିବା ଧୂଆଁରେ ସେମାନଙ୍କର ଶ୍ୱାସରୁଦ୍ଧ ହୋଇଯାଇଥିଲା ବୋଲି କୁହାଯାଉଛି । ସକାଳେ ସେମାନେ କବାଟ ନ ଖୋଲିବାରୁ ଗାଁ ଲୋକେ ସେମାନଙ୍କୁ ଉଦ୍ଧାର କରି ବାଂଶପାଳ ଡାକ୍ତରଖାନା ନେଇଥିଲେ । ତେବେ ଡାକ୍ତରଖାନା ନିଆଯାଉଥିବା ବେଳେ ବାଟରେ ରାଜେନ୍ଦ୍ର ଓ ନିତୁଙ୍କର ମୃତ୍ୟୁ ହୋଇଥିଲା । ବାଂଶପାଳ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଅନ୍ୟମାନଙ୍କୁ କେନ୍ଦୁଝରକୁ ସ୍ଥାନାନ୍ତର କରାଯାଇଛି ।

ଟ୍ରେନ୍ ଦୁର୍ଘଟଣା ନେଲା ୪୬ ଜୀବନ

ନୂଆଦିଲ୍ଲୀ, ୨୮/୧୦ (ଆଦ୍ୟାଶା) : ସ୍ପେନ୍‌ରେ ବୁଧବାର ସକାଳେ ଦୁଇ ହାଇସ୍ପିଡ୍ ଟ୍ରେନ ମଧ୍ୟରେ ଦୁର୍ଘଟଣା ଘଟି ୪୬ ଜଣଙ୍କ ମୃତ୍ୟୁ ଘଟିଛି । ତେବେ ଏହି ଦୁର୍ଘଟଣା ପାଇଁ ମାନବୀୟ ତ୍ରୁଟି ମୁଖ୍ୟତଃ ଦାୟୀ ବୋଲି ପ୍ରାରମ୍ଭିକ ରିପୋର୍ଟରୁ ଜଣାପଡିଛି । ମୁଖ୍ୟ ସିଗ୍‌ନାଲିଂ ବ୍ୟବସ୍ଥା ଅଚଳ ହେବା ସମୟରେ ରେଲ୍‌ୱେ ନେଟ୍‌ୱର୍କ ପରିଚାଳକ ଠିକ୍ ଭାବେ ନିଜ ଦାୟିତ୍ୱ ନତୁଲାଇବାରୁ ଏଭଳି ଅଘଟଣ ଘଟିଲା ବୋଲି ଆଶଙ୍କା କରାଯାଉଛି ।ଏହି ରେଳଗୁଡିକର ସୁରକ୍ଷା ବ୍ୟବସ୍ଥା ସ୍ୱୟଂଚାଳିତ ଭାବେ କର୍ଯ୍ୟ କରେ । ଏଥିରେ ତ୍ରୁଟି ଦେଖାଦେଲେ ଏହାକୁ ମାନୁଆଲ୍ ମୋଡ୍‌କୁ ପରିବର୍ତ୍ତନ କରାଯାଏ । ସ୍ୱୟଂଚାଳିତ ସୁରକ୍ଷା ବ୍ୟବସ୍ଥାରେ ହଠାତ୍ ବୈଷୟିକ ତ୍ରୁଟି ଦେଖାଦେବାରୁ ସୁରକ୍ଷା ପ୍ରୋଟୋକଲ୍ ଅନୁଯାୟୀ ଟ୍ରେନ୍‌ଗୁଡ଼ିକ ରେଳଧାରଣା ଉପରେ ଅଟକି ଯାଇଥିଲା । ଟ୍ରେନ୍ ଚଳାଚଳ ପୁନଃ ଆରମ୍ଭ କରିବା ସମୟରେ ଅପରେଟରଙ୍କ ଗୁରୁତର ତ୍ରୁଟି ଯୋଗୁଁ ଦୁଇଟି ଟ୍ରେନ୍ ଗୋଟିଏ ରେଳଧାରଣାକୁ ଆସିଯାଇଥିଲା । ସରକାରଙ୍କ ମୁଖପାତ୍ର ଏଷ୍ଟର୍ ପାଡିଲାଙ୍କ ଅନୁଯାୟୀ, ଗୋଟିଏ ଟ୍ରେନ୍ କାହିଁକି ରେଳଧାରଣା ଉପରେ ଅଟକି ରହିଥିଲା, ତାହା ତଦନ୍ତକାରୀ ଅଧିକାରୀମାନେ ଯାଞ୍ଚ କରୁଛନ୍ତି । ଦୁର୍ଘଟଣାଗ୍ରସ୍ତ ରେଳପଥରେ ୧୯୮୦ ଦଶକରୁ ପ୍ରଚଳିତ ପୁରୁଣା ସିଗ୍‌ନାଲିଂ ବ୍ୟବସ୍ଥା କାର୍ଯ୍ୟକାରୀ ହେଉଛି । ଏବେ ଏହି ରେଳପଥର ଆଧୁନିକୀକରଣ କାର୍ଯ୍ୟ ଚାଲିଥିଲା । ଏହି ଆଧୁନିକୀକରଣ କାର୍ଯ୍ୟ ପ୍ରାୟ ଶେଷ ହେବାକୁ ବସିଥିଲା ବେଳେ ଏହି ମର୍ମନ୍ତୁଦ ଦୁର୍ଘଟଣା ଘଟିଯାଇଛି । ସ୍ପେନ୍ ପ୍ରଧାନମନ୍ତ୍ରୀ ପେଡ୍ରୋ ସାଞ୍ଚେଜ୍ ଏହି ଘଟଣାକୁ ନେଇ ଗଭୀର ଶୋକ ପ୍ରକାଶ କରିଛନ୍ତି । ଏହାକୁ ଏକ ଗୁରୁତର ରେଳ ଦୁର୍ଘଟଣା ବୋଲି କହିବା ସହ ପୀଡ଼ିତ ଏବଂ ସେମାନଙ୍କ ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା ପ୍ରକାଶ କରିଛନ୍ତି । ୟୁରୋପର ସର୍ବବୃହତ୍ ହାଇସ୍ପିଡ୍ ରେଳ ନେଟ୍‌ୱର୍କ ମଧ୍ୟରୁ ଅନ୍ୟତମ ନେଟ୍‌ୱର୍କ ଥିବା ସ୍ପେନ୍‌ରେ ଏହି ଦୁର୍ଘଟଣା ପୁଣିଥରେ ରେଳ ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠାଇଛି । ଗତ ଜାନୁୟାରୀ ମାସରେ ଦକ୍ଷିଣ ସ୍ପେନ୍‌ରେ ଏକ ଟ୍ରେନ୍ ରେଳଧାରଣାରୁ ଖସି ଅନ୍ୟ ଏକ ଟ୍ରେନ୍ ସହ ଧକ୍କା ହେବାରୁ ୪୫ ଜଣଙ୍କ ମୃତ୍ୟୁ ହୋଇଥିଲା ।



କେନ୍ଦ୍ର ସରକାରୀ କର୍ମଚାରୀଙ୍କ ବଢ଼ିଲା ୩% ଡିଏ

ନୂଆଦିଲ୍ଲୀ, ୨୮/୧୦ (ଆଦ୍ୟାଶା) : କେନ୍ଦ୍ର ସରକାରୀ କର୍ମଚାରୀଙ୍କୁ ବଡ ଭେଟି । କେନ୍ଦ୍ର ସରକାରୀ କର୍ମଚାରୀ ଏବଂ ପେନସନଭୋଗୀଙ୍କ ପାଇଁ ଏକ ବଡ଼ ଏବଂ ଆଶ୍ୱସ୍ତିକର ଖବର ଆସିଛି । କେନ୍ଦ୍ର କ୍ୟାବିନେଟ ମହଙ୍ଗା ଭତ୍ତା (ଡିଏ) ୩% ବୃଦ୍ଧିକୁ ଆନୁଷ୍ଠାନିକ ଭାବରେ ଅନୁମୋଦନ କରିଛି । ବର୍ଦ୍ଧିତ ମୁଦ୍ରାସ୍ଫୀତି ମଧ୍ୟରେ ନିଆଯାଇଥିବା ଏହି ନିଷ୍ପତ୍ତି ଲକ୍ଷ ଲକ୍ଷ କେନ୍ଦ୍ର ସରକାରୀ କର୍ମଚାରୀ ଏବଂ ପେନସନଭୋଗୀଙ୍କ ମାସିକ ଦରମା ଏବଂ ପେନସନକୁ ସିଧାସଳଖ ବୃଦ୍ଧି କରିବ । ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ କ୍ୟାବିନେଟ ଏହି ଆର୍ଥିକ ନିଷ୍ପତ୍ତିକୁ ଅନୁମୋଦନ କରିଛି, ଯେଉଁଥିରେ ମହଙ୍ଗା ଭତ୍ତା ଏବଂ ରିଲିଫ୍ ପାଇଁ ମୋଟ ୧୦,୦୧୬ କୋଟି ଆବଣ୍ଟନ କରାଯାଇଛି । ମହଙ୍ଗା ଭତ୍ତା ଏବଂ ରିଲିଫ୍ କୁ ତିନି ପ୍ରତିଶତ ବୃଦ୍ଧି କରୁଥିବା କ୍ୟାବିନେଟ ନିଷ୍ପତ୍ତି କର୍ମଚାରୀଙ୍କ କ୍ରୟ ଶକ୍ତି ବଜାୟ ରଖିବାରେ ସାହାଯ୍ୟ କରିବ । ସରକାର ଜୀବନଯାପନର ବୃଦ୍ଧିର ପ୍ରଭାବକୁ ପୂରଣ କରିବା ପାଇଁ ସମୟ ସମୟରେ ଏହି ଭତ୍ତାଗୁଡ଼ିକୁ ସଂଶୋଧନ କରନ୍ତି । କେନ୍ଦ୍ରୀୟ ସେବାରେ କାର୍ଯ୍ୟରତ କର୍ମଚାରୀଙ୍କ ମାସିକ ଦରମା ଏବଂ ଅବସରପ୍ରାପ୍ତ କର୍ମଚାରୀଙ୍କ ପେନସନ ବୃଦ୍ଧି ପାଇବ । ମୁଦ୍ରାସ୍ଫୀତି ଚାପ ମଧ୍ୟରେ ଏହି ବୃଦ୍ଧି କର୍ମଚାରୀ ଏବଂ ପେନସନଭୋଗୀଙ୍କ ପରିବାର ବଜେଟକୁ ମଜବୁତ କରିବ । କେନ୍ଦ୍ର କ୍ୟାବିନେଟ ଦ୍ୱାରା ଅନୁମୋଦିତ ଏହି ପ୍ରସ୍ତାବ ସରକାରୀ କୋଷାଗାର ଉପରେ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ପ୍ରଭାବ ପକାଇବ । ସରକାରୀ ତଥ୍ୟ ଅନୁଯାୟୀ, ସରକାର ମହଙ୍ଗା ଭତ୍ତା ଏବଂ ମହଙ୍ଗା ସହାୟତାରେ ଏହି ତିନି ପ୍ରତିଶତ ବୃଦ୍ଧି ପାଇଁ ମୋଟ ୧୦,୦୧୬ କୋଟି ବଜେଟ୍ ଆବଣ୍ଟନ କରିଛନ୍ତି । ମୋଟ ଆର୍ଥିକ ବ୍ୟୟବରାଦ: ଡିଏ ଏବଂ ଡିଆର ପାଇଁ ୧୦,୦୧୬ କୋଟି ମଞ୍ଜୁର କରାଯାଇଛି ।

ଅର୍ଣ୍ଣବର ଫାଇଦା ନେଲେ ଲୁଟେରା

ବାଲୁଗାଁ/ବାଣପୁର, ୨୮/୧୦ (ଆଦ୍ୟାଶା) : ଯେତେବେଳେ ବାତ୍ୟା ବର୍ଷା ପବନକୁ ଡରି ଲୋକେ ଘରେ ଶୋଇଛନ୍ତି ସେତବେଳେ ଲୁଟେରାମାନେ ରଚିଛନ୍ତି ଲୁଟର ତାଣ୍ଡବ । ବାଣପୁର ଥାନାର ଠିକ ସାମ୍ନାରେ ବଜାର ମଧ୍ୟରେ ଥିବା ନିରଞ୍ଜନ ଜୁଏଲାରୀ ଦୋକାନରୁ ଗତକାଲି ରାତିରେ ଲୁଟ ହୋଇଛି ପାଖାପାଖି କୋଟିଏ ଟଙ୍କାର ସୁନା ଓ ରୁପା ଅଳଙ୍କାର ସହ ନଗଦ ପାଞ୍ଚ ଲକ୍ଷ ଟଙ୍କା । ୪୦୦ ଗ୍ରାମ ସୁନା ଅଳଙ୍କାର ଓ ପନ୍ଦର କିଲୋ ରୁପା ଲୁଟି ନେଇଛନ୍ତି ଦୁର୍ବୃତ୍ତ । ଦୋକାନ ପଛପଟେ ଥିବା ଏକ ଛତୁଆ ଗୋଦାମ କବାଟ ତାଲା ଭାଙ୍ଗି ସୁନା ଦୋକାନ ପଛପଟ କାନ୍ଥ କାଟି ଲୁଟେରା କରିଛନ୍ତି ଲୁଟ । ଗୋଦାମରେ ଲାଗିଥିବା ସିସିଟିଭି ତାରକୁ କାଟି ସୁନା ଦୋକାନର ହାର୍ଡ ଡିସ୍କ ନେଇ ଯାଉଛନ୍ତି ଦୁର୍ବୃତ୍ତ । ଯେଉଁଭଳି ଭାବରେ ଲୁଟ ହୋଇଛି, ଏହା କେବଳ ପେସାଦାର ଲୁଟେରାଙ୍କ କାମ ବୋଲି ଅନୁମାନ କରାଯାଉଛି । ଏନେଇ ବାଣପୁର ଥାନାରେ ଅଭିଯୋଗ କରିଛନ୍ତି ଜୁଏଲାରୀ ମାଲିକ ନିରଞ୍ଜନ ପାତ୍ର । ତେବେ ଥାନା ସାମ୍ନାରୁ ଏଭଳି ବଡ଼ ଧରଣର ଲୁଟ ପୁଲିସର ମୁଣ୍ଡ ବିନ୍ଧା ବଢାଇ ଦେଇଛି । ସାଇଣ୍ଟିଫିକ ଟିମ ସହ ବାଣପୁର ପୁଲିସ ତଦନ୍ତ ଚଳାଇଛନ୍ତି ।



ଆଦ୍ୟାଶା ADYASHA
ରାଜ୍ୟ
PRGI No. ORORI/25/A0506
Daily Edition
Email : adyashalive@gmail.com
BHUBANESWAR | Vol. 02 | Issue 12
ଗୁରୁବାର, ୨୯ ଅକ୍ଟୋବର ୨୦୨୬
ପୃଷ୍ଠା ୦୨ Rs. 7

ଆଜିର ପ୍ରମୁଖ

ଆଇନଜୀବୀ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର



ଭୁବନେଶ୍ୱର:୧୮/୧୦:ରାଜଧାନୀ ଉପକଣ୍ଠ ଧଉଳି ଥାନା ଅନ୍ତର୍ଗତ ଇନ୍ଦିରା କଲୋନିରେ ଏକ ଅଭାବନୀୟ ଏବଂ ରହସ୍ୟଜନକ ଘଟଣା ସାମ୍ନାକୁ ଆସିଛି। ଏଠାରେ ଏକ ଭଡ଼ା ଘରେ ରହୁଥିବା ଜଣେ ମହିଳା ଆଇନଜୀବୀଙ୍କର ସନ୍ଦେହଜନକ ମୃତଦେହ ପୁଲିସ ଜବତ କରିଛି। ମୃତଦେହଟି ରହୁଥିବା ଘରର ପଙ୍ଖାରେ ଝୁଲନ୍ତା ଅବସ୍ଥାରେ ଥିବା ଦେଖିବାକୁ ମିଳିଥିଲା। ତେବେ ଏହା ଏକ ଆତ୍ମହତ୍ୟା ନା ଏହା ପଛରେ କୌଣସି ଜଘନ୍ୟ ହତ୍ୟାକାଣ୍ଡ ରହିଛି, ସେନେଇ ସାଧାରଣରେ ଏବଂ ପୁଲିସ ମହଲରେ ବଡ଼ ସନ୍ଦେହ ସୃଷ୍ଟି ହୋଇଛି।ପୁଲିସ ସୂତ୍ରରୁ ପ୍ରକାଶ ଯେ, ମୃତ ମହିଳା ଜଣଙ୍କ ଜଣେ ଆଇନଜୀବୀ ଭାବେ କାର୍ଯ୍ୟ କରୁଥିଲେ ଏବଂ ଏହି ଇନ୍ଦିରା କଲୋନିରେ ଏକ ଭଡ଼ା ଘରେ ଏକାକୀ ରହୁଥିଲେ। ଖବର ପାଇ ଧଉଳି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି। ପ୍ରାଥମିକ ତଦନ୍ତରୁ ଏହି ଘଟଣା ଅତି ରହସ୍ୟମୟ ବୋଲି ଜଣାପଡ଼ିଛି।ଘଟଣାସ୍ଥଳର ପାରିପାର୍ଶ୍ୱିକ ସ୍ଥିତି ଏବଂ ପ୍ରମାଣଗୁଡ଼ିକ ଅନେକ ଗୁରୁତର ପ୍ରଶ୍ନବାଚୀ ସୃଷ୍ଟି କରିଛି। ମୃତଦେହଟି ଫ୍ୟାନ୍‌ରେ ଝୁଲନ୍ତା ଅବସ୍ଥାରେ ଥିଲେ ହେଁ, ତାଙ୍କର ଦୁଇ ପାଦ ଏକଦମ୍ ତଳେ ଲାଗି ରହିଥିଲା। ଏହାବ୍ୟତୀତ, ତାଙ୍କ ନାକ ଓ ପାଟିରୁ ରକ୍ତ ବାହାରି ପଡ଼ିଥିବା ଦେଖିବାକୁ ମିଳିଥିଲା ଏବଂ ଦେହରେ କେବଳ ଅନ୍ତଃବସ୍ତ୍ର ଥିଲା। ଘର ଭିତର ଏବଂ ଆଖପାଖ ପରିସ୍ଥିତି ମଧ୍ୟ ଅନେକ ସନ୍ଦେହକୁ ବଢ଼ାଇ ଦେଇଛି। ଖଟ ଉପରେ ଦୁଇଟି ମୋବାଇଲ୍ ଫୋନ୍ ପଡ଼ିଥିବାବେଳେ, ଘର ନିକଟରୁ ମଦ ବୋତଲ ଏବଂ ପୋଡ଼ା ସିଗାରେଟ୍ ଆଦି ଜବତ କରାଯାଇଛି।ଏହି ସମସ୍ତ ପରିସ୍ଥିତିକୁ ଦୃଷ୍ଟିରେ ରଖି, ଏହା ଏକ ସୁଚିନ୍ତିତ ହତ୍ୟାକାଣ୍ଡ ବୋଲି ସ୍ଥାନୀୟ ଅଞ୍ଚଳରେ ଏବଂ ପରିବାରବର୍ଗଙ୍କ ପକ୍ଷରୁ ସନ୍ଦେହ କରାଯାଉଛି। ବିଶେଷ କରି, ମହିଳା ଜଣଙ୍କ ସହିତ ରାତିରେ ଉପସ୍ଥିତ ଥିବା ତାଙ୍କର ଜଣେ ପୁରୁଷ ବନ୍ଧୁ ଘଟଣା ପରଠାରୁ ଫେରାର୍ ହୋଇଯାଇଥିବା ଜଣାପଡ଼ିଛି। ଏହି ଘଟଣା ପରେ ପୁଲିସର ସନ୍ଦେହ ଆହୁରି ଅଧିକ ଘନୀଭୂତ ହୋଇଛି।ପୁଲିସ ଏକ ଅପମୃତ୍ୟୁ ଏବଂ ହତ୍ୟା ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଫେରାର ଥିବା ପୁରୁଷ ବନ୍ଧୁଙ୍କୁ ଧରିବା ପାଇଁ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଏବଂ ଏହା ପଛର ସତ୍ୟତା ସ୍ପଷ୍ଟ ହେବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

ପୁରୀରେ 'ସୋଲାର ରଥ'ର ଉଦ୍‌ଘାଟନ



ପୁରୀ:୧୮/୧୦:ଏକ ସ୍ୱଚ୍ଛ, ସବୁଜ ଏବଂ ସୌର ଶକ୍ତି ଚାଳିତ ଶ୍ରୀକ୍ଷେତ୍ର ପୁରୀ ଗଠନ ଦିଗରେ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ଅଭିନବ ପଦକ୍ଷେପ ଗ୍ରହଣ କରାଯାଇଛି। 'ପିଏମ୍ ସୂର୍ଯ୍ୟ ଘର: ମୁଫ୍ତ ବିଜୁଳି ଯୋଜନା' ଏବଂ ଘର ଛାତ ଉପରେ ସୌର ଶକ୍ତି ବ୍ୟବସ୍ଥା ବା ରୁଫ୍‌ଟପ୍ ସୋଲାର ପ୍ରଣାଳୀ ସମ୍ପର୍କରେ ସାଧାରଣ ଜନତାଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଗତ ୨୭ ଅକ୍ଟୋବର ୨୦୨୬ ରିଖରେ ପୁରୀ ମହାନଗର ନିଗମର କମିଶନରଙ୍କ ଦ୍ୱାରା ଆନୁଷ୍ଠାନିକ ଭାବେ 'ସୋଲାର ରଥ'ର ଶୁଭାରମ୍ଭ ତଥା ଉଦ୍‌ଘାଟନ କରାଯାଇଛି। ପୁରୀ ମହାନଗର ନିଗମ ଅନ୍ତର୍ଗତ ସମସ୍ତ ୩୨ଟି ୱାର୍ଡରେ ଏହି ସ୍ୱତନ୍ତ୍ର ସୋଲାର ରଥ ପରିକ୍ରମା କରିବାର କାର୍ଯ୍ୟକ୍ରମ ରହିଛି। ଏହି ରଥ ମାଧ୍ୟମରେ ସହରର ପ୍ରତ୍ୟେକ ଗଳି ଓ ପଡ଼ିଶାରେ ନାଗରିକମାନଙ୍କୁ ଘର ଛାତ ଉପରେ ସୌର ଶକ୍ତି ପ୍ରଣାଳୀ ସ୍ଥାପନ କରିବା, ଏଥିପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ମିଳୁଥିବା ମାଳ ମାଳ ସବସିଡି, ପ୍ରତି ମାସରେ ବିଦ୍ୟୁତ୍ ବିଲ୍‌ରେ କିପରି ବିପୁଳ ଅର୍ଥ ସଞ୍ଚୟ ହୋଇପାରିବ ଏବଂ ପରିବେଶ ଅନୁକୂଳ ସ୍ୱଚ୍ଛ ଶକ୍ତିର ବ୍ୟବହାର ସମ୍ପର୍କରେ ସଚେତନ କରାଯାଉଛି। ଏହି ଅଭିଯାନ ଦ୍ୱାରା ପୁରୀବାସୀମାନେ ସୌର ଶକ୍ତି ଆପଣାଇବାକୁ ଆଗ୍ରହ ପ୍ରକାଶ କରିବେ ବୋଲି ପ୍ରଶାସନ ଆଶା ପୋଷଣ କରିଛି।

ପୁରୀରେ ଦାଦାଗିରି କରି ୩ ଅଭିଯୁକ୍ତ ଗିରଫ



ପୁରୀ,୨୮/୧୦(ଆଦ୍ୟାଶା ଲାଇଭ): ପୁରୀ ସହରରେ ଆଇନଶୃଙ୍ଖଳା ପରିସ୍ଥିତିକୁ ସୁଧାରିବା ସହ ଅପରାଧୀ ଓ ଦାଦାଗିରି କରୁଥିବା ବ୍ୟକ୍ତିଙ୍କ ଉପରେ କଡ଼ା ନଜର ରଖିଛି ପୁରୀ ଟାଉନ ଥାନା ପୋଲିସ। ବିଶେଷ ସୂଚନା ଓ ତଦନ୍ତ ଆଧାରରେ ପୋଲିସ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୩ଟି ଭିନ୍ନ ଭିନ୍ନ ଅପରାଧିକ ମାମଲାରେ ସମ୍ପୃକ୍ତ ଥିବା ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ ସମୟରେ ଦାଦାଗିରି, ଭୟଭୀତ ପ୍ରଦର୍ଶନ ଓ ଆଇନ ବିରୋଧୀ କାର୍ଯ୍ୟକଳାପରେ ଲିପ୍ତ ଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତି କରି ଟାଉନ ଥାନା ପୋଲିସ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ଅଭିଯୁକ୍ତମାନଙ୍କୁ କାବୁ କରିବାରେ ସଫଳ ହୋଇଛି। ଗିରଫ ସମୟରେ ପୋଲିସ ଅଭିଯୁକ୍ତମାନଙ୍କ ନିକଟରୁ ଏକାଧିକ ଆପତ୍ତିଜନକ ସାମଗ୍ରୀ, ବିଭିନ୍ନ ବେଆଇନ କାର୍ଯ୍ୟରେ ବ୍ୟବହୃତ ଗାଡ଼ି ଏବଂ ମୋବାଇଲ ଫୋନ୍ ଜବତ କରିଛି। ପୋଲିସ ସମସ୍ତ ଗିରଫ ଅଭିଯୁକ୍ତଙ୍କ ବିରୋଧରେ ନିର୍ଦ୍ଦିଷ୍ଟ ମାମଲା ରୁଜୁ କରିବା ପରେ ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଇ କୋର୍ଟ ଚାଲାଣ କରିଛି। ଆଗାମୀ ଦିନରେ ସହରରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ସହ ଅପରାଧୀଙ୍କ ବିରୋଧରେ ଏହିପରି ଦୃଢ଼ ଓ କଠୋର କାର୍ଯ୍ୟାନୁଷ୍ଠାନ ନିରନ୍ତର ଜାରି ରହିବ ବୋଲି ଟାଉନ ଥାନା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

ହବିଷ୍ୟାଳୀ କେନ୍ଦ୍ର ମାନସିକ ଶାନ୍ତି ଦେଉଛି



ପୁରୀ:୨୮/୧୦:ଚଳିତ ବର୍ଷ ପ୍ରଶାସନ ପକ୍ଷରୁ ଆୟୋଜିତ ହୋଇଛି ତିନି ଗୋଟି ହବିଷ୍ୟାଳୀ କେନ୍ଦ୍ର।ବୃନ୍ଦାବତୀ ନିବାସ,ମୋଚି ସାହି କଲ୍ୟାଣ ମଣ୍ଡପ ଓ ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସ ହବିଷ୍ୟାଳୀ କେନ୍ଦ୍ର ମାନଙ୍କ ରେ ରଖାଯାଇଛି ବିଭିନ୍ନ ଜିଲ୍ଲା ରୁ ଆସିଥିବା ମାଆ ମାନ କ୍ୟୁ।ଚଳିତ ମାସ ୨୫ ତାରିଖରେ ହବିଷ୍ୟାଳୀ କେନ୍ଦ୍ର ରେ ମାଆ ମାନେ ପଞ୍ଜିକରଣ କରିବା ପରେ ସେମାନେ ପରଦିନ ବା ୨୬ ତାରିଖ ସକାଳୁ ଠାରୁ ବୃନ୍ଦାବତୀ ପୂଜନ,ବାଲୁକା ସ୍ଥାପନ କରି ମହାପ୍ରଭୁଙ୍କ ଦର୍ଶନ କରିଥିଲେ।ଏବେ ପ୍ରତି ସଂଧ୍ୟାରେ ପରିବେଷିତ ହେଉଛି ପାଲା,ଦାସକାଠିଆ, ସଂକୀର୍ତ୍ତନ, ଭଜନ ଓ ପ୍ରବଚନ ଇତ୍ୟାଦି ସାଂସ୍କୃତିକ କାର୍ଯ୍ୟକ୍ରମ।ଏହି ଆଧ୍ୟାତ୍ମିକ ଭାବଧାରା ର ସାଂସ୍କୃତିକ କାର୍ଯ୍ୟକ୍ରମ ହବିଷ୍ୟାଳୀ ମା ମାନଙ୍କୁ କେବଳ ମନୋରଞ୍ଜନ ଦେଉନାହିଁ ବରଂ ମାନସିକ ଶାନ୍ତି ପ୍ରଦାନ ରେ ସହାୟକ ହେଉଛି ବୋଲି କହିଛନ୍ତି ହବିଷ୍ୟାଳୀ ମା ମାନେ। ବାଲେଶ୍ୱର ର ସୁବାସିନୀ ଜେନା, ନୟାଗଡ଼ ର ସାବିତ୍ରୀ ଆଚାରୀ,ଖୋର୍ଦ୍ଧା ର ଗୋଲାପ ସୁନ୍ଦରା,ବରଗଡ ର ଉର୍ମିଳା ନାୟକ, କୋରାପୁଟ ର କୁଞ୍ଜଲତା ବେହେରା ପ୍ରମୁଖ ଙ୍କ ମତରେ ଏହା ଏକ ନିଆରା ଅନୁଭବ।ଆମ ଭିତରେ ଅନେକ ନୂଆ ପୁରୁଣା ମାଆ ମାନେ ଅଛନ୍ତି।ଆମେ ଘର ଦ୍ବାର ଛାଡି ଆସିଲା ବେଳେ ଆଶଙ୍କା ଥିଲା,ଅଜଣା, ଅଶୁଣା ଲୋକ, ତାଙ୍କ ସହ କେମିତି ମିଶିବୁ, କେମିତି ଚଳିବୁ।ପିଲା ମାନଙ୍କ କଥା ମନେ ପଡିବା।ହେଲେ ଏଠାରେ କଳା ଠାକୁରଙ୍କୁ ଥରେ ଦେଖି ଆଖି ରୁ ଦି ଟୋପା ଲୁହ ଗଡିଗଲା ପରେ ସବୁ ମା ମାନେ ନିଜର ନିଜର ଲାଗିବାକୁ ଲାଗିଲେ।ବୋଧହୁଏ ସେ ଦୁଇ ଟୋପା ଲୁହ ପରିବାର ପ୍ରତି ଥିବା ମାୟା, ମୋହ,ଆସକ୍ତି କୁ ଧୋଇ ଦେଲା।ହୃଦୟରେ ପିଲା, ପରିବାର ସ୍ଥାନରେ ମହାପ୍ରଭୁ ସ୍ଥାନିତ ହେଲେ।ଦିନ ରାତି ଏଠି କେବଳ ତାଙ୍କରି ଚିନ୍ତା। ପୁରୀ ଖଟିଆକୁଦୀର ଶାନ୍ତି ଲତା ତରାଇ,ଖୋର୍ଦ୍ଧା ବରମୁଣ୍ଡାର କୌଶଲ୍ୟା ମହାରଣା, ଚିଲିକା ର ସତ୍ୟଭାମା ବେହେରା, କୃଷ୍ଣ ପ୍ରସାଦ ର ଗୀତା ତରାଇ,ଖୋର୍ଦ୍ଧା ର ପ୍ରମିଳା ସାହୁ ପ୍ରମୁଖ କୁହନ୍ତି ଆମେ ଆମ ପାରିବାରିକ ଜଞ୍ଜାଳ ମଧ୍ୟରୁ କେବେ ହେଲେ ଏତେ ଦିନ ପାଇଁ ବାହାରି ମହାପ୍ରଭୁଙ୍କ ଦର୍ଶନ ଲାଗି ଆସି ପାରି ନ ଥାନ୍ତୁ।ସେହି ବଡ ଠାକୁର ଙ୍କ ଡାକରା ରେ ଆସିଛୁ।ଅତି ସୁନ୍ଦର ରେ ଦର୍ଶନ କରୁଛୁ।ହୁଏତ ପରିବାର ସହ ବା ଏକୁଟିଆ ଆସୁଥିଲେ ଏମିତି ଦର୍ଶନ ସମ୍ଭବ ହେଉ ନ ଥାନ୍ତା।ଆମକୁ ସ୍ବତନ୍ତ୍ର ଭାବେ ବସରେ ସକାଳୁ ସକାଳୁ ସ୍ବେଚ୍ଛାସେବୀ ମାନେ ବା ସରକାରୀ କର୍ମଚାରୀ ନେବା ଆଣିବା କରିବା ଆମ ପାଇଁ ସ୍ବପ୍ନ ଓ ଗୌରବ ଲାଗୁଛି।ଦିନ ସାରା ହବିଷ୍ୟାଳୀ ବ୍ରତର ପୁରାଣ ପଢିବା, ଶୁଣିବା ପ୍ରତି ଯେଉଁ ନିଷ୍ଠା ଓ ସମର୍ପଣ ତାହା ଆଦୌ ଘରେ ସମ୍ଭବ ନୁହେଁ।ଆମକୁ ଏହି ହବିଷ୍ୟାଳୀ କେନ୍ଦ୍ର ରେ ଯେଉଁ ସୁବିଧା ମିଳୁଛି ତାହା ଅନନ୍ୟ ଓ ଖୁବ ଭଲା।ନିଜେ ଜିଲ୍ଲାପାଳ ଆମକୁ ଭେଟି କଥା ହୋଇ ଭଲ ମନ୍ଦ ପଚାରିଲେ।ତାଙ୍କ ପରାମର୍ଶ ରେ ଅନ୍ୟ ଅଫିସର ମାନେ ଆମର ଭଲ ମନ୍ଦ ବୁଝୁଛନ୍ତି।ଆମେ ନାଚୁଛୁ,ଗାଉଛୁ,ସାଙ୍ଗ ସାଥି ବନଉଛୁ।ପ୍ରତି ସଂଧ୍ୟାରେ ମହାପ୍ରଭୁଙ୍କ ଦିବ୍ୟ ମହାପ୍ରସାଦ ପାଉଛୁ।ଏହି ସବୁ ପ୍ରତିଭା ଆମ ଭିତରେ ଲୁଚି ରହିଥିଲା ବୋଲି ଆମେ ବି ଭାବି ପାରୁନୁ।କିନ୍ତୁ ଆମେ ଛୋଟ ପିଲାଙ୍କ ପରି ନିର୍ଭୟ ରେ ଏ ସବୁ କରି ପାରୁଛୁ।କାରଣ ଆମେ ଅନୁଭବ କରୁଛୁ ଆମ ଚାରି ପାଖରେ ସରକାର ଓ ପ୍ରଶାସନର ସୁରକ୍ଷା ର ବଳୟ ଅଛି।ଆମ ନିଜ ଠାରୁ ଆହୁରି ନିଜର ଦାୟିତ୍ୱ ନେଉଥିବା ଏହି ଅଧିକାରୀ, କର୍ମଚାରୀ, ସ୍ବେଚ୍ଛାସେବୀ ମାନେ ରହୁଛନ୍ତି।ତାଙ୍କୁ ଯେତେ ପ୍ରଶଂସା କଲେ ବି କମ ହେବ। ଆମେ ଯେଉଁ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖୁଛୁ ତାହା ଆମକୁ ଆନନ୍ଦ ସହ ଅନେକ ଶିକ୍ଷା ଦେଉଛି।ବଞ୍ଚି ଥିବା ଯାଏଁ, ହାତ ଗୋଡ ଚଳୁଥିବା ଯାଏଁ ଚେଷ୍ଟା କରିବୁ ଆସି ହବିଷ୍ୟାଳୀ ବ୍ରତରେ ସାମିଲ ହେବାକୁ,ଆନନ୍ଦ ଓ ଖୁସି ହେବାକୁ ବୋଲି କୋହ ଭରା କଣ୍ଠରେ କହନ୍ତି ଏହି ହବିଷ୍ୟାଳୀ ମା ମାନେ। ଆଜି ବର୍ଷା ପାଇଁ ମାଆ ମାନଙ୍କ ସ୍ବାସ୍ଥ୍ୟ ଓ ସୁରକ୍ଷା ଦୃଷ୍ଟିରୁ ମହାପ୍ରଭୁଙ୍କ ଦର୍ଶନ ବନ୍ଦ ରଖାଯାଇଥିଲା।ମାଆ ମାନେ କିନ୍ତୁ ଦିନ ତମାମ ଭଜନ, କୀର୍ତ୍ତନ, ନିଜ ନିଜ ଭିତରେ ରାଧା କୃଷ୍ଣ ବେଶ ହୋଇ ନୃତ୍ୟ ଗୀତ ରେ ମଜ୍ଜି ରହିଥିବା ଦେଖିବାକୁ ମିଳିଥିଲା।ପୁରୀ ରୁ ନୀଳାଚଳ ଦାସ ଆଦ୍ୟାଶା ଲାଇଭ

ଜିଲ୍ଲାରୁ ସିଧା ରିପୋର୍ଟ

ଜିଲ୍ଲାପ୍ରଶାସନ ତରଫରୁ ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ ସେବା ଆରମ୍ଭ

ପୁରୀ:୨୮/୧୦:ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ରେ ପୁରୀ ଜିଲ୍ଲା ରୁ ଆଜି ଅପରାହ୍ନ ରେ ୧୨୭ ଜଣ ବରିଷ୍ଠ ନାଗରିକ ଙ୍କୁ ତୀର୍ଥଯାତ୍ରାରେ ପ୍ରେରଣ କରାଯାଇଛି। ସେମାନେ ଆଜି ଭୁବନେଶ୍ୱର ରେ ରହିବେ ଓ ଆସନ୍ତା କାଲି ବାରାଣସୀ ଅଯୋଧ୍ୟା ଅଭିମୁଖେ ସ୍ବତନ୍ତ୍ର ଟ୍ରେନ ରେ ଯାତ୍ରା କରିବେ।ଏହି ବରିଷ୍ଠ ନାଗରିକ ମାନେ ବାରାଣସୀ ଅଯୋଧ୍ୟା ପରିଭ୍ରମଣ କରିବା ସହ ନଭେମ୍ବର ମାସ ୨ ତାରିଖରେ ଫେରି ଆସିବାର କାର୍ଯ୍ୟକ୍ରମ ରହିଛି।ବରିଷ୍ଠ ନାଗରିକ ମାନଙ୍କୁ ସହଯୋଗ ପାଇଁ ୪ ଜଣ ସହକାରୀ ମଧ୍ୟ ସାଥିରେ ଯାଇଛନ୍ତି।ଆଜି ପୂର୍ବାହ୍ନରେ ସଂସ୍କୃତି ଭବନ ପରିସରରେ ବରିଷ୍ଠ ନାଗରିକ ମାନଙ୍କ ସ୍ବାସ୍ଥ୍ୟ ପରୀକ୍ଷା କରାଯାଇଥିଲା।ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ସରୋଜ କାନ୍ତ ପ୍ରଧାନ,ସୂଚନା ଓ ଲୋକ ସମ୍ପର୍କ ଯୁଗ୍ମ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ପ୍ରମୁଖ ଉପସ୍ଥିତ ରହି ତୀର୍ଥଯାତ୍ରୀ ମାନଙ୍କୁ ପୁଷ୍ପ ଗୁଚ୍ଛ ଦେଇ ଯାତ୍ରାର ଶୁଭ କାମନା କରିଥିଲେ।ଅତିଥି ମାନେ ନଡ଼ିଆ ବାଡେଇ ଯାତ୍ରା ର ସଫଳତା କାମନା କରିଥିଲେ।ଅନ୍ୟ ମାନଙ୍କ ମଧ୍ୟରେ ପର୍ଯ୍ୟଟନ ଉନ୍ନୟନ ଅଧିକାରୀ ରୂପେଶ କୁମାର ରାଉତ, ଦେବସ୍ମିତା ମହାନ୍ତି ଓ ପର୍ଯ୍ୟଟନ କାର୍ଯ୍ଯାଳୟ କର୍ମଚାରୀ ପ୍ରମୁଖ ତୀର୍ଥଯାତ୍ରୀ ଙ୍କୁ ସହଯୋଗ ପ୍ରଦାନ କରିଥିଲେ। ନିଜ ନିଜର ଦାୟିତ୍ୱ ଓ ସ୍ବାସ୍ଥ୍ୟ ପ୍ରତି ଯତ୍ନବାନ ହେବା ସହ ସହାୟତା ପାଇଁ ଯାଇଥିବା କର୍ମଚାରୀ ମାନଙ୍କ ସୂଚନା ଅନୁସାରେ ପରିଭ୍ରମଣ କରିବାକୁ ତୀର୍ଥଯାତ୍ରୀ ଙ୍କୁ ଅନୁରୋଧ କରା ଯାଇଥିଲା। ଆଧାଶା ଲାଇଭ ପାଇଁ ପୁରୀରୁ ନୀଳାଚଳ ଦାସଙ୍କ ସ୍ବତନ୍ତ୍ର ରିପୋର୍ଟ। ରାଜ୍ୟ ସରକାରଙ୍କ ଏହି ମହତ୍ତ୍ୱପୂର୍ଣ୍ଣ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଦ୍ୱାରା ଜିଲ୍ଲାର ବହୁ ଶ୍ରଦ୍ଧାଳୁ ବିନା ମୂଲ୍ୟରେ କାଶୀ ଓ ଅଯୋଧ୍ୟା ଭଳି ପବିତ୍ର ଧାମ ଦର୍ଶନ କରିବାର ସୁଯୋଗ ପାଇଥିବାରୁ ସେମାନଙ୍କ ମଧ୍ୟରେ ବେଶ୍ ଉତ୍ସାହ ଓ ଆନନ୍ଦ ଦେଖିବାକୁ ମିଳିଛି। ତୀର୍ଥଯାତ୍ରୀମାନଙ୍କ ଯାତ୍ରା ସୁସଂଚାଳିତ ଓ ଆରାମଦାୟକ ହେବା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ସମସ୍ତ ପ୍ରକାର ଆବଶ୍ୟକୀୟ ବ୍ୟବସ୍ଥା ଗ୍ରହଣ କରାଯାଇଥିବା ନେଇ ପ୍ରଶାସନିକ ଅଧିକାରୀମାନେ ସୂଚନା ଦେଇଛନ୍ତି।



ବନ ବିଭାଗ ଓ ଜିଲ୍ଲା ପ୍ରଶାସନର ମିଳିତ ଉଦ୍ୟମ

ପୁରୀ:୨୮ ଅକ୍ଟୋବର (ଆଦ୍ୟାଶା ଲାଇଭ୍): ପୁରୀ-କୋଣାର୍କ ମେରାଇନ୍ ଡ୍ରାଇଭ୍ ସଂଲଗ୍ନ ବାଲୁଖଣ୍ଡ-କୋଣାର୍କ ଅଭୟାରଣ୍ୟକୁ ରାଜ୍ୟର ଏକ ପ୍ରମୁଖ ଇକୋ-ଟୁରିଜିମ୍ କେନ୍ଦ୍ର ଭାବେ ଗଢ଼ିତୋଳିବା ପାଇଁ ପୁରୀ ବନ ବିଭାଗ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ମିଳିତ ଉଦ୍ୟମ ଜୋରଦାର କରାଯାଇଛି। ବିଶ୍ୱପ୍ରସିଦ୍ଧ ଶ୍ରୀକ୍ଷେତ୍ର ପୁରୀ ଏବଂ ଅର୍କକ୍ଷେତ୍ର କୋଣାର୍କ ଭ୍ରମଣରେ ଆସୁଥିବା ଦେଶବିଦେଶର ପର୍ଯ୍ୟଟକମାନଙ୍କୁ ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ବନ୍ୟପ୍ରାଣୀ ସଂରକ୍ଷଣର ପ୍ରତ୍ୟକ୍ଷ ଅନୁଭୂତି ଯୋଗାଇଦେବା ଏହି ସ୍ୱତନ୍ତ୍ର ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ। ଏହି ସ୍ୱତନ୍ତ୍ର ବିକାଶ ପ୍ରକଳ୍ପ ଅଧୀନରେ ବାଲୁଖଣ୍ଡ ଜଙ୍ଗଲ ମଧ୍ୟରେ ଥିବା ପ୍ରାକୃତିକ ପରିବେଶକୁ କୌଣସି କ୍ଷତି ନପହଞ୍ଚାଇ ପରିବେଶ-ଅନୁକୂଳ ସୁବିଧାସୁଯୋଗ ସୃଷ୍ଟି କରାଯାଉଛି। ପର୍ଯ୍ୟଟକମାନଙ୍କ ପାଇଁ ଜଙ୍ଗଲ ମଧ୍ୟରେ ଗାଇଡେଡ୍ 'ନେଚର ୱାକ୍' ଟ୍ରେଲ୍, ବୃକ୍ଷାଚ୍ଛାଦିତ ବିଶ୍ରାମାଗାର, ଏବଂ ବିହଙ୍ଗ ନିରୀକ୍ଷଣ ପାଇଁ ସ୍ୱତନ୍ତ୍ର ୱାଚ୍ ଟାୱାର ନିର୍ମାଣ କରାଯାଇଛି। ଏହା ସହିତ ଅଭୟାରଣ୍ୟରେ ବିଚରଣ କରୁଥିବା ଶତାଧିକ କଳାହରିଣ, ଚିତାହରିଣ ଓ ସାମୁଦ୍ରିକ ପକ୍ଷୀମାନଙ୍କୁ ଦୂରରୁ ନିରାପଦରେ ଦେଖିବା ପାଇଁ ସ୍ୱତନ୍ତ୍ର ଭ୍ୟୁ-ପଏଣ୍ଟଗୁଡ଼ିକର ବ୍ୟବସ୍ଥା ହୋଇଛି। ଜିଲ୍ଲା ପ୍ରଶାସନ ଓ ବନ ବିଭାଗର ଏହି ଯୋଜନାରେ ସ୍ଥାନୀୟ ବନ ସୁରକ୍ଷା ସମିତି (VSS) ଓ ଗ୍ରାମବାସୀଙ୍କୁ ପ୍ରତ୍ୟକ୍ଷ ଭାବେ ସାମିଲ କରାଯାଇଛି। ଇକୋ-ଟୁରିଜିମ୍ ଗାଇଡ୍, ସୁରକ୍ଷା କର୍ମୀ ଏବଂ ପରିବେଶ ଅନୁକୂଳ କାଫେଟେରିଆ ପରିଚାଳନାରେ ସ୍ଥାନୀୟ ଯୁବକଯୁବତୀଙ୍କୁ ନିୟୋଜିତ କରାଯାଇ ସେମାନଙ୍କ ପାଇଁ ଆତ୍ମନିର୍ଭରଶୀଳ ଜୀବିକାର ପନ୍ଥା ସୃଷ୍ଟି କରାଯାଇଛି। ଏତଦ୍‌ବ୍ୟତୀତ ଅଭୟାରଣ୍ୟ ପରିସର ମଧ୍ୟରେ ପ୍ଲାଷ୍ଟିକ୍ ବ୍ୟବହାରକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯିବା ସହ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ସ୍ୱତନ୍ତ୍ର ଗ୍ରୀନ୍ ନିୟମାବଳୀ କଡ଼ାକଡ଼ି କରାଯାଇଛି। ପୁରୀ ଡିଏଫ୍‌ଓଙ୍କ ସୂଚନା ଅନୁଯାୟୀ, ବାଲୁଖଣ୍ଡର ଏହି ଇକୋ-ଟୁରିଜିମ୍ ପ୍ରକଳ୍ପ କେବଳ ପର୍ଯ୍ୟଟନର ବିକାଶ କରିବ ନାହିଁ, ବରଂ ଉପକୂଳବର୍ତ୍ତୀ ବନ୍ୟପ୍ରାଣୀ ସୁରକ୍ଷା ଓ ଜୈବବିବିଧତା ସମ୍ପର୍କରେ ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରିବାରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ।

କୋଣାର୍କ ବନ ଅଞ୍ଚଳରେ ବେଆଇନ ଚିଙ୍ଗୁଡ଼ି ଘେରି ଉଚ୍ଛେଦ କଲା ବନ ବିଭାଗ

କୋଣାର୍କ:୨୮ ଅକ୍ଟୋବର (ଆଦ୍ୟାଶା ଲାଇଭ୍): କୋଣାର୍କ ବନ ରାଇଞ୍ଜ ଅନ୍ତର୍ଗତ ସଂରକ୍ଷିତ ବନ , ମୁହାଣ ଏବଂ ଉପକୂଳବର୍ତ୍ତୀ ଜଳାଶୟଗୁଡ଼ିକରେ ବେଆଇନ ଭାବେ ଗଢ଼ିଉଠିଥିବା ଶତାଧିକ ଏକରର ଚିଙ୍ଗୁଡ଼ି ଘେରି ଉପରେ ପୁରୀ ବନ ବିଭାଗ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ବୃହତ୍ ଉଚ୍ଛେଦ ଅଭିଯାନ ସମ୍ପାଦିତ ହୋଇଛି। ଦୀର୍ଘ ଦିନ ଧରି ଚିଙ୍ଗୁଡ଼ି ମାଫିଆମାନେ ସରକାରୀ ବନ ଜମି ଓ ପ୍ରାକୃତିକ ଜଳାଶୟକୁ ଜବରଦଖଲ କରି କେମିକାଲ୍ ପ୍ରୟୋଗ ସହ ବେଆଇନ ଭାବେ ଚିଙ୍ଗୁଡ଼ି ଚାଷ କରୁଥିବା ଅଭିଯୋଗ ହୋଇଆସୁଥିଲା। ଅଭିଯୋଗକୁ ଭିତ୍ତି କରି ପୁରୀ ଡିଏଫ୍‌ଓଙ୍କ ସ୍ୱତନ୍ତ୍ର ନିର୍ଦ୍ଦେଶକ୍ରମେ କୋଣାର୍କ ବନ ଅଧିକାରୀ, ପୋଲିସ ବାହିନୀ ଏବଂ ରାଜସ୍ୱ ବିଭାଗର ମିଳିତ ଟିମ୍ ଚନ୍ଦ୍ରଭାଗା ଓ ସଂଲଗ୍ନ ବନ ଅଞ୍ଚଳରେ କଡ଼ା ଚଢ଼ାଉ କରିଥିଲେ। ଅଭିଯାନ ସମୟରେ ଜେସିବି ମେସିନ୍ ସାହାଯ୍ୟରେ ବେଆଇନ ଭାବେ ନିର୍ମିତ ହୋଇଥିବା ମାଟି ବନ୍ଧ, ଜାଲ ଘେରା ଏବଂ କୃତ୍ରିମ ସୋଲାର ଓ ଇଲେକ୍ଟ୍ରିକ୍ ସେଟ୍‌ଅପଗୁଡ଼ିକୁ ସମ୍ପୂର୍ଣ୍ଣ ରୂପେ ଭାଙ୍ଗି ସାଫ୍ କରାଯାଇଛି। ଏହା ସହ ବେଆଇନ ଚିଙ୍ଗୁଡ଼ି ଚାଷରେ ବ୍ୟବହୃତ ହେଉଥିବା ହାତ-ପମ୍ପ, ମୋଟର ଓ ବାଉଁଶ ଜାଲଗୁଡ଼ିକୁ ବନ ବିଭାଗ ଜବତ କରିଛି। ବନ ବିଭାଗର ବରିଷ୍ଠ ଅଧିକାରୀଙ୍କ ସୂଚନା ଅନୁଯାୟୀ, ବେଆଇନ ଚିଙ୍ଗୁଡ଼ି ଘେରି ଯୋଗୁଁ ଉପକୂଳବର୍ତ୍ତୀ ପ୍ରାକୃତିକ ଜଳ ନିଷ୍କାସନ ବାଧାପ୍ରାପ୍ତ ହେବା ସହ ବାଲୁଖଣ୍ଡ-କୋଣାର୍କ ଅଭୟାରଣ୍ୟର ପ୍ରାକୃତିକ ପରିବେଶ ଓ ସାମୁଦ୍ରିକ ଜୈବବିବିଧତା ପ୍ରତି ଗୁରୁତର ବିପଦ ସୃଷ୍ଟି ହେଉଥିଲା। ବିଶେଷ କରି ଚିଙ୍ଗୁଡ଼ି ଘେରିରୁ ନିର୍ଗତ ବିଷାକ୍ତ କେମିକାଲ୍ ମିଶ୍ରିତ ଜଳ ଉପକୂଳ ଓ ଜଙ୍ଗଲୀ ଜୀବଜନ୍ତୁଙ୍କ ପାଇଁ ହାନିକାରକ ସାବ୍ୟସ୍ତ ହେଉଥିଲା। ଏହି ବେଆଇନ କାର୍ଯ୍ୟକଳାପରେ ସଂପୃକ୍ତ ଥିବା ମାଫିଆ ଓ ବ୍ୟକ୍ତିବିଶେଷଙ୍କ ବିରୋଧରେ ବନ ଆଇନ ଏବଂ ପରିବେଶ ସୁରକ୍ଷା ଆଇନ ଅନୁଯାୟୀ କଠୋର ମାମଲା ରୁଜୁ କରାଯାଇଛି। ଆଗାମୀ ଦିନରେ କୋଣାର୍କ ଓ ଉପକୂଳ ବନ ଅଞ୍ଚଳକୁ ସମ୍ପୂର୍ଣ୍ଣ ଜବରଦଖଲ ମୁକ୍ତ ରଖିବା ପାଇଁ ଡ୍ରୋନ୍ କ୍ୟାମେରା ଓ ସ୍ୱତନ୍ତ୍ର ପାଟ୍ରୋଲିଂ ଟିମ୍ ଦ୍ୱାରା ନଜର ରଖାଯିବ ବୋଲି ବନ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି।

ମାଟିର ଖବର

ହବିଷ୍ୟାଳୀ କେନ୍ଦ୍ର ରେ ରହିଲେ ମାଆ ମାନେ।



ପୁରୀ:୨୭/୧୦:ତିନୋଟି ଯାକ ବିଭିନ୍ନ ସ୍ଥାନରେ ସେମାନ ଙ୍କୁ ସ୍ବତନ୍ତ୍ର ରିପୋର୍ଟ। କାର୍ତ୍ତିକ ମାସର ହବିଷ୍ୟାଳୀ କେନ୍ଦ୍ର ଗତକାଲି ଠାରୁ ରଖାଯାଇଥିଲା, ସେମାନ ଙ୍କୁ ଏହି ପବିତ୍ର ବ୍ରତ ପାଇଁ ପୁରୀର ଚଳଚଂଚଳ ହୋଇ ଉଠିଛି। କ୍ଷମତା ଅନୁସାରେ ବିଭିନ୍ନ ଶ୍ରୀକ୍ଷେତ୍ର ପରିବେଶ ସମ୍ପୂର୍ଣ୍ଣ ଅନଲାଇନ ମାଧ୍ୟମରେ ପଞ୍ଜିକରଣ ହବିଷ୍ୟାଳୀ କେନ୍ଦ୍ର ରେ ଆଧ୍ୟାତ୍ମିକ ଓ ଭକ୍ତିମୟ କରି ଯୋଗ୍ୟ ତାଲିକା ଭୁକ୍ତ ରଖାଯାଇଥିଲା।ଏହା ସହ ଚଳିତ ହୋଇଉଠିଛି। ରାଜ୍ୟର କୋଣ ହୋଇଥିବା ମାଆ ମାନେ ୨୫ ବର୍ଷ ପାଇଁ ହବିଷ୍ୟାଳୀ କେନ୍ଦ୍ର ର ଅନୁକୋଣରୁ ଆସିଥିବା ତାରିଖରେ ବିଭିନ୍ନ ଜିଲ୍ଲା ରୁ ଆସି ସଂପୂର୍ଣ୍ଣ ପଞ୍ଜିକରଣ ଅନଲାଇନ ଓ ମାଆମାନେ କୌଣସି ପ୍ରକାର ନିର୍ଦ୍ଧାରିତ ହବିଷ୍ୟାଳୀ କେନ୍ଦ୍ର ଅଫଲାଇନରେ ପୂର୍ଣ୍ଣାଙ୍ଗ ହୋଇ ଅସୁବିଧାର ସମ୍ମୁଖୀନ ନହେବା ମାନଙ୍କ ରେ ପଞ୍ଜିକୃତ ହୋଇ, ସାରିଛି ବୋଲି ପ୍ରଶାସନ ପକ୍ଷରୁ ସେଥିପାଇଁ ଜିଲ୍ଲା ପ୍ରଶାସନ ଏବଂ ହବିଷ୍ୟାଳୀ ପରିଚୟ ପତ୍ର ସଂଗ୍ରହ ସ୍ପଷ୍ଟ କରି ଦିଆଯାଇଛି।ହବିଷ୍ୟାଳୀ ସେବା ସଂସ୍ଥାଗୁଡ଼ିକ ପକ୍ଷରୁ କରି ନିଜ ନିଜ ରୁମରେ ରହିଥିଲେ। ମାଆ ମାନେ ନଭେମ୍ବର ୨୪ ପାନୀୟ ଜଳ, ସ୍ୱାସ୍ଥ୍ୟ ସେବା, ଗତକାଲି ସଂକଳ୍ପ କରି ବ୍ରତ ଆରମ୍ଭ ତାରିଖ ପର୍ଯ୍ୟନ୍ତ ଏହି ହବିଷ୍ୟାଳୀ ପରିମଳ ଓ ଆବାସିକ ବ୍ୟବସ୍ଥାକୁ କରିଥିବା ମାଆ ମାନେ ବୃନ୍ଦାବତୀ କେନ୍ଦ୍ର ମାନଙ୍କ ରେ ରହିବେ ଓ ବ୍ରତ ଅତି ନିଖୁଣ ଭାବେ ପରିଚାଳନା ପୂଜା ପରେ ମହାପ୍ରଭୁଙ୍କ ଦର୍ଶନ ପାଳନ କରିବେ।ସେମାନଙ୍କ କରାଯାଉଛି। ପ୍ରତିବର୍ଷ ଭଳି ଚଳିତ କରିଥିଲେ।ସଂଧ୍ୟାରେ ମହାପ୍ରସାଦ ସୁରକ୍ଷା, ଶୃଙ୍ଖଳା ଓ ସୁବିଧା ପାଇଁ ବର୍ଷ ମଧ୍ୟ ହବିଷ୍ୟାଳୀମାନଙ୍କୁ ସେବନ ସହ ସାଂସ୍କୃତିକ ଜିଲ୍ଲାପାଳ ଙ୍କ ନିର୍ଦ୍ଦେଶ କ୍ରମେ ସମସ୍ତ ପ୍ରକାର ସୁବିଧା ସୁରକ୍ଷା କାର୍ଯ୍ୟକ୍ରମ ଉପଭୋଗ କରିଥିଲେ। ବରିଷ୍ଠ ଅଧିକାରୀ ଓ ଅନ୍ୟାନ୍ୟ ଯାଇଥିବାରୁ ମାଆମାନେ ଅପରପକ୍ଷରେ ଅଣ ପଞ୍ଜିକୃତ ଅଧିକାରୀ ମାନ ଙ୍କୁ ଦାୟିତ୍ୱ ପ୍ରଶାସନର ଏଭଳି ସୁନ୍ଦର ମାଆ ଯେଉଁ ମାନେ ପ୍ରଥମ ଦିନରୁ ଦିଆଯାଇଛି। ଆଧାଶା ଲାଇଭ ବ୍ୟବସ୍ଥାକୁ ପ୍ରଶଂସା କରିବା ସହ ଆସିଥିଲେ ଓ ପ୍ରଶାସନ ପକ୍ଷରୁ ପାଇଁ ପୁରୀରୁ ନୀଳାଚଳ ଦାସଙ୍କ ଆନନ୍ଦ ପ୍ରକଟ କରିଛନ୍ତି।

ଜନମତ

ବାଲୁଖଣ୍ଡ ଅଭୟାରଣ୍ୟରେ ହରିଣ ଗଣନା

ପୁରୀ:୨୮ ଅକ୍ଟୋବର (ଆଦ୍ୟାଶା ଲାଇଭ୍): ପୁରୀ-କୋଣାର୍କ ଉପକୂଳବର୍ତ୍ତୀ କୋଷ୍ଟାଲ୍ ଇକୋସିଷ୍ଟମ୍‌ର ପ୍ରାଣକେନ୍ଦ୍ର କୁହାଯାଉଥିବା ବାଲୁଖଣ୍ଡ-କୋଣାର୍କ ଅଭୟାରଣ୍ୟରେ ବନ ବିଭାଗ ପକ୍ଷରୁ ସମ୍ପାଦିତ ବାର୍ଷିକ ବନ୍ୟପ୍ରାଣୀ ଓ ହରିଣ ଗଣନା କାର୍ଯ୍ୟସୂଚୀ ସଫଳତାର ସହ ଶେଷ ହୋଇଛି। ପ୍ରକାଶିତ ଚୂଡ଼ାନ୍ତ ଗଣନା ରିପୋର୍ଟ ଅନୁଯାୟୀ, ବାଲୁଖଣ୍ଡ ଅଭୟାରଣ୍ୟ ସମେତ ଏହାର ଆଖପାଖ ସଂରକ୍ଷିତ ବନସୀମା ମଧ୍ୟରେ କଳାହରିଣ ଓ ଚିତାହରିଣ ଙ୍କ ସଂଖ୍ୟାରେ ଉଲ୍ଲେଖନୀୟ ବୃଦ୍ଧି ଘଟିଛି, ଯାହାକି ରାଜ୍ୟର ବନ୍ୟପ୍ରାଣୀ ସଂରକ୍ଷଣ ଓ ଉପକୂଳବର୍ତ୍ତୀ ଜୈବବିବିଧତା କ୍ଷେତ୍ରରେ ଏକ ଅତ୍ୟନ୍ତ ଆଶାଜନକ ଏବଂ ଉତ୍ସାହଜନକ ସଂକେତ ଭାବେ ବିବେଚିତ ହୋଇଛି। ବନ ବିଭାଗର ବରିଷ୍ଠ ଅଧିକାରୀ, ଜୈବବିବିଧତା ବିଶେଷଜ୍ଞ ଏବଂ ସ୍ଥାନୀୟ ବନ ସୁରକ୍ଷା ସମିତିର ସଦସ୍ୟମାନଙ୍କୁ ନେଇ ଗଠିତ ଏକାଧିକ ସ୍ୱତନ୍ତ୍ର ଗଣନା ଟିମ୍ ଦ୍ୱାରା ଅଭୟାରଣ୍ୟକୁ ବିଭିନ୍ନ ଗ୍ରିଡ୍ ଓ ସେକ୍ଟରରେ ବିଭକ୍ତ କରାଯାଇ ଲାଇନ୍ ଟ୍ରାନ୍ସେକ୍ଟ ଓ ଡାଇରେକ୍ଟ ସାଇଟିଂ ପଦ୍ଧତିରେ ଏହି ଗଣନା କାର୍ଯ୍ୟ ସମ୍ପାଦିତ ହୋଇଥିଲା। ବିଶେଷ କରି ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ ସମୟରେ ହରିଣ ସମୂହଙ୍କ ଚଳପ୍ରଚଳ, ଖାଦ୍ୟାନ୍ୱେଷଣ ଏବଂ ଜଳାଶୟ ନିକଟରେ ସେମାନଙ୍କ ଉପସ୍ଥିତିକୁ ଆଧାର କରି ବୃକ୍ଷାଚ୍ଛାଦିତ ଓ ଉପକୂଳ ଝାଉଁ ଜଙ୍ଗଲ ଅଞ୍ଚଳରେ ଏହି ଗଣନା କରାଯାଇଥିଲା। ରିପୋର୍ଟ ଅନୁସାରେ, ବାଲୁଖଣ୍ଡର ପ୍ରାକୃତିକ ପରିବେଶ, ଉପଯୁକ୍ତ ଘାସପଡ଼ିଆର ସୃଷ୍ଟି ଏବଂ ନିରବଚ୍ଛିନ୍ନ ନିରାପତ୍ତା ଯୋଗୁଁ ଗ୍ରାସଲ୍ୟାଣ୍ଡ ଏକୋସିଷ୍ଟମ୍‌ରେ କଳାହରିଣଙ୍କ ପ୍ରଜନନ ହାର ଯଥେଷ୍ଟ ବୃଦ୍ଧି ପାଇଛି। ପୁରୀ ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ) ସମ୍ବାଦଦାତାଙ୍କୁ ସୂଚନା ଦେଇ କହିଛନ୍ତି ଯେ ଉପକୂଳବର୍ତ୍ତୀ ଜଙ୍ଗଲରେ ବେଆଇନ କାଠ କଟା, ଶିକାରୀଙ୍କ ପ୍ରାଦୁର୍ଭାବ ଏବଂ ଜବରଦଖଲ ରୋକିବା ପାଇଁ ବନ ବିଭାଗ ପକ୍ଷରୁ ଗ୍ରହଣ କରାଯାଇଥିବା କଠୋର ପାଟ୍ରୋଲିଂ ଓ ପଦକ୍ଷେପ ଏହି ସଫଳତାର ମୁଖ୍ୟ କାରଣ। ଅଭୟାରଣ୍ୟ ଭିତରେ ବନ୍ୟଜନ୍ତୁଙ୍କ ପାଇଁ ପ୍ରାକୃତିକ ଜଳାଶୟଗୁଡ଼ିକର ପୁନରୁଦ୍ଧାର, ସୋଲାର ପାୱାରଚାଳିତ ୱାଟର ହୋଲ୍‌ସ ସ୍ଥାପନ ଏବଂ ପ୍ରଚୁର ପ୍ରାକୃତିକ ଖାଦ୍ୟର ଉପଲବ୍ଧି ହରିଣମାନଙ୍କୁ ବଂଶବୃଦ୍ଧି ପାଇଁ ଅନୁକୂଳ ପରିବେଶ ଯୋଗାଇ ଦେଇଛି। ଏତଦ୍‌ବ୍ୟତୀତ ସ୍ଥାନୀୟ ଗ୍ରାମବାସୀ ଓ ବନ ସୁରକ୍ଷା ସମିତି (VSS) ର ସକ୍ରିୟ ସହଯୋଗ ଯୋଗୁଁ ଶିକାର ପ୍ରବୃତ୍ତି ସମ୍ପୂର୍ଣ୍ଣ ରୂପେ ନିୟନ୍ତ୍ରିତ ହୋଇପାରିଛି। ତେବେ ଅଭୟାରଣ୍ୟରେ ହରିଣ ସଂଖ୍ୟା ବୃଦ୍ଧି ପାଉଥିବାରୁ ସେମାନଙ୍କୁ ସୁରକ୍ଷିତ ରଖିବା ଏବଂ ଲୋକାଳୟକୁ ସେମାନଙ୍କ ଅନୁପ୍ରବେଶ ରୋକିବା ପାଇଁ ବନ ବିଭାଗ ସୀମାନ୍ତ ଅଞ୍ଚଳରେ ସୋଲାର ଫେନ୍ସିଂ ଓ ୱାଚ୍ ଟାୱାର ସଂଖ୍ୟା ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛି। ଉପକୂଳ ସୁରକ୍ଷା ଏବଂ ପ୍ରାକୃତିକ ସନ୍ତୁଳନ ରକ୍ଷା କରିବାରେ ବାଲୁଖଣ୍ଡର କଳାହରିଣ ସଂପ୍ରଦାୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବାରୁ, ଆଗାମୀ ଦିନରେ ଏହି ଅଞ୍ଚଳକୁ ଇକୋ-ଟୁରିଜିମ୍ ଓ ବନ୍ୟପ୍ରାଣୀ ଗବେଷଣାର ଏକ ପ୍ରମୁଖ କେନ୍ଦ୍ର ଭାବେ ଗଢ଼ିତୋଳିବାକୁ ବନ ବିଭାଗ ବ୍ୟାପକ ଯୋଜନା ପ୍ରସ୍ତୁତ କରୁଥିବା ପ୍ରକାଶ କରିଛି।

ବଦଳୁଛି ପାଣିପାଗ, ଅସନ୍ତୁଷ୍ଟ କର୍ମୀଙ୍କ ଦଳବଦଳ ଚର୍ଚ୍ଚାରେ ଗରମ ହେଉଛି ଆଞ୍ଚଳିକ ପରିବେଶ

ପିପିଲି: ପୁରୀ ଜିଲ୍ଲା ପିପିଲି-ଡେଲାଙ୍ଗ ନିର୍ବାଚନମଣ୍ଡଳୀରେ ରାଜନୈତିକ ସମୀକରଣ ଦ୍ରୁତ ଗତିରେ ବଦଳିବାରେ ଲାଗିଛି। ଆଗାମୀ ତୃଣମୂଳ ସ୍ତରର ସଙ୍ଗଠନ ପ୍ରକ୍ରିୟା ଏବଂ ନିର୍ବାଚନ ସଜବାଜ ମଧ୍ୟରେ ସ୍ଥାନୀୟ ରାଜନୀତିରେ ଦଳବଦଳ ଚର୍ଚ୍ଚା ଏବେ ଚରମ ସୀମାରେ ପହଞ୍ଚିଛି। ବିଶେଷ କରି ସ୍ଥାନୀୟ ଦଳୀୟ କର୍ମକର୍ତ୍ତାଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ଅସନ୍ତୋଷ ଏବଂ ଗୋଷ୍ଠୀକନ୍ଦଳ ଯୋଗୁଁ ଅନେକ ପୁରୁଣା ଓ ସକ୍ରିୟ କର୍ମୀ ଅନ୍ୟ ଦଳ ଆଡ଼କୁ ମୁହାଁଉଥିବା ସୂଚନା ମିଳୁଛି। ପିପିଲି ଓ ଡେଲାଙ୍ଗ ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରେ ଦଳୀୟ ନେତୃତ୍ୱ ଓ ବିକାଶମୂଳକ କାର୍ଯ୍ୟର ଶ୍ରେୟ ନେବାକୁ ନେଇ କର୍ମୀମାନଙ୍କ ମଧ୍ୟରେ ତୀବ୍ର ଛକାପଞ୍ଝା ଜାରି ରହିଛି। ବିଭିନ୍ନ ଦଳର ପ୍ରାଥମିକ ସଦସ୍ୟତା ଓ ସ୍ଥାନୀୟ ପଞ୍ଚାୟତ ସ୍ତରୀୟ ନେତୃତ୍ୱ ସେମାନଙ୍କର ଅବହେଳା ଅଭିଯୋଗ ଆଣି ନିଜ ନିଜର ଆଭିମୁଖ୍ୟ ବଦଳାଉଛନ୍ତି। ଗୋଟିଏ ପଟେ ବିଜେଡି ଓ ବିଜେପି ମଧ୍ୟରେ ଶକ୍ତି ପ୍ରଦର୍ଶନର ପ୍ରତିଯୋଗିତା ଚାଲିଥିବା ବେଳେ ଅନ୍ୟପଟେ କଂଗ୍ରେସ ମଧ୍ୟ ନିଜର ହୃତ ଗୌରବ ଫେରାଇ ଆଣିବାକୁ କ୍ରିୟାଶୀଳ ହୋଇଛି। ସୂତ୍ରରୁ ପ୍ରକାଶ ଯେ, ବିଗତ କିଛି ଦିନ ହେବ ପିପିଲି ସହର ସମେତ ଡେଲାଙ୍ଗର ବହୁ ପ୍ରଭାବଶାଳୀ ପଞ୍ଚାୟତ ପ୍ରତିନିଧି ଓ ସ୍ଥାନୀୟ ଯୁବ ନେତା ଗୁପ୍ତ ବୈଠକ କରି ନିଜର ଆଗାମୀ ରାଜନୈତିକ ପଦକ୍ଷେପ ସମ୍ପର୍କରେ ଆଲୋଚନା କରୁଛନ୍ତି। ଶାସକ ଓ ବିରୋଧୀ ଦଳର ଅସନ୍ତୁଷ୍ଟ କାଡରମାନେ ସେମାନଙ୍କ ଗୋଷ୍ଠୀ ସହ ଅନ୍ୟ ସମଭାବାପନ୍ନ ଦଳଗୁଡ଼ିକ ସହ ଯୋଗାଯୋଗରେ ଥିବା ଚର୍ଚ୍ଚା ହେଉଛି। ଯଦି ଏହି ଅସନ୍ତୁଷ୍ଟ କର୍ମୀମାନେ ଶୀଘ୍ର ଦଳବଦଳ କରନ୍ତି, ତେବେ ପିପିଲିର ଆଗାମୀ ରାଜନୈତିକ ଭାଗ୍ୟରେ ବଡ଼ ଧରଣର ଓଲଟପାଲଟ ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇନପାରେ। ସୋସିଆଲ ମିଡିଆଠାରୁ ଆରମ୍ଭ କରି ହାଟବଜାର ପର୍ଯ୍ୟନ୍ତ ସବୁଠି ଏବେ କେବଳ ପିପିଲିର ଦଳବଦଳ ଓ ନୂଆ ରାଜନୈତିକ ସମୀକରଣକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ଆଧାଶା ଲାଇଭ ପାଇଁ ପିପିଲିରୁ ନୀଳାଚଳ ଦାସଙ୍କ ସ୍ବତନ୍ତ୍ର ରିପୋର୍ଟ। ନିର୍ବାଚନମଣ୍ଡଳୀର ବିଭିନ୍ନ ପଞ୍ଚାୟତରେ ଦଳୀୟ ପାର୍ଥକ୍ୟକୁ ଭୁଲି ଗ୍ରାମାଞ୍ଚଳର ବିକାଶ ଓ ସାଧାରଣ ଲୋକଙ୍କ ସମସ୍ୟାକୁ ପ୍ରାଥମିକତା ଦେବା ପରିବର୍ତ୍ତେ ବ୍ୟକ୍ତିଗତ କ୍ଷମତା ଓ ଆଧିପତ୍ୟ ବିସ୍ତାରକୁ ନେଇ ଦଳଗୁଡ଼ିକ ଭିତରେ ଯେପରି ଅସନ୍ତୋଷର ନିଆଁ ଜଳୁଛି, ତାହା ଆଗାମୀ ଦିନରେ ଦଳୀୟ ସଂଗଠନ ପାଇଁ ବଡ଼ ଆହ୍ୱାନ ସୃଷ୍ଟି କରିପାରେ। ବିଶେଷଜ୍ଞଙ୍କ ମତରେ ଯଦି ଶୀର୍ଷ ନେତୃତ୍ୱ ଏହି କ୍ଷେତ୍ରରେ ସତର୍କ ହୋଇ ଅସନ୍ତୁଷ୍ଟ କର୍ମୀମାନଙ୍କୁ ବୁଝାସୁଝା ନ କରନ୍ତି, ତେବେ ତୃଣମୂଳ ସ୍ତରରେ ସଂଗଠନ ଦୁର୍ବଳ ହେବା ସହ ଆଗାମୀ ଦିନରେ ବିରୋଧୀମାନେ ଏହାର ପୂର୍ଣ୍ଣ ଫାଇଦା ଉଠାଇବାକୁ ପ୍ରୟାସ କରିବେ। ସାଧାରଣ ଜନତା ମଧ୍ୟ ନେତାମାନଙ୍କ ଏଭଳି ଦଳବଦଳ ରାଜନୀତିକୁ ନେଇ ନିଜର ମତ ରଖୁଥିବା ବେଳେ ପ୍ରଶାସନିକ ସ୍ତରରେ ମଧ୍ୟ ସ୍ଥାନୀୟ ରାଜନୈତିକ ଗତିବିଧି ଉପରେ କଡ଼ା ନଜର ରଖାଯାଇଛି।

ପୁରୀ ସଂଯୋଗକୁ ସୁଦୃଢ଼ କରିବା ପାଇଁ ପୁରୀ ସାଂସଦଙ୍କ ବଡ଼ ପଦକ୍ଷେପ

ପୁରୀ: ପୁରୀ ସଂସଦୀୟ କ୍ଷେତ୍ରର ବିକାଶମୂଳକ କାର୍ଯ୍ୟକୁ ଆଗେଇ ନେବା ପାଇଁ ପୁରୀ ସାଂସଦ ଡ. ସମ୍ବିତ ପାତ୍ରଙ୍କ ସଭାପତିତ୍ୱରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଆୟୋଜିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲାର ପ୍ରମୁଖ ରେଳସେତୁ, ଜାତୀୟ ରାଜପଥ ଓ ଆଞ୍ଚଳିକ ରାସ୍ତାଘାଟ ନିର୍ମାଣ ପ୍ରକଳ୍ପଗୁଡ଼ିକର ସାମ୍ପ୍ରତିକ ଅଗ୍ରଗତି ନେଇ ବିସ୍ତୃତ ଆଲୋଚନା କରାଯାଇଛି। ବିଶେଷ କରି ସତ୍ୟବାଦୀ ଏବଂ ପୁରୀ ସହର ନିକଟବର୍ତ୍ତୀ ଫ୍ଲାଇଓଭର ଓ ଓଭରବ୍ରିଜ୍ କାର୍ଯ୍ୟ କିପରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶେଷ ହେବ, ସେ ନେଇ ସାଂସଦ ସମ୍ବେଦନଶୀଳତା ଦେଖାଇବା ସହ ନିର୍ମାଣକାରୀ ସଂସ୍ଥା ଓ ରେଳ ବିଭାଗୀୟ ଅଧିକାରୀମାନଙ୍କୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି। ସମୀକ୍ଷା ସମୟରେ ସାଂସଦ ଡ. ପାତ୍ର କହିଛନ୍ତି ଯେ ଶ୍ରୀକ୍ଷେତ୍ର ପୁରୀକୁ ପ୍ରତିଦିନ ହଜାର ହଜାର ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ଆସୁଥିବାରୁ ଟ୍ରାଫିକ୍ ସମସ୍ୟା ଦୂରୀକରଣ ଏବଂ ସୁଗମ ଗମନାଗମନ ପାଇଁ ରାସ୍ତା ଓ ରେଳସେତୁ ପ୍ରକଳ୍ପର ଶୀଘ୍ର ଶେଷ ହେବା ଜରୁରୀ। ସେ ନିଜେ ସତ୍ୟବାଦୀ ଓଭରବ୍ରିଜ୍ ସମେତ ବିଭିନ୍ନ ପ୍ରକଳ୍ପ ସ୍ଥଳ ପରିଦର୍ଶନ କରି କାର୍ଯ୍ୟର ଗୁଣବତ୍ତା ଅନୁଧ୍ୟାନ କରିଛନ୍ତି। ଏହି ଅବସରରେ ଜିଲ୍ଲା ପ୍ରଶାସନ, ରେଳ ବିଭାଗ, ଏବଂ ଜାତୀୟ ରାଜପଥ ପ୍ରାଧିକରଣ (NHAI) ର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଯେଉଁ ସ୍ଥାନଗୁଡ଼ିକରେ ଜମି ଅଧିଗ୍ରହଣ କିମ୍ବା ବାଧାବିଘ୍ନ ଉପୁଜୁଛି, ସେଗୁଡ଼ିକୁ ତୁରନ୍ତ ସମାଧାନ କରି ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ସାଂସଦ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଆଧାଶା ଲାଇଭ ପାଇଁ ପୁରୀରୁ ନୀଳାଚଳ ଦାସଙ୍କ ସ୍ବତନ୍ତ୍ର ରିପୋର୍ଟ। ବୈଠକରେ ଆଲୋଚନା ହୋଇଥିବା ପ୍ରକଳ୍ପଗୁଡ଼ିକ ସମ୍ପୂର୍ଣ୍ଣ ହେଲେ କେବଳ ପୁରୀ ଜିଲ୍ଲାବାସୀ ନୁହେଁ ବରଂ ବାହାରୁ ଆସୁଥିବା ଲକ୍ଷାଧିକ ପର୍ଯ୍ୟଟକ ଓ ଭକ୍ତମାନେ ମଧ୍ୟ ଯାତ୍ରା ସମୟରେ ବଡ଼ ଆଶ୍ୱସ୍ତି ପାଇବେ। ସାଂସଦଙ୍କ ଏଭଳି ପ୍ରତ୍ୟକ୍ଷ ତଦାରଖ ଓ କଡ଼ା ନିର୍ଦ୍ଦେଶ ଫଳରେ ଅଧାପନ୍ତରିଆ ହୋଇ ରହିଥିବା ବିକାଶମୂଳକ କାର୍ଯ୍ୟଗୁଡ଼ିକ ଦ୍ରୁତ ଗତିରେ ଆଗେଇବ ବୋଲି ବୁଦ୍ଧିଜୀବୀ ମହଲରେ ଆଶାପ୍ରକାଶ କରାଯାଇଛି। ଆଗାମୀ ଦିନରେ ଏହି ସମସ୍ତ ପ୍ରକଳ୍ପର କାର୍ଯ୍ୟକାରିତାକୁ ଆହୁରି ଅଧିକ ସ୍ୱଚ୍ଛ ଓ ସମୟାନୁବର୍ତ୍ତୀ କରିବା ନିମନ୍ତେ ପ୍ରଶାସନିକ ସ୍ତରରେ ପ୍ରତି ସପ୍ତାହରେ ଅଗ୍ରଗତି ରିପୋର୍ଟ ପ୍ରସ୍ତୁତ କରାଯିବାକୁ ମଧ୍ୟ ନିଷ୍ପତ୍ତି ନିଆଯାଇଛି, ଯାହାଫଳରେ ବିଳମ୍ବର କୌଣସି ଅବକାଶ ରହିବ ନାହିଁ।

ADYASHA
ଆଦ୍ୟାଶା
ରାଜ୍ୟ
PRGI No. ORORI/25/A0506
Daily Edition
Email : adyashalive@gmail.com
BHUBANESWAR | Vol. 02 | Issue 12
ଗୁରୁବାର, ୨୯ ଅକ୍ଟୋବର ୨୦୨୬
ପୃଷ୍ଠା ୦୩ Rs. 7

ବାତ୍ୟା ଅର୍ଣ୍ଣବ ପ୍ରଭାବରେ ରାସ୍ତାରେ ଭାଙ୍ଗି ପଡ଼ିଲା ଗଜଲକ୍ଷ୍ମୀ ପୂଜାଗେଟ୍

କଳାହାଣ୍ଡି: ବାତ୍ୟା ଅର୍ଣ୍ଣବର ପ୍ରଭାବରେ କଳାହାଣ୍ଡି ଜିଲ୍ଲାରେ ବୁଧବାର ମଧ୍ୟାହ୍ନରୁ ପ୍ରବଳ ବର୍ଷା ସାଙ୍ଗକୁ ପ୍ରଖର ପବନ ଜାରି ରହିଛି। ଏହାର ପ୍ରଭାବରେ ଜୁନାଗଡ଼ ସହରର ବଡ଼ପଡ଼ା ଛକ ଓ ଥାନା ନିକଟରେ ଜାତୀୟ ରାଜପଥ-୨୬ କଡ଼ରେ ନିର୍ମିତ ଏକ ବିଶାଳ ଗଜଲକ୍ଷ୍ମୀ ପୂଜା ତୋରଣ ହଠାତ୍ ଭାଙ୍ଗି ରାସ୍ତା ଉପରେ ପଡ଼ିଯାଇଥିବା ବେଳେ ଏକ ବଡ଼ଧରଣର ଅଘଟଣ ଘଟିଯାଇଛି।ମିଳିଥିବା ସୂଚନା ଅନୁଯାୟୀ, ଲଗାଣ ବର୍ଷା କାରଣରୁ ମାଟି ଦୁର୍ବଳ ହୋଇଯିବା ଏବଂ ଜୋର୍‌ରେ ବହିଥିବା ପବନର ପ୍ରକୋପ ଯୋଗୁଁ ତୋରଣଟି ଅସମ୍ଭାଳ ହୋଇ ହଠାତ୍ ରାସ୍ତା ଉପରେ ମାଡ଼ି ପଡ଼ିଥିଲା। ଏହି ତୋରଣଟି ଭାଙ୍ଗି ପଡ଼ିବା ଫଳରେ ସେହି ସମୟରେ ଯାତ୍ରା କରୁଥିବା କିମ୍ବା ଠିଆ ହୋଇଥିବା ଏକ ଅଟୋରିକ୍ସା, ଏକ କାର୍ ଏବଂ ଏକ ବୋଲେରୋ ଗାଡ଼ି ଏହାର ଭଗ୍ନାବଶେଷ ତଳେ ଚାପି ହୋଇ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଛି। ସୌଭାଗ୍ୟବଶତଃ ଗାଡ଼ିଗୁଡ଼ିକ ଭାଙ୍ଗି ପଡ଼ିଥିବା ବେଳେ ସ୍ଥାନୀୟ ଲୋକଙ୍କ ସତର୍କତା ଯୋଗୁଁ ବଡ଼ଧରଣର ଜୀବନହାନୀ ଟଳି ଯାଇଛି, ମାତ୍ର ଗାଡ଼ିଗୁଡ଼ିକର ମାଲିକ ଓ ଯାତ୍ରୀମାନେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଘଟଣାସ୍ଥଳରେ ଗାଡ଼ିଗୁଡ଼ିକ ଚାପି ହୋଇ ରହିବା ଏବଂ ରାସ୍ତା ମଝିରେ ବିଶାଳ ତୋରଣ ପଡ଼ି ରହିଥିବାରୁ ଜାତୀୟ ରାଜପଥ-୨୬ ର ଏହି ଗୁରୁତ୍ୱପୂର୍ଣ୍ଣ ଅଂଶରେ ଯାତାୟାତ ସମ୍ପୂର୍ଣ୍ଣ ଭାବେ ବାଧାପ୍ରାପ୍ତ ହୋଇଛି। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଯାନବାହନ ଅଟକି ରହି ଭୀଷଣ ଟ୍ରାଫିକ ଜାମ୍ ସୃଷ୍ଟି ହୋଇଛି। ଆଗାମୀ ପୂଜାକୁ ଦୃଷ୍ଟିରେ ରଖି ନିର୍ମିତ ଏଭଳି ଅସ୍ଥାୟୀ ତୋରଣଗୁଡ଼ିକର ଗୁଣବତ୍ତା ଏବଂ ନିରାପତ୍ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।ଏହି ଦୁର୍ଘଟଣା ସମ୍ପର୍କରେ ଖବର ପାଇବା କ୍ଷଣି ସ୍ଥାନୀୟ ପୁଲିସ ଓ ଅଗ୍ନିଶମ ବିଭାଗର କର୍ମଚାରୀମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛନ୍ତି। କ୍ରେନ୍ ଏବଂ କଟର ସହାୟତାରେ ରାସ୍ତାରୁ ଭଙ୍ଗା ତୋରଣର କାଠ, ବାଉଁଶ ଓ ଲୌହ କନ୍‌ଷ୍ଟ୍ରକସନ୍ ସାମଗ୍ରୀକୁ ହଟାଯାଉଛି ଏବଂ ଚାପି ହୋଇଥିବା ଗାଡ଼ିଗୁଡ଼ିକୁ ବାହାର କରାଯାଉଛି। ପ୍ରଶାସନ ପକ୍ଷରୁ ତୁରନ୍ତ ରାସ୍ତା ସଫା କରାଯାଇ ଯାତାୟାତକୁ ଶୀଘ୍ର ସ୍ୱାଭାବିକ କରିବା ପାଇଁ ଜୋରଦାର ପ୍ରୟାସ ଜାରି ରହିଛି। ଏହି ଅଘଟଣ ଯୋଗୁଁ ଜୁନାଗଡ଼ ସହରରେ କିଛି ସମୟ ପାଇଁ ପ୍ରବଳ ଉତ୍ତେଜନା ଏବଂ ତତ୍ପରତା ଦେଖିବାକୁ ମିଳିଛି।— କଳାହାଣ୍ଡିରୁ ରଥୁରାମ ବାଗଙ୍କ ରିପୋର୍ଟ, ଆଦ୍ୟାଶା ଲାଇଭ୍।



ଆଜିର ପ୍ରମୁଖ

ରପ୍ତାନୀ ହେବ ଅପରାଜିତା ଫୁଲ ଓଡ଼ିଶା ଜୀବିକା ମିଶନ (ଓଏଲଏମ)ର ସମୟୋପଯୋଗୀ ଉଦ୍ୟମର ଫଳ।



କଳାହାଣ୍ଡି:୧୮/୧୦:ଦେଶୀୟ ବଜାରରେ ଏହା କିଲୋ ପ୍ରତି ୭୦୦ ରୁ ୯୦୦ ଟଙ୍କାରେ ବିକ୍ରି ହେଉଥିବା ବେଳେ ବିଦେଶ ବଜାରରେ ଏହା କିଲୋ ପ୍ରତି ପ୍ରାୟ ୪,୫୦୦ ଟଙ୍କାରେ ବିକ୍ରୟ ହୋଇଥାଏ। ବିଦେଶରେ କୃତ୍ରିମ ରଙ୍ଗ ଉପରେ କଟକଣା ପରେ ଆମେରିକାର ଏଫଡିଏ ୨୦୨୧ରୁ ଅପରାଜିତାରୁ ପ୍ରସ୍ତୁତ ହର୍ବାଲ ରଙ୍ଗକୁ ଖାଦ୍ୟରେ ବ୍ୟବହାର କରିବାକୁ ଅନୁମୋଦନ ଦେଇଛି। ଅନୁରୂପ ଭାବେ ୟୁରୋପିଆନ ଫୁଡ୍ ସିକ୍ୟୁରିଟି ଅଥରିଟି ମଧ୍ୟ ୨୦୨୨ରେ ଏହାକୁ ସବୁଜ ସଙ୍କେତ ଦେଇଛି। ହର୍ବାଲ ଚା' ଓ ଖାଦ୍ୟର ପ୍ରାକୃତିକ ରଙ୍ଗରେ ଏହାର ବ୍ୟବହାର ବଢୁଛି। ବିଶ୍ୱ ବଜାରରେ ପ୍ରାକୃତିକ ଖାଦ୍ୟ ରଙ୍ଗ ଏବଂ ହର୍ବାଲ ନୀଳ ଚା'ର ଚାହିଦା ବଢୁଛି। ଏହାର ଏକ ମୁଖ୍ୟ ଉପାଦାନ ହେଉଛି 'ଅପରାଜିତା' ଫୁଲ। ଓଡ଼ିଶାରେ ପ୍ରଥମ କରି କଳାହାଣ୍ଡି ଜିଲ୍ଲାରେ ବ୍ୟାବସାୟିକ ଭିତ୍ତିରେ ଏହି ଫୁଲ ଚାଷ କରାଯାଉଛି। ଗ୍ରାମୀଣ ଅର୍ଥନୀତିକୁ ଏହା ସବୃଦ୍ଧ କରିବାରେ ସହାୟକ ହେବ ନିଶ୍ଚୟ। ଓଡ଼ିଶା ଜୀବିକା ମିଶନ (ଓଏଲଏମ) ଓ ଜିଲ୍ଲା ପ୍ରଶାସନର ମିଳିତ ଉଦ୍ୟମରେ କେସିଙ୍ଗା ବ୍ଲକ ବୋରିଆ ପଞ୍ଚାୟତର ନାଗୁପଲା ଗ୍ରାମରେ ଆରମ୍ଭ ହୋଇଛି ବ୍ୟବସାୟିକ 'ଅପରାଜିତା' ଚାଷ। ଗାଁର ୩୦ ଜଣ ମହିଳା ଚାଷୀଙ୍କୁ ନେଇ 'ପ୍ରଦ୍ୟୁସର ଗ୍ରୁପ' ଗଢ଼ାଯାଇଛି। ସେମାନଙ୍କୁ ଚାରି ପାଖୁଡ଼ା ଓ ଏକ ପାଖୁଡ଼ା ବିଶିଷ୍ଟ ଉନ୍ନତ କିସମର ବିହନ ଯୋଗାଇ ଦିଆଯାଇଛି। ସମ୍ପୂର୍ଣ୍ଣ ଜୈବିକ (ଅର୍ଗାନିକ) ପ୍ରଣାଳୀରେ ହେଉଥିବା ଏହି ଚାଷକୁ ଭବିଷ୍ୟତରେ ପ୍ରମାଣୀକରଣ ବା ସାର୍ଟିଫିକେସନ ବି କରାଯାଇ ପାରିବ। ଗାଁ ଗହଳର ବାଡ଼ିବଗିଚାରେ ମିଳୁଥିବା ଏହି ସୁନ୍ଦର ମନଲୋଭା ଫୁଲଟି ଆଜି ଯାଏ ହୁଏତ କେବଳ ପୂଜାର୍ଚ୍ଚନାରେ ହିଁ ସୀମିତ ରହୁଥିଲା। ଓଡ଼ିଶା ଜୀବିକା ମିଶନ, ଜିଲ୍ଲା ପ୍ରଶାସନ ଓ ମହିଳା ଚାଷୀଙ୍କ ପ୍ରୟାସ ଫଳରେ ଏବେ ଗାଁ ଗହଳରେ ଅଧିକରୁ ଅଧିକ ଅପରାଜିତା ଗଛ ଦେଖିବାକୁ ମିଳିବ ଓ ବିଶ୍ୱବଜାରରେ ମଧ୍ୟ ପହଞ୍ଚିପାରିବ 'ଅପରାଜିତା' ଫୁଲ। ଏଥିପାଇଁ ପ୍ରୟାସ ଆରମ୍ଭ ହୋଇଛି ମାତ୍ର ଏ ଉଦ୍ୟମ ସଫଳ ହେଉ।

ଜିଲ୍ଲାରୁ ସିଧା ରିପୋର୍ଟ

ଘୁଡ଼ଘୁଡ଼ିପଟି ଜୁଆ ଆଡ୍ଡାରେ ପୋଲିସ ଚଢ଼ାଉ, ୭ ଗିରଫ ୨ ଫେରାର

କଳାହାଣ୍ଡି: କଳାହାଣ୍ଡି ଜିଲ୍ଲାର ମଦନପୁର ରାମପୁର ଥାନା ଅଞ୍ଚଳରେ ଏକ ଜୁଆ ଆଡ୍ଡା ଉପରେ ଚଢ଼ାଉ କରିବା ସମୟରେ ପୋଲିସ ଉପରେ ବର୍ବର ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ଏହି ବହୁଚର୍ଚ୍ଚିତ ଘଟଣାରେ ପୋଲିସ ତତ୍ପରତା ପ୍ରକାଶ କରି ୭ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ୨ ଜଣ ଫେରାର ହୋଇଯାଇଛନ୍ତି। ଏନେଇ କଳାହାଣ୍ଡି ଜିଲ୍ଲା ପୋଲିସ ପ୍ରଶାସନ ପକ୍ଷରୁ ବିଧିବଦ୍ଧ ଭାବେ ସୂଚନା ଦିଆଯାଇଛି।ମିଳିଥିବା ସୂଚନା ଅନୁଯାୟୀ, ଗତ ବିଳମ୍ବିତ ରାତିରେ ପୋଲିସ ଟିମ୍ ପକ୍ଷରୁ ନିୟମିତ ପାଟ୍ରୋଲିଂ ଚାଲିଥିବା ସମୟରେ ମଦନପୁର ରାମପୁର ଥାନା ଅନ୍ତର୍ଗତ ଘୁଡ଼ଘୁଡ଼ିପଟି ନିକଟରେ କିଛି ଅସାମାଜିକ ବ୍ୟକ୍ତି ଟଙ୍କା ବାଜି ଲଗାଇ ବେଆଇନ ଭାବେ ଜୁଆ ଖେଳୁଥିବା ନେଇ ବିଶେଷ ସୂତ୍ରରୁ ଖବର ମିଳିଥିଲା। ଏହି ଖବରକୁ ଆଧାର କରି ପୋଲିସ ଘଟଣାସ୍ଥଳରେ ଅଚାନକ ପହଞ୍ଚି ଚଢ଼ାଉ କରିଥିଲା।ତେବେ ପୋଲିସକୁ ଦେଖି ଜୁଆଡ଼ିମାନେ ଉତ୍ତ୍ୟକ୍ତ ହୋଇପଡ଼ିଥିଲେ ଏବଂ ଜୁଆ ଖେଳରେ ସମ୍ପୃକ୍ତ ବ୍ୟକ୍ତିମାନେ କର୍ତ୍ତବ୍ୟରତ ପୋଲିସ କର୍ମଚାରୀଙ୍କୁ ଅଶ୍ଲୀଳ ଭାଷାରେ ଗାଳିଗୁଲଜ କରିବା ସହ ପଥର ଫିଙ୍ଗିଥିଲେ। ଏପରିକି ପୋଲିସ କର୍ମଚାରୀଙ୍କୁ ମାଡ଼ ମାରିବା ଏବଂ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ନେଇ ଥାନାରେ ଦାଖଲ ହୋଇଥିବା ଏତଲାରେ ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି। ଏହି ଆକ୍ରମଣ ସମୟରେ ଉତ୍ତ୍ୟକ୍ତ ଲୋକମାନେ ଜଣେ ମହିଳା ହୋମଗାର୍ଡ ନୀଳିମା ବାଗଙ୍କୁ ଅତି ଅମାନୁଷିକ ଭାବେ ବେକରୁ ଧରି ତଳେ ଘୋଷାଡ଼ି ନେଇଥିବା ମଧ୍ୟ ସାଙ୍ଘାତିକ ଅଭିଯୋଗ ହୋଇଛି।ପୋଲିସ କର୍ମଚାରୀଙ୍କ ଦୃଢ଼ ମୁକାବିଲା ଏବଂ ପରେ ଅତିରିକ୍ତ ଫୋର୍ସ ପହଞ୍ଚିବା ପରେ ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିଲା। ଘଟଣାସ୍ଥଳରୁ ପୋଲିସ ୧୩ ହଜାର ୨୦୦ ଟଙ୍କା ନଗଦ, ୬ଟି ପଶା, ଗୋଟିଏ ମୋଟରସାଇକେଲ, ୫ଟି ମୋବାଇଲ ଫୋନ୍ ଏବଂ ଜୁଆ ଖେଳରେ ବ୍ୟବହୃତ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି।ଏହି ମାମଲାରେ ପୋଲିସ ଘନଶ୍ୟାମ ରଣା, ଦୟାନିଧି ଭୋଇ, ରାଧେଶ୍ୟାମ ରଣା, କାମଦେବ ପୋଢ଼, ବଡ଼ଡୁଙ୍ଗୁରିଗୁଡ଼ାର ଶକ୍ତି ପୁଟେଲ, ସୁବ୍ରତ ମିଶ୍ର ଏବଂ ମଦନପୁର ଗ୍ରାମର ଦେବରାଜ ଦଣ୍ଡିଆଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏନେଇ ମଦନପୁର ରାମପୁର ଥାନାରେ ଭାରତୀୟ ନ୍ୟାୟ ସଂହିତା (BNS) ର ବିଭିନ୍ନ ଧାରା ଏବଂ ଓପିଜି ଆଇନର ଧାରା ୩ ଅନୁଯାୟୀ କେସ୍ ନମ୍ବର ୨୭୧/୨୦୨୬ରେ ମାମଲା ରୁଜୁ ହୋଇଛି। ଫେରାର ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ଅଭିଯାନ ଜାରି ରହିଥିବା ବେଳେ ଘଟଣାର ଅଧିକ ତଦନ୍ତ ଜାରି ରହିଥିବା ମଦନପୁର ରାମପୁର ଥାନା ଆଇଆଇସି ସଂଯୁକ୍ତା ପ୍ରଧାନ ସୂଚନା ଦେଇଛନ୍ତି।— କଳାହାଣ୍ଡିରୁ ରଥୁରାମ ବାଗଙ୍କ ରିପୋର୍ଟ, ଆଦ୍ୟାଶା ଲାଇଭ୍।



ଜନମତ

ନର୍ଲା ଅଞ୍ଚଳରେ ସାପ ସୁରକ୍ଷା ଓ ସଚେତନତା ଶିବିର ଅନୁଷ୍ଠିତ

ନର୍ଲା:୨୮ ଅକ୍ଟୋବର (ଆଦ୍ୟାଶା ଲାଇଭ୍): କଳାହାଣ୍ଡି ଉତ୍ତର ବନଖଣ୍ଡ ଅଧୀନ ନର୍ଲା ବନାଞ୍ଚଳ ଆନୁକୂଲ୍ୟରେ ଗ୍ରାମାଞ୍ଚଳରେ ସର୍ପଦାତ ହ୍ରାସ କରିବା ଏବଂ ବୃଦ୍ଧି ପାଉଥିବା ବିଷାକ୍ତ ସାପଙ୍କ ନିରାପତ୍ତାକୁ ଆଖିଆଗରେ ରଖି ଏକ ବିଶେଷ ସାପ ସୁରକ୍ଷା, ଉଦ୍ଧାର ଓ ପ୍ରାଥମିକ ଚିକିତ୍ସା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ନର୍ଲା ବ୍ଲକ ପରିସରରେ ଆୟୋଜିତ ଏହି ଶିବିରରେ ସ୍ଥାନୀୟ ଗ୍ରାମପଞ୍ଚାୟତ ପ୍ରତିନିଧି, ଯୁବକ ସଂଘ, ସ୍ୱେଚ୍ଛାସେବୀ ଏବଂ ବୃହତ୍ ସଂଖ୍ୟାରେ ଗ୍ରାମବାସୀ ଅଂଶଗ୍ରହଣ କରିଥିଲେ।ଏହି ସଚେତନତା ଶିବିରରେ ରାଜ୍ୟ ବନ ବିଭାଗ ଦ୍ୱାରା ଜାରି କରାଯାଇଥିବା ନୂତନ ସର୍ପ ଉଦ୍ଧାର ନିୟମାବଳୀ ସମ୍ପର୍କରେ ଉପସ୍ଥିତ ସାଧାରଣ ଜନତାଙ୍କୁ ବିସ୍ତୃତ ଭାବେ ଅବଗତ କରାଯାଇଥିଲା। ବୃତ୍ତିଗତ ଓ ତାଲିମପ୍ରାପ୍ତ ସର୍ପବିଶାରଦ ଙ୍କ ଦ୍ୱାରା ବିଷାକ୍ତ କୋବ୍ରା (ଅହିରାଜ/ନାଗ), ଡାମ୍ପୋଟି, ଚିତି ଓ ବୋଡ଼ା ସାପଙ୍କୁ ଚିହ୍ନଟ କରିବାର ସହଜ ଉପାୟ ପ୍ରଦର୍ଶନ କରାଯାଇଥିଲା। ଗ୍ରାମାଞ୍ଚଳରେ ଘର କିମ୍ବା ଚାଷଜମି ପରିସରକୁ ସାପ ପଶି ଆସିଲେ ଭୟଭୀତ ହୋଇ ସେମାନଙ୍କୁ ନମାରି, ତୁରନ୍ତ ବନ ବିଭାଗ କିମ୍ବା ହେଲ୍ପଲାଇନ୍ ନମ୍ବରରେ ଯୋଗାଯୋଗ କରିବା ପାଇଁ ପରାମର୍ଶ ଦିଆଯାଇଛି। ଏତଦ୍‌ବ୍ୟତୀତ ସର୍ପଦାତର ଶିକାର ହୋଇଥିବା ବ୍ୟକ୍ତିଙ୍କ ପାଇଁ କୌଣସି ଗୁଣିଗାରଡ଼ି, ଝାଡ଼ଫୁଙ୍କ କିମ୍ବା କୁସଂସ୍କାରରେ ସମୟ ନଷ୍ଟ ନକରି ତୁରନ୍ତ ନିକଟସ୍ଥ ସରକାରୀ ଡାକ୍ତରଖାନାକୁ ନେଇ ଆଣ୍ଟି-ସ୍ନେକ୍ ଭେନମ୍ ଇଞ୍ଜେକ୍ସନ୍ ଦେବା ପାଇଁ ବନ ଅଧିକାରୀ ଓ ଚିକିତ୍ସକମାନେ କଡ଼ା ଉପଦେଶ ଦେଇଛନ୍ତି। ସର୍ପଦାତ ରୋକିବା ପାଇଁ ରାତ୍ରି ସମୟରେ ଲଣ୍ଠନ କିମ୍ବା ଟର୍ଚ୍ଚ ଲାଇଟ୍ ବ୍ୟବହାର କରିବା, ଘର ଚାରିପାଖ ସଫା ରଖିବା ଏବଂ ଖାଲି ପାଦରେ ଜଙ୍ଗଲି କିମ୍ବା ଘାସୁଆ ରାସ୍ତାରେ ନଚାଲିବାକୁ ସଚେତନ କରାଯାଇଛି। ନର୍ଲା ବନାଞ୍ଚଳ ଅଧିକାରୀ (ରାଇଞ୍ଜର) ଶିବିରକୁ ସମ୍ବୋଧିତ କରି କହିଛନ୍ତି ଯେ ସାପମାନେ ପ୍ରାକୃତିକ ପରିବେଶ ଓ ଜୈବବିବିଧତା ସନ୍ତୁଳନ ରଖିବାରେ ମୁଖ୍ୟ ଭୂମିକା ଗ୍ରହଣ କରନ୍ତି। ଚାଷଜମିରେ ମୂଷା ସଂଖ୍ୟା ନିୟନ୍ତ୍ରଣ କରି ସେମାନେ କୃଷକଙ୍କ ବନ୍ଧୁ ଭାବେ କାର୍ଯ୍ୟ କରନ୍ତି। ତେଣୁ ସେମାନଙ୍କୁ ସୁରକ୍ଷା ଦେବା ସମସ୍ତଙ୍କର କର୍ତ୍ତବ୍ୟ। ଏହି କାର୍ଯ୍ୟକ୍ରମ ଆଗାମୀ ଦିନରେ ନର୍ଲା ବ୍ଲକର ପ୍ରତ୍ୟେକ ଗ୍ରାମପଞ୍ଚାୟତରେ ପର୍ଯ୍ୟାୟକ୍ରମେ ଅନୁଷ୍ଠିତ ହେବ ବୋଲି ବନ ବିଭାଗ ସୂଚନା ଦେଇଛି।

ହାତୀ ଉପଦ୍ରବ ବନ ବିଭାଗର 'ହାତୀ ସ୍କ୍ୱାଡ୍' ଆଲର୍ଟ

ଲାଞ୍ଜିଗଡ଼/ଜୁନାଗଡ଼:୨୮ ଅକ୍ଟୋବର (ଆଦ୍ୟାଶା ଲାଇଭ୍): କଳାହାଣ୍ଡି ଜିଲ୍ଲାର ଲାଞ୍ଜିଗଡ଼ ଏବଂ ଜୁନାଗଡ଼ ବନାଞ୍ଚଳ ସୀମାନ୍ତ ଗ୍ରାମାଞ୍ଚଳରେ ଗତ କିଛି ଦିନ ହେବ ହାତୀପାଲଙ୍କ ଉପଦ୍ରବ ଚରମ ସୀମାରେ ପହଞ୍ଚିଛି। ରାୟଗଡ଼ା ଓ କନ୍ଧମାଳ ସୀମାନ୍ତ ଗଭୀର ଜଙ୍ଗଲମାଳାରୁ ଆସିଥିବା ଏକ ୨୦ରୁ ଊର୍ଦ୍ଧ୍ୱ ଜଙ୍ଗଲୀ ହାତୀଙ୍କ ପାଲ ଲୋକାଳୟ ଓ ପାଚିଲା ଧାନ କ୍ଷେତରେ ପଶି ବ୍ୟାପକ ଭଙ୍ଗାରୁଜା ସହ ଫସଲ ନଷ୍ଟ କରୁଥିବାରୁ ସମଗ୍ର ଅଞ୍ଚଳରେ ଆତଙ୍କର ପରିବେଶ ସୃଷ୍ଟି ହୋଇଛି। ସ୍ଥିତିକୁ ଗୁରୁତ୍ୱର ସହ ନେଇ କଳାହାଣ୍ଡି ଉତ୍ତର ଓ ଦକ୍ଷିଣ ବନଖଣ୍ଡ ପକ୍ଷରୁ ସ୍ୱତନ୍ତ୍ର 'ହାତୀ ସ୍କ୍ୱାଡ୍' ଏବଂ 'ଗଜସାଥୀ' ଟିମ୍‌କୁ ୨୪ ଘଣ୍ଟିଆ ଆଲର୍ଟରେ ରଖାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ହାତୀପାଲ ରାତି ନୋହୁଣୁ ଲାଞ୍ଜିଗଡ଼ ବ୍ଲକର ବିଶ୍ୱନାଥପୁର, କୁଟିଙ୍ଗପଦର ଏବଂ ଜୁନାଗଡ଼ ବ୍ଲକର ସୀମାନ୍ତ ଗାଁଗୁଡ଼ିକରେ ପ୍ରବେଶ କରି ଚାଷୀମାନଙ୍କ ଏକର ଏକର ଜମିର ଧାନ, କଦଳୀ ଓ ପନିପରିବା ଫସଲ ଦଳି ଚକଟି ନଷ୍ଟ କରିଦେଉଛନ୍ତି। ଏପରିକି ଗ୍ରାମାଞ୍ଚଳର ବହୁ ଲୋକଙ୍କ ଘରଦ୍ୱାର ଭାଙ୍ଗିବା ସହ ଧାନ ଗୋଦାମ ଓ ସଂରକ୍ଷିତ ଶସ୍ୟ ଖାଇଯାଉଥିବା ଅଭିଯୋଗ ହୋଇଛି। ହାତୀଙ୍କ ଆକ୍ରମଣ ଭୟରେ ଗ୍ରାମବାସୀମାନେ ସନ୍ଧ୍ୟା ହେବା ମାତ୍ରେ ଘରୁ ବାହାରିବାକୁ ଭୟ କରୁଥିବା ବେଳେ ରାତିସାରା ନିଆଁ ଜାଳି ଏବଂ ଉଚ୍ଚ ସ୍ୱରରେ ଶବ୍ଦ କରି ନିଜ ନିଜ ଘର ଓ ପରିବାରକୁ ସୁରକ୍ଷିତ ରଖିବାକୁ ଚେଷ୍ଟା କରୁଛନ୍ତି। ଗ୍ରାମବାସୀଙ୍କ ଜୀବନଜୀବିକା ଓ ସୁରକ୍ଷାକୁ ଦୃଷ୍ଟିରେ ରଖି ବନ ବିଭାଗ ପକ୍ଷରୁ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯାଇଛି। ଉଭୟ ଲାଞ୍ଜିଗଡ଼ ଓ ଜୁନାଗଡ଼ ବନାଞ୍ଚଳ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ୱତନ୍ତ୍ର ତାଲିମପ୍ରାପ୍ତ ଏଲିଫାଣ୍ଟ ସ୍କ୍ୱାଡ୍ କର୍ମଚାରୀମାନଙ୍କୁ ନିୟୋଜିତ କରାଯାଇଛି। ବନ ସୁରକ୍ଷା କର୍ମୀମାନେ ଉଚ୍ଚ କ୍ଷମତାସମ୍ପନ୍ନ ସର୍ଚ୍ଚ ଲାଇଟ୍, ହାଣ୍ଡ ସାଇରେନ୍, ଟ୍ରାକ୍ଟର ଏବଂ ବାଣ ଫୋଡ଼ି ହାତୀମାନଙ୍କୁ ଗାଁ ନିକଟରୁ ଘଉଡ଼ାଇ ସୁରକ୍ଷିତ ଗଭୀର ଜଙ୍ଗଲ ଅଞ୍ଚଳକୁ ନେବା ପାଇଁ ନିରବଚ୍ଛିନ୍ନ ଉଦ୍ୟମ ଜାରି ରଖିଛନ୍ତି। ଏହି ଘଟଣାରେ କଳାହାଣ୍ଡି ଡିଏଫ୍‌ଓ ସୂଚନା ଦେଇଛନ୍ତି ଯେ, ହାତୀଙ୍କ ଗତିବିଧି ଉପରେ ଜିପିଏସ୍ ଓ ସ୍ୱତନ୍ତ୍ର ପାଟ୍ରୋଲିଂ ଟିମ୍ ଦ୍ୱାରା ୨୪ ଘଣ୍ଟିଆ ନଜର ରଖାଯାଉଛି। ଗ୍ରାମବାସୀମାନଙ୍କୁ ଆସନ୍ନ ବିପଦରୁ ରକ୍ଷା କରିବା ପାଇଁ ବନ ବିଭାଗ ପକ୍ଷରୁ ମାଇକ୍ ଜରିଆରେ ସଚେତନ କରାଯାଉଛି, ଯେପରି କେହି ରାତ୍ରି ସମୟରେ ଏକାକୀ ଜଙ୍ଗଲ ରାସ୍ତାରେ ଯାତାୟାତ ନକରନ୍ତି କିମ୍ବା ହାତୀଙ୍କ ପାଖକୁ ନଯାଆନ୍ତି। ଏହାସହ ଯେଉଁ ଚାଷୀ ଓ ଗ୍ରାମବାସୀଙ୍କର ଫସଲ ଏବଂ ଘରଦ୍ୱାର କ୍ଷତିଗ୍ରସ୍ତ ହୋଇଛି, ସେମାନଙ୍କୁ ସରକାରୀ ନିୟମାନୁସାରେ ଆବଶ୍ୟକୀୟ ଆକଳନ କରି ତୁରନ୍ତ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ବନ ବିଭାଗ ପ୍ରତିଶ୍ରୁତି ଦେଇଛି।

ଥୁଆମୂଳ ରାମ୍ପୁରରେ ଆଦିବାସୀ ସଂଗଠନର ସମାବେଶ

ଥୁଆମୂଳ ରାମ୍ପୁର:୨୮ ଅକ୍ଟୋବର (ଆଦ୍ୟାଶା ଲାଇଭ୍): କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମ୍ପୁର ବ୍ଲକସ୍ଥ ସଗାବାଡ଼ି ଓ ଖଣ୍ଡୁଆଳମାଳି ଘାଟି ଅଞ୍ଚଳରେ ଆଦିବାସୀ ସଂଗଠନ ଏବଂ ସ୍ଥାନୀୟ ପ୍ରଜା ସୁରକ୍ଷା ସମିତିର ଯୌଥ ଆହ୍ୱାନରେ ଏକ ବିଶାଳ ଆଦିବାସୀ ଜନସମାବେଶ ଅନୁଷ୍ଠିତ ହୋଇଯାଇଛି। ସିଜିମାଳି, କୁଟ୍ରୁମାଳି ଓ ଖଣ୍ଡୁଆଳମାଳି ପାହାଡ଼ ଅଞ୍ଚଳରେ ଆଦିବାସୀଙ୍କ ଜଳ, ଜଙ୍ଗଲ ଓ ଜମିର ଅଧିକାର ସୁରକ୍ଷା, ଜଙ୍ଗଲ ଜମି ପଟ୍ଟା ପ୍ରଦାନ ଏବଂ ପ୍ରସ୍ତାବିତ ଖନନ କାର୍ଯ୍ୟକଳାପକୁ ପ୍ରତିରୋଧ କରିବା ଏହି ସମାବେଶର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି ଶାନ୍ତିପୂର୍ଣ୍ଣ ମହାସମାବେଶରେ ଥୁଆମୂଳ ରାମ୍ପୁର ଓ ନିକଟସ୍ଥ ବ୍ଲକର ହଜାର ହଜାର ଆଦିବାସୀ ପୁରୁଷ ଓ ମହିଳା ନିଜର ପାରମ୍ପରିକ ଅସ୍ତ୍ରଶସ୍ତ୍ର ଏବଂ ବାନର ସହ ଯୋଗଦେଇ ନିଜର ଗଣତାନ୍ତ୍ରିକ ଅଧିକାର ପାଇଁ ସ୍ୱର ଉତ୍ତୋଳନ କରିଛନ୍ତି। ଆଦିବାସୀ ସଂଗଠନର ନେତୃବୃନ୍ଦ ଅଭିଯୋଗ କରିଛନ୍ତି ଯେ, କେନ୍ଦ୍ର ଓ ରାଜ୍ୟ ସରକାର ସିଡ୍ୟୁଲ୍ଡ ଏରିଆ ନିୟମ ଅନୁଯାୟୀ ଗ୍ରାମସଭା ଅଧିକାରକୁ ଅଣଦେଖା କରି କିଛି ସ୍ଥାନରେ କମ୍ପାନୀମାନଙ୍କୁ ପ୍ରୋତ୍ସାହିତ କରୁଛନ୍ତି। ଫଳରେ ଜୈବବିବିଧତା ବିପନ୍ନ ହେବା ସହ ଆଦିବାସୀଙ୍କ ଜୀବନଜୀବିକା ପ୍ରତି ଗୁରୁତର ସଙ୍କଟ ସୃଷ୍ଟି ହୋଇଛି। ଏହି ଜନସମାବେଶରେ ସ୍ଥାନୀୟ ବିଭିନ୍ନ ରାଜନୈତିକ ଦଳର ନେତା, ଆଦିବାସୀ ମହାସଂଘର କର୍ମକର୍ତ୍ତା ଏବଂ ପରିବେଶବିତ୍‌ମାନେ ଉପସ୍ଥିତ ରହି ସ୍ୱତନ୍ତ୍ର ବକ୍ତବ୍ୟ ପ୍ରଦାନ କରିଛନ୍ତି। ଗ୍ରାମାଞ୍ଚଳର ମୌଳିକ ସୁବିଧା, ଯେପରିକି ସ୍ୱାସ୍ଥ୍ୟ ସେବା, ପାନୀୟ ଜଳ ଓ ରାସ୍ତା ସଂଯୋଗୀକରଣକୁ ତ୍ୱରାନ୍ୱିତ କରିବା ସହିତ ଆଦିବାସୀ ଅଞ୍ଚଳର ବନସମ୍ପଦ ସୁରକ୍ଷା ପାଇଁ ଗ୍ରାମସଭାର ସମ୍ମତିକୁ ବାଧ୍ୟତାମୂଳକ କରିବାକୁ ସେମାନେ ଦାବି କରିଛନ୍ତି। ସମାବେଶ ଶେଷରେ ଆଦିବାସୀ ସଂଗଠନ ପକ୍ଷରୁ ସ୍ଥାନୀୟ ବିଡିଓ ଓ ତହସିଲଦାରଙ୍କ ଜରିଆରେ ରାଜ୍ୟପାଳ ଓ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଯଦି ଆଗାମୀ ଦିନରେ ସେମାନଙ୍କର ଏହି ନ୍ୟାଯ୍ୟ ଦାବି ସୂଚାରୁ ରୂପେ ପୂରଣ ନହୁଏ, ତେବେ ରାଜପଥ ଅବରୋଧ ସହ ଆନ୍ଦୋଳନକୁ ଜିଲ୍ଲାବ୍ୟାପୀ ଆହୁରି ସୋଚନୀୟ ଓ ତୀବ୍ର କରାଯିବ ବୋଲି ସଂଗଠନ ପକ୍ଷରୁ ସ୍ପଷ୍ଟ ଚେତାବନୀ ଦିଆଯାଇଛି।

ବିଜେପିର ମିଶ୍ରଣ ପର୍ବ: ଶତାଧିକ ବିଜେଡି ଓ କଂଗ୍ରେସ କର୍ମୀ ଦଳରେ ସାମିଲ

ଜୁନାଗଡ଼:୨୮ ଅକ୍ଟୋବର (ଆଦ୍ୟାଶା ଲାଇଭ୍): କଳାହାଣ୍ଡି ଜିଲ୍ଲା ରାଜନୀତିରେ ଏକ ବଡ଼ଧରଣର ସାଂଗଠନିକ ପରିବର୍ତ୍ତନ ଦେଖିବାକୁ ମିଳିଛି। ଜୁନାଗଡ଼ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସ୍ଥାନୀୟ ମିଶ୍ରଣ ପଡ଼ିଆଠାରେ ଭାରତୀୟ ଜନତା ଦଳ (ବିଜେପି) ପକ୍ଷରୁ ଏକ ବିଶାଳ 'ମିଶ୍ରଣ ପର୍ବ' ଓ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଜୁନାଗଡ଼ ବ୍ଲକ ଓ ପୌରାଞ୍ଚଳର ବିଜୁ ଜନତା ଦଳ (ବିଜେଡି) ଏବଂ କଂଗ୍ରେସର ଶତାଧିକ ସକ୍ରିୟ ନେତା, ପୂର୍ବତନ ୱାର୍ଡ ମେମ୍ବର, ପଞ୍ଚାୟତ ସ୍ତରୀୟ ସଂଯୋଜକ ଓ ଯୁବ କର୍ମୀ ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗଦାନ କରିଛନ୍ତି। ଦଳୀୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, କେନ୍ଦ୍ର ଓ ରାଜ୍ରେ ବିଜେପି ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା, ଗ୍ରାମୀଣ ଭିତ୍ତିଭୂମିର ଉନ୍ନତି, କୃଷି ଓ କୃଷକମାନଙ୍କ ପାଇଁ ହୋଇଥିବା ବିକାଶମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ଏହି ସବୁ ଦଳୀୟ କର୍ମୀମାନେ ନିଜ ନିଜର ପୁରୁଣା ଦଳ ପରିତ୍ୟାଗ କରି ବିଜେପିରେ ସାମିଲ ହୋଇଛନ୍ତି। ବିଜେପିର ଜିଲ୍ଲା ଓ ନିର୍ବାଚନମଣ୍ଡଳୀ ସ୍ତରୀୟ ବରିଷ୍ଠ ନେତୃବୃନ୍ଦ ଏହି ନୂତନ ସଦସ୍ୟମାନଙ୍କୁ ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଇ ସାଦର ସମ୍ବର୍ଦ୍ଧନା ସହ ଆନୁଷ୍ଠାନିକ ଭାବେ ଦଳକୁ ସ୍ୱାଗତ କରିଛନ୍ତି। ଏହି ସମାବେଶରେ ଉଦ୍‌ବୋଧନ ଦେଇ ଦଳୀୟ ନେତୃବୃନ୍ଦ କହିଛନ୍ତି ଯେ, ଜୁନାଗଡ଼ ଅଞ୍ଚଳରେ ଚାଷୀମାନଙ୍କୁ ସୋଚନୀୟ ସମସ୍ୟାରୁ ମୁକ୍ତି ଦେବା, ଇନ୍ଦ୍ରାବତୀ ଜଳସେଚନ ପ୍ରକଳ୍ପର ଶେଷ ସୀମା ପର୍ଯ୍ୟନ୍ତ ପାଣି ପହଞ୍ଚାଇବା, ଧାନ ମଣ୍ଡି ସୁପରିଚାଳନା ଏବଂ ସ୍ଥାନୀୟ ଯୁବକମାନଙ୍କୁ ଆତ୍ମନିର୍ଭରଶୀଳ କରିବା ବିଜେପିର ମୁଖ୍ୟ ଲକ୍ଷ୍ୟ। ଜୁନାଗଡ଼ରେ ଶତାଧିକ ବିଜେଡି ଓ କଂଗ୍ରେସ କର୍ମୀଙ୍କ ବିଜେପିରେ ସାମିଲ ହେବା ଦ୍ୱାରା ତୃଣମୂଳ ସ୍ତରରେ ଦଳର ସାଂଗଠନିକ ଭିତ୍ତିଭୂମି ଅଧିକ ସୁଦୃଢ଼ ଓ ଶକ୍ତିଶାଳୀ ହୋଇପାରିଛି। ଅପରପକ୍ଷରେ, ଏହି ମିଶ୍ରଣ ପର୍ବ ପରେ ଜୁନାଗଡ଼ ରାଜନୈତିକ ସମୀକରଣରେ ବ୍ୟାପକ ସାଂଗଠନିକ ହଲଚଲ ସୃଷ୍ଟି ହୋଇଛି। ନୂତନ ଭାବେ ଦଳରେ ଯୋଗଦେଇଥିବା କର୍ମୀମାନେ ପ୍ରକାଶ କରିଛନ୍ତି ଯେ ସେମାନେ ପ୍ରତ୍ୟେକ ଗ୍ରାମପଞ୍ଚାୟତ ଓ ୱାର୍ଡ ସ୍ତରରେ ସରକାରୀ ଯୋଜନାଗୁଡ଼ିକୁ ସାଧାରଣ ଜନତାଙ୍କ ପାଖରେ ପହଞ୍ଚାଇବା ପାଇଁ ନିଷ୍ଠାର ସହ କାର୍ଯ୍ୟ କରିବେ। ଏହି ସମାବେଶ ଯୋଗୁଁ ଜୁନାଗଡ଼ ବିଜେପି ଶିବିରରେ ବେଶ୍ ଉତ୍ସାହ ଓ ଆଶାବାଦୀ ପରିବେଶ ସୃଷ୍ଟି ହୋଇଛି।

ନିର୍ବାଚନମଣ୍ଡଳୀରେ ବିଜେଡିର ସାଂଗଠନିକ ବୈଠକ

ଧର୍ମଗଡ଼:୨୮ ଅକ୍ଟୋବର (ଆଦ୍ୟାଶା ଲାଇଭ୍): କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସ୍ଥାନୀୟ ସଭାଗୃହଠାରେ ବିଜୁ ଜନତା ଦଳ (ବିଜେଡି)ର ଏକ ଗୁରୁତ୍ୱପୂର୍ଣ୍ଣ ସାଂଗଠନିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ତୃଣମୂଳ ସ୍ତରରେ ଦଳୀୟ ସଙ୍ଗଠନକୁ ଆହୁରି ସୁଦୃଢ଼ ଓ କ୍ରିୟାଶୀଳ କରିବା ସହ ପଞ୍ଚାୟତ ଏବଂ ୱାର୍ଡ ସ୍ତରରେ କର୍ମୀମାନଙ୍କୁ ସକ୍ରିୟ କରିବା ଏହି ବୈଠକର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ନିର୍ବାଚନମଣ୍ଡଳୀର ବରିଷ୍ଠ ନେତୃବୃନ୍ଦ, ବିଭିନ୍ନ ବ୍ଲକର କର୍ମକର୍ତ୍ତା, ଜିଲ୍ଲା ପରିଷଦ ସଦସ୍ୟ, ସରପଞ୍ଚ, ସମିତି ସଭ୍ୟ ଏବଂ ଶତାଧିକ ଦଳୀୟ କର୍ମୀଙ୍କ ଉପସ୍ଥିତିରେ ଆୟୋଜିତ ଏହି ସମ୍ମିଳନୀରେ ସାଂଗଠନିକ ଶକ୍ତି ବୃଦ୍ଧି ଉପରେ ବ୍ୟାପକ ଆଲୋଚନା କରାଯାଇଛି। ବୈଠକରେ ଉଦ୍‌ବୋଧନ ଦେଇ ଦଳୀୟ ନେତୃବୃନ୍ଦ କହିଛନ୍ତି ଯେ ଧର୍ମଗଡ଼ ଅଞ୍ଚଳରେ ବିଜୁ ଜନତା ଦଳର ଗଡ଼କୁ ଅଧିକ ମଜବୁତ୍ କରିବା ପାଇଁ ପ୍ରତ୍ୟେକ ପଞ୍ଚାୟତରେ ଯୁବ, ମହିଳା ଓ ଛାତ୍ର ସଂଗଠନକୁ ଆଗକୁ ଅଣାଯିବ। ବିଶେଷ କରି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ଚାଷୀମାନଙ୍କ ସହ ସିଧାସଳଖ ସମ୍ପର୍କ ସ୍ଥାପନ କରି ଦଳୀୟ ଆଦର୍ଶକୁ ପହଞ୍ଚାଇବା ପାଇଁ ଆହ୍ୱାନ ଦିଆଯାଇଛି। ଏହି ସାଂଗଠନିକ ବୈଠକରେ ସ୍ଥାନୀୟ ଜନସାଧାରଣଙ୍କ ବିଭିନ୍ନ ମୌଳିକ ସମସ୍ୟା, ଯେପରିକି ଧାନ ମଣ୍ଡି ପରିଚାଳନା, ଜଳସେଚନ ସୁବିଧା, ଏବଂ ଗ୍ରାମୀଣ ଭିତ୍ତିଭୂମିର ବିକାଶ ସମ୍ପର୍କରେ ମଧ୍ୟ ବିସ୍ତୃତ ସମୀକ୍ଷା କରାଯାଇଥିଲା। ଗ୍ରାମାଞ୍ଚଳରେ ଲୋକଙ୍କ ସୁଖଦୁଃଖରେ ସାମିଲ ହୋଇ ସେମାନଙ୍କ ଦାବି ପ୍ରଶାସନ ନିକଟରେ ଉପସ୍ଥାପନ କରିବା ପାଇଁ ବ୍ଲକ ଓ ପଞ୍ଚାୟତ ସ୍ତରୀୟ ନେତାମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆଗାମୀ ଦିନରେ ଧର୍ମଗଡ଼ ନିର୍ବାଚନମଣ୍ଡଳୀର ପ୍ରତ୍ୟେକ ଗ୍ରାମପଞ୍ଚାୟତରେ କର୍ମୀ ସମ୍ମିଳନୀ କରାଯିବା ସହ ନୂତନ ସଦସ୍ୟ ସଂଗ୍ରହ ଅଭିଯାନକୁ ଜୋରଦାର କରାଯିବ ବୋଲି ଦଳ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକ ଯୋଗୁଁ ଧର୍ମଗଡ଼ ବିଜେଡି ଶିବିରରେ ଉତ୍ସାହ ବୃଦ୍ଧି ପାଇବା ସହ ସାଂଗଠନିକ କାର୍ଯ୍ୟକଳାପ ଅଧିକ ଚଳଚଞ୍ଚଳ ହୋଇଉଠିଛି।

କଳାହାଣ୍ଡି ବାତ୍ୟା ଅର୍ଣ୍ଣବ ର ପ୍ରସ୍ତୁତି ଓ ସତର୍କତା ସମୀକ୍ଷା ପାଇଁ ଟେଲିକମ୍ ସେବା ପ୍ରଦାନ କାରୀ ସଂସ୍ଥା(TSPS)ସହିତ ବୈଠକ କଲେ ମନ୍ତ୍ରୀ ମୁକେଶ ମହାଲିଙ୍ଗ

ଭବାନୀପାଣା:୨୮/୧୦ (ଆଦ୍ୟାଶା):କଳାହାଣ୍ଡି ଠାରେ ବାତ୍ୟା ଅର୍ଣ୍ଣବ ର ପ୍ରସ୍ତୁତି ଓ ସତର୍କତା ସମୀକ୍ଷା ନିମନ୍ତେ ଟେଲିକମ୍ ସେବା ପ୍ରଦାନକାରୀ ସଂସ୍ଥା (TSPs) ସହ ଅନୁଷ୍ଠିତ ସମୀକ୍ଷା ବୈଠକରେ ଅଧ୍ଯକ୍ଷତା କରି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କରିଛନ୍ତି ମାନ୍ୟବର ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ରୀ ମୁକେଶ ମହାଲିଙ୍ଗ । ବିଶେଷ କରି ବାତ୍ୟାପ୍ରବଣ ଉପକୂଳ ଅଞ୍ଚଳରେ ଟେଲିକମ୍ ଭିତ୍ତିଭୂମିର ସୁରକ୍ଷା ଓ ତ୍ୱରିତ ମରାମତି, ଡିଜେଲ୍ ଜେନେରେଟର, ବ୍ୟାଟେରୀ ବ୍ୟାକ୍‌ଅପ୍ ଏବଂ ମୋବାଇଲ୍ DGକୁ କାର୍ଯ୍ୟକ୍ଷମ ରଖିବା,ଗୁରୁତ୍ୱପୂର୍ଣ୍ଣ ପୂର୍ଣ୍ଣ ଜିଲ୍ଲା ମୁଖ୍ୟାଳୟଗୁଡ଼ିକରେ ଦୃଢ଼ ଅପ୍ଟିକାଲ୍ ଫାଇବର୍ ସଂଯୋଗ ଓ ସୁନିଶ୍ଚିତ କରିବା ଉପରେ ଗୁରୁତ୍ବ ଦିଆଯାଇଥିଲା।ଏବଂ ବାତ୍ୟା ପୂର୍ବରୁ ପ୍ରତିଷେ ଧମୂଳକ ପଦକ୍ଷେପ ପାଇଁ ବୈଷୟିକ ଟିମ୍ ଓ ରିଚ ରିଗର୍ ମାନଙ୍କୁ ପ୍ରସ୍ତୁତ ରଖିବା,ଟେଲିକମ୍ ଅପରେଟରଙ୍କ ମଧରେ ଇଣ୍ଟ୍ରା-ସର୍କଳ ଇଣ୍ଟ୍ରା-ସର୍କଲ୍ ରୋମିଂ ବ୍ୟବସ୍ଥା ଏବଂ ଜରୁରୀକାଳୀନ ସେବା ଓ ପ୍ରଶାସନିକ ଅଧୀକାରୀଙ୍କ ପାଇଁ ପ୍ରାଥମିକତା ଭିତ୍ତିକ ଯୋଗାଯୋଗ ବ୍ୟବସ୍ଥା କୁ ସୁନିଶ୍ଚିତ କରିବା ନେଇ ମଧ୍ୟ ଆଲୋଚନା ହୋଇଛି।ବାତ୍ୟା ସମୟରେ ନିରବଚ୍ଛିନ୍ନ ଯୋଗାଯୋଗ ସେବା ବଜାୟ ରଖିବା ଓ ଜରୁରୀକାଳୀନ ପରିସ୍ଥିତିରେ ତ୍ବରିତ ସେବା ଯୋଗାଇବା ପାଇଁ ସରକାରୀ ପ୍ରସ୍ତୁତି କରାହୋଇଛି।ଏହି ବୈଠକରେ ବିଭାଗୀୟ ସଚିବ, ଓସିଏସି ସିଇଓ, କଳାହାଣ୍ଡି ଜିଲ୍ଲାପାଳ ଏବଂଟେଲିକମ୍ ସେବା ପ୍ରଦାନକାରୀ ସଂସ୍ଥାର ବରିଷ୍ଠ ଅଧିକାରୀ ଆଭାସୀ ମାଧ୍ୟମରେ ଉପସ୍ଥିତ ଥିଲେ।



ରାଷ୍ଟ୍ରୀୟ ଏକତା ଦିବସ ୨୦୨୬ ସମାରୋହ ପାଇଁ କଳାହାଣ୍ଡି ଜିଲ୍ଲାରୁ ୪୬ ଜଣିଆ ପ୍ରତିନିଧି ଦଳଙ୍କ ଗୁଜରାଟ ଗସ୍ତ



ଭବାନୀପାଟଣା: ଆସନ୍ତା ଅକ୍ଟୋବର ୩୧ ତାରିଖ ରେ ଗୁଜୁରାଟର କେଭାଡିଆ (ଏକତା ନଗର) ଠାରେ ଆୟୋଜିତ ହେବାକୁ ଥିବା ଜାତୀୟ ସ୍ତରୀୟ ରାଷ୍ଟ୍ରିୟ ଏକତା ଦିବସ ୨୦୨୬ ସମାରୋହରେ ଯୋଗ ଦେବା ପାଇଁ କଳାହାଣ୍ଡି ଜିଲ୍ଲାରୁ ୪୬ ଜଣିଆ ପ୍ରତିନିଧି ଦଳ ଗୁଜୁରାଟ ଗସ୍ତ କରିଛନ୍ତି।ସ୍ଥାନୀୟ ସର୍କିଟ ହାଉସଠାରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ଉପସ୍ଥିତ ରହି ପ୍ରତିନିଧି ଦଳଙ୍କୁ ଉତ୍ସାହିତ କରିବା ସଙ୍ଗେ ସଙ୍ଗେ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ ଏବଂ ଯାତ୍ରା ର ଶୁଭ ମନାସି ଥିଲେ।" ନକ୍ସଲ ମୁକ୍ତ ଭାରତ " ର ସନ୍ଦେଶ ନେଇ ପ୍ରତିନିଧି ଗଣ ଓଡ଼ିଶାର ୧୯ ଟି ନକ୍ସଲ ପ୍ରଭାବିତ ଅଞ୍ଚଳରେ ଆସିଥିବା ବ୍ୟାପକ ପରିବର୍ତ୍ତନ ଓ ପ୍ରଗତିକୁ ଜାତୀୟ ସ୍ତରରେ ବାର୍ତ୍ତା ଦେବେ। ଅତିରିକ୍ତ ଜିଲ୍ଲାପାଳ ସାଧାରଣ ତନ୍ମୟ କୁମାର ଦରୱାନ ପ୍ରତିନିଧି ଦଳ ଙ୍କ ବସ କୁ ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଥିଲେ ଏବଂ ପ୍ରତିନିଧିଦଳ କେସିଙ୍ଗା ରେଳ ଷ୍ଟେସନରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ସମାବେଶ ହୋଇଥିଲେ ଏବଂ ରାତ୍ର ୩.୦୦ ଘଣ୍ଟା ସମୟରେ ସ୍ୱତନ୍ତ୍ର ଟ୍ରେନ ରେ ଗୁଜୁରାଟ ଅଭିମୁଖେ ଯାତ୍ରା କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଙ୍କ ସମେତ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶୁଭ୍ରାଂଶୁ ମିଶ୍ର, ବିଶିଷ୍ଟ ସମାଜସେବୀ ଯୁଗଳ କିଶୋର ପୋଡ, ସହ ନିର୍ଦ୍ଦେଶକ ସଞ୍ଜୟ ଏବଂ ଆର୍ଥିକ ସେବା ତଥା ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋଜ ବେହେରା,ଡି ପି ଇ ଓ ରୂପ ସିଂ ରାଉତ ପ୍ରମୁଖ ଉପସ୍ଥିତ ରହି କେସିଙ୍ଗା ରେଳ ଷ୍ଟେସନ ସମାବେଶ ରେ ଯୋଗ ଦେଇଥିଲେ। ପ୍ରତିନିଧି ଦଳଙ୍କ ସମସ୍ତ ସୁବିଧା ବ୍ୟବସ୍ଥା ଏବଂ ସମ୍ମନୟ ପାଇଁ ଦୁଇ ଜଣ ନୋଡାଲ ଅଧିକାରୀ ଅତିରିକ୍ତ ତହସିଲଦାର ଅର୍ମାନ୍ ଦେବ ପୁହାଣ ଓ ଅନୁଭବ ମହାନ୍ତି ଗୁଜୁରାଟ ଗସ୍ତ କରିଛନ୍ତି। କେସିଙ୍ଗା ରେଳ ଷ୍ଟେସନ ସମାବେଶ ରେ ଏସ ଡି ପି ଓ କେସିଙ୍ଗା ସନ୍ଦୀପ ମାଝୀ,ବି ଡି ଓ ଜନ୍ମେଜୟ ସ୍ୱାଇଁ ,ତହସିଲଦାର ପ୍ରଶାନ୍ତି ପ୍ରଧାନ ,ପୋଲିସ ଅଧିକାରୀ ବାବାଜୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ରଥୁରାମ ବାଗଙ୍କ ରିପୋର୍ଟ।

ମାଟିର ଖବର

ଲାଞ୍ଜିଗଡ଼ ଅଞ୍ଚଳରେ ହାତୀ ଉପଦ୍ରବ ଚିନ୍ତାର କାରଣ



ଲାଞ୍ଜିଗଡ଼:୨୮/୧୦:ଏନ୍‌ଏନ୍‌ଏସ୍: କଳାହାଣ୍ଡି ଜିଲ୍ଲାର ଲାଞ୍ଜିଗଡ଼ ବ୍ଲକ ଏକ ବଣପାହାଡ଼ ଘେରା ଅଞ୍ଚଳ ହୋଇଥିବାରୁ ଏଠାରେ ବର୍ଷସାରା ଜଙ୍ଗଲୀ ହାତୀଙ୍କ ଚଳପ୍ରଚଳ ଲାଗି ରହିଥାଏ। ଅନେକ ସମୟରେ ହାତୀଙ୍କ ଗତିବିଧି ଯୋଗୁଁ ସ୍ଥାନୀୟ ଲୋକେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ବେଳେ ହାତୀ-ମଣିଷ ମୁହାଁମୁହିଁ ଘଟଣାରେ ଜୀବନହାନି ମଧ୍ୟ ଘଟିଥିବା ଜଣାପଡ଼ିଛି। ଏଭଳି ସ୍ଥିତିରେ ଜଙ୍ଗଲ ରାସ୍ତାରେ ଯାତାୟାତ କରୁଥିବା ଲୋକଙ୍କ ସୁରକ୍ଷାକୁ ନେଇ ଚିନ୍ତା ବଢ଼ିଛି। ଲାଞ୍ଜିଗଡ଼ରୁ ବେନଗାଁକୁ ସଂଯୋଗ କରୁଥିବା ରାସ୍ତାଟି ବଣପାହାଡ଼ ଦେଇ ଯାଇଥିବାରୁ ଏହି ରାସ୍ତାରେ ଯାତାୟାତ ସମୟରେ ହାତୀଙ୍କ ସହ ମୁହାଁମୁହିଁ ହେବାର ଆଶଙ୍କା ରହିଛି। ତେବେ ଉକ୍ତ ରାସ୍ତାର କୌଣସି ସ୍ଥାନରେ ହାତୀ ଚଲାପଥ ସମ୍ପର୍କିତ ସୂଚନା ଫଳକ ଲାଗିନଥିବା ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଫଳରେ ଏହି ରାସ୍ତାରେ ଯାତାୟାତ କରୁଥିବା ଲୋକେ ହାତୀଙ୍କ ଗତିବିଧି ସମ୍ପର୍କରେ ଆଗୁଆ ସତର୍କ ହେବାର ସୁଯୋଗ ପାଉନାହାନ୍ତି। ଅନ୍ୟପକ୍ଷରେ, ରାସ୍ତା ପାର୍ଶ୍ୱରେ ଅନାବନା ଗଛଲତା ବଢ଼ି ରହିଥିବାରୁ ଯାତାୟାତ ସମୟରେ ଦୃଶ୍ୟମାନତା ହ୍ରାସ ପାଉଥିବା ନେଇ ଅଞ୍ଚଳବାସୀ ଚିନ୍ତା ପ୍ରକାଶ କରିଛନ୍ତି। ଏହାକୁ ଦୃଷ୍ଟିରେ ରଖି ସ୍ଥାନୀୟ ଲୋକେ ଏକଜୁଟ ହୋଇ ରାସ୍ତା ପାର୍ଶ୍ୱରେ ଥିବା ଅନାବନା ଗଛଲତା ସଫା କରିବା ସହ ରାସ୍ତା ମରାମତି କାର୍ଯ୍ୟରେ ଲାଗିଥିବା ଦେଖିବାକୁ ମିଳିଛି।ତେବେ ଅନାବନା ଗଛଲତା ସଫା କରିବାକୁ ନେଇ ବନ ବିଭାଗ ବିରୋଧ କରୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହାକୁ ନେଇ ଅଞ୍ଚଳବାସୀ ବନ ବିଭାଗକୁ ତାଗିଦ କରିବା ସହ ରାସ୍ତାରେ ଯାତାୟାତ କରୁଥିବା ଲୋକଙ୍କ ସୁରକ୍ଷା ପ୍ରତି ଗୁରୁତ୍ୱ ଦେବାକୁ ଦାବି କରିଛନ୍ତି। ଭବିଷ୍ୟତରେ ଏହି ରାସ୍ତାରେ ହାତୀଙ୍କ ଯୋଗୁଁ ଯଦି କୌଣସି ଦୁର୍ଘଟଣା ଘଟେ, ତେବେ ସେଥିପାଇଁ ବନ ବିଭାଗ ସମ୍ପୂର୍ଣ୍ଣ ଦାୟୀ ରହିବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି। ଏଭଳି ପରିସ୍ଥିତିରେ ଲାଞ୍ଜିଗଡ଼-ବେନଗାଁ ରାସ୍ତାରେ ହାତୀ ଚଳାପଥ ସମ୍ପର୍କିତ ସତର୍କତାମୂଳକ ସୂଚନା ଫଳକ ସ୍ଥାପନ, ଆବଶ୍ୟକ ସ୍ଥାନରେ ରାସ୍ତା ପାର୍ଶ୍ୱ ସଫା କରିବା ଏବଂ ହାତୀଙ୍କ ଗତିବିଧି ସମ୍ପର୍କରେ ଲୋକଙ୍କୁ ନିୟମିତ ସୂଚନା ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ବନ ବିଭାଗ ଏ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ହାତୀ ମଣିଷ ସଂଘର୍ଷର ଆଶଙ୍କା ହ୍ରାସ କରିବା ସହ ଯାତ୍ରୀଙ୍କ ସୁରକ୍ଷା ପାଇଁ ଉଚିତ ବ୍ୟବସ୍ଥା କରିବାକୁ ସ୍ଥାନୀୟ ଲୋକେ ଦାବି ଜଣାଇଛନ୍ତି। ଏହି ଅଭିଯୋଗ ଉପରେ ବନ ବିଭାଗର ପ୍ରତିକ୍ରିୟା ମିଳିପାରିନାହିଁ। ଲାଞ୍ଜିଗଡ ରୁ ସୁଶାନ୍ତ ମାଝୀ ଙ୍କ ରିପୋର୍ଟ ଆଦ୍ୟାଶା live

ADYASHA
ଆଦ୍ୟାଶା
ରାଜ୍ୟ
PRGI No. ORORI/25/A0506
Daily Edition
Email : adyashalive@gmail.com
BHUBANESWAR | Vol. 02 | Issue 12
ଗୁରୁବାର, ୨୯ ଅକ୍ଟୋବର ୨୦୨୬

Rs. 7

ଆଜିର ପ୍ରମୁଖ

ହାତୀ ଓ ବନ୍ୟଜନ୍ତୁ ସୁରକ୍ଷା ପାଇଁ ଯାଜପୁର ବନବିଭାଗର ସଚେତନତା ଶିବିର

ଯାଜପୁର: ଯାଜପୁର ଜିଲ୍ଲାର ବିଭିନ୍ନ ବନାଞ୍ଚଳ ତଥା ସ୍ଥାନୀୟ ଗ୍ରାମାଞ୍ଚଳରେ ବନ୍ୟଜନ୍ତୁ, ବିଶେଷକରି ହାତୀପଲଙ୍କ କ୍ରମାଗତ ଚଳପ୍ରଚଳ ଏବଂ ସେମାନଙ୍କ ସୁରକ୍ଷାକୁ ନେଇ ଜିଲ୍ଲା ପ୍ରଶାସନ ଓ ବନବିଭାଗ ପକ୍ଷରୁ ଅତ୍ୟନ୍ତ କଡ଼ାକଡ଼ି ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ବିଶେଷ କରି ଜିଲ୍ଲାର ସୁକିନ୍ଦା, ଦାନଗଦୀ, କୋରେଇ ଏବଂ ଧର୍ମଶାଳା ଆଦି ପ୍ରମୁଖ ବନାଞ୍ଚଳ ଅଞ୍ଚଳରେ ହାତୀପଲଙ୍କ ଗତିବିଧି ବୃଦ୍ଧି ପାଉଥିବାରୁ ସାଧାରଣରେ ଭୟର ବାତାବରଣ ଦେଖାଦେଇଛି।ବର୍ତ୍ତମାନର ଦ୍ରୁତ ଜଙ୍ଗଲକ୍ଷୟ, ବେଆଇନ ଜଙ୍ଗଲ ଧ୍ୱଂସ ଏବଂ ଖାଦ୍ୟାନ୍ୱେଷଣରେ ବନ୍ୟଜନ୍ତୁମାନେ ନିଜର ପ୍ରାକୃତିକ ଆବାସସ୍ଥଳୀ ଛାଡ଼ି ପ୍ରାୟତଃ ଜନବହୁଳ ଗ୍ରାମାଞ୍ଚଳ ଏବଂ ଜମିବାଡ଼ି ଆଡ଼କୁ ମାଡ଼ି ଆସୁଛନ୍ତି। ଏହି ପରିପ୍ରେକ୍ଷୀରେ ମଣିଷ ଓ ହାତୀ ମଧ୍ୟରେ ସମ୍ଭାବ୍ୟ ସଂଘର୍ଷକୁ ସମ୍ପୂର୍ଣ୍ଣ ରୂପେ ଏଡ଼ାଇବା ଏବଂ ଉଭୟ ମାନବ ସମାଜ ଓ ବନ୍ୟଜନ୍ତୁଙ୍କ ସୁରକ୍ଷା ନିମନ୍ତେ ଯାଜପୁର ବନବିଭାଗ ପକ୍ଷରୁ ବିଭିନ୍ନ ଗ୍ରାମାଞ୍ଚଳରେ ବ୍ୟାପକ ସଚେତନତା ଶିବିର, ପଥପ୍ରାନ୍ତ ନାଟକ ଏବଂ ଜନସଚେତନତା କର୍ମଶାଳାମାନ ଆୟୋଜନ କରାଯାଉଛି।ବନବିଭାଗର ବରିଷ୍ଠ ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ ଯେ, ପଡ଼ୋଶୀ କେନ୍ଦୁଝର ଓ ମୟୂରଭଞ୍ଜ ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ଯାଜପୁର ଜିଲ୍ଲାର ସୀମାନ୍ତ ଅଞ୍ଚଳଗୁଡ଼ିକରେ ହାତୀପଲ ପ୍ରବେଶ କରୁଥିବାରୁ ସେଠାକାର ସ୍ଥାନୀୟ ଗ୍ରାମବାସୀଙ୍କୁ ସର୍ବାଧିକ ସତର୍କ କରାଯାଉଛି। ବିଶେଷକରି ରାତି ସମୟରେ ଏକାନ୍ତରେ କିମ୍ବା ଜଙ୍ଗଲ ରାସ୍ତାରେ ବାହାରକୁ ନ ଯିବା, ଫସଲ କିମ୍ବା ଘର ଆଖପାଖରେ ହାତୀ ଦେଖାଗଲେ ତକ୍ଷଣାତ୍ ସ୍ଥାନୀୟ ବନ କର୍ମଚାରୀଙ୍କୁ ଅବଗତ କରାଇବା ଏବଂ ହାତୀଙ୍କୁ ଘଉଡ଼ାଇବା ସମୟରେ କୌଣସି ପ୍ରକାର ପଥର ଫିଙ୍ଗିବା କିମ୍ବା ଜ୍ୱଳନ୍ତ ମଶାଲ ବ୍ୟବହାର ନ କରି ସମ୍ପୂର୍ଣ୍ଣ ସୁରକ୍ଷିତ ସ୍ଥାନରେ ରହିବାକୁ ଜନସାଧାରଣଙ୍କୁ ବାରମ୍ବାର ପରାମର୍ଶ ଦିଆଯାଉଛି।ଏହି ସ୍ଥିତିର ମୁକାବିଲା ପାଇଁ ବନବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ହାତୀ ଉଦ୍ଧାରକାରୀ ଦଳ ଏବଂ ମୋବାଇଲ୍ ପାଟ୍ରୋଲିଂ ଟିମ୍ ଗଠନ କରାଯାଇଛି, ଯାହାକି ଅଧିକ ସମ୍ବେଦନଶୀଳ ଗ୍ରାମଗୁଡ଼ିକରେ ଦିନରାତି ନିରନ୍ତର ପାଟ୍ରୋଲିଂ ଜାରି ରଖିଛି। ହାତୀମାନଙ୍କର ପ୍ରକୃତ ଗତିବିଧି ଏବଂ ଅବସ୍ଥାନ ଉପରେ କ୍ରମାଗତ ଭାବେ ଟ୍ରାକିଂ କରାଯିବା ସହ ସ୍ଥାନୀୟ ଗ୍ରାମବାସୀଙ୍କ ମୋବାଇଲ୍ଲୋନ୍କୁ ଆଲର୍ଟ ମେସେଜ୍ ଏବଂ ତତ୍କାଳ ସତର୍କତା ବାର୍ତ୍ତା ପଠାଇବାର ଏକ ବୈଷୟିକ ବ୍ୟବସ୍ଥା ମଧ୍ୟ କରାଯାଇଛି।ଯଦି ହାତୀ ଆକ୍ରମଣରେ ଦୁର୍ଭାଗ୍ୟବଶତଃ କୌଣସି ବ୍ୟକ୍ତିଙ୍କ ଧନଜୀବନ, ଗୃହପାଳିତ ପଶୁ କିମ୍ବା ବ୍ୟାପକ ଫସଲ ନଷ୍ଟ ହୁଏ, ତେବେ ରାଜ୍ୟ ସରକାରୀ ନିୟମାବଳୀ ଅନୁଯାୟୀ ପ୍ରଭାବିତ ପରିବାରକୁ ତୁରନ୍ତ ଏବଂ ଯଥେଷ୍ଟ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ବନବିଭାଗ ପକ୍ଷରୁ ଦୃଢ଼ ପ୍ରତିଶ୍ରୁତି ଦିଆଯାଇଛି। ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟାରେ ବନ୍ୟଜନ୍ତୁଙ୍କ ସୁରକ୍ଷା ଓ ଜନସାଧାରଣଙ୍କ ସହଯୋଗ କାମନା କରି ବନବିଭାଗ ପକ୍ଷରୁ ବିଭିନ୍ନ ପଞ୍ଚାୟତରେ ସ୍ଥାନୀୟ ସରପଞ୍ଚ, ପଞ୍ଚାୟତ ପ୍ରତିନିଧି, ଯୁବକସଂଘ ଏବଂ ଗ୍ରାମବାସୀଙ୍କୁ ନେଇ ଏକାଧିକ ମିଳିତ ଶାନ୍ତି ଓ ସଚେତନତା ବୈଠକ ମଧ୍ୟ ସଫଳତାର ସହିତ ଅନୁଷ୍ଠିତ ହୋଇଯାଇଛି।

ଜଙ୍ଗଲ ଜମି ଜବତ ସହ ବେଆଇନ ନିର୍ମାଣ ହଟାଇବାକୁ ଜୋରଦାର ଜବତୀୟ କାର୍ଯ୍ୟାନୁଷ୍ଠାନ

ଯାଜପୁର:ଯାଜପୁର ଜିଲ୍ଲାର ପ୍ରମୁଖ ଖଣିଅଞ୍ଚଳ କାଳିଆପାଣି, ଦାନଗଦୀ, ଗୋଣ୍ଡିମାଧୋପୁର ଏବଂ ନୂଆଡିହି ଅଞ୍ଚଳରେ ଥିବା ମୂଲ୍ୟବାନ ଜଙ୍ଗଲ ଜମିକୁ ଜବରଦଖଲମୁକ୍ତ କରିବା ପାଇଁ ଯାଜପୁର ବନବିଭାଗ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ଜବତୀୟ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। କ୍ରୋମାଇଟ୍ ଖଣି ସମୃଦ୍ଧ ଏହି ଅଞ୍ଚଳରେ କିଛି ଅସାଧୁ ବ୍ୟକ୍ତି, ବେଆଇନ ଖନନକାରୀ ଓ ସ୍ଥାନୀୟ ପ୍ରଭାବଶାଳୀ ଗୋଷ୍ଠୀ ବନ ଅଞ୍ଚଳକୁ ହଡ଼ପ କରି ବେଆଇନ କ୍ରସର, ଫାର୍ମହାଉସ୍, ଷ୍ଟକ୍ୟାର୍ଡ ଏବଂ ପକ୍କା ନିର୍ମାଣ କରୁଥିବା ଅଭିଯୋଗ ନେଇ ଜାତୀୟ ହରିତ ପ୍ରାଧିକରଣ (NGT) ଏବଂ ରାଜ୍ୟ ପରିବେଶ ବିଭାଗର କଡ଼ା ଆଭିମୁଖ୍ୟ ପରେ ଏହି ସ୍ୱତନ୍ତ୍ର ଅଭିଯାନକୁ ଜୋରଦାର କରାଯାଇଛି। ବନବିଭାଗର ସୂଚନା ମୁତାବକ, ଦାନଗଦୀ ଓ ସୁକିନ୍ଦା ବନଖଣ୍ଡ ଅଧୀନରେ ଥିବା କାଳିଆପାଣି, ଦାନଗଦୀ, କାଂସ, ଏବଂ ନିକଟସ୍ଥ ସଂରକ୍ଷିତ ଜଙ୍ଗଲ ଏବଂ ଗ୍ରାମ୍ୟ ଜଙ୍ଗଲ ଜମିରେ ବିନା ଅନୁମତିରେ ଚାଲିଥିବା ଅଣ-ଜଙ୍ଗଲିଆ କାର୍ଯ୍ୟକଳାପକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଉଛି। ବନବିଭାଗ, ରାଜସ୍ୱ ବିଭାଗ ଏବଂ ସ୍ୱତନ୍ତ୍ର ପୋଲିସ ବାହିନୀର ଯୁଗ୍ମ ଟିମ୍ ପକ୍ଷରୁ ସ୍ୱତନ୍ତ୍ର ଚଢ଼ଉ କରାଯାଇ ଜଙ୍ଗଲ ଜମିରେ ଗଢ଼ିଉଠିଥିବା ଅବୈଧ ନିର୍ମାଣଗୁଡ଼ିକୁ ବୁଲଡୋଜର ସାହାଯ୍ୟରେ ଭଙ୍ଗାଯିବା ସହ ଶହ ଶହ ଏକର ଜଙ୍ଗଲ ଜମିକୁ ପୁନର୍ବାର ବିଭାଗୀୟ ଅଧୀନକୁ ନିଆଯାଉଛି। ଖଣି ଅଞ୍ଚଳ ହୋଇଥିବାରୁ ଏହି ଅଞ୍ଚଳରେ ଜଙ୍ଗଲ କ୍ଷୟ ଯୋଗୁଁ ପ୍ରଦୂଷଣ ସମସ୍ୟା ଭୟଙ୍କର ରୂପ ନେଉଥିବା ବେଳେ ବନ୍ୟପ୍ରାଣୀଙ୍କ ଜୈବ-ବିବିଧତା ମଧ୍ୟ ପ୍ରଭାବିତ ହେଉଛି। ଏଣୁ ଜବତ କରାଯାଉଥିବା ଜମିଗୁଡ଼ିକର ଚାରିପାଖରେ କାଣ୍ଟାତାର ଘେରାଯାଇ ତୁରନ୍ତ ସ୍ୱତନ୍ତ୍ର ବୃକ୍ଷରୋପଣ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ବନବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, "ସରକାରୀ ଓ ଜଙ୍ଗଲ ଜମି ହଡ଼ପ କରୁଥିବା ବ୍ୟକ୍ତି ଯେତେ ପ୍ରଭାବଶାଳୀ ହୁଅନ୍ତୁ ନାହିଁ କାହିଁକି, ସେମାନଙ୍କ ବିରୋଧରେ ଭାରତୀୟ ବନ ଆଇନ ଅନୁଯାୟୀ ମାମଲା କରାଯାଉଛି। ଜଙ୍ଗଲ ଜମି ଜବରଦଖଲକାରୀଙ୍କୁ ତୁରନ୍ତ କାରଣ ଦର୍ଶାଅ ନୋଟିସ୍ ଜାରି କରାଯିବା ସହ ଜମି ଜବତ ପ୍ରକ୍ରିୟା ଜାରି ରହିବ।" ପ୍ରଶାସନ ଓ ବନବିଭାଗର ଏହି ଦୃଢ଼ କାର୍ଯ୍ୟାନୁଷ୍ଠାନକୁ ସ୍ଥାନୀୟ ସାଧାରଣ ନାଗରିକ, ପ୍ରକୃତିପ୍ରେମୀ ଏବଂ ସାମାଜିକ କର୍ମୀମାନେ ସ୍ୱାଗତ କରିଛନ୍ତି।

ବ୍ରାହ୍ମଣୀ ଓ ବୈତରଣୀ ନଦୀକୂଳିଆ ଜଙ୍ଗଲ ସୁରକ୍ଷା ନେଇ ବନବିଭାଗର କଡ଼ା ନଜର

ଯାଜପୁର:ଯାଜପୁର ଜିଲ୍ଲା ଦେଇ ପ୍ରବାହିତ ମୁଖ୍ୟ ନଦୀ ବ୍ରାହ୍ମଣୀ, ବୈତରଣୀ, ଖରସ୍ରୋତା ଏବଂ ବୁଢ଼ା ନଦୀର ଅବବାହିକା ଅଞ୍ଚଳରେ ଥିବା ପ୍ରାକୃତିକ ଜଙ୍ଗଲ ଓ ନଦୀକୂଳିଆ ସବୁଜ ବଳୟର ସୁରକ୍ଷା ପାଇଁ ଯାଜପୁର ବନବିଭାଗ ପକ୍ଷରୁ କଡ଼ାନଜର ରଖାଯାଇଛି। ନଦୀକୂଳରେ ବଢ଼ିଉଠୁଥିବା ପ୍ରାକୃତିକ ବୃକ୍ଷଲତା, ବଉଳ ଜଙ୍ଗଲ ଏବଂ ମାଟି ସଂରକ୍ଷଣ କରୁଥିବା ବୃକ୍ଷରାଜିକୁ ବେଆଇନ କାଟିବା ସହ ନଦୀପଠାରୁ ଅସାଧୁ ବ୍ୟବସାୟୀଙ୍କ ଦ୍ୱାରା ବାଲି ଓ ମାଟି ଚାଲାଣ ଯୋଗୁଁ ନଦୀବନ୍ଧ ଏବଂ ଜଙ୍ଗଲ କ୍ଷତିଗ୍ରସ୍ତ ହେଉଥିବା ଅଭିଯୋଗକୁ ବିଭାଗ ଗାମ୍ଭୀର୍ଯ୍ୟର ସହ ଗ୍ରହଣ କରିଛି। ବନବିଭାଗର ନିର୍ଦ୍ଦେଶକ୍ରମେ ଦାନଗଦୀ, ବରୀ, ଯାଜପୁର ସଦର, ଦଶରଥପୁର, ବିଞ୍ଝାରପୁର ଓ ଆନନ୍ଦପୁର ସୀମାନ୍ତ ଅଞ୍ଚଳ ଦେଇ ଯାଇଥିବା ନଦୀକୂଳିଆ ଜଙ୍ଗଲଗୁଡ଼ିକରେ ସ୍ୱତନ୍ତ୍ର ବନପାଳ ଓ କର୍ମଚାରୀଙ୍କୁ ନେଇ ମୋବାଇଲ୍ ପାଟ୍ରୋଲିଂ ଟିମ୍ ନିୟୋଜିତ କରାଯାଇଛି। ନଦୀତଟୀୟ ଅଞ୍ଚଳଗୁଡ଼ିକରେ ଅହୋରାତ୍ର ନଜର ରଖିବା ସହ ବିନା ଅନୁମତିରେ ମେସିନ୍ ଓ ଗାଡ଼ି ଲଗାଇ ନଦୀର ସୁରକ୍ଷା ବଳୟ ଏବଂ ଜଙ୍ଗଲ ଜମି ନଷ୍ଟ କରୁଥିବା ମାଫିଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ରହିଛି। ନଦୀକୂଳିଆ ଜଙ୍ଗଲଗୁଡ଼ିକ କେବଳ ଭୂକ୍ଷୟ ରୋକିବାରେ ସାହାଯ୍ୟ କରନ୍ତି ନାହିଁ, ବରଂ ବନ୍ୟା ସମୟରେ ନଦୀବନ୍ଧ ସୁରକ୍ଷା ପାଇଁ ପ୍ରାକୃତିକ ପ୍ରତିବନ୍ଧକ ଭାବେ କାର୍ଯ୍ୟ କରିଥାନ୍ତି। କେତେକ ସ୍ଥାନରେ ଜଙ୍ଗଲ ଜମିକୁ ଜବରଦଖଲ କରି କ୍ରସର, ବାଲି ଘାଟ ଏବଂ ବେଆଇନ ରାସ୍ତା ନିର୍ମାଣ କରାଯାଉଥିବା ନେଇ ବନବିଭାଗ ପାଖରେ ସୂଚନା ପହଞ୍ଚିବା ପରେ ଏହି ସ୍ୱତନ୍ତ୍ର ଚଢ଼ଉ ଓ ନଜରଦାରୀ କ୍ରମାଗତ ଭାବେ ଜାରି ରହିଛି। ବିଭାଗୀୟ ଅଧିକାରୀଙ୍କ ପ୍ରକାଶିତ ସୂଚନା ଅନୁଯାୟୀ, "ନଦୀକୂଳିଆ ସବୁଜିମା ଓ ଜଙ୍ଗଲକୁ ନଷ୍ଟ କରିବାକୁ କାହାକୁ ଅନୁମତି ଦିଆଯିବ ନାହିଁ। ବ୍ରାହ୍ମଣୀ ଓ ବୈତରଣୀ ଅବବାହିକାରେ ବନ ସୁରକ୍ଷା ସମିତି (VSS) ଓ ସ୍ଥାନୀୟ ପଞ୍ଚାୟତର ପ୍ରତିନିଧିମାନଙ୍କୁ ସାମିଲ କରାଯାଇ ଜନସଚେତନତା ସୃଷ୍ଟି କରାଯାଉଛି।" ଏହି ଜାତୀୟ ଓ ସାମାଜିକ ସମ୍ପଦକୁ ସୁରକ୍ଷିତ ରଖିବା ପାଇଁ ସ୍ଥାନୀୟ ଜନସାଧାରଣ ବନବିଭାଗକୁ ତୁରନ୍ତ ଖବର ଦେବାକୁ ନିବେଦନ କରାଯାଇଛି।

ବୈରୀ ରେଳରାସ୍ତା ନିର୍ମାଣରେ ଠିକାଦାରର ମନମୁଖି ପାଇଁ ଲୋକେ ହନ୍ତସନ୍ତ


ବଡଚଣା:(ଆଦ୍ୟାଶା)ବିଶ୍ବଜିତ୍ ଖିଲାର୍:ପୂର୍ବତଟ ରେଳ ବିଭାଗ ଅଧୀନସ୍ଥ ବୈରୀ ରେଳରାସ୍ତା ତଥା ୧୬୯ ନମ୍ବର ଲେଭଲ କ୍ରସିଂ ହିଁ ପଶ୍ଚିମ ବଡଚଣାର ଏକମାତ୍ର ଯାତାୟାତ ପଥ। ଛତିଆ ଠାରୁ ଗନ୍ଧିଆ ଢେଙ୍କାନାଳ ପର୍ଯ୍ୟନ୍ତ ଏହା ଏକମାତ୍ର ଜରୁରୀକାଳୀନ ରାସ୍ତା ଭାବେ ପରିଚିତ। ଦୈନିକ ହଜାର ହଜାର ଲୋକ ବୈରୀ ରେଳ ଷ୍ଟେସନ ସହିତ ସ୍କୁଲ, କଲେଜ, ଡାକ୍ତରଖାନା ଏବଂ ୪ ଟି ଛୋଟବଡ କଳକାରଖାନାର ଶ୍ରମିକ କର୍ମଚାରୀ ଏହି ରାସ୍ତା ଦେଇ ଯାତାୟାତ କରୁଛନ୍ତି। ମୁଖ୍ୟ ବୈରୀ ବଜାର ଉପରେ ୨ଟି ବ୍ୟାଙ୍କ ଏବଂ ପୋଷ୍ଟ ଅଫିସ ରେ ଗ୍ରାହକ ସେବା ରେ ବାଧା ସୃଷ୍ଟି ହେଉଛି ଏବଂ ଡାଳିଜୋଡା ଜଙ୍ଗଲ ବିଭାଗ,ବୈରୀ ଥାନା ପେଟ୍ରୋଲିଂ ଗାଡି ମନ୍ଥର ଓ ଅଧାପାନ୍ତରିଆ ରାସ୍ତା କାମ ଯୋଗୁଁ ଲୋକଙ୍କୁ ସୁରକ୍ଷା ଦେବାରେ ବିଫଳ ହେଉଛନ୍ତି। ବର୍ଷ ବର୍ଷ ଧରି ବୈରୀ ଲେଭଲକ୍ରସିଂର ଦୁଇ ପାଖ ରାସ୍ତା ଖରାପ ହୋଇ ପଡିବା ଫଳରେ ପୁରୁଣା ଫାଣ୍ଡି ଛକରେ ଆଖପାଖର ବହୁ ମହିଳା ବଡଚଣା ବିଧାୟକ ଅମର କୁମାର ନାୟକଙ୍କୁ ଗୁହାରୀ କରିଥିଲେ। ବିଧାୟକ ଆପ୍ରାଣ ଚେଷ୍ଟା କରି ଦିଲ୍ଲୀ ମୁଖ୍ୟାଳୟରୁ ଏକ ସ୍ୱତନ୍ତ୍ର ଆଦେଶନାମା ଅନୁମୋଦନ କରି ରାସ୍ତାର ପୁନରୁଦ୍ଧାର ପାଇଁ ବ୍ୟୟ ମଞ୍ଜୁର କରାଇଥିଲେ। ରେଳ ବିଭାଗ ପକ୍ଷରୁ ସ୍ପଷ୍ଟ ଭାବରେ ୪୫ ଦିନ ଭିତରେ ସାଧାରଣ ଲୋକଙ୍କ ଯିବା ଆସିବା ଉପଯୋଗୀ ରାସ୍ତା ନିର୍ମାଣ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଅପରପକ୍ଷରେ ଠିକା ସଂସ୍ଥା ଗୁରୁତର ସହ ଯୁଦ୍ଧକାଳୀନ ଭିତ୍ତିରେ ରାସ୍ତା କାମ ନକରି କୁଜି ଠିକା ସଂସ୍ଥା ପରି ଧିରେ ଧିରେ କାମ କରୁଛି। ସମୟ ଯେତିକି ଗଡୁଛି ସମସ୍ୟା ସେତିକି ବଢୁଛି। ହାତଗଣତି ୨ଟି ଜେସିବି, ରୋଲର ସହିତ ୪ ଜଣ କର୍ମଚାରୀ କିପରି ରାସ୍ତା କାମ ନିର୍ଦ୍ଧାରିତ ସମୟରେ ସାରିବେ ସେ ନେଇ ସ୍ଥାନୀୟ ମହିଳା ପ୍ରଶ୍ନ କରିଛନ୍ତି।ଦୀପାବଳି ସହିତ ଗ୍ରାମର ବଡ ପୂଜା କାର୍ତ୍ତିକେଶ୍ୱର ମେଢ ଭଷାଣ ଉତ୍ସବ କିପରି ସୁରୁଖୁରୁରେ ଶେଷ ହେବ ସେ ନେଇ ପୂଜା କମିଟି ଚିନ୍ତାରେ ପଡିଛି। ଠିକା ସଂସ୍ଥା କାମ ଶେଷ କରିବା ପରିବର୍ତ୍ତେ କ୍ୟାମ୍ପରେ ପିକନିକ୍ ଉପଭୋଗ କରୁଥିବା ଅଭିଯୋଗ ହୋଇଛି।ନିର୍ଦ୍ଧାରିତ ସମୟରେ ରାସ୍ତା କାମ ଶେଷ ନହେଲେ ବାଧ ହୋଇ ସ୍ଥାନୀୟ ଲୋକେ ରାସ୍ତା ରୋକ କରିବାକୁ ଚେତାବନୀ ଦେଇଛନ୍ତି।



ଜିଲ୍ଲାରୁ ସିଧା ରିପୋର୍ଟ

ବଜାରରେ ଖୋଲାମେଲା ଏସିଡ୍ ବିକ୍ରି ବ୍ୟାନ୍ ଦାବି

ବଡଚଣା:(ଆଦ୍ୟାଶା):ବିଶ୍ବଜିତ୍ ଖିଲାର୍ : କିଛି ବି କଟକଣା ନାହିଁ ଚାହିଁଲେ ଯେ କେହି ଯେ କୌଣସି ସମୟରେ ଦୋକାନରୁ ଏସିଡ୍ କିଣି ନେଇପାରିବ। ନା ପରିଚୟ ପତ୍ର ଦରକାର, ନା କାରଣ ପଚରାଯାଉଛି, ନା ଖାତାରେ ନାଁ ଲେଖାଯାଉଛି। ହାର୍ଡୱେର୍ ଦୋକାନ ହେଉ କି କେମିକାଲ୍ ଦୋକାନ, ବାଥରୁମ୍ ସଫା କରିବା ନାଁରେ ବିଷ ମିଳୁଛି ହାତ ପାହାନ୍ତାରେ। ବଡଚଣାର ଚଣ୍ଡିଖୋଲ,ବାଲିଚନ୍ଦ୍ରପୁର,ଛତିଆ ରେ ପ୍ରମୁଖ ବଜାର ରହିଛି । ମାଳମାଳ ଦୋକାନ କଟକଣା କୁ ଫୁ କରି ବିକ୍ରି କରୁଛନ୍ତି ବିନାଶକାରୀ ଏସିଡ୍। ଏହି ଖୋଲା ବିକ୍ରି ହିଁ ଆଜି ବଡ ବିପଦ ପାଲଟିଛି। ଏସିଡ୍ ଯୋଗୁଁ ବିଭିନ୍ନ ଅପରାଧ ଘଟୁଛି। ସାମାନ୍ୟ କଳି-ଝଗଡା ହେଉ କି ଶତ୍ରୁତା, ପ୍ରତିଶୋଧ ନେବାର ସବୁଠୁ ସହଜ ଅସ୍ତ୍ର ହୋଇଗଲାଣି ଏସିଡ୍।ସବୁଠୁ ଅଧିକ ଶିକାର ହେଉଛନ୍ତି ମହିଳା। ବିଫଳ ପ୍ରେମୀକ ପ୍ରେମ ନିବେଦନ ପ୍ରତ୍ୟାଖ୍ୟାନ ହେଲେ ବିଫଳ ପ୍ରେମୀକ ମନରାଗ ଶୁଝାଉଛି ମହିଳାଙ୍କ ଶରୀରରେ ଏସିଡ୍ ଫୋପାଡ଼ି। ମୁହଁ ଜଳି ଯାଉଛି, ଚମଡା ବିକୃତ ହୋଇ ଯାଉଛି, ଆଖି ଯାଉଛି, କିନ୍ତୁ ସାରା ଜୀବନ ପାଇଁ ଯନ୍ତ୍ରଣା ରହି ଯାଉଛି। ଗୋଟିଏ ମୁହୂର୍ତ୍ତର ରାଗ ଏକ ଝିଅର ଭବିଷ୍ୟତକୁ ଅନ୍ଧାର କରି ଦେଉଛି।ଅଥଚ ନିୟମର ଅଭାବ ନାହିଁ ସୁପ୍ରିମ୍ କୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଏସିଡ୍ ବିକ୍ରି ପାଇଁ ଲାଇସେନ୍ସ ବାଧ୍ୟତାମୂଳକ, ୧୮ ବର୍ଷରୁ କମ୍ ବୟସକୁ ବିକ୍ରି ମନା, କ୍ରେତାଙ୍କ ପରିଚୟ ପତ୍ର ରଖିବା ବାଧ୍ୟତାମୂଳକ। କିନ୍ତୁ ବାସ୍ତବତା ହେଉଛି କାଗଜପତ୍ରରେ ନିୟମ ରହିଗଲା, ବଜାରରେ ଲାଗୁ ହେଲାନି। ସବୁ ନିୟମ ଥାଇ ମଧ୍ୟ ପ୍ରଶାସନ କୁମ୍ଭକର୍ଣ୍ଣ ନିଦ୍ରାରେ । ସ୍କୁଲ କଲେଜ ଛାତ୍ରଛାତ୍ରୀ ଙ୍କୁ କୌଣସି ପରିସ୍ଥିତିରେ ଏସିଡ୍ ବିକ୍ରି ପାଇଁ ବାରଣ ରହିଥିବା ବେଳେ ଦୋକନୀ ମାନୁ ନାହାଁନ୍ତି । ଅପରିଚିତ ଲୋକକୁ ମଧ୍ୟ ବିକ୍ରି କରି ହେବ ନାହିଁ ଏସିଡ୍ । ଦୋକାନରେ ଚଢ଼ାଉ ନାହିଁ, ଯାଞ୍ଚ ନାହିଁ, କାର୍ଯ୍ୟାନୁଷ୍ଠାନ ନାହିଁ ଫଳରେ ବେପାରୀ ବେପିକର, ଅପରାଧୀ ନିର୍ଭୟ।ଏବେ ସମୟ ଆସିଛି ପ୍ରଶାସନ ନିଦରୁ ଉଠିବାର। ଖୋଲାମେଲା ଏସିଡ୍ ବିକ୍ରି ଉପରେ ତୁରନ୍ତ ରୋକ୍ ଲଗାଯାଉ। ପ୍ରତି ଦୋକାନରେ ନିୟମିତ ଯାଞ୍ଚ ହେଉ, ବିନା ଲାଇସେନ୍ସରେ ବିକୁଥିବା ଦୋକାନ ବନ୍ଦ ହେଉ ବୋଲି ବହୁ ବୁଦ୍ଧିଜୀବୀ ଦାବି କରିଛନ୍ତି।



କୋରେଇ ନିର୍ବାଚନ ମଣ୍ଡଳୀରେ ଦଳବଦଳ ଚର୍ଚ୍ଚା

ପାଣିକୋଇଲି/କୋରେଇ:(ଆଦ୍ୟାଶା ଲାଇଭ୍): ଯାଜପୁର ଜିଲ୍ଲାର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ନିର୍ବାଚନ ମଣ୍ଡଳୀ କୋରେଇରେ ଏବେ ଦଳବଦଳ ଚର୍ଚ୍ଚା ରାଜନୈତିକ ପାରଦକୁ ବୃଦ୍ଧି କରିଛି। ଆଗାମୀ ସ୍ଥାନୀୟ ପଞ୍ଚାୟତ ଓ ପୌର ନିର୍ବାଚନ ସହ ସାଂଗଠନିକ ପୁନର୍ଗଠନକୁ ଦୃଷ୍ଟିରେ ରଖି ଅଞ୍ଚଳର କେତେକ ପ୍ରଭାବଶାଳୀ ପଞ୍ଚାୟତ ସ୍ତରୀୟ ନେତା, ସରପଞ୍ଚ, ସମିତି ସଭ୍ୟ ଏବଂ ପୂର୍ବତନ ଜନପ୍ରତିନିଧି ଦଳବଦଳ କରିବା ପାଇଁ ପ୍ରସ୍ତୁତ ହେଉଥିବା ନେଇ ଗୋପନୀୟ ଚର୍ଚ୍ଚା ଜୋର ଧରିଛି। ଗ୍ରାମାଞ୍ଚଳରେ ନିଜ ନିଜର ଦବ୍‌ଦବା ବଜାୟ ରଖିବା ପାଇଁ ବିଭିନ୍ନ ଦଳର ସଂଗଠକମାନେ ଅସନ୍ତୁଷ୍ଟ ନେତାମାନଙ୍କୁ ନିଜ ସପକ୍ଷକୁ ଆଣିବା ପାଇଁ ପରଦା ପଛରେ ଗୁପ୍ତ ବୈଠକ ଜାରି ରଖିଛନ୍ତି। ବିଶେଷ କରି କୋରେଇ, ପାଣିକୋଇଲି ଏବଂ ବ୍ୟାସନଗର ସଂଲଗ୍ନ ଗ୍ରାମପଞ୍ଚାୟତଗୁଡ଼ିକରେ କେତେକ ପୁରୁଖା ନେତା ଦଳୀୟ ଅବ his ପ୍ରତି ଅସନ୍ତୋଷ ପ୍ରକାଶ କରି ଅନ୍ୟ ଦଳର ଶୀର୍ଷ ନେତୃବୃନ୍ଦଙ୍କ ସହ ଯୋଗାଯୋଗରେ ଥିବା ଚର୍ଚ୍ଚା ହେଉଛି। ଏହି ସମ୍ଭାବ୍ୟ ଦଳବଦଳ ଚର୍ଚ୍ଚା ପରେ ବିଜେଡି, ବିଜେପି ଏବଂ କଂଗ୍ରେସ ପକ୍ଷରୁ ନିଜ ନିଜର କର୍ମୀ ଓ ଗଡ଼ ରକ୍ଷା କରିବା ପାଇଁ ଜରୁରୀ ସାଂଗଠନିକ ବୈଠକମାନ ଆହୂତ କରାଯାଉଛି। ତୃଣମୂଳ ସ୍ତରରେ କର୍ମୀଙ୍କ ଅସନ୍ତୋଷ ଦୂର କରିବା ସହ ଦଳୀୟ ଶୃଙ୍ଖଳା ବଜାୟ ରଖିବା ପାଇଁ ଦଳୀୟ ନେତାମାନେ ବ୍ୟକ୍ତିଗତ ଭାବେ ଆଲୋଚନା ଚଳାଇଛନ୍ତି। ଆଗାମୀ ଦିନରେ ଏହି ଦଳବଦଳ ନିର୍ବାଚନ ମଣ୍ଡଳୀର ରାଜନୈତିକ ସମୀକରଣରେ ଏକ ବଡ଼ ପରିବର୍ତ୍ତନ ଆଣିବ ବୋଲି ରାଜନୈତିକ ସମୀକ୍ଷକମାନେ ମତବ୍ୟକ୍ତ କରିଛନ୍ତି।

ଜମିହରାଙ୍କ ପକ୍ଷ ରଖିଲେ ସ୍ଥାନୀୟ ନେତା ଉଚିତ୍ କ୍ଷତିପୂରଣ ଓ ସୁରକ୍ଷା ନମିଳିଲେ କାମ ବନ୍ଦ ଚେତାବନୀ

ଚଣ୍ଡୀଖୋଲ/ଯାଜପୁର:(ଆଦ୍ୟାଶା ଲାଇଭ୍): ଚଣ୍ଡୀଖୋଲରୁ ପାରାଦୀପ ପର୍ଯ୍ୟନ୍ତ ଯାଇଥିବା ୫୩ ନମ୍ବର ଜାତୀୟ ରାଜପଥର (ଏନ୍‌ଏଚ୍-୫୩) ବହୁପ୍ରତୀକ୍ଷିତ ୮-ଲେନ୍ ସମ୍ପ୍ରସାରଣ କାର୍ଯ୍ୟକୁ ନେଇ ଚଣ୍ଡୀଖୋଲ ଓ ଆଖପାଖ ଅଞ୍ଚଳରେ ଅସନ୍ତୋଷର ନିଆଁ ଜଳିବାରେ ଲାଗିଛି। ରାସ୍ତା ନିର୍ମାଣ ପାଇଁ ଜମି ଓ ବାସଗୃହ ହରାଇଥିବା ଶହ ଶହ ବିସ୍ଥାପିତ ହିତାଧିକାରୀଙ୍କୁ ବର୍ତ୍ତମାନ ସୁଦ୍ଧା ସରକାରୀ ନିୟମାନୁସାରେ ଉଚିତ୍ କ୍ଷତିପୂରଣ ଓ ପୁନର୍ବାସ ସହାୟତା ମିଳିନଥିବା ଅଭିଯୋଗ କରି ସ୍ଥାନୀୟ ରାଜନୈତିକ ନେତୃବୃନ୍ଦ ପ୍ରଶାସନ ସମ୍ମୁଖରେ କଡ଼ା ଦାବି ଉପସ୍ଥାପନ କରିଛନ୍ତି। ସୂଚନାଯୋଗ୍ୟ ଯେ, ବାଣିଜ୍ୟିକ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ ଏହି ଜାତୀୟ ରାଜପଥର ପ୍ରଶସ୍ତୀକରଣ ପାଇଁ ଚଣ୍ଡୀଖୋଲ, ଧର୍ମଶାଳା ଏବଂ ବଡ଼ଚଣା ଅଞ୍ଚଳର ବହୁ ଚାଷୀ, ବ୍ୟବସାୟୀ ଓ ନିର୍ଦ୍ଦିଷ୍ଟ ଗ୍ରାମବାସୀଙ୍କ ଜମି ଏବଂ ଦୋକାନଗୃହ ଅଧିଗ୍ରହଣ କରାଯାଇଛି। ମାତ୍ର ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (NHAI) ଏବଂ ଜିଲ୍ଲା ରାଜସ୍ୱ ବିଭାଗ ମଧ୍ୟରେ ସମନ୍ୱୟ ଅଭାବରୁ ବହୁ ଜମିହରା ପରିବାରକୁ ସରକାରୀ ଆକଳନ ଅନୁଯାୟୀ ମୂଲ୍ୟ ଦିଆଯାଇ ନାହିଁ। କେତେକ ସ୍ଥାନରେ ବିନା ନୋଟିସରେ ଏବଂ ସମ୍ପୂର୍ଣ୍ଣ ପ୍ରାପ୍ୟ ପରିଶୋଧ ନକରି ଭଙ୍ଗାରୁଜା କରାଯାଉଥିବାରୁ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଗଭୀର ଆଶଙ୍କା ସୃଷ୍ଟି ହୋଇଛି। ଏହି ସଂକ୍ରାନ୍ତରେ ସ୍ଥାନୀୟ ବିଧାୟକ, ପ୍ରାକ୍ତନ ଜନପ୍ରତିନିଧି ଏବଂ ବିଭିନ୍ନ ଦଳର ଶୀର୍ଷ ନେତାମାନେ ଏକାଠି ହୋଇ ଜିଲ୍ଲାପାଳ, ଉପଜିଲ୍ଲାପାଳ ଏବଂ ଏନ୍‌ଏଚ୍‌ଏଆଇ (NHAI) ଅଧିକାରୀଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ଭାଗ ନେଇଥିଲେ। ନେତୃବୃନ୍ଦ ଦାବି କରିଛନ୍ତି ଯେ: ସରକାରୀ ହାର ଅନୁଯାୟୀ କ୍ଷତିପୂରଣ: ପ୍ରଚଳିତ ବଜାର ମୂଲ୍ୟ ଏବଂ ଜମି ଅଧିଗ୍ରହଣ ଆଇନ ଅନୁସାରେ ଜମିହରାଙ୍କୁ ତୁରନ୍ତ ସମ୍ପୂର୍ଣ୍ଣ ଅର୍ଥ ପ୍ରଦାନ କରାଯାଉ। ଅଣ୍ଡରପାସ୍ ଓ ଡ୍ରେନେଜ୍ ବ୍ୟବସ୍ଥା: ସ୍ଥାନୀୟ ଲୋକଙ୍କ ଆସିବା-ଯିବା ପାଇଁ ଆବଶ୍ୟକ ସ୍ଥାନରେ ସର୍ଭିସ୍ ରୋଡ୍, ଜନସାଧାରଣଙ୍କ ସୁରକ୍ଷା ପାଇଁ ଆଣ୍ଡରପାସ୍ ଏବଂ ବର୍ଷା ଜଳ ନିଷ୍କାସନ ପାଇଁ ପକ୍କା ଡ୍ରେନ୍ ନିର୍ମାଣ କରାଯାଉ। ଛୋଟ ବ୍ୟବସାୟୀଙ୍କୁ ପୁନର୍ବାସ: ରାସ୍ତା କଡ଼ରେ ଦୀର୍ଘ ଦିନରୁ ଦୋକାନ କରି ଗୁଜରାଣ ମେଣ୍ଟାଉଥିବା କ୍ଷୁଦ୍ର ବ୍ୟବସାୟୀଙ୍କୁ ନୂତନ ସ୍ଥାନରେ ବିକଳ୍ପ ସ୍ଥାନ ଯୋଗାଇ ଦିଆଯାଉ। ସ୍ଥାନୀୟ ନେତାମାନେ ପ୍ରଶାସନକୁ ଚେତାବନୀ ଦେଇଛନ୍ତି ଯେ, ଯଦି ପ୍ରଥମେ ଜମିହରା ଓ କ୍ଷତିଗ୍ରସ୍ତଙ୍କ ସମସ୍ୟାର ସ୍ଥାୟୀ ସମାଧାନ ନହୁଏ ଏବଂ ବାକି ଥିବା ପ୍ରାପ୍ୟ ଅର୍ଥ ପ୍ରଦାନ କରାନଯାଏ, ତେବେ ଗ୍ରାମବାସୀଙ୍କୁ ସାଙ୍ଗରେ ନେଇ ଚଣ୍ଡୀଖୋଲଠାରେ ଚାଲିଥିବା ରାସ୍ତା ସମ୍ପ୍ରସାରଣ କାମକୁ ସମ୍ପୂର୍ଣ୍ଣ ବନ୍ଦ କରିଦିଆଯିବ। ଅନ୍ୟପଟେ, ଜିଲ୍ଲା ପ୍ରଶାସନ ଓ NHAI କର୍ତ୍ତୃପକ୍ଷ ଜମିହରାଙ୍କ ଦାବିଗଡିକ ସାନଭତିର ସହ ବିଚାର କରି ତରନ୍ତ ପଦକ୍ଷେପ ନେବାକ ଆଶାସନା ଦେଇଛନ୍ତି।

ମାଟିର ଖବର

ବିଦ୍ୟୁତ ବିଭାଗ ପକ୍ଷରୁ ଦୁର୍ନୀତି ବିରୋଧୀ ସଂକଳ୍ପ ସଭା



ବିଞ୍ଝାରପୁର:୨୭/୧୦:ଦୁର୍ନୀତିମୁକ୍ତ ପ୍ରଶାସନ ଓ ସ୍ୱଚ୍ଛ ସେବା ପ୍ରଦାନ ନେଇ ଯାଜପୁର ରୋଡ୍ ବିଦ୍ୟୁତ ବିଭାଗ ପକ୍ଷରୁ ଚାଲିଥିବା 'ଦୁର୍ନୀତି ନିବାରଣ ସପ୍ତାହ' ଅବସରରେ ଏକ ବ୍ୟାପକ ସଚେତନତା ଓ ସଂକଳ୍ପ ସଭା ଅନୁଷ୍ଠିତ ହୋଇଯାଇଛି। ସମାଜର ପ୍ରତ୍ୟେକ କ୍ଷେତ୍ରରେ ସଚ୍ଚୋଟତା, ନୈତିକତା ଓ ସ୍ୱଚ୍ଛତା ବଜାୟ ରଖିବା ସହ ଦୁର୍ନୀତି ବିରୋଧରେ ବ୍ୟାପକ ଜନସଚେତନତା ସୃଷ୍ଟି କରିବା ଏହି ସଭାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ସ୍ଥାନୀୟ ପ୍ରଧାନ ଶିକ୍ଷୟିତ୍ରୀ ସାଗରିକା ନାଥଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଂକଳ୍ପ ସଭାରେ ଯାଜପୁର ରୋଡ୍ ବିଦ୍ୟୁତ ବିଭାଗର ଅଧିକାରୀ, କର୍ମଚାରୀଙ୍କ ସମେତ ଭିଜିଲାନ୍ସ ବିଭାଗର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପାର୍ଥ ସାରଥୀ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସଭାରେ ମୁଖ୍ୟ ଅତିଥି ଶ୍ରୀ ଦାସ ନିଜ ବକ୍ତବ୍ୟରେ କହିଥିଲେ ଯେ, "ଦୁର୍ନୀତିମୁକ୍ତ ସମାଜ ଗଠନ ଓ କେବଳ କୌଣସି ଗୋଟିଏ ବିଭାଗ କିମ୍ବା ସଂସ୍ଥାର ଦାୟିତ୍ୱ ନୁହେଁ, ଏଥିପାଇଁ ସମାଜର ପ୍ରତ୍ୟେକ ନାଗରିକଙ୍କ ସହଯୋଗ ଓ ଦୃଢ଼ ଇଚ୍ଛାଶକ୍ତି ଅତ୍ୟନ୍ତ ଆବଶ୍ୟକ। ସରକାରୀ ସେବା ପ୍ରଦାନରେ ସ୍ୱଚ୍ଛତା ରଖିବା ସହ କୌଣସି ବି ଅସାଧୁ ଉପାୟକୁ ପ୍ରଶ୍ରୟ ନଦେବା ପାଇଁ ସମସ୍ତେ ଆଗେଇ ଆସିବା ଉଚିତ୍।" ସଭାପତିତ୍ୱ କରୁଥିବା ପ୍ରଧାନ ଶିକ୍ଷୟିତ୍ରୀ ସାଗରିକା ନାଥ ନିଜ ଅଭିଭାଷଣରେ ସଚେତନତାର ଗୁରୁତ୍ୱ ଉପରେ ଆଲୋକପାତ କରି କହିଥିଲେ ଯେ, "ଶିକ୍ଷା ଓ ସଚେତନତା ହେଉଛି ଦୁର୍ନୀତି ବିରୋଧୀ ଲଢ଼େଇର ମୁଖ୍ୟ ଅସ୍ତ୍ର। ସମାଜକୁ ଦୁର୍ନୀତିମୁକ୍ତ କରିବାକୁ ହେଲେ ପ୍ରଥମେ ନିଜ ମଧ୍ୟରେ ଓ ପରିବାରରେ ସଚ୍ଚୋଟତାର ସଂସ୍କାର ଆଣିବାକୁ ପଡ଼ିବ।" ଏହି ସ୍ୱତନ୍ତ୍ର ସଭାରେ ଉପସ୍ଥିତ ଥିବା ସମସ୍ତ ବିଦ୍ୟୁତ ବିଭାଗୀୟ କର୍ମଚାରୀ, ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ବୁଦ୍ଧିଜୀବୀମାନେ ନିଜ ନିଜ କାର୍ଯ୍ୟକ୍ଷେତ୍ରରେ ନିଷ୍ଠା ଓ ସ୍ୱଚ୍ଛତା ବଜାୟ ରଖିବା ସହ ଦୁର୍ନୀତି ବିରୋଧରେ ଏକଜୁଟ ହୋଇ କାର୍ଯ୍ୟ କରିବାକୁ ଶପଥ ପାଠ କରିଥିଲେ। ସରକାରୀ ସେବାକୁ ଲୋକଙ୍କ ପାଖରେ ବିନା କୌଣସି ଅନିୟମିତତାରେ ପହଞ୍ଚାଇବା ପାଇଁ ଆହ୍ୱାନ ଦିଆଯାଇଥିଲା।

ଜନମତ

ବିଜେପିର ବିଶାଳ ସଦସ୍ୟତା ସଂଗ୍ରହ ଅଭିଯାନ:

ବ୍ୟାସନଗର/ଯାଜପୁର:(ଆଦ୍ୟାଶା ଲାଇଭ୍): ଯାଜପୁର ଜିଲ୍ଲାର ପ୍ରମୁଖ ବାଣିଜ୍ୟିକ ସହର ବ୍ୟାସନଗର (ଯାଜପୁର ରୋଡ୍) ଠାରେ ଭାରତୀୟ ଜନତା ପାର୍ଟି (ବିଜେପି) ପକ୍ଷରୁ ଏକ ବିଶାଳ ସଦସ୍ୟତା ସଂଗ୍ରହ ଅଭିଯାନ ଓ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ସ୍ଥାନୀୟ ନିର୍ବାଚନକୁ ଆଖିଆଗରେ ରଖି ଦଳୀୟ ସଂଗଠନକୁ ଗ୍ରାମାଞ୍ଚଳରୁ ସହରାଞ୍ଚଳ ପର୍ଯ୍ୟନ୍ତ ଶାଣିତ ଓ ସୁଦୃଢ଼ କରିବା ଲକ୍ଷ୍ୟରେ ଆୟୋଜିତ ଏହି ସମାବେଶରେ ଶହ ଶହ ଦଳୀୟ ନେତା, କାର୍ଯ୍ୟକର୍ତ୍ତା ଓ ସ୍ଥାନୀୟ ଜନସାଧାରଣ ଯୋଗଦେଇଥିଲେ। ସମାବେଶକୁ ଉଦ୍‌ଘାଟନ କରି ଜିଲ୍ଲା ଓ ରାଜ୍ୟ ସ୍ତରୀୟ ଶୀର୍ଷ ନେତୃବୃନ୍ଦ କହିଥିଲେ ଯେ, କେନ୍ଦ୍ର ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା, ବିକାଶମୂଳକ କାର୍ଯ୍ୟ ଏବଂ ସୁଶାସନର ବାର୍ତ୍ତା ଜିଲ୍ଲାର ପ୍ରତ୍ୟେକ ପରିବାର ପାଖରେ ପହଞ୍ଚାଇବା ପାଇଁ ଦଳ ପ୍ରତିବଦ୍ଧ। ବ୍ୟାସନଗର ପୌରାଞ୍ଚଳ ସମେତ ଆଖପାଖ ବ୍ଲକଗୁଡ଼ିକରେ ପ୍ରତ୍ୟେକ ବୁଥ୍ ସ୍ତରରେ ନୂତନ ସଦସ୍ୟ ଯୋଡ଼ିବା ପାଇଁ ବ୍ୟାପକ ସଂକଳ୍ପ ନିଆଯାଇଛି। ଏହି କାର୍ଯ୍ୟକ୍ରମରେ ବହୁସଂଖ୍ୟାରେ ଯୁବକ, ମହିଳା ଓ ବିଭିନ୍ନ ବର୍ଗର ଲୋକମାନେ ଆନୁଷ୍ଠାନିକ ଭାବେ ବିଜେପିର ପ୍ରାଥମିକ ସଦସ୍ୟତା ଗ୍ରହଣ କରିଛନ୍ତି। ସଭାରେ ବକ୍ତାମାନେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସମସ୍ୟା, ସ୍ୱାସ୍ଥ୍ୟ, ପାନୀୟ ଜଳ, ଏବଂ ପ୍ରଶାସନିକ କ୍ଷେତ୍ରରେ ହେଉଥିବା ବିଳମ୍ବକୁ ନେଇ କଡ଼ା ସମାଲୋଚନା କରିଥିଲେ। ତୃଣମୂଳ ସ୍ତରରେ ବିଜେପିର ସଙ୍ଗଠନକୁ ଅଧିକ ଶକ୍ତିଶାଳୀ କରିବା ସହ ଆଗାମୀ ଦିନରେ ବ୍ୟାସନଗର ଅଞ୍ଚଳର ବିକାଶ ପାଇଁ ଏହି ସଦସ୍ୟତା ଅଭିଯାନ ନିର୍ଣ୍ଣାୟକ ମୋଡ଼ ନେବ ବୋଲି ଦଳୀୟ ନେତାମାନେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମ ଶେଷରେ ଏକ ମୋଟରସାଇକେଲ ରାଲି ମାଧ୍ୟମରେ ସହର ପରିକ୍ରମା କରାଯାଇ ଶକ୍ତି ପ୍ରଦର୍ଶନ କରାଯାଇଥିଲା।

ବିକାଶ ପ୍ରକଳ୍ପ ଓ ନଗର ସେବାକୁ ନେଇ କାଉନସିଲରଙ୍କ ହଙ୍ଗାମା

ଯାଜପୁର: ୨୮ ଅକ୍ଟୋବର (ଆଦ୍ୟାଶା ଲାଇଭ୍): ଯାଜପୁର ମ୍ୟୁନିସିପାଲିଟି ପରିଷଦ ଗୃହଠାରେ ନଗର ବିକାଶ ପ୍ରକଳ୍ପ, ପରିଷ୍କାର-ପରିଚ୍ଛନ୍ନତା ଏବଂ ନଗର ସେବା ପ୍ରଦାନକୁ ନେଇ ଆହୂତ ସାଧାରଣ ବୈଠକରେ ପ୍ରବଳ ହଙ୍ଗାମା ଓ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ପୌରାଞ୍ଚଳର ଏକାଧିକ ୱାର୍ଡରେ ବିଫଳ ଡ୍ରେନେଜ୍ ସିଷ୍ଟମ୍, ରାସ୍ତା ଆଲୋକୀକରଣରେ ଅବହେଳା, କଚ୍ଚା ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା ଏବଂ ମୌଳିକ ନଗର ସେବାର ଶୋଚନୀୟତାକୁ ନେଇ କାଉନସିଲରମାନେ ଗୃହ ମଧ୍ୟରେ ତୀବ୍ର ବିରୋଧ ପ୍ରଦର୍ଶନ କରିବା ସହ ଧାରଣାରେ ବସିଥିଲେ।ବୈଠକ ଆରମ୍ଭରୁ ହିଁ ବିରୋଧୀ କାଉନସିଲରମାନଙ୍କ ସହ କେତେକ ସ୍ୱାଧୀନ ପ୍ରତିନିଧି ମ୍ୟୁନିସିପାଲିଟି ପରିଷଦର କାର୍ଯ୍ୟଶୈଳୀ ଓ ପ୍ରଶାସନିକ ନୀତିକୁ ନେଇ କ୍ଷୋଭ ପ୍ରକାଶ କରିଥିଲେ। ସେମାନେ ଗମ୍ଭୀର ଅଭିଯୋଗ ଆଣି କହିଛନ୍ତି ଯେ, ପୌରାଞ୍ଚଳସ୍ଥ ବିଭିନ୍ନ ୱାର୍ଡଗୁଡ଼ିକରେ ଉନ୍ନୟନମୂଳକ କାର୍ଯ୍ୟ ତଥା ମୌଳିକ ସୁବିଧା ପାଇଁ ବରାଦ କରାଯାଉଥିବା ସରକାରୀ ଫଣ୍ଡର ସମାନ ଓ ସ୍ୱଚ୍ଛ ବଣ୍ଟନ ହେଉନାହିଁ। କେତେକ ପ୍ରଭାବଶାଳୀ ୱାର୍ଡକୁ ଅଧିକ ଅନୁଦାନ ମିଳୁଥିବା ବେଳେ ଅନ୍ୟ କେତେକ ଗୁରୁତ୍ୱପୂର୍ଣ୍ଣ ୱାର୍ଡରେ ଡ୍ରେନେଜ୍ ସଫେଇ, ସଠିକ୍ ବର୍ଜ୍ୟବସ୍ତୁ ପରିଚାଳନା ନହେବା ଏବଂ ବର୍ଷାଜମି ସମସ୍ୟା ଯୋଗୁଁ ସାଧାରଣ ନାଗରିକମାନେ ଦୈନନ୍ଦିନ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାସହ ନୂତନ ବିକାଶ ପ୍ରକଳ୍ପଗୁଡ଼ିକର ଟେଣ୍ଡର ପ୍ରକ୍ରିୟା, ଇଞ୍ଜିନିୟରିଂ କାର୍ଯ୍ୟ ଏବଂ ମଞ୍ଜୁରୀ କାର୍ଯ୍ୟରେ ଅହେତୁକ ବିଳମ୍ବ ହେଉଥିବା ନେଇ ଉତ୍ତ୍ୟକ୍ତ କାଉନସିଲରମାନେ ଗୃହର ମଧ୍ୟଭାଗକୁ ମାଡ଼ିଆସି ଜୋରଦାର ନାରାବାଜି କରିଥିଲେ।ଏହି ପରିସ୍ଥିତିରେ ପୌର ଅଧ୍ୟକ୍ଷା ଓ ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଉତ୍ତ୍ୟକ୍ତ କାଉନସିଲରମାନଙ୍କୁ ବୁଝାସୁଝା କରିବା ସହ ଆଗାମୀ ଦିନରେ ସମସ୍ତ ୱାର୍ଡରେ ସମାନ ଭାବେ ମୌଳିକ ସୁବିଧାସୁଯୋଗ ଓ ପାଣ୍ଠି ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ହେଁ, ବୈଠକରେ ପରିସ୍ଥିତି କିଛି ସମୟ ପାଇଁ ବେଶ୍ ଉତ୍ତେଜନାପୂର୍ଣ୍ଣ ରହିଥିଲା। ଯଦି ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ୱାର୍ଡୱାରୀ ସମସ୍ୟାର ସ୍ଥାୟୀ ସମାଧାନ ନହୁଏ ଏବଂ ବିକାଶ ପ୍ରକଳ୍ପଗୁଡ଼ିକ ସ୍ୱଚ୍ଛତା ଓ ଗୁଣବତ୍ତା ସହ କାର୍ଯ୍ୟକାରୀ ନହୁଏ, ତେବେ ଆଗାମୀ ଦିନରେ ବାଧ ହୋଇ ପୌର କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆମରଣ ଅନସନ ଓ ଧାରଣା ଦିଆଯିବ ବୋଲି କାଉନସିଲରମାନେ କଡ଼ା ଚେତାବନୀ ଦେଇଛନ୍ତି।

ଶାସକ ଓ ବିରୋଧୀ ଶିବିର ମଧ୍ୟରେ ଘନେଇଲା ସାଂଗଠନିକ ଲଢ଼େଇ

ଯାଜପୁର:୨୮ ଅକ୍ଟୋବର (ଆଦ୍ୟାଶା ଲାଇଭ୍): ଐତିହାସିକ, ସାଂସ୍କୃତିକ ତଥା ଉଦ୍ୟୋଗିକ ଭିତ୍ତିଭୂମିସମ୍ପନ୍ନ ପ୍ରମୁଖ ଜିଲ୍ଲା ଯାଜପୁରରେ ଆଗାମୀ ସ୍ଥାନୀୟ ନିର୍ବାଚନକୁ ଆଖିଆଗରେ ରଖି ରାଜନୈତିକ ସୀମାସରହଦ ଏବଂ ପ୍ରଭାବ ବିସ୍ତାରକୁ ନେଇ ଚଳଚଞ୍ଚଳତା ଅତ୍ୟନ୍ତ ବୃଦ୍ଧି ପାଇଛି। ଜିଲ୍ଲା ସଦର ମହକୁମା ସମେତ ବିଞ୍ଝାରପୁର, ଧର୍ମଶାଳା, ସୁକିନ୍ଦା, ବରୀ, କୋରେଇ ଓ ବଡ଼ଚଣା ପରି ପ୍ରମୁଖ ନିର୍ବାଚନମଣ୍ଡଳୀଗୁଡ଼ିକରେ ଶାସକ ଭାରତୀୟ ଜନତା ଦଳ (ବିଜେପି) ଏବଂ ମୁଖ୍ୟ ବିରୋଧୀ ବିଜୁ ଜନତା ଦଳ (ବିଜେଡି) ମଧ୍ୟରେ ସାଂଗଠନିକ ବାକ୍‌ଯୁଦ୍ଧ, କୂଟନୈତିକ ରଣନୀତି ଏବଂ ଶକ୍ତି ପ୍ରଦର୍ଶନର ପ୍ରତିଯୋଗିତା ଚରମ ସୀମାରେ ପହଞ୍ଚିଛି।ଗ୍ରାମାଞ୍ଚଳ ଏବଂ ତୃଣମୂଳ ସ୍ତରରେ ନିଜ ନିଜର ପାରମ୍ପରିକ ଦଳୀୟ ଗଡ଼କୁ ସୁରକ୍ଷିତ ରଖିବା ସହ ସଂଗଠନକୁ ଅଧିକ ମଜଭୁତ କରିବା ପାଇଁ ଉଭୟ ଶାସକ ଓ ବିରୋଧୀ ଶିବିର ପକ୍ଷରୁ ବ୍ଲକ୍, ପଞ୍ଚାୟତ ତଥା ୱାର୍ଡ ସ୍ତରୀୟ କର୍ମୀ ସମ୍ମିଳନୀ, ମିଶ୍ରଣ ପର୍ବ ଏବଂ ଜନ ସମ୍ପର୍କ ଯାତ୍ରାମାନ ବ୍ୟାପକ ଭାବେ ଆୟୋଜନ କରାଯାଉଛି। ଶାସକ ବିଜେପି ଶିବିର ପକ୍ଷରୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା, ବିଶେଷକରି କଳିଙ୍ଗନଗର ଶିଳ୍ପାଞ୍ଚଳର ଉନ୍ନତି, ଯୁବକମାନଙ୍କ ପାଇଁ ରୋଜଗାର ଏବଂ ବ୍ୟାପକ ବିକାଶମୂଳକ କାର୍ଯ୍ୟକ୍ରମକୁ ଘରକୁ ଘର ପହଞ୍ଚାଇବା ପାଇଁ ଏକ ସୁଚିନ୍ତିତ ରଣନୀତି ପ୍ରସ୍ତୁତ କରାଯାଉଛି। ଅନ୍ୟପକ୍ଷରେ, ବିଜେଡି ପକ୍ଷରୁ ସ୍ଥାନୀୟ ଜନସାଧାରଣଙ୍କ ମୌଳିକ ସମସ୍ୟା, ଧାନ ମଣ୍ଡି ପରିଚାଳନାରେ ଅବହେଳା, ବେକାରୀ ଏବଂ ସ୍ୱାସ୍ଥ୍ୟ ସେବାର ବିପର୍ଯ୍ୟୟକୁ ମୁଖ୍ୟ ପ୍ରସଙ୍ଗ କରି ଶାସକ ଦଳକୁ ଘେରିବା ପାଇଁ ଜିଲ୍ଲାବ୍ୟାପୀ ବ୍ୟାପକ ସାଂଗଠନିକ ବୈଠକ ଓ ପ୍ରତିବାଦ ସଭାମାନ କରାଯାଉଛି।ବିଶେଷକରି ଧର୍ମଶାଳା ଓ ସୁକିନ୍ଦା ପରି ହାଇ-ଭୋଲ୍ଟେଜ୍ ନିର୍ବାଚନମଣ୍ଡଳୀଗୁଡ଼ିକରେ ନେତା ଓ କର୍ମୀମାନଙ୍କ ମଧ୍ୟରେ ଶକ୍ତି ପ୍ରଦର୍ଶନକୁ ନେଇ ପ୍ରତିବାଦ, ସୋସିଆଲ୍ ମିଡିଆରେ ପାଲଟା ଆକ୍ରମଣ ଏବଂ ଗ୍ରାମପଞ୍ଚାୟତ ସ୍ତରରେ ଦଳ ବଦଳର ଚଳପ୍ରଚଳ ସ୍ଥାନୀୟ ରାଜନୀତିକୁ ଆହୁରି ଅଧିକ ସରଗରମ କରିଦେଇଛି। ଏହି ପ୍ରତିଯୋଗିତାରେ ପଛରେ ନରହି ଜିଲ୍ଲା କଂଗ୍ରେସ କମିଟି ମଧ୍ୟ ଚାଷୀଙ୍କ ସମସ୍ୟା, ସାର ଓ ବିଜୁଳି ଦର ବୃଦ୍ଧି ଏବଂ ବେକାରୀ ପ୍ରସଙ୍ଗକୁ ଆଧାର କରି ନିଜର ଆନ୍ଦୋଳନାତ୍ମକ ପନ୍ଥା ଓ ପଦଯାତ୍ରା ଜାରି ରଖିଛି। ଆଗାମୀ ପଞ୍ଚାୟତ ଓ ସ୍ଥାନୀୟ ସଂସ୍ଥା ନିର୍ବାଚନ ପୂର୍ବରୁ ଯାଜପୁର ଜିଲ୍ଲା ରାଜନୀତିରେ ନିଜର ସର୍ବୋଚ୍ଚ ପ୍ରଭାବ ଓ ଅଧିକାର ପ୍ରତିଷ୍ଠା କରିବା ପାଇଁ ବିଭିନ୍ନ ଦଳର ଶୀର୍ଷ ନେତୃବୃନ୍ଦ ପ୍ରତ୍ୟେକ ବ୍ଲକରେ ନୂତନ ସଦସ୍ୟ ସଂଗ୍ରହ ଏବଂ ରଣନୈତିକ ସାଂଗଠନିକ ଅଦଳବଦଳ ପାଇଁ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରିଛନ୍ତି, ଯାହାଫଳରେ ସମଗ୍ର ଯାଜପୁର ଜିଲ୍ଲାର ରାଜନୈତିକ ସମୀକରଣ ଏବେ ଅତ୍ୟନ୍ତ ରୋମାଞ୍ଚକର ଓ ଜଟିଳ ହୋଇଉଠିଛି।

ଆଦ୍ୟାଶା ADYASHA
ରାଜ୍ୟ
PRGI No. ORORI/25/A0506 | Daily Edition | Email : adyashalive@gmail.com
BHUBANESWAR | Vol. 02 | Issue 12 | ଗୁରୁବାର, ୨୯ ଅକ୍ଟୋବର ୨୦୨୬ | ପୃଷ୍ଠା ୦୫ | Rs. 7

ଆଜିର ପ୍ରମୁଖ

ଗଜପତି ଜିଲ୍ଲାରେ ବେଆଇନ ଗଞ୍ଜେଇ ଚାଷ ଓ ଆଇନ ଶୃଙ୍ଖଳା ପ୍ରସଙ୍ଗ

ପାରଳାଖେମୁଣ୍ଡି/ଆଡ଼ବା: ଗଜପତି ଜିଲ୍ଲାର ଅତି ଦୁର୍ଗମ ପାହାଡ଼ିଆ ଅଞ୍ଚଳରେ ବ୍ୟାପକ ଭାବେ ଏବଂ ବେଧଡ଼କ ଭାବେ ଚାଲିଥିବା ବେଆଇନ ଗଞ୍ଜେଇ ଚାଷ ଏବଂ ଏହାକୁ କେନ୍ଦ୍ର କରି ଦିନକୁ ଦିନ ଜଟିଳ ହେଉଥିବା ଆଇନ ଶୃଙ୍ଖଳା ପରିସ୍ଥିତିକୁ ନେଇ ଜିଲ୍ଲାର ରାଜନୈତିକ ପାରଦ ଏବେଚରମ ସୀମାରେ ପହଞ୍ଚିଛି। ବିରୋଧୀ ରାଜନୈତିକ ଦଳଗୁଡ଼ିକ ସମେତ ବିଭିନ୍ନ ସାମାଜିକ ସଂଗଠନ ପକ୍ଷରୁ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନର କାର୍ଯ୍ୟଶୈଳୀକୁ ନେଇ କଡ଼ା ସମାଲୋଚନା କରାଯାଇଛି। ସୀମାନ୍ତବର୍ତ୍ତୀ ଏବଂ ଅଭ୍ୟନ୍ତରୀଣ ବନାଞ୍ଚଳରେ ନିଶା ମାଫିଆଙ୍କ ପ୍ରାଦୁର୍ଭାବ ଓ ଦୌରାତ୍ମ୍ୟ ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ପ୍ରଶାସନିକ ସ୍ତରରେ ଦୃଢ଼ କାର୍ଯ୍ୟାନୁଷ୍ଠାନର ଅଭାବରୁ ଯୁବପିଢ଼ି ନିଶାଗ୍ରସ୍ତ ହୋଇ ପଥଭ୍ରଷ୍ଟ ହେଉଥିବା ନେଇ ଗମ୍ଭୀର ଅଭିଯୋଗ ହୋଇଛି।ବିଭାଗୀୟ ସୂଚନା ମୁତାବକ, ଗଜପତି ଜିଲ୍ଲାର ମୋହନା, ଆର.ଉଦୟଗିରି, ଗୁମ୍ମା ଏବଂ ଆଡ଼ବା ଅଞ୍ଚଳର କେତେକ ଦୁର୍ଗମ ଜଙ୍ଗଲ ଓ ଦୁର୍ଗମ ପାହାଡ଼ଖାନ୍ଦରେ ପୋଲିସ ଓ ଅବକାରୀ ବିଭାଗ ମିଳିତ ସ୍ତରରେ ସମୟ ସମୟରେ ଗଞ୍ଜେଇ ନଷ୍ଟ ଅଭିଯାନ (Destroy Operation) କରୁଥିଲେ ମଧ୍ୟ ମୂଳରୁ ଏହାର ବ୍ୟବସାୟିକ ନିୟନ୍ତ୍ରଣ କରାଯାଇ ପାରୁନାହିଁ। ବିଶେଷ କରି ପଡ଼ୋଶୀ ରାଜ୍ୟର ବଡ଼ ବଡ଼ ନିଶା ମାଫିଆମାନେ ସ୍ଥାନୀୟ ଅଞ୍ଚଳର ଅବୋଧ ଓ ଆର୍ଥିକ ଅନଗ୍ରସର ଗରୀବ ଆଦିବାସୀମାନଙ୍କୁ ମୋଟା ଅଙ୍କର ପ୍ରଲୋଭନ ଦେଖାଇ ଏହି ବେଆଇନ ଗଞ୍ଜେଇ ଚାଷ କରାଉଥିବା ସାମାଜିକ ଅନୁସନ୍ଧାନରୁ ଜଣାପଡ଼ିଛି।ଏହି ପ୍ରସଙ୍ଗରେ ବିରୋଧୀ ଦଳର ପ୍ରମୁଖ ନେତୃବୃନ୍ଦ ପ୍ରଶ୍ନ କରିଛନ୍ତି ଯେ, ଯଦି ଜିଲ୍ଲାରେ କୋଟି କୋଟି ଟଙ୍କାର ଗଞ୍ଜେଇ କାରବାର ନିରନ୍ତର ବୃଦ୍ଧି ପାଉଛି, ତେବେ ପୋଲିସ ଓ ପ୍ରଶାସନ କାହିଁକି ଏହି ସାମ୍ରାଜ୍ୟର ମୂଳଉତ୍ପାଟନ କରିବାରେ ଏବଂ ବଡ଼ ବଡ଼ ସିଣ୍ଡି-ମାଫିଆଙ୍କୁ ଧରିବାରେ ସଫଳ ହେଉନାହିଁ? ସୀମାନ୍ତବର୍ତ୍ତୀ ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକରେ କଡ଼ାକଡ଼ି ପାଟ୍ରୋଲିଂ ଏବଂ ଇଣ୍ଟେଲିଜେନ୍ସ ନେଟୱାର୍କ ମଜଭୁତ କରା ନଗଲେ ଆଗାମୀ ଦିନରେ ଆଇନ ଶୃଙ୍ଖଳା ପରିସ୍ଥିତି ଆହୁରି ଅଧିକ ବିପଜ୍ଜନକ ହୋଇପଡ଼ିବ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମହଲରୁ ଦୃଢ଼ ଚେତାବନୀ ଦିଆଯାଇଛି। ଅନ୍ୟପକ୍ଷରେ, ପୋଲିସ ପ୍ରଶାସନ ପକ୍ଷରୁ ସଫେଇ ଦିଆଯାଇ କୁହାଯାଇଛି ଯେ, ବେଆଇନ ନିଶା କାରବାର ବିରୋଧରେ ଜିରୋ ଟଲରେନ୍ସ ନୀତି ଆପଣାଯାଇ କଠୋରରୁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ଏବଂ ଆଗାମୀ ଦିନରେ ଏହି ଅଭିଯାନକୁ ଆହୁରି ବ୍ୟାପକ କରାଯିବ।

ଆର.ଉଦୟଗିରିରେ ନେତାଙ୍କ ବିଶାଳ ସମାବେଶ, ଜଙ୍ଗଲ ଜମି ପଟ୍ଟା ଓ ସାମାଜିକ ସୁରକ୍ଷା ଦାବିରେ ଜୋରଦାର ହୁଙ୍କାର



ଆର.ଉଦୟଗିରି/ଗଜପତି: ଗଜପତି ଜିଲ୍ଲାର ପାହାଡ଼ିଆ ତଥା ଦୁର୍ଗମ ଆଦିବାସୀ ଅଞ୍ଚଳ ଆର.ଉଦୟଗିରିଠାରେ ଆଦିବାସୀମାନଙ୍କ ଜଙ୍ଗଲ ଜମି ଅଧିକାର, ସାମାଜିକ ସୁରକ୍ଷା ଏବଂ ମୌଳିକ ହକ୍‌କୁ ନେଇ ଏକ ବିଶାଳ ରାଜନୈତିକ ଓ ସାମାଜିକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ବିଭିନ୍ନ ବ୍ଲକ୍ ଏବଂ ପଞ୍ଚାୟତରୁ ଶହ ଶହ ସଂଖ୍ୟାରେ ଆଦିବାସୀନେତା, ଚାଷୀ ଓ ଜନସାଧାରଣ ଏହି ସମାବେଶରେ ଯୋଗଦେଇ ସରକାରୀ ପ୍ରଶାସନର ଉଦାସୀନତା ପ୍ରତିବାଦରେ ସ୍ୱର ଉତ୍ତୋଳନ କରିଛନ୍ତି। ସମାବେଶରେ ଆଲୋଚନା ଅନୁଯାୟୀ, ବର୍ଷ ବର୍ଷ ଧରି ଆର.ଉଦୟଗିରି, ମୋହନା, ରାୟଗଡ଼ ଏବଂ ଗୁମ୍ମା ବ୍ଲକର ଗ୍ରାମାଞ୍ଚଳରେ ବସବାସ କରୁଥିବା ଆଦିବାସୀ ପରିବାରମାନେ ସେମାନଙ୍କ ପୂର୍ବପୁରୁଷ ଅମଳରୁ ଚାଷ କରିଆସୁଥିବା ଜଙ୍ଗଲ ଜମିର ଆନୁଷ୍ଠାନିକ ପଟ୍ଟା ପାଇବାରୁ ବଞ୍ଚିତ ହୋଇଛନ୍ତି। ବନ ଅଧିକାର ଆଇନ (FRA) ସଠିକ୍ ଭାବେ କାର୍ଯ୍ୟକାରୀ ନ ହେବା କାରଣରୁ ଗରୀବ ଆଦିବାସୀମାନେ ବିଭିନ୍ନ ସରକାରୀ ଯୋଜନାରୁ ମଧ୍ୟ ବଞ୍ଚିତ ହେଉଛନ୍ତି। ଏହାସହିତ ଦୁର୍ଗମ ଅଞ୍ଚଳରେ ସ୍ୱାସ୍ଥ୍ୟସେବା, ଗମନାଗମନ ଏବଂ ପାନୀୟ ଜଳର ଅଭାବକୁ ନେଇ ନେତୃବୃନ୍ଦ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ସମାବେଶକୁ ସମ୍ବୋଧିତ କରି ସ୍ଥାନୀୟ ନେତା ଓ ଜନପ୍ରତିନିଧିମାନେ ଚେତାବନୀ ଦେଇଛନ୍ତି ଯେ, ଯଦି ପ୍ରଶାସନ ତୁରନ୍ତ ଆଦିବାସୀମାନଙ୍କୁ ସେମାନଙ୍କ ଜମିର ସ୍ଥାୟୀ ପଟ୍ଟା ପ୍ରଦାନ ନ କରେ ଏବଂ ସେମାନଙ୍କ ଜୀବନଜୀବିକା ସୁରକ୍ଷା ପାଇଁ ପଦକ୍ଷେପ ନ ନିଏ, ତେବେ ଆଗାମୀ ଦିନରେ ଜିଲ୍ଲାବ୍ୟାପୀ ଦୃଢ଼ ଆନ୍ଦୋଳନ ଓ ରାଜରାସ୍ତା ରୋକ୍ କରାଯିବ। ଆଦିବାସୀ ଅଞ୍ଚଳର ସର୍ବାଙ୍ଗୀନ ବିକାଶ ପାଇଁ ସ୍ୱତନ୍ତ୍ର ପ୍ୟାକେଜ୍ ଘୋଷଣା କରିବାକୁ ମଧ୍ୟ ଦାବି କରାଯାଇଛି।

ଆନ୍ଧ୍ର-ଓଡ଼ିଶା ସୀମାନ୍ତ ନେରଡ଼ି ବ୍ୟାରେଜ୍ ବିବାଦ

ପାରଳାଖେମୁଣ୍ଡି/କାଶୀନଗର: ଆନ୍ଧ୍ର ପ୍ରଦେଶ ସରକାରଙ୍କ ଦ୍ୱାରା ବଂଶଧାରା ନଦୀ ଉପରେ ଏକତ୍ରିତ ଭାବେ ପ୍ରସ୍ତାବିତ ବିବାଦୀୟ 'ନେରଡ଼ି ବ୍ୟାରେଜ୍' ପ୍ରକଳ୍ପ ଏବଂ ଏଥିପାଇଁ ଓଡ଼ିଶାର ଗଜପତି ଜିଲ୍ଲା ଅନ୍ତର୍ଗତ ଅଞ୍ଚଳରେ ପ୍ରାୟ ୧୦୬ ଏକର ସମୃଦ୍ଧ ଚାଷଜମି ଅଧିଗ୍ରହଣ ପ୍ରକ୍ରିୟାକୁ ନେଇ ସୀମାନ୍ତ ଅଞ୍ଚଳରେ ରାଜନୈତିକ ପାରଦ ଏବେ ଚରମ ସୀମାରେ ପହଞ୍ଚିଛି। ଏହି ଗମ୍ଭୀର ବିବାଦକୁ ନେଇ ଗଜପତି ଜିଲ୍ଲାର ପ୍ରମୁଖ ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ପରସ୍ପର ବିରୋଧୀ ଆରୋପ-ପ୍ରତ୍ୟାରୋପ ଜୋର ଧରିଥିବାବେଳେ ସ୍ଥାନୀୟ ଚାଷୀ, ବୁଦ୍ଧିଜୀବୀ ଓ ସାଧାରଣ ଜନସାଧାରଣଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ଏବଂ ଭୟର ବାତାବରଣ ପ୍ରକାଶ ପାଇଛି।ବିଭାଗୀୟ ସୂଚନା ଅନୁଯାୟୀ, ଆନ୍ଧ୍ର ପ୍ରଦେଶର ସୀମାକୁଲା ଏବଂ ବଂଶଧାରା ଅବବାହିକାରେ ନେରଡ଼ି ବ୍ୟାରେଜ୍ ନିର୍ମାଣ ନିମନ୍ତେ ଆବଶ୍ୟକୀୟ କେନ୍ଦ୍ରୀୟ ମଞ୍ଜୁରୀ ମିଳିବା ପରେ, ବର୍ତ୍ତମାନ ଓଡ଼ିଶାର ଗଜପତି ଜିଲ୍ଲା ଅନ୍ତର୍ଗତ ଅଞ୍ଚଳରୁ ସ୍ଥାନୀୟ ଜମି ହସ୍ତାନ୍ତର ତଥା ଅଧିଗ୍ରହଣ ପ୍ରକ୍ରିୟାକୁ ବେଗବତୀ କରାଯାଇଛି। ମାତ୍ର ବାସ୍ତବରେ ଏହି ବୃହତ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଗଜପତି ଜିଲ୍ଲାର କାଶୀନଗର ବ୍ଲକ୍ ଏବଂ ଏହାର ଆଖପାଖ ଅଞ୍ଚଳର ଶହ ଶହ ଏକର ଉର୍ବର ଚାଷଜମି ସ୍ଥାୟୀ ଭାବେ ଜଳମଗ୍ନ ହେବା ସହ ବର୍ଷା ଦିନରେ ବନ୍ୟା ବିପତ୍ତି ଏବଂ ଭୂ-ଜଳସ୍ରୋତର ପ୍ରତିକୂଳ ପ୍ରଭାବ ସ୍ଥାନୀୟ ଜନଜୀବନ ଉପରେ ପଡ଼ିବ ବୋଲି ବୈଜ୍ଞାନିକ ଓ ସ୍ଥାନୀୟ ସ୍ତରରୁ ଆଶଙ୍କା କରାଯାଉଛି।ଏହି ସମ୍ବେଦନଶୀଳ ପ୍ରସଙ୍ଗକୁ ନେଇ ବିରୋଧୀ ରାଜନୈତିକ ଦଳ, ବିଭିନ୍ନ କୃଷକ ସଂଗଠନ ଓ ସାମାଜିକ ଅନୁଷ୍ଠାନ ପକ୍ଷରୁ ରାଜ୍ୟ ସରକାରଙ୍କ ନୀତିକୁ କଡ଼ା ଭାବେ ଘେରାଯାଇଛି। ସ୍ଥାନୀୟ ବାସିନ୍ଦା ଏବଂ ପ୍ରଭାବିତ ଚାଷୀମାନେ ସେମାନଙ୍କ ପୈତୃକ ଜମିଜମା, ଜୀବିକା ଓ ବାସଗୃହ ହରାଇବା ଭୟରେ ଏବେ ଖୋଲାଖୋଲି ଭାବେ ଆନ୍ଦୋଳନର ପନ୍ଥା ଗ୍ରହଣ କରିଛନ୍ତି। ରାଜ୍ୟ ବିଧାନସଭାର ସ୍ୱତନ୍ତ୍ର କମିଟି ଓ ବିଧାୟକମାନେ ମଧ୍ୟ ଏହି ପ୍ରକଳ୍ପର ପ୍ରକୃତ କ୍ଷତିକାରକ ପ୍ରଭାବ ନେଇ ଏକ ନିରପେକ୍ଷ ବୈଜ୍ଞାନିକ ଅଧ୍ୟୟନ ଓ ସର୍ବସମକ୍ଷରେ ସମୀକ୍ଷା କରିବାକୁ ଦୃଢ଼ ଦାବି କରିଛନ୍ତି। ଯଦି ଆନ୍ଧ୍ର ପ୍ରଦେଶ ସରକାର ଓ ରାଜ୍ୟ ପ୍ରଶାସନ ପକ୍ଷରୁ ଓଡ଼ିଶାର ଏବଂ ସ୍ଥାନୀୟ ଚାଷୀଙ୍କ ସ୍ୱାର୍ଥର ସୁରକ୍ଷା ନ କରାଯାଏ, ତେବେ ଆଗାମୀ ଦିନରେ ଗଜପତି ଜିଲ୍ଲାରେ ଏହା ଏକ ବିସ୍ଫୋରକ ଓ ବଡ଼ଧରଣର ଜନଆନ୍ଦୋଳନର ରୂପ ନେବ ବୋଲି ସ୍ଥାନୀୟ ରାଜନୈତିକ ମହଲରେ ବେଶ୍ ଚର୍ଚ୍ଚା ହେଉଛି।

ରେଜିଦିସିଙ୍ଗ ଗ୍ରାମରେ ଚର୍ଚ୍ଚ ବାଉଣ୍ଡ୍ରି କାନ୍ଥ ବିଷ୍ଖଳନ ଘଟଣା

ଗଜପତି:ରାୟଗଡା ବ୍ଲକ ତାଳମୁଣ୍ଡା ଗଜପତି ଜିଲ୍ଲା ଅନ୍ତର୍ଗତ ଦୁର୍ଗମ ରାୟଗଡ଼ ବ୍ଲକର ତାଳମୁଣ୍ଡା ପଞ୍ଚାୟତ ଅଧୀନସ୍ଥ ରେଜିଦିସିଙ୍ଗ ଗ୍ରାମରେ ଏକ ଅଘଟଣ ଘଟିଥିବା ନେଇ ସୂଚନା ମିଳିଛି। ପ୍ରାପ୍ତ ସୂଚନା ଅନୁଯାୟୀ, ରେଜିଦିସିଙ୍ଗ ଗ୍ରାମରେ ସ୍ଥାନୀୟ ଖ୍ରୀଷ୍ଟିୟାନ ସମ୍ପ୍ରଦାୟ ଓ ଗ୍ରାମବାସୀଙ୍କ ଦ୍ୱାରା ପୂଜାର୍ଚ୍ଚନା ଏବଂ ଧାର୍ମିକ କାର୍ଯ୍ୟକଳାପ ପାଇଁ ବ୍ୟବହୃତ ହେଉଥିବା ଚର୍ଚ୍ଚର ସୁରକ୍ଷା ପ୍ରାଚୀର ବା ବାଉଣ୍ଡ୍ରି କାନ୍ଥ (Boundary Wall) ହଠାତ୍ ବିଷ୍ଖଳନ ହେବା ଅର୍ଥାତ୍ ଧସିଯିବା କିମ୍ବା ବ୍ୟାପକ କ୍ଷତିଗ୍ରସ୍ତ ହେବା ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିବା ସହ କ୍ଷେତ୍ରସ୍ଥଳରେ ଉତ୍ତେଜନା ଓ ଆଶଙ୍କା ଦେଖାଦେଇଛି।ସ୍ଥାନୀୟ ଗ୍ରାମବାସୀ ଏବଂ କମିଟିର ସଦସ୍ୟମାନଙ୍କ କହିବାନୁଯାୟୀ, ନିକଟରେ ଅଞ୍ଚଳରେ ହୋଇଥିବା ପ୍ରବଳ ବର୍ଷା, ଭୂ-କ୍ଷୟ, ନିକଟସ୍ଥ ଜଳସ୍ରୋତର ପ୍ରଭାବ କିମ୍ବା ନିର୍ମାଣ ସମୟରେ ହୋଇଥିବା କିଛି ମାନଗତ ତ୍ରୁଟି ଯୋଗୁଁ ଚର୍ଚ୍ଚର ମୁଖ୍ୟ ବାଉଣ୍ଡ୍ରି କାନ୍ଥର ଏକ ବଡ଼ ଅଂଶ ହଠାତ୍ ଭୁଶୁଡ଼ି ପଡ଼ିଛି। ଏହି କାନ୍ଥ ଭାଙ୍ଗିଯିବା ଫଳରେ କେବଳ ଚର୍ଚ୍ଚର ସୁରକ୍ଷା ପ୍ରତି ବିପଦ ସୃଷ୍ଟି ହୋଇନାହିଁ, ବରଂ ସ୍ଥାନୀୟ ଖ୍ରୀଷ୍ଟିୟାନ ସମ୍ପ୍ରଦାୟ ଏବଂ ସାଧାରଣ ଗ୍ରାମବାସୀଙ୍କ ମଧ୍ୟରେ ଗଭୀର ଚିନ୍ତା ଓ କ୍ଷୋଭ ପ୍ରକାଶ ପାଇଛି। ଧାର୍ମିକ ଅନୁଷ୍ଠାନର ସମ୍ପତ୍ତି ସୁରକ୍ଷାକୁ ନେଇ ଲୋକେ ଏବେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି।ଘଟଣା ସମ୍ପର୍କରେ ଖବର ପାଇବା ପରେ ସ୍ଥାନୀୟ ପ୍ରଶାସନିକ ଅଧିକାରୀ, ପଞ୍ଚାୟତ ପ୍ରତିନିଧି ଏବଂ ସ୍ଥାନୀୟ ନେତୃବୃନ୍ଦ ତତ୍ପରତା ପ୍ରକାଶ କରି ତୁରନ୍ତ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। କ୍ଷତିଗ୍ରସ୍ତ କାନ୍ଥର ସ୍ଥିତି ଅନୁଧ୍ୟାନ କରିବା ସହ ଏପରି ଦୁର୍ଘଟଣା କାହିଁକି ଏବଂ କିପରି ଭାବେ ଘଟିଲା, ସେନେଇ ଏକ ସ୍ୱତନ୍ତ୍ର ବିଭାଗୀୟ ତଦନ୍ତ କରାଯିବାକୁ ଗ୍ରାମବାସୀ ଦାବି କରିଛନ୍ତି।ପରିସ୍ଥିତିର ଗମ୍ଭିରତାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ତୁରନ୍ତ ମରାମତି ଏବଂ ପୁନଃନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ସ୍ଥାନୀୟ ଲୋକଙ୍କୁ ଦୃଢ଼ ପ୍ରତିଶ୍ରୁତି ଦିଆଯାଇଛି। ସ୍ଥାନୀୟ ଅଞ୍ଚଳରେ ଶାନ୍ତି ଏବଂ ସଦଭାବ ବଜାୟ ରଖିବା ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପଦକ୍ଷେପ ନିଆଯାଉଥିବା ଜଣାପଡ଼ିଛି।



ଜିଲ୍ଲାରୁ ସିଧା ରିପୋର୍ଟ

ଉପର ସୁନାପୁର ଗ୍ରାମବାସୀଙ୍କୁ ଅଙ୍ଗନୱାଡ଼ି କେନ୍ଦ୍ରରେ ସୁରକ୍ଷିତ ଆଶ୍ରୟ ଓ ରନ୍ଧା ଖାଦ୍ୟ ଯୋଗାଇଦେଲା ପ୍ରଶାସନ

ଗଜପତି: ଲଗାଣ ବର୍ଷା ଓ ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ଗଜପତି ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଥିବା ବେଳେ, ଜିଲ୍ଲାର ଦୁର୍ଗମ ଅଞ୍ଚଳରେ ପ୍ରଶାସନର ତତ୍ପରତା ଦେଖିବାକୁ ମିଳିଛି। ଗଜପତି ଜିଲ୍ଲା ରାୟଗଡ଼ା ବ୍ଲକ ଅନ୍ତର୍ଗତ ରାୟଗଡ଼ା ପଞ୍ଚାୟତର ଉପର ସୁନାପୁର ଗ୍ରାମରେ ପ୍ରଶାସନ ପକ୍ଷରୁ ସ୍ଥାନୀୟ ଲୋକଙ୍କ ସୁରକ୍ଷା ପାଇଁ ଏକ ବଡ଼ ପଦକ୍ଷେପ ନିଆଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଉପର ସୁନାପୁର ଗ୍ରାମର ନିମ୍ନାଞ୍ଚଳରେ ରହୁଥିବା ଏବଂ ପ୍ରାକୃତିକ ଦୁର୍ବିପାକ ଦ୍ୱାରା ପ୍ରଭାବିତ ହେବା ଆଶଙ୍କାରେ ଥିବା ଗ୍ରାମବାସୀମାନଙ୍କୁ ସେମାନଙ୍କ ଘରୁ ସ୍ଥାନାନ୍ତର କରାଯାଇ ଗ୍ରାମର ସ୍ଥାନୀୟ ଅଙ୍ଗନୱାଡ଼ି କେନ୍ଦ୍ରରେ ସୁରକ୍ଷିତ ଭାବେ ଆଶ୍ରୟ ନେବାର ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ପାଣିପାଗର ପରିସ୍ଥିତିକୁ ଦୃଷ୍ଟିରେ ରଖି କାଳବିଳମ୍ବ ନକରି ଗ୍ରାମର ଲୋକମାନଙ୍କୁ ସୁରକ୍ଷିତ ସ୍ଥାନକୁ ଅଣାଯାଇଥିଲା।ଏହି ଆଶ୍ରୟସ୍ଥଳୀରେ ରହିଥିବା ଗ୍ରାମବାସୀଙ୍କୁ ପ୍ରଶାସନ ଓ ସ୍ଥାନୀୟ ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ତରଫରୁ ସମସ୍ତ ପ୍ରକାର ମୌଳିକ ସୁବିଧା ଯୋଗାଇ ଦିଆଯିବା ସହ ନିୟମିତ ଭାବେ ସ୍ୱଚ୍ଛ ପାନୀୟ ଜଳ ଏବଂ ସୁଷମ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଇଛି। ବିପର୍ଯ୍ୟୟ ସମୟରେ ଗ୍ରାମର ସମସ୍ତ ଲୋକଙ୍କୁ ଏକାଠି ରଖି ଖାଦ୍ୟ ଓ ଆଶ୍ରୟ ବ୍ୟବସ୍ଥା କରାଯାଇଥିବାରୁ ସ୍ଥାନୀୟ ଜନସାଧାରଣ ପ୍ରଶାସନର ଏଭଳି ମାନବିକ ଓ ତତ୍ପର ପଦକ୍ଷେପକୁ ବେଶ୍ ପ୍ରଶଂସା କରିଛନ୍ତି। ସ୍ଥାନୀୟ ସରକାରୀ ଅଧିକାରୀମାନେ ଘଟଣାସ୍ଥଳରେ ଉପସ୍ଥିତ ରହି ସମସ୍ତ ବ୍ୟବସ୍ଥାର ତଦାରଖ କରିବା ସହ ଲୋକଙ୍କୁ ସମସ୍ତ ସହଯୋଗ ପ୍ରଦାନ କରୁଛନ୍ତି।



ମୋହନା ନିର୍ବାଚନମଣ୍ଡଳୀରେ କଂଗ୍ରେସର 'ଗ୍ରାମ ସମ୍ପର୍କ ଯାତ୍ରା

ମୋହନା/ଗଜପତି:ଗଜପତି ଜିଲ୍ଲାର ଅନ୍ୟତମ ପ୍ରମୁଖ ତଥା ଦୁର୍ଗମ ଆଦିବାସୀ ବହୁଳ ମୋହନା ନିର୍ବାଚନମଣ୍ଡଳୀରେ କଂଗ୍ରେସ ଦଳ ପକ୍ଷରୁ ସଂଗଠନକୁ ତୃଣମୂଳ ସ୍ତରରୁ ମଜବୁତ କରିବା ଏବଂ ଜନସାଧାରଣଙ୍କ ସମସ୍ୟା ବୁଝିବା ନିମନ୍ତେ ଏକ ବ୍ୟାପକ 'ଗ୍ରାମ ସମ୍ପର୍କ ଯାତ୍ରା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ କଂଗ୍ରେସ ନେତୃବୃନ୍ଦ ଓ ଦଳୀୟ କର୍ମୀମାନେ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ଦୁର୍ଗମ ପଞ୍ଚାୟତ ଓ ଗ୍ରାମଗୁଡ଼ିକୁ ପରିଦର୍ଶନ କରି ସାଧାରଣ ଲୋକଙ୍କ ସହ ସିଧାସଳଖ ଆଲୋଚନା କରିବା ସହ ସେମାନଙ୍କ ଦୈନନ୍ଦିନ ସମସ୍ୟା ସମ୍ପର୍କରେ ପଚାରି ବୁଝିଛନ୍ତି। ଏହି ସମ୍ପର୍କ ଯାତ୍ରା ଅବସରରେ କଂଗ୍ରେସ ନେତୃବୃନ୍ଦ ଚନ୍ଦ୍ରଗିରି, ଜୀରଙ୍ଗ, ପାଣିଗଣ୍ଡା, ଅଡ଼ବା, ଗୋବିନ୍ଦପୁର ଓ ବାଦପୁର ପଞ୍ଚାୟତର ଏକାଧିକ ଗ୍ରାମ ପରିକ୍ରମା କରିଥିଲେ। ଗ୍ରାମାଞ୍ଚଳରେ ପାନୀୟ ଜଳସଙ୍କଟ, ନିମ୍ନମାନର ରାସ୍ତାଘାଟ, ସ୍ୱାସ୍ଥ୍ୟସେବାରେ ବିପର୍ଯ୍ୟୟ, ଶିକ୍ଷକ ଅଭାବ ଏବଂ ଜଙ୍ଗଲ ଜମି ପଟ୍ଟା ପାଇବାରୁ ବଞ୍ଚିତ ଆଦିବାସୀ ପରିବାରଙ୍କ ସମସ୍ୟା ନେଇ ବ୍ୟାପକ ଆଲୋଚନା ହୋଇଥିଲା। ସ୍ଥାନୀୟ ଲୋକମାନେ ନିଜ ନିଜ ଅଞ୍ଚଳର ମୌଳିକ ଅସୁବିଧା ସମ୍ପର୍କରେ କଂଗ୍ରେସ ନେତାମାନଙ୍କ ଆଗରେ ପ୍ରକାଶ କରିଥିଲେ। ସଭାରେ ଉପସ୍ଥିତ ଦଳୀୟ ନେତୃବୃନ୍ଦ ଅଭିଯୋଗ ଆଣିଛନ୍ତି ଯେ, ବର୍ଷ ବର୍ଷ ଧରି ସରକାର ବିକାଶର ବଡ଼ ବଡ଼ ଦାବି କରୁଥିଲେ ସୁଦ୍ଧା ମୋହନାର ପାହାଡ଼ିଆ ଓ ଦୁର୍ଗମ ଅଞ୍ଚଳର ଲୋକମାନେ ଆଜି ବି ବିଶୁଦ୍ଧ ପାନୀୟ ଜଳ ଓ ଭଲ ରାସ୍ତାଟିଏ ପାଇବାରୁ ବଞ୍ଚିତ ହୋଇଛନ୍ତି। ବହୁ ଗାଁକୁ ଆମ୍ବୁଲାନ୍ସ ପହଞ୍ଚିପାରୁ ନଥିବାରୁ ରୋଗୀଙ୍କୁ ଖଟିଆରେ ବୋହି ନେବାକୁ ପଡୁଛି। ସେହିପରି ଆଦିବାସୀମାନଙ୍କୁ ସେମାନଙ୍କ ଅଧିକାର ଅନୁଯାୟୀ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରିବାରେ ବ୍ୟାପକ ଅବହେଳା କରାଯାଉଛି। କଂଗ୍ରେସ ପକ୍ଷରୁ ଚେତାବନୀ ଦିଆଯାଇଛି ଯେ, ଯଦି ତୁରନ୍ତ ମୋହନା ନିର୍ବାଚନମଣ୍ଡଳୀର ଏହିସବୁ ମୌଳିକ ସମସ୍ୟାର ସମାଧାନ କରାନଯାଏ, ତେବେ ଆଗାମୀ ଦିନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯିବ ଏବଂ ବ୍ଲକ ଘେରାଉ କରାଯିବ। ଏହି 'ଗ୍ରାମ ସମ୍ପର୍କ ଯାତ୍ରା'ରେ ଶତାଧିକ ଦଳୀୟ କର୍ମୀ, ସ୍ଥାନୀୟ ଯୁବକ, ବୁଦ୍ଧିଜୀବୀ ଓ ଗ୍ରାମବାସୀ ସାମିଲ ହୋଇଥିଲେ।

ଗଜପତି ବନାଞ୍ଚଳ ସୀମାରେ ଥିବା ବିଦ୍ୟୁତ୍ ତାର ସୁରକ୍ଷା ସମୀକ୍ଷା

ପାରଳାଖେମୁଣ୍ଡି/ଗଜପତି:ଗଜପତି ଜିଲ୍ଲାର ଜଙ୍ଗଲିଆ ଓ ସୀମାନ୍ତ ଅଞ୍ଚଳରେ ମୂକ ବନ୍ୟଜନ୍ତୁ, ବିଶେଷକରି ବୋର୍ଡର ଅଞ୍ଚଳରେ ଗତିବିଧି କରୁଥିବା ହାତୀପଲଙ୍କ ବିଦ୍ୟୁତ୍ ଆଘାତଜନିତ ଅକାଳ ମୃତ୍ୟୁକୁ ସମ୍ପୂର୍ଣ୍ଣ ରୋକିବା ପାଇଁ ଗଜପତି ବନବିଭାଗ ଏବଂ ଦକ୍ଷିଣ ଓଡ଼ିଶା ବିଦ୍ୟୁତ୍ ସରବରାହ କମ୍ପାନୀ (TPSODL) ର ମିଳିତ ସୁରକ୍ଷା ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜଙ୍ଗଲ କଡ଼ ଏବଂ ହାତୀ ଚଳପ୍ରଚଳ କରୁଥିବା ଟ୍ରାକ୍ ବା କୋରିଡୋର୍ ଗୁଡ଼ିକରେ ଝୁଲି ରହିଥିବା ବିପଜ୍ଜନକ ବିଦ୍ୟୁତ୍ ତାରଗୁଡ଼ିକୁ ସୁରକ୍ଷିତ କରିବା ଏବଂ ବନ୍ୟପ୍ରାଣୀଙ୍କୁ ସୁରକ୍ଷା ଦେବାକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଇଛି। ବନବିଭାଗର ସୂଚନା ମୁତାବକ, ଗଜପତି ଜିଲ୍ଲାର ମୋହନା, ଆର.ଉଦୟଗିରି, ରାୟଗଡ଼ା, ଗୁମ୍ମା ଓ କାଶୀନଗର ବନାଞ୍ଚଳ ଅଧୀନରେ ଥିବା ବହୁ ପୁରାତନ ୧୧ କେଭି ଓ ୩୩ କେଭି ବିଦ୍ୟୁତ୍ ଲାଇନ୍‌ଗୁଡ଼ିକ କେତେକ ସ୍ଥାନରେ ମାଟି ଆଡ଼କୁ ଖସିପଡ଼ିଥିବା ଦେଖିବାକୁ ମିଳିଛି। ବିଶେଷ କରି ଶିକାରୀମାନେ ବନ୍ୟଜନ୍ତୁ ଶିକାର ପାଇଁ ବେଆଇନ ଭାବେ କାଚା ତାର ଖଞ୍ଜିବା କିମ୍ବା ଝୁଲନ୍ତା ତାର ସଂସ୍ପର୍ଶରେ ଆସି ବନ୍ୟପ୍ରାଣୀ ପ୍ରାଣ ହରାଉଥିବା ଅଭିଯୋଗକୁ ରୋକିବା ପାଇଁ ବନ ବିଭାଗ ଓ ବିଦ୍ୟୁତ୍ ବିଭାଗର କର୍ମଚାରୀଙ୍କୁ ନେଇ ସ୍ୱତନ୍ତ୍ର ସ୍ମାର୍ଟ ଯୁଗ୍ମ ପାଟ୍ରୋଲିଂ ଟିମ୍ ଗଠନ କରାଯାଇଛି।ଏହି ସମୀକ୍ଷା ବୈଠକରେ ନିଆଯାଇଥିବା ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିଗୁଡ଼ିକ ହେଲା:ଝୁଲନ୍ତା ତାର ମରାମତି: ଜଙ୍ଗଲ ଓ ଗ୍ରାମାଞ୍ଚଳ ଦେଇ ଯାଇଥିବା ନଗ୍ନ ଓ ଝୁଲନ୍ତା ବିଦ୍ୟୁତ୍ ତାରଗୁଡ଼ିକୁ ତୁରନ୍ତ ଟାଣ କରାଯାଇ ନିୟମାନୁସାରେ ଉଚ୍ଚତା ବୃଦ୍ଧି କରାଯିବ।କଭର କଣ୍ଡକ୍ଟର ସ୍ଥାପନ: ହାତୀ ଗତିପଥ ଓ ସମ୍ବେଦନଶୀଳ ଜଙ୍ଗଲୀୟ ଅଞ୍ଚଳରେ ଖୋଲା ତାର ପରିବର୍ତ୍ତେ ସୁରକ୍ଷିତ ଇନ୍ସୁଲେଟେଡ୍ କେବୁଲ୍ ଲଗାଯିବ।ବେଆଇନ କ୍ୱାକ ହୁକିଂ ଉପରେ ଚଢ଼ଉ: କୃଷିକ୍ଷେତ୍ର ବା ଜଙ୍ଗଲୀୟ ଅଞ୍ଚଳରେ ବନ୍ୟଜନ୍ତୁ ଶିକାର ପାଇଁ ହୁକିଂ କିମ୍ବା ବେଆଇନ ବିଦ୍ୟୁତ୍ ଫାଶ ବିଛାଉଥିବା ଅସାଧୁ ବ୍ୟକ୍ତିଙ୍କ ବିରୋଧରେ ଫୌଜଦାରୀ ମାମଲା ରୁଜୁ କରାଯିବ।ତତ୍କାଳ ବିଦ୍ୟୁତ ସରବରାହ ବିଚ୍ଛିନ୍ନ ଜଙ୍ଗଲ ଅଞ୍ଚଳକୁ ହାତୀପଲ ପ୍ରବେଶ କଲେ ବନବିଭାଗର ସୂଚନା ଅନୁଯାୟୀ ବିଦ୍ୟୁତ୍ ବିଭାଗ ପକ୍ଷରୁ ସେହି ଅଞ୍ଚଳର ସମ୍ବେଦନଶୀଳ ଲାଇନ୍‌ଗୁଡ଼ିକର ବିଦ୍ୟୁତ୍ ସରବରାହ ସାମୟିକ ଭାବେ ବନ୍ଦ ରଖାଯିବ। ବନବିଭାଗର ବରିଷ୍ଠ ଅଧିକାରୀ କହିଛନ୍ତି, "ବନ୍ୟଜନ୍ତୁ ସୁରକ୍ଷା ପାଇଁ ବିଦ୍ୟୁତ୍ ଭିତ୍ତିଭୂମିର ସୁରକ୍ଷା ଅତ୍ୟନ୍ତ ଆବଶ୍ୟକ। ବିଦ୍ୟୁତ୍ ଆଘାତଜନିତ କୌଣସି ଅପ୍ରୀତିକର ଘଟଣା ଯେପରି ନଘଟେ, ସେଥିପାଇଁ ଜିଲ୍ଲାର ସମସ୍ତ ବନାଞ୍ଚଳରେ ବନ କର୍ମଚାରୀ ଓ ଲାଇନ୍‌ମ୍ୟାନ୍‌ମାନେ ଦିନରାତି ନଜର ରଖିଛନ୍ତି।"

ମାଟିର ଖବର

ନିୟମଗିରି ସୁରକ୍ଷା ପାଇଁ ମୁନିଗୁଡାରେ ଡ଼ଙ୍ଗରିଆଙ୍କ ବିଶାଳ ଶୋଭାଯାତ୍ରା, ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ଦେଲେ ତହସିଲଦାର ଙ୍କୁ



ମୁନିଗୁଡା:୨୭/୧୦(ଭଗବାନ କରକରିଆ): ନିୟମଗିରି ପାହାଡ଼ ସୁରକ୍ଷା ଓ ଆଦିବାସୀ ଜୀବନ ଜୀବିକା ରକ୍ଷା ଦାବିରେ ଆଜି ମୁନିଗୁଡା ଠାରେ ନିୟମଗିରି ଅଞ୍ଚଳର ଡ଼ଙ୍ଗରିଆଙ୍କ ଦ୍ୱାରା ଏକ ବିଶାଳ ଶୋଭାଯାତ୍ରା ଓ ପ୍ରତିବାଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ନିୟମଗିରି ସୁରକ୍ଷା ସମିତିର ଆଗଧାଡିର ନେତା ଦଧି ପୁସିକା ଓ କୃଷ୍ଣ ସିକକାଙ୍କ ନେତୃତ୍ୱରେ ମୁନିଗୁଡା ଥାନା ଅନ୍ତର୍ଗତ ନିୟମଗିରି ପାଦ ଦେଶର ଗ୍ରାମ ମୁନିଖୋଲ ଗ୍ରାମରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ମୁନିଗୁଡା ସହର ପରିକ୍ରମା କରି ତହସିଲ କାର୍ଯ୍ୟାଳୟରେ ପହଞ୍ଚିଥିଲା। ଉକ୍ତ ପ୍ରତିବାଦ ଶୋଭାଯାତ୍ରାରେ ପ୍ରଫୁଲ୍ଲ ସାମନ୍ତରା, ସମାଜବାଦୀ ଜନପରିଷଦର ରାଷ୍ଟ୍ରୀୟ ଅଧକ୍ଷ ଆପଲା ତନୁ,ଚାଷୀ ନେତା ବରଗଡ଼ର ଲିଙ୍ଗରାଜ ପ୍ରଧାନ, ନରେନ୍ଦ୍ର ମହାନ୍ତି, ଭାଲୁଚାନ୍ଦ୍ର ଷଡ଼ଙ୍ଗୀ, ରାଜକିଶୋର ବୁଲହରି, ବିନତୀ କାଡ୍ରାକା, କୁଞ୍ଜି କୁଟ୍ରୁକା, ଦାସରୁ କାଡ୍ରାକା, ଫାଗାରାମ, ଡ୍ରିଞ୍ଜୁ କୁଶ୍ରୁକା, ରମେଶ ପାତ୍ର ଓ ହର ବେନିଆ ପ୍ରମୁଖ ଏଥିରେ ସାମିଲ ହୋଇ ଥିଲେ ଏହା ସହ ସୁଦୂର ଦିଲ୍ଲୀ, ମଧ୍ୟପ୍ରଦେଶ, ଭୁବନେଶ୍ୱର, ରାୟଗଡା, କଳାହାଣ୍ଡି, କନ୍ଧମାଳ, କୋରାପୁଟ, ବଲାଙ୍ଗୀର ଓ ବିଭିନ୍ନ ସ୍ଥାନରୁ ଆସିଥିବା ଶତାଧିକ ଆନ୍ଦୋଳନକାରୀ ସାମିଲ ହୋଇଥିଲେ। ନିୟମଗିରି ଡ଼ଙ୍ଗରିଆ କନ୍ଧ ପୁରୁଷ ଓ ମହିଳାମାନେ ନିଜ ପାରମ୍ପରିକ ଅସ୍ତ୍ର-ଶସ୍ତ୍ର, ସଙ୍ଗୀତ ଢୋଲ, ବ୍ୟାନର, ପ୍ଲାକାର୍ଡ ଧରି ନାରାବାଜୀ ଦେଇ ଆଗେଇଥିଲେ। "ନିୟମଗିରି ଆମର ମା' ଆମେ ଛାଡିବୁନି", "ବେଦାନ୍ତ ଗୋ ବ୍ୟାକ୍" ଭଳି ସ୍ଲୋଗାନରେ ସହର କମ୍ପିଥିଲା। ଆଇନ ଶୃଙ୍ଖଳା ବଜାୟ ରଖିବା ପାଇଁ ମୁନିଗୁଡା ଆଇଆଇସି ଲଳିତ ମୋହନ ସାଗରଙ୍କ ନେତୃତ୍ୱରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ ଥିଲା। ସମ୍ପୂର୍ଣ୍ଣ ଶୋଭାଯାତ୍ରା ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ ହୋଇଥିଲା। ମୁନିଗୁଡା ତହସିଲଦାର ଏମ. ଅନୁରାଧାଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ଦିଆଗଲା। ସ୍ମାରକପତ୍ରରେ ଉଲ୍ଲେଖ ଅଛି ଯେ, ଆଦିବାସୀ ମୁଖ୍ୟମନ୍ତ୍ରୀଙ୍କ ସରକାର ଆସିବା ପରେ ବିଦେଶୀ କମ୍ପାନୀଙ୍କୁ ପ୍ରାକୃତିକ ସମ୍ପଦ ଲୁଣ୍ଠନର ବାଟ ଖୋଲି ଦିଆଯାଉଛି। ବେଦାନ୍ତକୁ ନିୟମଗିରି ନଦେବା, ଗ୍ରାମସଭାର ଅଧିକାର ଉଲ୍ଲଂଘନ ନକରିବା। ଗଣତାନ୍ତ୍ରିକ ଆନ୍ଦୋଳନ ଉପରେ ପୋଲିସ ଦମନ ବନ୍ଦ କରିବା, ମିଥ୍ୟା କେସରେ ଗିରଫ କରିବା, ଗାଁରେ ପୋଲିସ କ୍ୟାମ୍ପ ବନ୍ଦ କରିବା ପରି ପ୍ରମୁଖ ଦାବିକୁ ନେଇ। ୨୭ ଅକ୍ଟୋବର ୨୦୨୩ରେ ଗିରଫ ଲଦ ସିକକା, ଲିଙ୍ଗରାଜ ଆଜାଦ, ହାରା ମୋହନ ନାୟକ, ଲକ୍ଷ୍ମଣ ନାୟକ, ରାଜେନ୍ଦ୍ର ସିକକାଙ୍କୁ ନିଃସର୍ତ୍ତ ଖଲାସ କରିବା। ପେସା ଆଇନ, ଫରେଷ୍ଟ ରାଇଟ୍ସ ଆକ୍ଟ, ପଞ୍ଚମ ଅନୁସୂଚୀ ବିନା ଗ୍ରାମସଭା ଅନୁମତିରେ ପ୍ରକଳ୍ପ ମନା। ଏମଏମଡିଆର ସଂଶୋଧନ ଆଇନ ୨୦୨୩ ପ୍ରତ୍ୟାହାର ଦାବି ଏହା ରାଜ୍ୟ ଅଧିକାର ଉପରେ ଆକ୍ରମଣ। ୨୭ ଅକ୍ଟୋବର ପ୍ରତିବାଦ ଦିବସ ଅବସରରେ ଏହି ଦାବି ଉପସ୍ଥାପନ କରାଯାଇଛି।

ଜନମତ

ମହେନ୍ଦ୍ରଗିରି ପାର୍ଶ୍ୱବର୍ତ୍ତୀ ବୈବିଧତା ସଂରକ୍ଷଣ ପାଇଁ 'ଇକୋ-ଟୁରିଜିମ୍' ଓ ସ୍ୱତନ୍ତ୍ର ଜଙ୍ଗଲ ସୁରକ୍ଷା

ପାରଳାଖେମୁଣ୍ଡି/ଗଜପତି: ଓଡ଼ିଶାର ପ୍ରସିଦ୍ଧ ପୌରାଣିକ, ଐତିହାସିକ ଏବଂ ଜୈବ-ବିବିଧତା ଭରା ପାହାଡ଼ ମହେନ୍ଦ୍ରଗିରି ଏବଂ ଏହାର ପାର୍ଶ୍ୱବର୍ତ୍ତୀ ସଂରକ୍ଷିତ ବନାଞ୍ଚଳର ସୁରକ୍ଷା ପାଇଁ ଗଜପତି ବନବିଭାଗ (Gajapati Forest Division) ପକ୍ଷରୁ ଏକ ବ୍ୟାପକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ମହେନ୍ଦ୍ରଗିରିର ଅନନ୍ୟ ଫ୍ଲୋରା ଏବଂ ଫୌନା (ଉଦ୍ଭିଦ ଓ ପ୍ରାଣୀ ଜଗତ) କୁ ସଂରକ୍ଷଣ କରିବା ସହ ଏଠାକୁ ଆସୁଥିବା ପର୍ଯ୍ୟଟକମାନଙ୍କ ପାଇଁ ପରିବେଶ ଅନୁକୂଳ ଇକୋ-ଟୁରିଜିମ୍ ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଛି। ବନବିଭାଗର ସୂଚନା ଅନୁଯାୟୀ, ମହେନ୍ଦ୍ରଗିରି ଅଞ୍ଚଳରେ ଅନେକ ଦୁର୍ଲଭ ଔଷଧୀୟ ବୃକ୍ଷ, ବହୁ ପୁରାତନ ବଟବୃକ୍ଷ ଏବଂ ବିରଳ ପ୍ରଜାତିର ବନ୍ୟପ୍ରାଣୀ ବାସ କରନ୍ତି। ମାତ୍ର ବର୍ଷର ବିଭିନ୍ନ ସମୟରେ, ବିଶେଷକରି ମାଘ ସପ୍ତମୀ ଓ ଶୀତଋତୁରେ ପର୍ଯ୍ୟଟକମାନଙ୍କ ପ୍ରବଳ ଭିଡ଼ ଜମୁଥିବାରୁ ଜଙ୍ଗଲର ପରିବେଶ ପ୍ରଭାବିତ ହେବାର ଆଶଙ୍କା ରହିଥାଏ। ଏହାକୁ ଦୃଷ୍ଟିରେ ରଖି ବନବିଭାଗ ପକ୍ଷରୁ ପାହାଡ଼ ପାଦଦେଶରୁ ହିଁ ପ୍ଲାଷ୍ଟିକ ବ୍ୟାଗ୍, ପାଣି ବୋତଲ ଏବଂ ଅନ୍ୟାନ୍ୟ ଅଜୈବ ଅବର୍ଜନା ପ୍ରବେଶ ଉପରେ ସମ୍ପୂର୍ଣ୍ଣ କଟକଣା ଜାରି କରାଯାଇଛି। ପର୍ଯ୍ୟଟନର ବିକାଶ ସାଙ୍ଗେ ସାଙ୍ଗେ ପ୍ରକୃତିର ସନ୍ତୁଳନ ରକ୍ଷା କରିବା ପାଇଁ ସ୍ଥାନୀୟ ବାସିନ୍ଦା ଏବଂ ଭାଗୀଦାରମାନଙ୍କୁ ନେଇ ଗଠିତ 'ଇକୋ-ଡେଭଲପ୍‌ମେଣ୍ଟ କମିଟି' (EDC) କୁ ସକ୍ରିୟ କରାଯାଇଛି। ପର୍ଯ୍ୟଟକମାନେ କିପରି ଜଙ୍ଗଲ ନିୟମ, ନୀରବତା ଏବଂ ବନ୍ୟପ୍ରାଣୀଙ୍କୁ ସୁରକ୍ଷା ଦେଇ ପରିଭ୍ରମଣ କରିବେ, ସେଥିପାଇଁ ବିଭିନ୍ନ ସ୍ଥାନରେ ସଚେତନତା ବୋର୍ଡ ଲଗାଯିବା ସହ ବନ କର୍ମଚାରୀମାନେ ନିୟମିତ ତଦାରଖ କରୁଛନ୍ତି। ବନବିଭାଗର ଅଧିକାରୀମାନେ ମତ ପ୍ରକାଶ କରିଛନ୍ତି ଯେ, "ମହେନ୍ଦ୍ରଗିରି କେବଳ ଏକ ପର୍ଯ୍ୟଟନ ସ୍ଥଳୀ ନୁହେଁ, ବରଂ ଏହା ଆମ ରାଜ୍ୟର ଏକ ବହୁମୂଲ୍ୟ ଜୈବିକ ଧୋହରା ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟ ଏବଂ ସବୁଜିମାକୁ ସୁରକ୍ଷିତ ରଖିବା ଆମର ମୁଖ୍ୟ ଦାୟିତ୍ୱ।"

ଆନ୍ଧ୍ର-ଓଡ଼ିଶା ସୀମାନ୍ତ ଜଙ୍ଗଲରେ ବନବିଭାଗର କଡ଼ା ନଜର

ପାରଳାଖେମୁଣ୍ଡି/ଗଜପତି: ଓଡ଼ିଶା-ଆନ୍ଧ୍ରପ୍ରଦେଶ ସୀମାବର୍ତ୍ତୀ ଦୁର୍ଗମ ପାହାଡ଼ିଆ ଜଙ୍ଗଲ ଅଞ୍ଚଳରେ ବୃଦ୍ଧି ପାଉଥିବା ବେଆଇନ କାଠ ଚୋରାଚାଲାଣ, ବନ୍ୟଜନ୍ତୁ ଶିକାର ଏବଂ ବନଜାତ ଦ୍ରବ୍ୟର ଅବୈଧ ଚାଲାଣକୁ ସମ୍ପୂର୍ଣ୍ଣ ରୂପେ ଦମନ କରିବା ପାଇଁ ଗଜପତି ବନବିଭାଗ ପକ୍ଷରୁ ଏକ ବଡ଼ ପଦକ୍ଷେପ ଗ୍ରହଣ କରାଯାଇଛି। ସୀମାନ୍ତ ଅଞ୍ଚଳର ସୁରକ୍ଷାକୁ ଅଧିକ କଡ଼ାକଡ଼ି କରିବା ଉଦ୍ଦେଶ୍ୟରେ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶର ସୀମାବର୍ତ୍ତୀ ବନ ଅଧିକାରୀମାନଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଅନୁଷ୍ଠିତ ହୋଇଯାଇଛି ଏବଂ ଆଗାମୀ ଦିନରେ ଉଭୟ ରାଜ୍ୟର ବନ କର୍ମଚାରୀଙ୍କୁ ନେଇ ଯୁଗ୍ମ ଚଢ଼ଉ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଗଜପତି ଜିଲ୍ଲାର ରାୟଗଡ଼ା, ଗୁମ୍ମା, କାଶୀନଗର ଏବଂ ମୋହନା ବନାଞ୍ଚଳଗୁଡ଼ିକ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ ଓ ବିଜୟନଗରମ୍ ଜିଲ୍ଲାର ସୀମାକୁ ଲାଗି ରହିଛି। ଏହି ଦୁର୍ଗମ ସୀମାନ୍ତ ଅଞ୍ଚଳର ସୁଯୋଗ ନେଇ କିଛି ଅସାଧୁ କାଠ ମାଫିଆ ଏବଂ ଆନ୍ତଃରାଜ୍ୟ ଚୋରାଚାଲାଣକାରୀ ଗ୍ୟାଙ୍ଗ୍ ସକ୍ରିୟ ରହିଥାନ୍ତି। ରାତିର ଅନ୍ଧକାରରେ ମୂଲ୍ୟବାନ ଶାଗୁଆନ, ପିଆଶାଳ ଏବଂ ଶିଶୁ କାଠଗୁଡ଼ିକୁ ଆନ୍ଧ୍ରପ୍ରଦେଶ ଆଡ଼କୁ ଟ୍ରକ ଓ ପିକଅପ୍ ଭ୍ୟାନ୍‌ରେ ଚାଲାଣ କରାଯାଉଥିବା ନେଇ ବନବିଭାଗ ପାଖରେ ବାରମ୍ବାର ଅଭିଯୋଗ ପହଞ୍ଚୁଥିଲା। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଗଜପତି ବନଖଣ୍ଡ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ସୀମାନ୍ତ ଚେକ୍‌ପୋଷ୍ଟଗୁଡ଼ିକରେ କଡ଼ା ପାଟ୍ରୋଲିଂ ବ୍ୟବସ୍ଥା କରାଯାଇଛି। ସୀମା ପାର ହେଉଥିବା ପ୍ରତ୍ୟେକ ଯାନବାହନକୁ କଡ଼ା ଯାଞ୍ଚ କରାଯିବା ସହ ବନବିଭାଗର ମୋବାଇଲ୍ ସ୍କ୍ୱାଡ୍ ନିୟୋଜିତ କରାଯାଇଛି। ଉଭୟ ରାଜ୍ୟର ବନ ବିଭାଗ ଅଧିକାରୀମାନଙ୍କ ମଧ୍ୟରେ ଗୁଇନ୍ଦା ସୂଚନା ଆଦାନପ୍ରଦାନ କରାଯିବାକୁ ମଧ୍ୟ ସ୍ଥିର ହୋଇଛି। ଯଦି କୌଣସି ଅଞ୍ଚଳରେ ବେଆଇନ କାର୍ଯ୍ୟକଳାପର ସୂଚନା ମିଳେ, ତେବେ ଉଭୟ ପଟର ବନ କର୍ମଚାରୀ ଏକାଠି ହୋଇ ଚଢ଼ଉ କରିବେ। ବନବିଭାଗର ଜଣେ ବରିଷ୍ଠ ଅଧିକାରୀ ଏହି ସମ୍ପର୍କରେ ସୂଚନା ଦେଇ କହିଛନ୍ତି, "ସୀମାନ୍ତ ଜଙ୍ଗଲରେ ଆଇନ ଶୃଙ୍ଖଳା ଓ ପରିବେଶ ସୁରକ୍ଷା ବଜାୟ ରଖିବା ପାଇଁ ଆନ୍ଧ୍ର ପ୍ରଶାସନ ସହ ସହଯୋଗ ବୃଦ୍ଧି କରାଯାଇଛି। ବେଆଇନ କାଠ ବ୍ୟବସାୟୀ ଏବଂ ଶିକାରୀମାନେ ଯେପରି ଆଉ ଆଇନରୁ ଖସି ନଯିବେ, ସେଥିପାଇଁ ଆମେ ସମ୍ପୂର୍ଣ୍ଣ ସତର୍କ ଅଛୁ।" ବନବିଭାଗର ଏହି ପଦକ୍ଷେପ ଯୋଗୁଁ ସୀମାବର୍ତ୍ତୀ ଅଞ୍ଚଳରେ ଚୋରାଚାଲାଣକାରୀଙ୍କ ମଧ୍ୟରେ କୋଳାହଳ ସୃଷ୍ଟି ହୋଇଛି।

ବନ ସୁରକ୍ଷା ସମିତିର ପୁନରୁଦ୍ଧାର ଓ ବ୍ୟାପକ ବୃକ୍ଷରୋପଣ ଯୋଜନା

ପାରଳାଖେମୁଣ୍ଡି/ଗଜପତି: ଗଜପତି ଜିଲ୍ଲାର ପ୍ରାକୃତିକ ସମ୍ପଦ, ଗ୍ରୀନ୍ କଭର୍ ଏବଂ ସୀମାନ୍ତ ବନାଞ୍ଚଳଗୁଡ଼ିକର ସୁରକ୍ଷା ପାଇଁ ପାରଳାଖେମୁଣ୍ଡି/ଗଜପତି ବନଖଣ୍ଡ ପକ୍ଷରୁ ଏକ ବୃହତ୍ ପଦକ୍ଷେପ ଗ୍ରହଣ କରାଯାଇଛି। ଜିଲ୍ଲାର ପାହାଡ଼ିଆ ଅଞ୍ଚଳ ଓ ସଂରକ୍ଷିତ ଜଙ୍ଗଲଗୁଡ଼ିକର କ୍ରମାଗତ ଅବକ୍ଷୟକୁ ରୋକିବା ପାଇଁ ପୂର୍ବରୁ ନିଷ୍କ୍ରିୟ ହୋଇପଡ଼ିଥିବା 'ବନ ସୁରକ୍ଷା ସମିତି' ଗୁଡ଼ିକର ପୁନରୁଦ୍ଧାର ସହ ଏକ ବ୍ୟାପକ ସାମାଜିକ ବନୀକରଣ ଓ ବୃକ୍ଷରୋପଣ ଯୋଜନା ଆରମ୍ଭ ହୋଇଛି।ବନବିଭାଗର ସୂଚନା ଅନୁଯାୟୀ, ଗଜପତି ଜିଲ୍ଲାର ମୋହନା, ଆର.ଉଦୟଗିରି, ରାୟଗଡ଼ା, ଗୁମ୍ମା, କାଶୀନଗର ଏବଂ ପାରଳାଖେମୁଣ୍ଡି ସଦର ବନାଞ୍ଚଳ ଅଧୀନରେ ଥିବା ଶହ ଶହ ଗ୍ରାମରେ ବନ ସୁରକ୍ଷା ସମିତିଗୁଡ଼ିକୁ ପୁନର୍ଗଠିତ କରାଯାଉଛି। ଆମ ଜଙ୍ଗଲ ଯୋଜନା ଏବଂ କାମ୍ପା ପଣ୍ଡ ସହାୟତାରେ ଜଙ୍ଗଲ ଉପରେ ନିର୍ଭରଶୀଳ ଆଦିବାସୀ ଓ ସ୍ଥାନୀୟ ଗ୍ରାମବାସୀଙ୍କୁ ଏହି ସମିତିରେ ସାମିଲ କରାଯାଇ ସେମାନଙ୍କୁ ଜଙ୍ଗଲ ଜଗିବା ଓ ରକ୍ଷା କରିବା ଦାୟିତ୍ୱ ଦିଆଯାଉଛି। ଏହି ଯୋଜନା ଅଧୀନରେ କେବଳ ଗଛ ଲଗାଯିବ ନାହିଁ, ବରଂ ବୃକ୍ଷରୋପଣ କାର୍ଯ୍ୟରେ ସ୍ଥାନୀୟ ସୌରା ଓ କାନ୍ଧ ଆଦିବାସୀ ସମ୍ପ୍ରଦାୟର ଗ୍ରାମବାସୀଙ୍କୁ ନିୟୋଜିତ କରି ସେମାନଙ୍କୁ ନିୟମିତ ନିଯୁକ୍ତି ଓ ଜୀବିକାର ସୁଯୋଗ ଯୋଗାଇ ଦିଆଯାଉଛି। ଗ୍ରାମାଞ୍ଚଳରେ ଚାରାରୋପଣ ପାଇଁ ଶାଳ, ପିଆଶାଳ, ଶିଶୁ, ଖଇର, ଅମୃତଭଣ୍ଡା, ଆମ୍ବ, ଅଁଳା, ହରିଡ଼ା, ବାହାଡ଼ା ଏବଂ ନିମ୍ବ ଭଳି ବିଭିନ୍ନ ରକମର ଦେଶୀୟ ଓ ଫଳପ୍ରଦ ବୃକ୍ଷ ଚାରା ପ୍ରସ୍ତୁତ କରାଯାଇ ରୋପଣ କରାଯାଉଛି।ବନ ସୁରକ୍ଷା ସମିତି (VSS) ର ସଭ୍ୟମାନଙ୍କୁ ବୋତଲ/କ୍ରସର ଚଢ଼ଉ, ବେଆଇନ କାଠ ଚୋରାଚାଲାଣ ରୋକିବା ଏବଂ ଜଙ୍ଗଲ ନିଆଁ ଦାଉରୁ ଗଛପତ୍ରକୁ ରକ୍ଷା କରିବା ପାଇଁ ସ୍ୱତନ୍ତ୍ର ତାଲିମ ଏବଂ ଯନ୍ତ୍ରପାତି ଯୋଗାଇ ଦିଆଯାଉଛି। ଏହାସହ ଗ୍ରାମ୍ୟ ସ୍ତରରେ 'ସୂଚନା ଓ ସଂକଳ୍ପ ସଭା' କରାଯାଇ ଜଙ୍ଗଲ ସଂରକ୍ଷଣର ମହତ୍ତ୍ୱ ଉପରେ ସଚେତନତା ସୃଷ୍ଟି କରାଯାଉଛି। ଗଜପତି ଡିଭିଜନାଲ୍ ଫରେଷ୍ଟ ଅଫିସର୍ ଙ୍କ କହିବା ଅନୁଯାୟୀ, "ସୁସ୍ଥ ଜଙ୍ଗଲ ନିର୍ମାଣ ପାଇଁ ଗ୍ରାମବାସୀଙ୍କର ସହଭାଗିତା ଅପରିହାର୍ଯ୍ୟ। 'ବନ ସୁରକ୍ଷା ସମିତି'ର ସକ୍ରିୟ ଯୋଗଦାନ ଦ୍ୱାରା ଆମେ ଗଜପତି ଜିଲ୍ଲାର ପାହାଡ଼ିଆ ଓ ସୁରକ୍ଷିତ ବନାଞ୍ଚଳରେ ସବୁଜିମାକୁ ସମ୍ପୂର୍ଣ୍ଣ ସୁରକ୍ଷିତ ରଖିପାରିବା।"

ଆଦ୍ୟାଶା ADYASHA

ରାଜ୍ୟ

PRGI No. ORORI/25/A0506 | Daily Edition | Email : adyashalive@gmail.com

BHUBANESWAR | Vol. 02 | Issue 12 | ଗୁରୁବାର, ୨୯ ଅକ୍ଟୋବର ୨୦୨୬ | ପୃଷ୍ଠା ୦୬ | Rs. 7

ଆଜିର ପ୍ରମୁଖ

ଝଡ଼ବର୍ଷା ଓ କାଳବୈଶାଖୀ ସମୟରେ ସୁରକ୍ଷା ପାଇଁ କଡ଼ା ପଦକ୍ଷେପ

ବାରିପଦା: ମୟୂରଭଞ୍ଜ ଜିଲ୍ଲାରେ ପ୍ରତିବର୍ଷ କାଳବୈଶାଖୀ ଏବଂ ପ୍ରବଳ ଝଡ଼ବର୍ଷା ସମୟରେ ଘଟୁଥିବା ବିଦ୍ୟୁତ୍ ଦୁର୍ଘଟଣାକୁ ଏଡ଼ାଇବା ପାଇଁ ବିଦ୍ୟୁତ୍ ବିଭାଗ (TPCODL) ପକ୍ଷରୁ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ପାଗ ଖରାପ ରହିଲେ କିମ୍ବା ଆକାଶରେ କଳାମେଘ ଜମି ଝଡ଼ବର୍ଷାର ଆଭାସ ମିଳିଲେ, ସୁରକ୍ଷା ଦୃଷ୍ଟିରୁ ସମୟାନୁବର୍ତୀ ଭାବେ ସମ୍ପୃକ୍ତ ଅଞ୍ଚଳରେ ବିଦ୍ୟୁତ୍ ସଂଯୋଗ ସାମୟିକ ଭାବେ କାଟିଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଭାଗୀୟ ସୂତ୍ରରୁ ପ୍ରକାଶ ଯେ, କାଳବୈଶାଖୀ ସମୟରେ ପ୍ରବଳ ପବନ ଯୋଗୁଁ ବିଦ୍ୟୁତ୍ ତାର ଛିଡ଼ି ପଡ଼ିବା, ଗଛଡାଳ ଭାଙ୍ଗି ଲାଇନ୍ ଉପରେ ପଡ଼ିବା ଏବଂ ପୋଲ୍‌ଗୁଡ଼ିକ ଭାଙ୍ଗିଯିବା ଭଳି ସମସ୍ୟା ଦେଖାଦେଇଥାଏ। ଏପରିକି ଲାଇଭ୍ ତାର ସଂସ୍ପର୍ଶରେ ଆସି ବହୁ ସମୟରେ ଗାଈଗୋରୁ ଏବଂ ମୂଲ୍ୟବାନ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଥାଏ। ଏହି ସମ୍ଭାବ୍ୟ ବିପଦକୁ ପ୍ରତିହତ କରିବା ପାଇଁ ଜିଲ୍ଲାର ସମସ୍ତ ଗ୍ରୀଡ୍ ଏବଂ ସବ୍-ଷ୍ଟେସନ୍‌ଗୁଡ଼ିକୁ ସତର୍କ ରହିବାକୁ କୁହାଯାଇଛି। ପାଗ ବିଗିଡ଼ିବା ମାତ୍ରେ ସ୍ଥାନୀୟ ଅଞ୍ଚଳର ଲାଇନ୍ କାଟିଦିଆଯିବ ଏବଂ ପାଗ ସ୍ୱାଭାବିକ୍ ହେବା ପରେ ପୁଙ୍ଖାନୁପୁଙ୍ଖ ଯାଞ୍ଚ କରି ପୁଣି ବିଦ୍ୟୁତ୍ ସରବରାହ ଚାଲୁ କରାଯିବ। ଅନ୍ୟପକ୍ଷରେ, ଏହି ସାମୟିକ ବିଦ୍ୟୁତ୍ କାଟ୍ ଯୋଗୁଁ ଗ୍ରାହକମାନଙ୍କୁ କିଛି ସମୟ ପାଇଁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିପାରେ, ମାତ୍ର ଏହା ଜନସାଧାରଣଙ୍କ ଜୀବନ ଓ ସମ୍ପତ୍ତି ସୁରକ୍ଷା ପାଇଁ ଅତ୍ୟନ୍ତ ଜରୁରୀ ବୋଲି ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ବର୍ଷା ଏବଂ ଝଡ଼ ସମୟରେ କୌଣସି ବ୍ୟକ୍ତି ଛିଡ଼ିଥିବା ବିଦ୍ୟୁତ୍ ତାର କିମ୍ବା ପୋଲ୍ ନିକଟକୁ ନଯିବା ପାଇଁ ସଚେତନତା ସୃଷ୍ଟି କରାଯାଉଛି। କୌଣସି ସ୍ଥାନରେ ବିଦ୍ୟୁତ୍ ତାର ଛିଡ଼ିଥିବା ଦେଖିଲେ ତୁରନ୍ତ ନିକଟସ୍ଥ ବିଦ୍ୟୁତ୍ କାର୍ଯ୍ୟାଳୟ କିମ୍ବା ହେଲ୍‌ପଲାଇନ୍ ନମ୍ବରରେ ଜଣାଇବାକୁ ବିଭାଗ ପକ୍ଷରୁ ଜନସାଧାରଣଙ୍କ ଅନରୋଧ କରାଯାଇଛି।

ଅନ୍ଧାରରେ ଥିବା ଗ୍ରାମଗୁଡ଼ିକରେ ଖୁବଶୀଘ୍ର ବିଜୁଳି ସେବା ସ୍ୱାଭାବିକ ହେବ

ବାରିପଦା: ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ଗ୍ରାମାଞ୍ଚଳରେ ଦୀର୍ଘଦିନଧରି ପୋଡ଼ିଯାଇଥିବା, ନଷ୍ଟ ହୋଇଯାଇଥିବା କିମ୍ବା ଅଚଳ ଅବସ୍ଥାରେ ପଡ଼ିଥିବା ଟ୍ରାନ୍ସଫର୍ମରଗୁଡ଼ିକୁ ତୁରନ୍ତ ବଦଳାଇ ନୂତନ ଟ୍ରାନ୍ସଫର୍ମର ଲଗାଇବା ପାଇଁ ବିଦ୍ୟୁତ୍ ବିଭାଗ (TPCODL) ପକ୍ଷରୁ କଡ଼ା ନିର୍ଦ୍ଦେଶ ଜାରି କରାଯାଇଛି। ଗ୍ରାମାଞ୍ଚଳର ଜନସାଧାରଣଙ୍କୁ ନିରବଚ୍ଛିନ୍ନ ଏବଂ ସ୍ୱାଭାବିକ ବିଦ୍ୟୁତ୍ ସେବା ଯୋଗାଇଦେବାଲକ୍ଷ୍ୟରେ ବିଭାଗ ଏଭଳି ପଦକ୍ଷେପ ଗ୍ରହଣ କରିଛି। ଜିଲ୍ଲାର ବାରିପଦା ସଦର ସମେତ ରାଇରଙ୍ଗପୁର, କରଞ୍ଜିଆ, ବିଶୋଇ, ବାଙ୍ଗିରିପୋଷି, ମୋରଡ଼ା, ଠାକୁରମୁଣ୍ଡା, କପ୍ତିପଦା ଏବଂ ଜଶିପୁର ଆଦି ବିଭିନ୍ନ ବ୍ଲକର ଅନେକ ଗ୍ରାମାଞ୍ଚଳରେ ଅଧିକ ଲୋଡ୍ କିମ୍ବା ବଜ୍ରପାତ ଓ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ବାରମ୍ବାର ଟ୍ରାନ୍ସଫର୍ମର ପୋଡ଼ି ଯାଉଥିବା ନେଇ ଅଭିଯୋଗ ହୋଇଆସୁଥିଲା। ଟ୍ରାନ୍ସଫର୍ମର ନଷ୍ଟ ହୋଇଯିବା ଫଳରେ ସମ୍ପୃକ୍ତ ଗ୍ରାମଗୁଡ଼ିକରେ ଦିନ ଦିନ ଧରି ଅନ୍ଧାର ଜମି ରହିବା ସହ ପାନୀୟ ଜଳ ଯୋଗାଣ ଏବଂ ଛାତ୍ରଛାତ୍ରୀଙ୍କ ପାଠପଢ଼ା ପ୍ରଭାବିତ ହେଉଥିଲା। ଏହି ସମସ୍ୟାକୁ ଗମ୍ଭୀରତାର ସହ ଗ୍ରହଣ କରି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଜିଲ୍ଲାର ସମସ୍ତ ସବ୍-ଡିଭିଜନ ଓ କନିଷ୍ଠ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ, କୌଣସି ସ୍ଥାନରେ ଟ୍ରାନ୍ସଫର୍ମର ଜଳିଗଲେ କିମ୍ବା ଖରାପ ହେଲେ ତୁରନ୍ତ ସେଗୁଡ଼ିକୁ ଚିହ୍ନଟ କରାଯାଉ ଏବଂ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସେଗୁଡ଼ିକୁ ବଦଳାଇ ନୂତନ ଟ୍ରାନ୍ସଫର୍ମର ସ୍ଥାପନ କରାଯାଉ। ସେହିପରି ଗ୍ରାମାଞ୍ଚଳରୁ ଆସୁଥିବା ଟ୍ରାନ୍ସଫର୍ମର ଜନିତ ଅଭିଯୋଗଗୁଡ଼ିକୁ ଅଗ୍ରାଧିକାର ଭିତ୍ତିରେ ସମାଧାନ କରିବାକୁ ଜରୁରୀକାଳୀନ ମରାମତି ଦଳ କୁ ମଧ୍ୟ ସତର୍କ କରାଯାଇଛି। ଅନ୍ୟପକ୍ଷରେ, ବିଭାଗର ଏହି ତ୍ୱରିତ ପଦକ୍ଷେପକୁ ସ୍ଥାନୀୟ ଜନସାଧାରଣ ଏବଂ ପଞ୍ଚାୟତ ପ୍ରତିନିଧିମାନେ ସ୍ୱାଗତ କରିଛନ୍ତି। କିଛି ଦିନ ହେବ ଟ୍ରାନ୍ସଫର୍ମର ଅଚଳ ହେବା କାରଣରୁ ହନ୍ତସନ୍ତ ହେଉଥିବା ଗ୍ରାମବାସୀମାନେ ଏବେ ଶୀଘ୍ର ବିଜୁଳି ସେବା ପାଇବେ ବୋଲି ଆଶା ପ୍ରକଟ କରିଛନ୍ତି। ବିଭାଗ ପକ୍ଷରୁ କୁହାଯାଇଛି ଯେ, ଯେଉଁ ଅଞ୍ଚଳରେ ବର୍ତ୍ତମାନସୁଦ୍ଧା ଟ୍ରାନ୍ସଫର୍ମର ଅଚଳ ହୋଇପଡ଼ିରହିଛି, ସେଠାରେ ଆଗାମୀ କିଛି ଦିନ ଭିତରେ ନୂତନ ଟ୍ରାନ୍ସଫର୍ମର ଲଗାଯାଇ ବିଦ୍ୟୁତ୍ ସରବରାହ ସ୍ୱାଭାବିକ୍ କରାଯିବ।

ମୟୂରଭଞ୍ଜ ଜିଲ୍ଲାରେ ବିଦ୍ୟୁତ୍ ବକେୟା ବିଲ୍ ଆଦାୟ କଡ଼ାକଡ଼ି

ବାରିପଦା: ମୟୂରଭଞ୍ଜ ଜିଲ୍ଲାରେ ବିଦ୍ୟୁତ୍ ବିଭାଗ (TPCODL) ପକ୍ଷରୁ ବକେୟା ବିଲ୍ ଆଦାୟ ପ୍ରକ୍ରିୟାକୁ ଅଧିକ କଡ଼ାକଡ଼ି କରାଯାଇଛି। ଦୀର୍ଘଦିନଧରି ବିଭିନ୍ନ ଗ୍ରାହକଙ୍କଠାରୁ ଲକ୍ଷାଧିକ ଟଙ୍କାର ବିଜୁଳି ବିଲ୍ ବକେୟା ପଡ଼ି ରହିଥିବାରୁ ବିଭାଗ ପକ୍ଷରୁ ଚିନ୍ତା ପ୍ରକାଶ ପାଇଛି। ଏହି ପରିପ୍ରେକ୍ଷୀରେ ବକେୟା ରାଶି ଶୀଘ୍ର ଆଦାୟ କରିବା ଏବଂ ପୈଠ କରିନଥିବା ଖଉପୀମାନଙ୍କର ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିବା ପାଇଁ ବିଭାଗ ପକ୍ଷରୁ ଏକାଧିକ ସ୍ୱତନ୍ତ୍ର ଏବଂ କ୍ଷେତ୍ରସ୍ତରୀୟ ଟିମ୍ ଗଠନ କରାଯାଇଛି। ଜିଲ୍ଲାର ବାରିପଦା ସହର ସମେତ ରାଇରଙ୍ଗପୁର, କରଞ୍ଜିଆ, ବାଙ୍ଗିରିପୋଷି, ବିଶୋଇ, ମୋରଡ଼ା ଏବଂ ବେତନଟି ଆଦି ବିଭିନ୍ନ ବ୍ଲକ ଓ ସବ୍-ଡିଭିଜନ ଅଞ୍ଚଳରେ ଏହି ସ୍ୱତନ୍ତ୍ର ଟିମ୍‌ଗୁଡ଼ିକ କାର୍ଯ୍ୟ ଆରମ୍ଭ କରିଛନ୍ତି। ବହୁ ଦିନରୁ ବିଲ୍ ଦେଇନଥିବା ବଡ଼ ବଡ଼ ବାଣିଜ୍ୟିକ ପ୍ରତିଷ୍ଠାନ, ସରକାରୀ କାର୍ଯ୍ୟାଳୟ ଏବଂ ବଡ଼ ଘରୋଇ ଗ୍ରାହକମାନଙ୍କୁ ବିଭାଗ ପକ୍ଷରୁ ପୂର୍ବରୁ ବାରମ୍ବାର ନୋଟିସ୍ ଜାରି କରାଯାଇଥିଲେ ମଧ୍ୟ ସେମାନେ ଆଗ୍ରହ ପ୍ରକାଶ କରୁନଥିଲେ। ଫଳରେ ବାଧ୍ୟ ହୋଇ ବିଭାଗ ଏଭଳି କଠୋର ପଦକ୍ଷେପ ଗ୍ରହଣ କରିଛି।ବିଭାଗୀୟ ସୂତ୍ରରୁ ପ୍ରକାଶ ଯେ, କେତେକ ଅଞ୍ଚଳରେ ଗ୍ରାହକମାନେ ମାସ ମାସ ଧରି ବିଲ୍ ପୈଠ ନକରି ବିଦ୍ୟୁତ୍ ସେବା ଉପଭୋଗ କରୁଛନ୍ତି, ଯାହାକି ବିଭାଗର ଆର୍ଥିକ ଅବସ୍ଥା ଉପରେ କୁପ୍ରଭାବ ପକାଉଛି। ଏହାକୁ ଦୃଷ୍ଟିରେ ରଖି ଗଠିତ ସ୍ୱତନ୍ତ୍ର ଟିମ୍ ସିଧାସଳଖ ଗ୍ରାହକଙ୍କ ଘର କିମ୍ବା ପ୍ରତିଷ୍ଠାନକୁ ଯାଇ ସ୍ଥାନରେ ମିଟର ଯାଞ୍ଚ କରିବା ସହ ବକେୟା ପୈଠ କରିବାକୁ ଚେତାବନୀ ଦେଉଛନ୍ତି। ଯେଉଁମାନେ ତତ୍କାଳ ବିଲ୍ ପୈଠ କରିବାରେ ଅସମର୍ଥ ହେଉଛନ୍ତି କିମ୍ବା ଦୀର୍ଘଦିନରୁ ଏଡ଼ାଇ ଯାଉଛନ୍ତି, ସେମାନଙ୍କର ଲାଇନ୍ କାଟିଦିଆଯିବା ସହ ପରବର୍ତ୍ତୀ ସମୟରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଭାଗୀୟ ଅଧିକାରୀମାନେ ଚେତେଇ ଦେଇଛନ୍ତି।ଅନ୍ୟପକ୍ଷରେ, ବିଭାଗର ଏଭଳି କାର୍ଯ୍ୟାନୁଷ୍ଠାନକୁ ନେଇ ସାଧାରଣ ଗ୍ରାହକଙ୍କ ମଧ୍ୟରେ ମଧ୍ୟ ଆଲୋଚନା ଜୋର ଧରିଛି। ତେବେ ବିଭାଗୀୟ ଅଧିକାରୀମାନେ ସାଧାରଣ ଜନତାଙ୍କୁ ଅନୁରୋଧ କରିଛନ୍ତି ଯେ, ଜରିମାନା ଏବଂ ସଂଯୋଗ କଟାଯିବାର ଅସୁବିଧାରୁ ବର୍ତ୍ତିବା ପାଇଁ ସମସ୍ତ ଗ୍ରାହକ ନିୟମିତ ଭାବେ ନିଜର ବିଦ୍ୟୁତ୍ ବିଲ୍ ପୈଠ କରନ୍ତୁ। ଘରୋଇ ତଥା ସାଧାରଣ ଗ୍ରାହକମାନେ ଅନଲାଇନ୍ ମାଧ୍ୟମରେ କିମ୍ବା ନିକଟସ୍ଥ କଲେକ୍ସନ ସେଣ୍ଟରରେ ବିଲ୍ ପୈଠ କରି ଏହି ସମସ୍ୟାରୁ ମୁକ୍ତ ରହିବାକୁ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି। ଆଗାମୀ ଦିନରେ ଏହି ଅଭିଯାନ ଆହୁରି ବ୍ୟାପକ କରାଯିବ ବୋଲି ବିଦ୍ୟୁତ୍ ବିଭାଗ ପକ୍ଷରୁ କୁହାଯାଇଛି।

ଆଦ୍ୟାଶା ଲାଇଭ୍’ ଖବରର ପ୍ରଭାବ ମୟୂରଭଞ୍ଜରେ ବେକାରୀ ଦୂର ପାଇଁ ମନ୍ତ୍ରୀଙ୍କ ନିଆରା ପଦକ୍ଷେପ



ବାରିପଦା(ଆଦ୍ୟାଶା):ଅଭାବ, ଏବଂ ଦାଦନ ସମସ୍ୟା ଭିତରେ ଜୀବନ ବିତାଉଥିବା ମୟୂରଭଞ୍ଜର ଗରିବ ପରିବାରର ଯୁବକଯୁବତୀଙ୍କ ପାଇଁ ଆଶାର ଏକ ନୂତନ କିରଣ ସୃଷ୍ଟି ହୋଇଛି। ହାତକୁ କାମ ନପାଇ ପରିବାର ଚଳାଇବା ପାଇଁ ଅନେକେ ଭିଟାମାଟି ଛାଡ଼ି ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଥିବା ବେଳେ, ସେମାନଙ୍କୁ ନିଜ ମାଟିରେ ରୋଜଗାର ଯୋଗାଇ ସ୍ୱାବଲମ୍ବୀ କରିବାକୁ ଆଗେଇ ଆସିଛନ୍ତି ରାଜ୍ୟ ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର।ମୟୂରଭଞ୍ଜ ଜିଲ୍ଲାରେ ବେକାରୀ ସମସ୍ୟା ଦୂର କରିବା ଏବଂ ଗରିବ ତଥା ଅସହାୟ ଯୁବପିଢ଼ିଙ୍କୁ ଆତ୍ମନିର୍ଭରଶୀଳ କରିବା ଲକ୍ଷ୍ୟରେ ମନ୍ତ୍ରୀଙ୍କ ପକ୍ଷରୁ ସେମାନଙ୍କୁ ଜଳଖିଆ ଓ ଫାଷ୍ଟଫୁଡ୍ କେବିନ୍ ପ୍ରଦାନ କରାଯାଇଛି। କେବଳ କେବିନ୍ ନୁହେଁ, ବ୍ୟବସାୟ ଆରମ୍ଭ କରିବା ପାଇଁ ଆବଶ୍ୟକ ରୋଷେଇ ସାମଗ୍ରୀ ଓ ବାସନକୁସନ ମଧ୍ୟ ମାଗଣାରେ ଯୋଗାଇ ଦିଆଯାଇଛି।ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ, ଯେଉଁ ଯୁବକଯୁବତୀଙ୍କର ପିତାମାତା ନାହାନ୍ତି କିମ୍ବା ଅତ୍ୟନ୍ତ ଗରିବ ପରିବାରରୁ ଆସି ଜୀବିକା ନିର୍ବାହ ପାଇଁ ସଂଗ୍ରାମ କରୁଛନ୍ତି, ସେମାନଙ୍କୁ ଚିହ୍ନଟ କରି ଏହି ସହାୟତା ଦିଆଯାଉଛି। ପ୍ରଥମ ପର୍ଯ୍ୟାୟରେ ଜିଲ୍ଲାର ମୋଟ ୫ ଜଣ ହିତାଧିକାରୀଙ୍କୁ ଏହି କେବିନ୍ ହସ୍ତାନ୍ତର କରାଯାଇଛି ମୋରଡ଼ା ବିଧାନସଭା କ୍ଷେତ୍ରରୁ ୨ ଜଣ,ବାରିପଦା ବିଧାନସଭା କ୍ଷେତ୍ରରୁ ୨ ଜଣବେତନଟୀ ବିଧାନସଭା କ୍ଷେତ୍ରରୁ ୧ ଜଣ,ଏହି କେବିନ୍‌ଗୁଡ଼ିକ ମାଧ୍ୟମରେ ହିତାଧିକାରୀମାନେ ଅଣ୍ଡା ଅମଲେଟ୍, ତେଲଭାଜି, ଘୁଗୁନି ଓ ବିଭିନ୍ନ ପ୍ରକାରର ଜଳଖିଆ ବିକ୍ରି କରି ନିଜ ପରିବାରର ଗୁଜୁରାଣ ମେଣ୍ଟାଇ ପାରିବେ। ଆଗାମୀ ଦିନରେ ଆହୁରି ଅଧିକ କେବିନ୍ ଯୋଗାଇ ଦିଆଯିବ ବୋଲି ମନ୍ତ୍ରୀ ଆଶ୍ୱାସନା ଦେଇଛନ୍ତି।ପୂର୍ବରୁ ରାସ୍ତାକଡ଼ରେ ଉଠାଦୋକାନ କରି ଜୀବିକା ନିର୍ବାହ କରୁଥିବା ଏହି ହିତାଧିକାରୀମାନେ ମନ୍ତ୍ରୀଙ୍କ ଏହି ନିଆରା ପ୍ରୟାସ ପାଇଁ ଗଭୀର କୃତଜ୍ଞତା ଜଣାଇଛନ୍ତି। ସେମାନଙ୍କ କହିବା ଅନୁଯାୟୀ, ଦିନେ ମନ୍ତ୍ରୀ ରାସ୍ତାରେ ଯିବା ସମୟରେ ସେମାନଙ୍କ ଦୋକାନ ନିକଟରେ ଅଟକି ସମସ୍ୟା ପଚାରି ବୁଝିଥିଲେ ଏବଂ ସହଯୋଗ କରିବାର ପ୍ରତିଶ୍ରୁତି ଦେଇଥିଲେ। ଆଜି ସେହି ପ୍ରତିଶ୍ରୁତି ରକ୍ଷା କରି ସେମାନଙ୍କୁ ଡାକି ଜଳଖିଆ କେବିନ୍ ହସ୍ତାନ୍ତର କରିଛନ୍ତି।"ଗରିବ ଓ ଆବଶ୍ୟକତା ଥିବା ଯୁବକଯୁବତୀଙ୍କୁ ବିଭିନ୍ନ ଯୋଜନା ମାଧ୍ୟମରେ ରୋଜଗାରକ୍ଷମ କରିବା ଆମର ମୁଖ୍ୟ ଉଦ୍ଦେଶ୍ୟ। ଯୁବପିଢ଼ି ଦାଦନ ଖଟିବାକୁ ବାହାରକୁ ନଯାଇ ନିଜ ଅଞ୍ଚଳରେ ରହି ସ୍ୱାବଲମ୍ବୀ ହୁଅନ୍ତୁ। ଆଗାମୀ ଦିନରେ ଯୁବକମାନଙ୍କୁ ଆଉଟ୍‌ସୋର୍ସିଂ କ୍ଷେତ୍ରରେ ମଧ୍ୟ ସୁଯୋଗ ଦେବାକୁ ଉଦ୍ୟମ କରାଯାଉଛି କହିଛନ୍ତି ମନ୍ତ୍ରୀ, ଏହି କାର୍ଯ୍ୟକ୍ରମରେ ବହୁ ଗଣମାନ୍ୟ ବ୍ୟକ୍ତିଙ୍କ ଉପସ୍ଥିତି ରହି ଥିଲେଏହି ବଣ୍ଟନ କାର୍ଯ୍ୟକ୍ରମରେ ବାରିପଦା ବିଧାୟକ ପ୍ରକାଶ ସୋରେନ୍, ଉଦଳା ବିଧାୟକ ଭାସ୍କର ମଢେଇ, ବାଙ୍ଗିରୀପୋଷୀ ବିଧାୟିକା ସଂଜଳି ମୁର୍ମୁ, ବିଜେପି ରାଜ୍ୟ ଏସ୍.ଟି. ମୋର୍ଚ୍ଚା ସଭାପତି ତଥା ପୂର୍ବତନ ବିଧାୟକ କାନ୍ଦ୍ରା ସୋରେନ୍ ଏବଂ ମୟୂରଭଞ୍ଜ ପୂର୍ବ ବିଜେପି ଜିଲ୍ଲା ସଭାପତି ନିହାର ରଞ୍ଜନ ମୋଦି ପ୍ରମୁଖ ଉପସ୍ଥିତ ରହି ହିତାଧିକାରୀମାନଙ୍କୁ ଉତ୍ସାହିତ କରିଥିଲେ ମୟୂରଭଞ୍ଜ ଜିଲ୍ଲାରେ କାୟାବିସ୍ତାର କରିଥିବା ଦାଦନ ସମସ୍ୟା ଓ ଗରିବ ଯୁବକଯୁବତୀଙ୍କ ରୋଜଗାର ଅଭାବ ବିଷୟରେ ‘ଆଦ୍ୟାଶା ଲାଇଭ୍’ ପକ୍ଷରୁ ବାରମ୍ବାର ନିରପେକ୍ଷ ତଥା ସ୍ପଷ୍ଟ ଭାବେ ଖବର ପ୍ରସାରଣ କରାଯାଇଥିଲା। ଏହି ଖବର ଗଣମାଧ୍ୟମରେ ପ୍ରସାରିତ ହେବା ପରେ ପ୍ରଶାସନ ଓ ସ୍ଥାନୀୟ ନେତୃବୃନ୍ଦଙ୍କ ଆଭିମୁଖ୍ୟରେ ଏକ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିଛି। ‘ଆଦ୍ୟାଶା ଲାଇଭ୍’ର ଏହି ଫଳପ୍ରଦ ଖବର ପରିବେଷଣ ଯୋଗୁଁ ଆଜି ଅସହାୟ ଯୁବକମାନେ ସହାୟତା ପାଇବା ସହ ନିଜ ମାଟିରେ ରୋଜଗାର ପାଇବାର ଏକ ନୂତନ ଆଶା ସଞ୍ଚାର ହୋଇଛି, ଯାହାକୁ ସାଧାରଣରେ ବେଶ୍ ପ୍ରଶଂସା କରାଯାଉଛି। ମୟୂରଭଞ୍ଜ ରୁ ଶିବାନନ୍ଦ ଙ୍କ ରିପୋର୍ଟ

ଜିଲ୍ଲାରୁ ସିଧା ରିପୋର୍ଟ

ଚିତ୍ରଡା ଏନ୍.ଏ.ସି.ରେ ବିକାଶ ନାଁରେ ହରିଲୁଟ୍ ନିର୍ମାଣାଧୀନ ବସ୍‌ଷ୍ଟାଣ୍ଡକୁ ନେଇ ବ୍ୟାପକ ଅସନ୍ତୋଷ

ଚିତ୍ରଡା/ମୋରଡା/ଆଦ୍ୟାଶା: ମୟୂରଭଞ୍ଜ ଜିଲ୍ଲା ମୋରଡା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଚିତ୍ରଡା ଏନ୍.ଏ.ସି. ଅଞ୍ଚଳରେ ସରକାରୀ ପାଣ୍ଠିର ବ୍ୟାପକ ଅପବ୍ୟବହାର ଓ ହରିଲୁଟ୍ ହେଉଥିବା ନେଇ ଗାଁଠୁ ସହର ପର୍ଯ୍ୟନ୍ତ ଚର୍ଚ୍ଚା ଜୋର ଧରିଛି। ଏଠାରେ ନୂତନ ଭାବରେ ନିର୍ମାଣ କରାଯାଉଥିବା ବସ୍‌ଷ୍ଟାଣ୍ଡ କାର୍ଯ୍ୟକୁ ନେଇ ସ୍ଥାନୀୟ ଅଞ୍ଚଳରେ ଘୋର ଅସନ୍ତୋଷ ଦେଖାଦେଇଛି। କାମରେ ସ୍ୱଚ୍ଛତାର ଅଭାବ ଏବଂ ପ୍ରଶାସନିକ ଦୂରଦୃଷ୍ଟିହୀନତା ଯୋଗୁଁ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।ସୂଚନା ଫଳକ ନାହିଁ, ଦ୍ୱନ୍ଦ୍ୱରେ ଜନସାଧାରଣ: ମିଳିଥିବା ସୂଚନା ଏବଂ ଭିଡିଓରୁ ଜାଣିବାକୁ ମିଳିଛି ଯେ, ଚିତ୍ରଡା ଏନ୍.ଏ.ସି. ଅଞ୍ଚଳରେ ଏହି ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ କରାଯାଉଥିଲେ ମଧ୍ୟ ସାଧାରଣ ଲୋକଙ୍କ ଜାଣିବା ପାଇଁ ସେଠାରେ କୌଣସି ଆନୁଷ୍ଠାନିକ ସୂଚନା ଫଳକ ଲଗାଯାଇ ନାହିଁ। ଏହି ପ୍ରକଳ୍ପଟି ପ୍ରକୃତରେ ଏକ ବସ୍‌ଷ୍ଟାଣ୍ଡ କି, ମାର୍କେଟ୍ କମ୍ପ୍ଲେକ୍ସ ନା କୌଣସି ଖେଳପଡ଼ିଆ, ସେନେଇ ସ୍ଥାନୀୟ ବାସିନ୍ଦାମାନେ କିଛି ମଧ୍ୟ ଜାଣିପାରୁନାହାନ୍ତି। ସ୍ଥାନୀୟ ବାସିନ୍ଦା ପତିତ ଦାସଙ୍କ ଅଭିଯୋଗ ଅନୁଯାୟୀ, କେବଳ କାମ ଚାଲିଛି କିନ୍ତୁ ପ୍ରକଳ୍ପର ମୂଲ୍ୟ, ଆୟତନ, କାର୍ଯ୍ୟ ଆରମ୍ଭ ଓ ଶେଷ ହେବା ସମୟସୀମା ସମ୍ପର୍କୀୟ ସୂଚନା ଫଳକରେ ଲିଖିତ ଭାବେ ନରହିବା ଏକ ବଡ଼ ଦୁର୍ନୀତିର ସଙ୍କେତ ଦେଉଛି।କେବଳ ସୂଚନା ଫଳକ ନୁହେଁ, ବରଂ ନିର୍ମାଣ କାର୍ଯ୍ୟରେ ବ୍ୟବହୃତ ହେଉଥିବା ସାମଗ୍ରୀର ମାନକୁ ନେଇ ମଧ୍ୟ ଗ୍ରାମବାସୀ ସନ୍ଦେହ ପ୍ରକାଶ କରିଛନ୍ତି। କାମରେ ବାଲି, କଂକ୍ରିଟ୍ ଏବଂ ଅନ୍ୟାନ୍ୟ ସାମଗ୍ରୀ ନିୟମ ଅନୁଯାୟୀ ବ୍ୟବହାର କରାଯାଉ ନଥିବା ଅଭିଯୋଗ ହୋଇଛି। କାର୍ଯ୍ୟର ନିୟମିତ ତଦାରଖ ପାଇଁ କୌଣସି ଦାୟିତ୍ୱପୂର୍ଣ୍ଣ ଅଧିକାରୀ କିମ୍ବା ଯନ୍ତ୍ରୀ ଉପସ୍ଥିତ ରହୁନଥିବାରୁ ଠିକାଦାରମାନେ ନିଜ ଢ଼ମରେ ମନମୁଖୀ କାମ କରୁଛନ୍ତି ବୋଲି ସ୍ଥାନୀୟ ଲୋକେ କ୍ଷୋଭ ପ୍ରକାଶ କରିଛନ୍ତି।ଚିତ୍ରଡା ଏନ୍.ଏ.ସି. ପରି ଏକ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳରେ ବିକାଶର ବାନା ଉଡ଼ାଉଥିବା ପ୍ରଶାସନ ଏଭଳି ଅନିୟମିତତା ପ୍ରତି କାହିଁକି ଆଖି ବୁଜି ଦେଇଛି, ତାହାକୁ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେଣୁ ଜିଲ୍ଲାପାଳ ଏବଂ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଏହି ଘଟଣାର ସ୍ୱଚ୍ଛ ତଦନ୍ତ କରିବା ସହିତ ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ସ୍ଥାନୀୟ ଅଞ୍ଚଳରେ ଦୃଢ଼ ଦାବି ହେଉଛି। ମୟୂରଭଞ୍ଜ ରୁ ଶିବାନନ୍ଦ ଙ୍କ ରିପୋର୍ଟ



ନର୍ସରୀଗୁଡ଼ିକରେ ଜୋରଦାର ଚାଲିଛି ଲକ୍ଷାଧିକ ଚାରା ପ୍ରସ୍ତୁତି କାର୍ଯ୍ୟ

ବାରିପଦା: ପ୍ରକୃତିର ଅପାର ସୌନ୍ଦର୍ଯ୍ୟ ଏବଂ ବିଶ୍ୱପ୍ରସିଦ୍ଧ ସିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟର ମାଟି ଭାବେ ପରିଚିତ ମୟୂରଭଞ୍ଜ ଜିଲ୍ଲାରେ ଜଙ୍ଗଲକ୍ଷୟ ରୋକିବା ଏବଂ ସବୁଜ ଆଚ୍ଛାଦନକୁ ବୃଦ୍ଧି କରିବା ନିମନ୍ତେ ଜିଲ୍ଲା ବନ ବିଭାଗ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ଜଳବାୟୁ ପରିବର୍ତ୍ତନର ମୁକାବିଲା, ପରିବେଶର ସନ୍ତୁଳନ ରକ୍ଷା ଏବଂ ସ୍ଥାନୀୟ ଜୈବବିବିଧତାକୁ ସୁରକ୍ଷିତ ରଖିବା ଲକ୍ଷ୍ୟରେ ଆଗାମୀ ବର୍ଷ ପାଇଁ ବନ ବିଭାଗର ବିଭିନ୍ନ ନର୍ସରୀଗୁଡ଼ିକରେ ବ୍ୟାପକ ସ୍ତରରେ ଚାରା ପ୍ରସ୍ତୁତି କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଆରମ୍ଭ ହୋଇଛି। ବିଭାଗୀୟ ସୂଚନା ଅନୁଯାୟୀ, ଗତ କିଛି ବର୍ଷ ହେବ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ, ବେଆଇନ କାଠ କଟାଳିଙ୍କ ଦୌରାତ୍ମ୍ୟ ଏବଂ ଜଙ୍ଗଲରେ ଘଟୁଥିବା ନିଆଁ ଲାଗିବା ଭଳି ସମସ୍ୟା ଯୋଗୁଁ ଜିଲ୍ଲାର କେତେକ ବନାଞ୍ଚଳ କ୍ଷତିଗ୍ରସ୍ତ ହୋଇଛି। ଏହି କ୍ଷୟକ୍ଷତିର ଭରଣା କରିବା ଏବଂ ଜଙ୍ଗଲର ପୁନରୁଦ୍ଧାର କରିବା ପାଇଁ ରାଜ୍ୟ ସରକାରଙ୍କ 'ସବୁଜ ଓଡ଼ିଶା' ଏବଂ 'ବୃକ୍ଷରୋପଣ' କାର୍ଯ୍ୟକ୍ରମକୁ ମୟୂରଭଞ୍ଜ ଜିଲ୍ଲାରେ ଅଧିକ କ୍ରିୟାଶୀଳ କରାଯାଇଛି। ଜିଲ୍ଲାର ଉଭୟ ଉତ୍ତର ଓ ଦକ୍ଷିଣ ବନ୍ୟପ୍ରାଣୀ ଏବଂ ପ୍ରଶାସନିକ ବନାଞ୍ଚଳ ଅଧୀନରେ ଥିବା ସମସ୍ତ ନର୍ସରୀଗୁଡ଼ିକୁ ସଜାଡ଼ି ଦିଆଯାଇଛି। ଏହି ଚାରା ପ୍ରସ୍ତୁତି ଅଭିଯାନରେ କେବଳ ସାଧାରଣ ଗଛ ନୁହେଁ, ବରଂ ଜଙ୍ଗଲର ମୂଳ ଗୁଣବତ୍ତା ବଜାୟ ରଖୁଥିବା ଶାଳ,ଶିଶୁ, ଆସନ, କରଞ୍ଜ, ମହୁଲ, ହରିଡ଼ା, ବାହାଡ଼ା, ଅଁଳା ଏବଂ ବିଭିନ୍ନ ଫଳଉପଯୋଗୀ ତଥା ଔଷଧୀୟ ବୃକ୍ଷର ଚାରା ପ୍ରସ୍ତୁତିକୁ ପ୍ରାଥମିକତା ଦିଆଯାଉଛି। ଏହା ସହିତ ଗ୍ରାମାଞ୍ଚଳ ଏବଂ ରାସ୍ତାକଡ଼ରେ ଲଗାଇବା ପାଇଁ ଶୀଘ୍ର ବଢ଼ୁଥିବା ଓ ଛାୟାପ୍ରଦ ଚାରାଗୁଡ଼ିକ ମଧ୍ୟ ପ୍ରସ୍ତୁତ କରାଯାଉଛି। ବନ କର୍ମଚାରୀ ଏବଂ ସ୍ଥାନୀୟ ଶ୍ରମିକମାନେ ମିଳିତ ଭାବେ ମାଟି ପ୍ରସ୍ତୁତି, ମଞ୍ଜି ବୁଣିବା ଏବଂ ପଲିଥିନ୍ ବ୍ୟାଗରେ ଚାରା ଯତ୍ନ ନେବା କାର୍ଯ୍ୟରେ ଲାଗିପଡ଼ିଛନ୍ତି। ବନ ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କ କହିବାନୁଯାୟୀ, ଚଳିତ ବର୍ଷ ସାଧାରଣ ଜନତା, ସ୍ୱୟଂ ସହାୟକ ଗୋଷ୍ଠୀ (SHG), ବନ ସୁରକ୍ଷା ସମିତି (VSS) ଏବଂ ଶିକ୍ଷାନୁଷ୍ଠାନଗୁଡ଼ିକର ସହଯୋଗରେ ବ୍ୟାପକ ସ୍ତରରେ ବୃକ୍ଷରୋପଣ କରାଯିବ। କେବଳ ଚାରା ରୋପଣ କରିଦେଲେ କାମ ସରିଯାଏ ନାହିଁ, ବରଂ ସେଗୁଡ଼ିକର ସଠିକ୍ ସୁରକ୍ଷା ଏବଂ ବଢ଼ିବା ପର୍ଯ୍ୟନ୍ତ ଯତ୍ନ ନେବା ପାଇଁ ମଧ୍ୟ ବିଭାଗ ପକ୍ଷରୁ ସ୍ୱତନ୍ତ୍ର କର୍ମଚାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ମୟୂରଭଞ୍ଜର ହରିୟାଲି ଏବଂ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ପୁନର୍ଜୀବିତ କରିବା ଦିଗରେ ବନ ବିଭାଗର ଏହି ପ୍ରୟାସକୁ ସ୍ଥାନୀୟ ବୁଦ୍ଧିଜୀବୀ ଓ ପ୍ରକୃତିପ୍ରେମୀମାନେ ବେଶ୍ ପ୍ରଶଂସା କରିଛନ୍ତି।

ଜିଲ୍ଲାରେ ପ୍ରଧାନମନ୍ତ୍ରୀ ଆବାସ ଓ ରାଜ୍ୟ ଯୋଜନାରେ ସ୍ୱଚ୍ଛତା

ବାରିପଦା: ମୟୂରଭଞ୍ଜ ଜିଲ୍ଲାର ସମସ୍ତ ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (PMAY) ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ କଲ୍ୟାଣମୂଳକ ଯୋଜନାରେ ସ୍ୱଚ୍ଛତା ଓ ସଚ୍ଚୋଟତା ବଜାୟ ରଖିବା ଉଦ୍ଦେଶ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ରାଜନୈତିକ ତଥା ପ୍ରଶାସନିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ବିଭିନ୍ନ ବ୍ଲକ ମୁଖ୍ୟାଳୟ ଏବଂ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ବସିଥିବା ଏହି ବୈଠକରେ ଶାସକ ଦଳର ଜନପ୍ରତିନିଧି, ବିଧାୟକ ଏବଂ ବ୍ଲକସ୍ତରୀୟ ନେତୃବୃନ୍ଦ ଯୋଗଦେଇ ଯୋଜନା କାର୍ଯ୍ୟକାରିତାର ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଛନ୍ତି। ପ୍ରାପ୍ତ ସୂଚନା ଅନୁଯାୟୀ, ଗ୍ରାମାଞ୍ଚଳରେ ପ୍ରକୃତ ଓ ଯୋଗ୍ୟ ହିତାଧିକାରୀମାନେ ଯେପରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଏବଂ ଅନ୍ୟାନ୍ୟ ପକ୍କାଘର ଯୋଜନାରୁ ବଞ୍ଚିତ ନହୁଅନ୍ତି, ସେଥିପାଇଁ କଡ଼ା ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ପୂର୍ବରୁ କିଛି ପଞ୍ଚାୟତରେ ଅଯୋଗ୍ୟ ଲୋକଙ୍କୁ ତାଲିକାରେ ସାମିଲ କରାଯାଇଥିବା ନେଇ ବ୍ୟାପକ ଅଭିଯୋଗ ଆସିଥିଲା। ଏହାକୁ ଦୃଷ୍ଟିରେ ରଖି ବର୍ତ୍ତମାନର ସମୀକ୍ଷା ବୈଠକରେ ତାଲିକାର ସମ୍ପୂର୍ଣ୍ଣ ଯାଞ୍ଚ କରିବାକୁ ଏବଂ ସ୍ୱଚ୍ଛତା ରକ୍ଷା କରିବାକୁ ସ୍ପଷ୍ଟ ଚେତାବନୀ ଦିଆଯାଇଛି। ସେହିପରି ରାଜ୍ୟ ସରକାରଙ୍କ ବିଭିନ୍ନ ସବ୍‌ସିଡି, ଜଳସେଚନ ପ୍ରକଳ୍ପ, ସାମାଜିକ ସୁରକ୍ଷା ଭତ୍ତା ଏବଂ ମିଶନ ଶକ୍ତି ଜରିଆରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ମିଳୁଥିବା ଆର୍ଥିକ ସହାୟତାରେ ମଧ୍ୟ ସ୍ୱଚ୍ଛତା ଅବଲମ୍ବନ କରିବାକୁ ଗୁରୁତ୍ୱ ଦିଆଯାଇଛି। କୌଣସି ମଧ୍ୟସ୍ଥି କିମ୍ବା ଦଲାଲଙ୍କ ପ୍ରଭାବରେ ଯେପରି ସରକାରୀ ଯୋଜନାଗୁଡ଼ିକ ବିପର୍ଯ୍ୟସ୍ତ ନହୁଏ, ସେଥିପାଇଁ ଦଳୀୟ କର୍ମୀ ଓ ସ୍ଥାନୀୟ ନେତାମାନେ ଗ୍ରାମାଞ୍ଚଳରେ ତୀକ୍ଷ୍ଣ ନଜର ରଖିବାକୁ କୁହାଯାଇଛି। ବୈଠକର ଏହି କଡ଼ା ନିଷ୍ପତ୍ତି ଦ୍ୱାରା ଜିଲ୍ଲାରେ ସରକାରୀ ଯୋଜନାଗୁଡ଼ିକର ସଠିକ୍ ରୂପାୟନ ହେବ ବୋଲି ଆଶା କରାଯାଉଛି।

ମାଟିର ଖବର

ଦଶପଲ୍ଲା ବିଦ୍ୟୁତ ସମସ୍ୟା: ୧୨ ଘଣ୍ଟା ଅନ୍ଧାରରେ ସହର, ସମାଧାନ ନହେଲେ ନିର୍ବାଚନରେ ଜବାବ ଦେବେ ଲୋକେ



ନୟାଗଡ/ଦଶପଲ୍ଲା:(ଆଦ୍ୟାଶା) ୨୮/୧୦:ଦଶପଲ୍ଲା ଅଞ୍ଚଳରେ ବିଦ୍ୟୁତ ବିଭାଗର ଚରମ ମନମୁଖୀ ଓ ବେପରୁଆ କାର୍ଯ୍ୟକଳାପ ପ୍ରତିବାଦରେ ସ୍ଥାନୀୟ ଅଞ୍ଚଳରେ ଜନଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ଆଜି ସହର ତଥା ଏହାର ଆଖପାଖ ଅଞ୍ଚଳରେ ପ୍ରାୟ ୧୨ ଘଣ୍ଟା ଧରି ଅଘୋଷିତ ବିଦ୍ୟୁତ କାଟ ଯୋଗୁଁ ସାଧାରଣ ଜନଜୀବନ ସମ୍ପୂର୍ଣ୍ଣ ରୂପେ ଅସ୍ତବ୍ୟସ୍ତ ହୋଇପଡ଼ିଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଅଞ୍ଚଳରେ ସାମାନ୍ୟ ବର୍ଷା କିମ୍ବା ପବନ ହେଲେ ବିଦ୍ୟୁତ ସେବା ଘଣ୍ଟା ଘଣ୍ଟା ଧରି ଅନ୍ତର୍ଦ୍ଧାନ ହୋଇଯାଉଛି। ଦଶପଲ୍ଲାବାସୀଙ୍କୁ ଏଭଳି ଗୁରୁତ୍ୱପୂର୍ଣ୍ଣ ମୌଳିକ ସୁବିଧା ଯୋଗାଇବାରେ ରାଜ୍ୟର 'ଡବଲ୍ ଇଞ୍ଜିନ' ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଥିବା ଏବେ ସାଧାରଣରେ ଚର୍ଚ୍ଚା ହେଉଛି। ଗ୍ରାହକମାନଙ୍କ କହିବା କଥା, ଯେତେବେଳେ ବି ବିଦ୍ୟୁତ କାଟ୍ ନେଇ ଅଭିଯୋଗ କରାଯାଏ, ସେତେବେଳେ ବିଭାଗ ପକ୍ଷରୁ କେବଳ ଗୋଟିଏ ସାଧାରଣ ମେସେଜ୍ ଦେଇ କର୍ତ୍ତବ୍ୟ ଶେଷ କରାଯାଉଛି। "ମହିପୁରରୁ ନୂଆଗାଁ ଭିତରେ ୩୩ କେଭି ସମସ୍ୟା ରହିଛି" କିମ୍ବା "ରାଜପାଟଣାରେ ୩୩ କେଭି କାମ ଚାଲିଛି" ବୋଲି ସୂଚନା ପ୍ରସାରଣ କରି ବିଦ୍ୟୁତ ବିଭାଗ ନିଘୋଡ଼ ନିଦ୍ରାରେ ଶୋଇଯାଉଛି। ଏହି ବାହାନା ଦେଖାଇ ଲୋକଙ୍କୁ ଦୀର୍ଘ ସମୟ ଅନ୍ଧାରରେ ରଖାଯାଉଥିବାରୁ ବ୍ୟବସାୟୀ, ଛାତ୍ରଛାତ୍ରୀ ଏବଂ ଗୃହିଣୀମାନେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଦ୍ୟୁତ ବିଭାଗର ଏଭଳି ସ୍ୱେଚ୍ଛାଚାରିତାକୁ ନେଇ ସ୍ଥାନୀୟ ଅଞ୍ଚଳରେ ରାଜନୈତିକ ପାଣିପାଗ ଏବେ ସରଗରମ ହୋଇଛି। ଗୋଟିଏ ପଟେ କେନ୍ଦ୍ର ଓ ରାଜ୍ୟରେ ବିଜେପିର ‘ଡବଲ୍ ଇଞ୍ଜିନ’ ସରକାର ଥିବା ବେଳେ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ମଧ୍ୟ ଏହି ସମସ୍ୟାର ସ୍ଥାୟୀ ସମାଧାନ କରିବାରେ ବିଫଳ ହୋଇଥିବା ବିରୋଧୀ ଅଭିଯୋଗ ଆଣିଛନ୍ତି। ଅପରପକ୍ଷରେ, ସ୍ଥାନୀୟ ବିରୋଧୀ ଦଳର ନେତାମାନେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଙ୍କ ଭୂମିକା ଉପରେ ପ୍ରଶ୍ନ ଉଠାଇଛନ୍ତି। ଜନସାଧାରଣଙ୍କ ମଧ୍ୟରେ ଚର୍ଚ୍ଚା ହେଉଛି ଯେ ଶାସକ ଓ ବିରୋଧୀ ଉଭୟ ଦଳର ନେତା କେବଳ ପରସ୍ପର ଉପରକୁ ଦୋଷ ଲଦି ଦେଇ ନିଜର ଦାୟିତ୍ୱରୁ ମୁହଁ ବୁଲାଇ ଦେଉଛନ୍ତି। ନିକଟରେ ଟାକରା ଗ୍ରୀଡ୍‌କୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ଦାବିରେ ଜନସାଧାରଣ ଆନ୍ଦୋଳନ କରିଥିଲେ ମଧ୍ୟ କୌଣସି ଜନପ୍ରତିନିଧି ଏହାର ବାସ୍ତବ ସମାଧାନ ପାଇଁ ଆଗକୁ ଆସିନାହାନ୍ତି। ଆଜିର ଏହି ୧୨ ଘଣ୍ଟିଆ ବିଦ୍ୟୁତ କାଟ୍‌କୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଯଦି ଆଗାମୀ ଦିନରେ ଏହି ଜଳୁଥିବା ସମସ୍ୟାର ସ୍ଥାୟୀ ସମାଧାନ କରାନଯାଏ ଏବଂ ଜନପ୍ରତିନିଧିମାନେ ନିଜର ନୀରବତା ଭଙ୍ଗ ନକରନ୍ତି, ତେବେ ଆଗକୁ ଆସୁଥିବା ପଞ୍ଚାୟତ ଏବଂ ଏନଏସି ନିର୍ବାଚନରେ ଜନସାଧାରଣ ଭୋଟ ମାଧ୍ୟମରେ ଉଭୟ ବିଜେଡି ଓ ବିଜେପିକୁ ଉଚିତ ଜବାବ ଦେବେ ବୋଲି ସ୍ଥାନୀୟ ଅଞ୍ଚଳରେ ଜୋରଦାର ଚର୍ଚ୍ଚା ହେଉଛି। ବିଦ୍ୟୁତ ବିଭାଗ ନିଜର କାର୍ଯ୍ୟଶୈଳୀ ନବଦଳାଇଲେ, ଆଗାମୀ ଦିନରେ ବାଧ୍ୟ ହୋଇ ଦଶପଲ୍ଲା ସହର ବନ୍ଦ ସହ ଏକ ବିଶାଳ ଗଣ ଆନ୍ଦୋଳନ କରାଯିବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି। (ନୟାଗଡ ରୁ ଜିଲ୍ଲା ପ୍ରତିନିଧି ଦୀପକ ନାୟକ ଙ୍କ ରିପୋର୍ଟ)

ଜନମତ

ଆଦିବାସୀ ଅଞ୍ଚଳ ବିକାଶ ପାଇଁ ରାଜ୍ୟ ସରକାରଙ୍କ ବଡ଼ ପଦକ୍ଷେପ

ବାରିପଦା: ମୟୂରଭଞ୍ଜ ଜିଲ୍ଲାର ଦୁର୍ଗମ ଆଦିବାସୀ ଅଞ୍ଚଳଗୁଡ଼ିକରେ ବାସ କରୁଥିବା ଜନଜାତି ସମ୍ପ୍ରଦାୟଙ୍କ ସାମାଜିକ, ଆର୍ଥିକ ଏବଂ ଶୈକ୍ଷିକ ବିକାଶ ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ଏକାଧିକ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି। ଜିଲ୍ଲାର କୁସୁମୀ, ରୁଷଡ଼ା, ମୋରଡ଼ା, ଶ୍ୟାମାଖୁଣ୍ଟା, ଜଶୀପୁର ଏବଂ ଠାକୁରମୁଣ୍ଡା ଭଳି ବିଭିନ୍ନ ଆଦିବାସୀ ବହୁଳ ବ୍ଲକ ଓ ପଞ୍ଚାୟତରେ ଗମନାଗମନ, ସ୍ୱାସ୍ଥ୍ୟସେବା, ପାନୀୟ ଜଳ ଏବଂ ଗୁଣାତ୍ମକ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ପ୍ରଶାସନିକ ସ୍ତରରେ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି। ପ୍ରାପ୍ତ ସୂଚନା ଅନୁଯାୟୀ, ଆଦିବାସୀ ଅଞ୍ଚଳର ସବୁଠୁ ବଡ଼ ସମସ୍ୟା ରହିଥିବା ପକ୍କା ରାସ୍ତା ଏବଂ ସଂଯୋଗୀକରଣକୁ ଦୂର କରିବାକୁ 'ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀନ୍ୟାୟ ମହାଅଭିଯାନ' ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଜରିଆରେ କାମ ଆରମ୍ଭ ହୋଇଛି। ଯେଉଁ ଅଞ୍ଚଳଗୁଡ଼ିକରେ ଏଯାଏଁ ପକ୍କା ରାସ୍ତା କିମ୍ବା ମୋବାଇଲ୍ ନେଟୱାର୍କ ପହଞ୍ଚିପାରି ନାହିଁ, ସେଠାରେ ଯୁଦ୍ଧକାଳୀନ ଭିତିରେ କାମ ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାବ୍ୟତୀତ ପ୍ରତ୍ୟେକ ଆଦିବାସୀ ଗାଁକୁ 'ଜଳ ଜୀବନ ମିଶନ' ମାଧ୍ୟମରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଶିକ୍ଷା କ୍ଷେତ୍ରରେ ଉନ୍ନତି ଆଣିବା ଉଦ୍ଦେଶ୍ୟରେ ଜିଲ୍ଲାର ଆଦିବାସୀ ବାଳକ ଓ ବାଳିକାମାନଙ୍କ ପାଇଁ ଥିବା ଆଶ୍ରମ ବିଦ୍ୟାଳୟ ଏବଂ ଉନ୍ନତ ମାନର ଛାତ୍ରାବାସଗୁଡ଼ିକର ରୂପାନ୍ତରଣ କରାଯାଉଛି। ପିଲାମାନଙ୍କୁ ଗୁଣାତ୍ମକ ଶିକ୍ଷା ସହିତ ଖାଦ୍ୟପେୟ ଓ ସ୍ୱାସ୍ଥ୍ୟଗତ ସୁବିଧା ଯୋଗାଇଦେବାକୁ ବିଭାଗୀୟ ଅଧିକାରୀମାନଙ୍କୁ କଡ଼ା ନିର୍ଦ୍ଦେଶ ରହିଛି। ସେହିପରି ଦୁର୍ଗମ ଅଞ୍ଚଳରେ ମୋବାଇଲ୍ ହେଲ୍ଥ ଭ୍ୟାନ୍ ଏବଂ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକର ମାନ ବୃଦ୍ଧି କରାଯାଉଛି, ଯାହାଦ୍ୱାରା ଗ୍ରାମବାସୀମାନେ ଠିକ୍ ସମୟରେ ଡାକ୍ତରୀ ସେବା ପାଇପାରିବେ। ରାଜ୍ୟ ସରକାରଙ୍କ ଏହି ସ୍ୱତନ୍ତ୍ର ପଦକ୍ଷେପ ଯୋଗୁଁ ମୟୂରଭଞ୍ଜର ଜନଜାତି ସମ୍ପ୍ରଦାୟଙ୍କ ଜୀବନଧାରାରେ ବଡ଼ ପରିବର୍ତ୍ତନ ଆସିବ ଏବଂ ସେମାନେ ମୁଖ୍ୟସ୍ରୋତରେ ସାମିଲ ହୋଇପାରିବେ ବେଳେ ବୁଦ୍ଧିଜୀବୀ ଓ ସ୍ଥାନୀୟ ଜନପ୍ରତିନିଧିମାନେ ମତବ୍ୟକ୍ତ କରିଛନ୍ତି।

ମୟୂରଭଞ୍ଜ ଜିଲ୍ଲାରେ ପଞ୍ଚାୟତ ଓ ପୌରାଞ୍ଚଳ ବିକାଶ କାମର ସମୀକ୍ଷା

ବାରିପଦା: ମୟୂରଭଞ୍ଜ ଜିଲ୍ଲାରେ ପଞ୍ଚାୟତ ତଥା ପୌରାଞ୍ଚଳଗୁଡ଼ିକର ବିଭିନ୍ନ ବିକାଶମୂଳକ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବା ଏବଂ ସେଥିରେ ସ୍ୱଚ୍ଛତା ଓ ଗୁଣବତ୍ତା ରକ୍ଷା କରିବା ପାଇଁ ଜିଲ୍ଲାର ପ୍ରମୁଖ ବିଧାୟକମାନଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଜିଲ୍ଲା ସଦର ମହକୁମାସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ମାନ୍ୟବର ବିଧାୟକମାନେ ଯୋଗଦେଇ ନିଜ ନିର୍ବାଚନ ମଣ୍ଡଳୀରେ ଚାଲିଥିବା ଚାଲିଥିବା ଉନ୍ନୟନ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ନେଇ ଖୋଲାଖୋଲି ଆଲୋଚନା କରିଛନ୍ତି। ପ୍ରାପ୍ତ ସୂଚନା ଅନୁଯାୟୀ, ଗ୍ରାମାଞ୍ଚଳରେ ଘରକୁ ଘର ପାନୀୟ ଜଳ ଯୋଗାଣ (ଜଳ ଜୀବନ ମିଶନ), ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଗ୍ରାମୀଣ ପକ୍କା ରାସ୍ତା ନିର୍ମାଣ ଏବଂ ବିଜୁ ସେତୁ ଯୋଜନା ଭଳି ପ୍ରମୁଖ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକର କାର୍ଯ୍ୟକାରିତା କେତେଦୂର ଆଗେଇଛି, ସେ ସମ୍ପର୍କରେ ପର୍ଯ୍ୟାୟକ୍ରମେ ବିସ୍ତୃତ ସମୀକ୍ଷା କରାଯାଇଥିଲା। ସେହିପରି ସହରାଞ୍ଚଳଗୁଡ଼ିକରେ ଡ୍ରେନେଜ୍ ସିଷ୍ଟମ୍, ବର୍ଜ୍ୟବସ୍ତୁ ପରିଚାଳନା, ଷ୍ଟ୍ରିଟ୍ ଲାଇଟ୍ ସଂସ୍ଥାପନ ଏବଂ ସହରାଞ୍ଚଳ ଗରିବ କଲ୍ୟାଣ ଯୋଜନାଗୁଡ଼ିକର ସଠିକ୍ ଓ ସ୍ୱଚ୍ଛ ରୂପାୟନ ଉପରେ ବିଧାୟକମାନେ ଗୁରୁତ୍ୱାରୋପ କରିଥିଲେ।ତେବେ ବୈଠକରେ କେତେକ ସ୍ଥାନରେ ପ୍ରକଳ୍ପ କାମରେ ଅହେତୁକ ବିଳମ୍ବ ଏବଂ ନିର୍ମାଣ ମାନକ ପ୍ରତି ଅବହେଳା ପ୍ରଦର୍ଶିତ ହେଉଥିବା ନେଇ କିଛି ଜନପ୍ରତିନିଧି ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। କାମରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ବଜାୟ ରଖିବାକୁ ଏବଂ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମସ୍ତ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ସମ୍ପୃକ୍ତ ବିଭାଗୀୟ ଯନ୍ତ୍ରୀ ଓ ପ୍ରଶାସନିକ ଅଧିକାରୀମାନଙ୍କୁ କଡ଼ା ଚେତାବନୀ ଦିଆଯାଇଛି। ସରକାରଙ୍କ ଲକ୍ଷ୍ୟ ଅନୁଯାୟୀ ଯେପରି ପ୍ରତ୍ୟେକ ପ୍ରକୃତ ହିତାଧିକାରୀ ସମସ୍ତ ସୁଫଳ ପାଇବେ, ସେଥିପାଇଁ କେବଳ କାଗଜପତ୍ରରେ ସୀମିତ ନ ରହି ନିୟମିତ ଭାବେ ତଳସ୍ତରର କାର୍ଯ୍ୟ ପରିଦର୍ଶନ କରିବାକୁ ବିଧାୟକମାନେ ପ୍ରଶାସନିକ ଅଧିକାରୀମାନଙ୍କୁ ଦୃଢ଼ ନିର୍ଦ୍ଦେଶ ଦେଇଛନ୍ତି।ଏହି ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ପରେ ଆଗାମୀ ଦିନରେ ମୟୂରଭଞ୍ଜ ଜିଲ୍ଲାର ଗ୍ରାମାଞ୍ଚଳ ଓ ସହରାଞ୍ଚଳର ବିକାଶ ଧାରା ଆହୁରି ଅଧିକ ଦ୍ରୁତଗତିରେ ଏବଂ ସଫଳତାର ସହ ଆଗେଇବ ବୋଲି ବୁଦ୍ଧିଜୀବୀ ମହଲରେ ଆଶା ପ୍ରକାଶ ପାଇଛି।

ବାରିପଦାରେ ରାଜନୈତିକ ଉଷ୍ମତା

ବାରିପଦା: ମୟୂରଭଞ୍ଜ ଜିଲ୍ଲା ସଦର ମହକୁମା ବାରିପଦା ସହର ତଥା ଏହାର ଆଖପାଖ ଅଞ୍ଚଳରେ ଆଗାମୀ ଦିନର ରାଜନୈତିକ ରଣନୀତି ଏବଂ ସଂଗଠନକୁ ଅଧିକ ସୁଦୃଢ଼ କରିବା ପାଇଁ ଏବେ ବିଭିନ୍ନ ପ୍ରମୁଖ ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ବିଶେଷ କରି ତୃଣମୂଳ ସ୍ତରରୁ ଦଳୀୟ ଭିତିଭୂମିକୁ ମଜବୁତ କରିବା ଉଦ୍ଦେଶ୍ୟରେ ଶାସକ ଦଳ ସମେତ ବିରୋଧୀ କଂଗ୍ରେସ, ବିଜେଡି ଏବଂ ଅନ୍ୟାନ୍ୟ ଦଳଗୁଡ଼ିକ ପକ୍ଷରୁ ସହରର ବିଭିନ୍ନ ୱାର୍ଡ ଓ ପଞ୍ଚାୟତ ସ୍ତରରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଓ କର୍ମୀ ସମ୍ମିଳନୀମାନ ଅନୁଷ୍ଠିତ ହେବାରେ ଲାଗିଛି।ପ୍ରାପ୍ତ ସୂଚନା ଅନୁଯାୟୀ, ବାରିପଦା ସହରର ବିଭିନ୍ନ ଭାଗରେ ଦଳୀୟ କାର୍ଯ୍ୟାଳୟଗୁଡ଼ିକରେ ବରିଷ୍ଠ ନେତୃବୃନ୍ଦଙ୍କ ଉପସ୍ଥିତିରେ ପୃଥକ୍ ପୃଥକ୍ ସମୀକ୍ଷା ବୈଠକ ବସୁଛି। ସାଧାରଣ ନିର୍ବାଚନ ପରେ ଏବେ ସାଙ୍ଗଠନିକ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ଏବଂ ଯୁବ ଓ ଛାତ୍ର ମୋର୍ଚ୍ଚାକୁ ଅଧିକ ସକ୍ରିୟ କରିବା ପାଇଁ ରଣନୀତି ପ୍ରସ୍ତୁତ କରାଯାଉଛି। ବିଶେଷକରି ସାଧାରଣ ଜନତାଙ୍କ ମୌଳିକ ସମସ୍ୟା ଯଥା- ପାନୀୟ ଜଳ ଯୋଗାଣ, ରାସ୍ତାଘାଟ ନିର୍ମାଣ, ସ୍ୱାସ୍ଥ୍ୟସେବା ଏବଂ ବେକାରୀ ସମସ୍ୟାକୁ ପ୍ରସଙ୍ଗ କରି କିପରି ସରକାରଙ୍କୁ ଘେରାଯିବ କିମ୍ବା ସରକାରୀ ଯୋଜନାଗୁଡ଼ିକୁ ଲୋକାଭିମୁଖୀ କରାଯିବ, ସେ ସମ୍ପର୍କରେ ବୈଠକରେ ବିସ୍ତୃତ ଭାବେ ଆଲୋଚନା କରାଯାଉଛି। ଏହି ବୈଠକଗୁଡ଼ିକରେ କେବଳ ସହରାଞ୍ଚଳ ନୁହେଁ, ବରଂ ବାରିପଦା ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳରୁ ଆସିଥିବା ସ୍ଥାନୀୟ କର୍ମକର୍ତ୍ତା ଓ ପଞ୍ଚାୟତ ପ୍ରତିନିଧିମାନେ ମଧ୍ୟ ଯୋଗଦେଇ ନିଜ ନିଜ ଅଞ୍ଚଳର ସମସ୍ୟା ସମ୍ପର୍କରେ ଅବଗତ କରାଉଛନ୍ତି। ଆଗାମୀ ଦିନରେ ଦଳର ସଦସ୍ୟତା ସଂଗ୍ରହ ଅଭିଯାନକୁ ବ୍ୟାପକ କରିବା ଏବଂ ମହିଳା ଓ ଯୁବବର୍ଗଙ୍କୁ ଦଳ ସହିତ ଅଧିକ ମାତ୍ରାରେ ଯୋଡ଼ିବା ପାଇଁ ବରିଷ୍ଠ ନେତାମାନେ ବିଭିନ୍ନ ଦିଗ୍‌ଦର୍ଶନ ପ୍ରଦାନ କରୁଛନ୍ତି।ରାଜନୈତିକ ବିଶ୍ଳେଷକମାନଙ୍କ ମତରେ, ବାରିପଦାରେ ଏହି ସାଙ୍ଗଠନିକ କସରତ ଆଗାମୀ ଦିନର ସ୍ଥାନୀୟ ନିର୍ବାଚନ ଏବଂ ପ୍ରଶାସନିକ ଦାବିଗୁଡ଼ିକୁ ପ୍ରଭାବଶାଳୀ ଭାବରେ ଉପସ୍ଥାପନ କରିବାରେ ଏକ ବଡ଼ ଭୂମିକା ଗ୍ରହଣ କରିବ। ସବୁ ଦଳ ପକ୍ଷରୁ ଏବେଠାରୁ ନିଜର ଶକ୍ତି ପ୍ରଦର୍ଶନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଥିବାରୁ ସ୍ଥାନୀୟ ରାଜନୀତିରେ ସରଗରମ ପରିସ୍ଥିତି ଦେଖିବାକୁ ମିଳୁଛି।

ଆଦ୍ୟାଶା ADYASHA

ରାଜ୍ୟ

PRGI No. ORORI/25/A0506 | Daily Edition | Email : adyashalive@gmail.com

BHUBANESWAR | Vol. 02 | Issue 12 | ଗୁରୁବାର, ୨୯ ଅକ୍ଟୋବର ୨୦୨୬ | ପୃଷ୍ଠା ୦୭ | Rs. 7

ଆଜିର ପ୍ରମୁଖ

ପାଇପ୍ ଜଳ ପହଞ୍ଚିନଥିବା ଅଞ୍ଚଳରେ ଜଳ ସଙ୍କଟ ମୁକାବିଲା

ଢେଙ୍କାନାଳ: ଢେଙ୍କାନାଳ ଜିଲ୍ଲାର ବିଭିନ୍ନ ଦୁର୍ଗମ, ପାହାଡ଼ିଆ ଏବଂ ସହରତଳି ଅଞ୍ଚଳରେ ଯେଉଁଠାରେ ଏଯାବତ୍ ପାଇପ୍‌ଲାଇନ୍ ଜଳ ଯୋଗାଣ ସମ୍ଭବ ହୋଇପାରି ନାହିଁ, ସେଠାକାର ଜନସାଧାରଣଙ୍କୁ ଜଳାଭାବରୁ ରକ୍ଷା କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ପ୍ରସ୍ତୁତି ଆରମ୍ଭ ହୋଇଛି। ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଉଥିବା ଏବଂ କେତେକ ସ୍ଥାନରେ ଜଳସ୍ତର ହ୍ରାସ ପାଉଥିବା ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଶାସନ ଟ୍ୟାଙ୍କର ମାଧ୍ୟମରେ ପାନୀୟ ଜଳ ଯୋଗାଣ କରିବାକୁ ରଣନୀତି ପ୍ରସ୍ତୁତ କରିଛି। ବିଭାଗୀୟ ସୂତ୍ରରୁ ପ୍ରକାଶ ଯେ, ଜିଲ୍ଲାର କଙ୍କଡ଼ାହାଡ଼, ପରଜଙ୍ଗ, କାମାକ୍ଷାନଗର ଏବଂ ଢେଙ୍କାନାଳ ସଦର ବ୍ଲକର କେତେକ ଗ୍ରାମାଞ୍ଚଳରେ ମେଗା ପାନୀୟ ଜଳ ପ୍ରକଳ୍ପର କାମ ଚାଲିଥିଲେ ମଧ୍ୟ ସମ୍ପୂର୍ଣ୍ଣ ହୋଇନଥିବାରୁ ସେହି ଅଞ୍ଚଳଗୁଡ଼ିକରେ ଜଳ ସଙ୍କଟ ଦେଖାଦେବାର ଆଶଙ୍କା ରହିଛି। ଏହାକୁ ଆଖିଆଗରେ ରଖି ପ୍ରଶାସନ ପକ୍ଷରୁ ପୂର୍ବ ପ୍ରସ୍ତୁତି ସ୍ୱରୂପ ପାଣି ଟ୍ୟାଙ୍କରଗୁଡ଼ିକୁ ମହଜୁଦ୍ ରଖାଯିବା ସହ ଜରୁରୀକାଳୀନ ପରିସ୍ଥିତିରେ ଖବର ମିଳିବା ମାତ୍ରେ ସମ୍ପୃକ୍ତ ଅଞ୍ଚଳକୁ ଟ୍ୟାଙ୍କର ପଠାଇବା ପାଇଁ ବ୍ୟବସ୍ଥା କରାଯାଇଛି। ଏହାଛଡ଼ା, ସହରାଞ୍ଚଳର କେତେକ ବସ୍ତି ଅଞ୍ଚଳ କିମ୍ବା ଶେଷ ମୁଣ୍ଡର ୱାର୍ଡଗୁଡ଼ିକରେ ଯଦି କୌଣସି ଯାନ୍ତ୍ରିକ ତ୍ରୁଟି କିମ୍ବା ବିଦ୍ୟୁତ୍ କାଟ୍ ଯୋଗୁଁ ନଳକୂଳ କିମ୍ବା ପାଇପ୍ ଜଳ ଯୋଗାଣ ବାଧାପ୍ରାପ୍ତ ହୁଏ, ସେଠାରେ ମଧ୍ୟ ତତକ୍ଷଣାତ୍ ପାଣି ଟ୍ୟାଙ୍କର ଯୋଗାଇଦେବାକୁ ଜଳ ଯୋଗାଣ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ଏକ ସ୍ୱତନ୍ତ୍ର କଣ୍ଟ୍ରୋଲ୍ ରୁମ୍ ମଧ୍ୟ କା୍ର୍ୟ୍ୟକ୍ଷମ କରାଯାଇଛି, ଯେଉଁଠାରୁ ଜଳ ସମସ୍ୟା ସମ୍ପର୍କିତ ଖବର ପାଇବା କ୍ଷଣି ଟିମ୍ ତତ୍ପରତା ପ୍ରକାଶ କରିବ। ପ୍ରଶାସନର ଏହି ଆଗୁଆ ପଦକ୍ଷେପ ଫଳରେ ଗ୍ରାମାଞ୍ଚଳ ଏବଂ ଦୁର୍ଗମ ଅଞ୍ଚଳର ଲୋକମାନେ ଜଳାଭାବର ଅସୁବିଧାରୁ ବର୍ତ୍ତି ପାରିବେ ଏବଂ ସମସ୍ତଙ୍କୁ ବିଶୁଦ୍ଧ ପାନୀୟ ଜଳ ମିଳିପାରିବ ବୋଲି ଆଶା କରାଯାଉଛି।

ଢେଙ୍କାନାଳ ସହରରେ ବୃଦ୍ଧି ପାଉଛି ପାନୀୟ ଜଳର ଚାହିଦା

ଢେଙ୍କାନାଳ: ଦିନକୁ ଦିନ ଢେଙ୍କାନାଳ ସହରର ଜନସଂଖ୍ୟା ବୃଦ୍ଧି ପାଇବା ସହ ସହରର ଆକାର ମଧ୍ୟ ବ୍ୟାପକ ଭାବେ ବଢ଼ିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ସହରବାସୀଙ୍କୁ ଭବିଷ୍ୟତରେ ନିରବଚ୍ଛିନ୍ନ ଏବଂ ପର୍ଯ୍ୟାପ୍ତ ପାନୀୟ ଜଳ ଯୋଗାଇବା ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନ ଓ ପାନୀୟ ଜଳ ଯୋଗାଣ ବିଭାଗ ପକ୍ଷରୁ ସହରର ବିଭିନ୍ନ ୱାର୍ଡରେ ନୂତନ ଓଭରହେଡ୍ ଟାଙ୍କି ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି। ବିଭାଗୀୟ ସୂତ୍ରରୁ ପ୍ରକାଶ ଯେ, ପୁରୁଣା ଜଳ ସଂଗ୍ରହ ଟାଙ୍କିଗୁଡ଼ିକ କ୍ଷମତାଠାରୁ ଅଧିକ ଜନସଂଖ୍ୟାକୁ ପାଣି ଯୋଗାଣ କରିବାରେ ବହୁବିଧ ଅସୁବିଧାର ସମ୍ମୁଖୀନ ହେଉଥିଲେ। ସହରର ଶେଷ ମୁଣ୍ଡରେ ଅଥବା ଉଚ୍ଚାଞ୍ଚଳରେ ଥିବା ୱାର୍ଡଗୁଡ଼ିକରେ ପାଣି ଚାପ କମିଯିବା ଯୋଗୁଁ ଲୋକେ ଠିକ୍‌ସମୟରେ ପାଣି ପାଉନଥିଲେ। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ସହରର ବିଭିନ୍ନ ରଣନୈତିକ ସ୍ଥାନରେ ନୂତନ ଓଭରହେଡ୍ ଟାଙ୍କି ନିର୍ମାଣ କରିବାକୁ ଯୋଜନା କରାଯାଇଥିଲା, ଯାହାର କାମ ବର୍ତ୍ତମାନ ଯୁଦ୍ଧକାଳୀନ ଭିତ୍ତିରେ ଜାରି ରହିଛି। ନୂତନ ଟାଙ୍କିଗୁଡ଼ିକ ନିର୍ମାଣ ହେବା ଫଳରେ ସଂରକ୍ଷିତ ଜଳର ପରିମାଣ ବୃଦ୍ଧି ପାଇବ ଏବଂ ସହରର ପ୍ରତ୍ୟେକ ୱାର୍ଡକୁ ସମାନ ଚାପରେ ପାଣି ଯୋଗାଇହେବ। ପ୍ରଶାସନ ପକ୍ଷରୁ ନିର୍ମାଣ କାର୍ଯ୍ୟର ନିୟମିତ ସମୀକ୍ଷା କରାଯାଉଛି ଏବଂ ନିର୍ଦ୍ଧାରିତ ସମୟସୀମା ଭାବେ କାମ ସମ୍ପୂର୍ଣ୍ଣ କରିବାକୁ ଠିକାସଂସ୍ଥାଗୁଡ଼ିକୁ କଡ଼ା ତାଗିଦ୍ କରାଯାଇଛି। ପ୍ରଶାସନର ଏହି ଦୂରଦୃଷ୍ଟିସମ୍ପନ୍ନ ପଦକ୍ଷେପ ଫଳରେ ଆଗାମୀ ଦିନରେ ଢେଙ୍କାନାଳ ସହରରେ ଜଳ ସଙ୍କଟ ସମ୍ପୂର୍ଣ୍ଣ ଦୂର ହେବ ଏବଂ ସହରବାସୀ ଏକ ସ୍ୱାସ୍ଥ୍ୟକର ଓ ଉନ୍ନତ ଜଳ ସେବା ପାଇପାରିବେ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

ଦୁର୍ଗମ ପାହାଡ଼ିଆ ଅଞ୍ଚଳରେ ଜଳାଭାବ ନେଇ ଚିନ୍ତା

ଢେଙ୍କାନାଳ: ଢେଙ୍କାନାଳ ଜିଲ୍ଲାର ବିଭିନ୍ନ ଦୁର୍ଗମ, ଅଗ୍ରସର ଓ ପାହାଡ଼ିଆ ଅଞ୍ଚଳରେ ପ୍ରତିବର୍ଷ ଗ୍ରୀଷ୍ମଋତୁ ଆରମ୍ଭ ହେବା ପୂର୍ବରୁ ପାନୀୟ ଜଳ ସମସ୍ୟା ଏକ ଜଟିଳ ରୂପ ଧାରଣ କରିଥାଏ। ଚଳିତ ବର୍ଷ ମଧ୍ୟ ସେହି ସମସ୍ୟା ପୁନରାବୃତ୍ତି ହେବା ଆଶଙ୍କା କରି ସ୍ଥାନୀୟ ଗ୍ରାମବାସୀ ଏବଂ ବିଭିନ୍ନ ସାମାଜିକ ଅନୁଷ୍ଠାନ ପକ୍ଷରୁ ପ୍ରଶାସନ ନିକଟରେ ପାନୀୟ ଜଳ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଜୋରଦାର ଦାବି କରାଯାଇଛି। ଜିଲ୍ଲାର କଙ୍କଡ଼ାହାଡ଼, ପରଜଙ୍ଗ, କାମାକ୍ଷାନଗର ଏବଂ ଢେଙ୍କାନାଳ ସଦର ବ୍ଲକର କେତେକ ପାହାଡ଼ିଆ ଘଞ୍ଚ ଜଙ୍ଗଲ ଘେରା ଗ୍ରାମଗୁଡ଼ିକରେ ଭୂତଳ ଜଳସ୍ତର ଅତ୍ୟନ୍ତ କମ୍ ଥିବାରୁ ଗ୍ରୀଷ୍ମଦିନ ଆସିବା ମାତ୍ରେ ନଳକୂଳ ଓ କୂଅଗୁଡ଼ିକ ଶୁଖିଯାଇଥାଏ। ପାଇପ୍ ଜଳ ଯୋଗାଣ ପ୍ରକଳ୍ପ ସବୁ ଗ୍ରାମରେ ସମ୍ପୂର୍ଣ୍ଣ ହୋଇନଥିବାରୁ ଲୋକମାନଙ୍କୁ ପାନୀୟ ଜଳ ପାଇଁ କିମିଳା କିମିଳା ପଥର ରାସ୍ତାରେ ଚାଲି ଚାଲି ଚୁଆ କିମ୍ବା କ୍ଷୁଦ୍ର ନାଳର ଅସୁରକ୍ଷିତ ପାଣି ସଂଗ୍ରହ କରିବାକୁ ପଡ଼ିଥାଏ। ଏହାଫଳରେ ସ୍ଥାନୀୟ ଅଞ୍ଚଳରେ ଜଳଜନିତ ରୋଗ ବ୍ୟାପିବାର ଆଶଙ୍କା ମଧ୍ୟ ବୃଦ୍ଧି ପାଇଥାଏ। ଗ୍ରାମବାସୀଙ୍କ ଏହି ଗୁରୁତର ସମସ୍ୟାକୁ ଦୃଷ୍ଟିରେ ରଖି ବୁଦ୍ଧିଜୀବୀ ଓ ସ୍ଥାନୀୟ ପ୍ରତିନିଧିମାନେ ଦାବି କରିଛନ୍ତି ଯେ, ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଇବା ପୂର୍ବରୁ ପ୍ରଶାସନ ଏହି ଅଞ୍ଚଳଗୁଡ଼ିକରେ ସ୍ୱତନ୍ତ୍ର ଦୃଷ୍ଟି ଦେଉ। ଯେଉଁସବୁ ଗ୍ରାମରେ ପାଇପ୍‌ଲାଇନ୍ କାମ ଅଧାରା ରହିଛି, ସେଗୁଡ଼ିକୁ ଯୁଦ୍ଧକାଳୀନ ଭିତ୍ତିରେ ସମାପ୍ତ କରାଯାଉ ଏବଂ ଜଳ ସଙ୍କଟ ଥିବା ଅଞ୍ଚଳରେ ଟ୍ୟାଙ୍କର ମାଧ୍ୟମରେ ନିୟମିତ ପାଣି ଯୋଗାଣର ବ୍ୟବସ୍ଥା କରାଯାଉ। ଅନ୍ୟପକ୍ଷରେ, ଜିଲ୍ଲା ପ୍ରଶାସନ ଏବଂ ପାନୀୟ ଜଳ ଯୋଗାଣ ବିଭାଗ ପକ୍ଷରୁ କୁହାଯାଇଛି ଯେ, ପାହାଡ଼ିଆ ଅଞ୍ଚଳର ଜଳ ସମସ୍ୟା ସମ୍ପର୍କରେ ବିଭାଗ ଅବଗତ ଅଛି ଏବଂ ଆଗାମୀ ଦିନରେ କୌଣସି ଗ୍ରାମ ଯେପରି ଜଳାଭାବର ସମ୍ମୁଖୀନ ନହୁଏ, ସେଥିପାଇଁ ବିକଳ୍ପ ବ୍ୟବସ୍ଥା ଓ ସ୍ଥାୟୀ ପ୍ରକଳ୍ପଗୁଡ଼ିକୁ ଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ପଦକ୍ଷେପ ନିଆଯାଉଛି।

ସମିତି ବୈଠକ ନିୟମିତ ବସୁ ନଥିବାରୁ ଜିଲ୍ଲାପାଳ ଙ୍କ ଦ୍ୱାରସ୍ଥ ହେଲେ ସମିତିସଭ୍ୟ

ଖଜୁରିଆକଟା: ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ବିଭିନ୍ନ କାରଣପାଇଁ ଜନସାଧାରଣରେ ନିନ୍ଦିତ ଓ ଚର୍ଚ୍ଚାର ବିଷୟବସ୍ତୁ ପାଲଟିଥିବାବେଳେ ସମସ୍ତ ପ୍ରକାର ଉର୍ନତିମୂଳକ କାର୍ଯ୍ୟ ଠପ ହୋଇପଡିଛି ଦୁଇବର୍ଷ ଧରିଏଥିସହ ବିଭିନ୍ନ କାର୍ଯ୍ୟ ସବୁ ଲୋଚାଚୋରାରେ ଚାଲିଥିବାବେଳେ ଅଧକ୍ଷାଙ୍କ ବିରୋଧରେ ଏକ ଅସଫଳ ଅନାସ୍ଥା ହୋଇନପାରିବାରୁ ପଞ୍ଚାୟତ ସମିତି ବୈଠକ ବିଗତ ଏକ ବର୍ଷ ହେବ ନିୟମିତ ବସୁ ନଥିବାରୁ ବ୍ଲକର କୁଟୁଣିଆ ପଞ୍ଚାୟତ ସମିତି ସଭ୍ୟ ହେମନ୍ତ କୁମାର ସାହୁ ଗଭୀର ଉଦବେଗ ପ୍ରକାଶ କରି ଅଭିଯୋଗ ଆଣିଛନ୍ତି। କେଉଁ କାରଣ ଓ କାହାର ପରାମର୍ଶ, ସ୍ୱାର୍ଥରେ ବୈଠକ ଡକା ଯାଉ ନାହିଁ ଆଶ୍ଚର୍ଯ୍ୟ ଚକିତ କରୁଛି ଏଥି ଯୋଗୁଁ ପଞ୍ଚାୟତ ମାନଙ୍କରେ କୌଣସି ପ୍ରକାର ଉନ୍ନୟନ ମୂଳକ କାର୍ଯ୍ୟ ହୋଇ ପାରୁ ନାହିଁ ଫଳରେ ସାଧାରଣ ଜନତାଙ୍କ ମନରେ ଅଶାନ୍ତି ସୃଷ୍ଟି ହେଉଛି ବୋଲି ଏକ ଲିଖିତ ଅଭିଯୋଗ ନେଇ ଶ୍ରୀ ସାହୁ ଜିଲ୍ଲାପାଳଙ୍କୁ ଆୟୋଜିତ ଜନ ଅଭିଯୋଗ ଶୁଣାଣୀ ଶିବିରରେ ସାକ୍ଷାତ କରି ନିବେଦନ କରିଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ବୈଠକ ପୂର୍ବ ଭଳି ଡକା ଯାଇ ପଞ୍ଚାୟତ ମାନଙ୍କରେ ରହିଥିବା ସମସ୍ୟା ଓ ଆକ୍ସନ ପ୍ଲାନ୍ ପ୍ରସ୍ତୁତ କରା ଯାଇ ନୂଆଁ ନୂଆଁ ପ୍ରକଳ୍ପ କାର୍ଯ୍ୟକାରୀ ହୋଇ ପାରିବ ବୋଲି ସେ ଆଶା ବ୍ୟକ୍ତ କରିଛନ୍ତି। ଆଜି ସମିତି ସଭ୍ୟ ଶ୍ରୀ ସାହୁଙ୍କ ବୈଠକ ନହେବା ସମ୍ପର୍କିତ ଅଭିଯୋଗକୁ ଅନେକ ପଞ୍ଚାୟତର ସଭ୍ୟ ସଭ୍ୟା ମାନେ ଏବଂ ହିନ୍ଦୋଳ ଜନସାଧାରଣ ବହୁଳ ଭାବରେ ଦୃଢ଼ ସମର୍ଥନ କରିଥିବା ଦେଖାଯିବା ସହ ଉପଖଣ୍ଡରେ ଚର୍ଚ୍ଚାର ବିଷୟବସ୍ତୁ ପାଲଟିଥିବା ଦେଖାଦେଇଛି।(ହିନ୍ଦୋଳ ରୁ ଆଦ୍ୟା ଶ ଲାଇଭ ରିପୋର୍ଟର ମାନସ ମାଝୀ)



ଜିଲ୍ଲାରୁ ସିଧା ରିପୋର୍ଟ

ହିନ୍ଦୋଳ ମହାବିଦ୍ୟାଳୟ ପଦାର୍ଥ ବିଜ୍ଞାନ ବିଭାଗର ସ୍ୱାଗତ ଉତ୍ସବ

ଢ଼େଙ୍କାନାଳ ଜିଲ୍ଲା:ହିନ୍ଦୋଳ ଉପଖଣ୍ଡ ଖଜୁରିଆକଟାସ୍ଥିତ ହିନ୍ଦୋଳ ମହାବିଦ୍ୟାଳୟ ପଦାର୍ଥ ବିଜ୍ଞାନ ବିଭାଗର ସ୍ୱାଗତ ଉତ୍ସବ ୨୮ ତାରିଖ ଦିନ ଅନୁଷ୍ଠିତ ହୋଇଛି । ବିଭାଗର +୩ ଦ୍ୱିତୀୟ ଓ ଶେଷ ବର୍ଷର ଛାତ୍ର ଛାତ୍ରୀମାନେ +୩ ପ୍ରଥମ ବର୍ଷ ଛାତ୍ର ଛାତ୍ରୀ ମାନଙ୍କୁ ଉପହାର ପ୍ରଦାନ କରି ସ୍ୱାଗତ ଜଣାଇଥିଲେ । ବିଭାଗ ପକ୍ଷରୁ ଆୟୋଜିତ ସଭାରେ ବିଭାଗର ମୁଖ୍ୟ ଜୟନ୍ତ ନାରାୟଣ ପତିଙ୍କ ପୌରହିତ୍ୟରେ ଅନୁଷ୍ଠିତ ସ୍ୱାଗତ ଉତ୍ସବରେ ମହାବିଦ୍ୟାଳୟ ଅଧକ୍ଷ ପ୍ରଦୀପ କୁମାର ଧଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହିତ ମାନବର ଯାବତୀୟ ଉନ୍ନତି ଅନ୍ତରାଳରେ କଠିନ ପରିଶ୍ରମ ,ସାଧନା,ଉଚ୍ଚଭିଳାଷ, କର୍ତ୍ତବ୍ୟ ନିଷ୍ଠା ଇତ୍ୟାଦି ବିଦ୍ୟମାନ ହେଲେ ମଧ୍ୟ ଏ ସବୁର ଚାବିକାଠି ହେଉଛି ଶୃଙ୍ଖଳା ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଭାବେ ଢ଼େଙ୍କାନାଳ ଲୋକସଭା ସାଂସଦଙ୍କ ପ୍ରତିନିଧି ତଥା ଆଲୁମିନିର ସମ୍ପାଦକ ସୁଶାନ୍ତ କୁମାର ପତି , ରସାୟନ ବିଭାଗର ମୁଖ୍ୟ ସୁକାନ୍ତ କୁମାର ପତି, ଗଣିତ ବିଭାଗର ମୁଖ୍ୟ କ୍ୟାପଟେନ୍ କିଶୋର କୁମାର ପୃଷ୍ଟି, ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ନିର୍ମଳ ଚନ୍ଦ୍ର ପାଣିଗ୍ରାହୀ ,କାର୍ଯ୍ୟାଳୟ କର୍ମଚାରୀ ମଙ୍ଗରାଜ ପ୍ରଧାନ ଯୋଗଦେଇ ଛାତ୍ର ଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ସମୟାନୁବର୍ତ୍ତିତା ଓ ନୀୟମାନୁବର୍ତ୍ତିତା ଆଦର୍ଶ ଛାତ୍ର ଛାତ୍ରୀଙ୍କୁ ଉଚ୍ଚ ସୋପାନକୁ ଉନ୍ନତ କରାଏ ବୋଲି ମାର୍ଗ ଦର୍ଶନ ଦେଇଥିଲେ । ବିଭାଗର ଛାତ୍ର ଛାତ୍ରୀମାନେ ଉତ୍ସବର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ବିଭାଗର ଡେମୋନେଷ୍ଟ୍ରେଟର ବିଶ୍ୱରଂଜନ ସ୍ୱାଗତ ଓ ଅତିଥି ପରିଚୟ ଦେଇଥିଲା ବେଳେ ବିଭାଗର ଅନ୍ୟତମ ଅଧ୍ୟାପକ ଚିନ୍ମୟ ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଉତ୍ସବରେ ସହାୟିକା ସତ୍ୟଭାମା ସାହୁ , ସହାୟକ ସୁବ୍ରତ ଜେନାମଣି ଓ ଅକ୍ଷୟ କୁମାର ନାଏକ ପ୍ରମୁଖ ସହଯୋଗ କରିଥିଲେ ।(ହିନ୍ଦୋଳ ରୁ ଆଦ୍ୟା ଶ ଲାଇଭ ରିପୋର୍ଟର ମାନସ ମାଝୀ)



ଗ୍ରାମାଞ୍ଚଳରେ ପାନୀୟ ଜଳ ସଙ୍କଟ ଦୂର ପାଇଁ ତ୍ୱରିତ ପଦକ୍ଷେପ

ଢେଙ୍କାନାଳ: ଢେଙ୍କାନାଳ ଜିଲ୍ଲାର ବିଭିନ୍ନ ଗ୍ରାମାଞ୍ଚଳରେ ଜନସାଧାରଣଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ଲକ୍ଷ୍ୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ବ୍ୟାପକ ନଳକୂଳ ମରାମତି ଅଭିଯାନ ଆରମ୍ଭ କରାଯାଇଛି। ଗ୍ରାମାଞ୍ଚଳରେ ଦୀର୍ଘଦିନଧରି ଅଚଳ ହୋଇପଡ଼ିଥିବା ଗଭୀର ଏବଂ ଅଗଭୀର ନଳକୂଳ ଗୁଡ଼ିକୁ ଚିହ୍ନଟ କରାଯାଇ ତୁରନ୍ତ ସେଗୁଡ଼ିକୁ ମରାମତି କରିବା ପାଇଁ ଜିଲ୍ଲାର ସମସ୍ତ ପଞ୍ଚାୟତ ଏବଂ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲାର ପରଜଙ୍ଗ, କାମାକ୍ଷାନଗର, ଭୁବନ, ଗଁଦିଆ, କଙ୍କଡ଼ାହାଡ଼ ଏବଂ ଢେଙ୍କାନାଳ ସଦର ବ୍ଲକର ବିଭିନ୍ନ ପଞ୍ଚାୟତରେ ବହୁ ପୁରୁଣା ନଳକୂଳ ପାଣି ନ ଦେଇ ଅଚଳ ଅବସ୍ଥାରେ ପଡ଼ିରହିଥିବା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଥିଲା। ଯେଉଁ ଅଞ୍ଚଳଗୁଡ଼ିକରେ ଏଯାବତ୍ ମେଗା ପାଇପ୍ ପାନୀୟ ଜଳ ପ୍ରକଳ୍ପର ସଂଯୋଗ ପହଞ୍ଚିପାରି ନାହିଁ, ସେଠାକାର ଗ୍ରାମବାସୀମାନେ ମୁଖ୍ୟତଃ ଏହି ନଳକୂଳଗୁଡ଼ିକ ଉପରେ ନିର୍ଭର କରିଥାନ୍ତି। ମାତ୍ର ନଳକୂଳଗୁଡ଼ିକ ଖରାପ ହୋଇପଡ଼ିଥିବାରୁ ଗ୍ରାମବାସୀଙ୍କୁ ପାନୀୟ ଜଳ ପାଇଁ ନାନା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା ଏବଂ କେତେକ ସ୍ଥାନରେ ଚୁଆ କିମ୍ବା ନାଳର ଅସୁରକ୍ଷିତ ପାଣି ବ୍ୟବହାର କରିବାକୁ ବାଧ୍ୟ ହେଉଥିଲେ। ଏହି ସମସ୍ୟାକୁ ଗମ୍ଭୀରତାର ସହ ଗ୍ରହଣ କରି ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ସରପଞ୍ଚ ଏବଂ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଯେ, ସେମାନେ ନିଜ ନିଜ ପଞ୍ଚାୟତ ଅଧୀନରେ ଥିବା ସମସ୍ତ ୱାର୍ଡର ଅଚଳ ନଳକୂଳଗୁଡ଼ିକର ଏକ ତାଲିକା ପ୍ରସ୍ତୁତ କରନ୍ତୁ। ଏହାପରେ ବିଭାଗୀୟ ମେକାନିକ୍ ଟିମ୍ ସହାୟତାରେ ତୁରନ୍ତ ସେଗୁଡ଼ିକୁ ମରାମତି କରାଯାଉ କିମ୍ବା ପ୍ଲାଷ୍ଟିକ୍ ପାଇପ୍ ଓ ସିଲ୍ ପରିବର୍ତ୍ତନ କରାଯାଉ। କାମରେ କୌଣସି ଅବହେଳାକୁ ବରଦାସ୍ତ କରାଯିବ ନାହିଁ ବୋଲି ପ୍ରଶାସନ ପକ୍ଷରୁ ଚେତାବନୀ ଦିଆଯାଇଛି। ଅନ୍ୟପକ୍ଷରେ, ପ୍ରଶାସନର ଏହି ପଦକ୍ଷେପକୁ ସ୍ଥାନୀୟ ଜନସାଧାରଣ ଏବଂ ପଞ୍ଚାୟତ ପ୍ରତିନିଧିମାନେ ସ୍ୱାଗତ କରିଛନ୍ତି। ନଳକୂଳଗୁଡ଼ିକ ମରାମତି ହେଲେ ଗ୍ରାମାଞ୍ଚଳରେ ଦେଖାଦେଉଥିବା ଜଳ ସଙ୍କଟର ଆଶୁ ସମାଧାନ ହୋଇପାରିବ ଏବଂ ଲୋକେ ସହଜରେ ବିଶୁଦ୍ଧ ପାନୀୟ ଜଳ ପାଇପାରିବେ ବୋଲି ଆଶା କରାଯାଉଛି।

ମେଗା ପାନୀୟ ଜଳ ପ୍ରକଳ୍ପ କାମରେ ବିଳମ୍ବକୁ ନେଇ ପ୍ରଶାସନର କଡ଼ା ନିର୍ଦ୍ଦେଶ

ଢେଙ୍କାନାଳ: ଢେଙ୍କାନାଳ ଜିଲ୍ଲାର ବିଭିନ୍ନ ଗ୍ରାମାଞ୍ଚଳରେ ଜନସାଧାରଣଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ ହାତକୁ ନିଆଯାଇଥିବା ବହୁ ପ୍ରତୀକ୍ଷିତ ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପଗୁଡ଼ିକର କାର୍ଯ୍ୟରେ ବିଳମ୍ବକୁ ନେଇ ଜିଲ୍ଲା ପ୍ରଶାସନ କ୍ଷୋଭ ପ୍ରକାଶ କରିଛି। ପ୍ରକଳ୍ପଗୁଡ଼ିକର କାମକୁ ଆଉ ଅଧିକ ବିଳମ୍ବ ନକରି ତୁରନ୍ତ ତ୍ୱରାନ୍ୱିତ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଏବଂ ଠିକାସଂସ୍ଥାଗୁଡ଼ିକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲାର ପରଜଙ୍ଗ, କାମାକ୍ଷାନଗର, ଭୁବନ, ଗଁଦିଆ, କଙ୍କଡ଼ାହାଡ଼ ଏବଂ ଢେଙ୍କାନାଳ ସଦର ବ୍ଲକର ବିଭିନ୍ନ ଦୁର୍ଗମ ଓ ପାହାଡ଼ିଆ ଅଞ୍ଚଳରେ ଗ୍ରାମବାସୀଙ୍କୁ ଘରକୁ ଘର ପାଇପ୍ ଜଳ ଯୋଗାଇବା ଉଦ୍ଦେଶ୍ୟରେ ଏହି ମେଗା ପ୍ରକଳ୍ପଗୁଡ଼ିକର କାମ ଆରମ୍ଭ ହୋଇଥିଲା। ମାତ୍ର ବିଭିନ୍ନ କାରଣରୁ ଯଥା- ପାଇପ୍‌ଲାଇନ୍ ବିଛାଇବାରେ ବିଳମ୍ବ, ଓଭରହେଡ୍ ଟାଙ୍କି ନିର୍ମାଣରେ ମନ୍ଥର ଗତି ଏବଂ ଜଙ୍ଗଲ କିମ୍ବା ଜମି ଅଧିଗ୍ରହଣ ଜନିତ ଜଟିଳତା ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପ୍ରକଳ୍ପଗୁଡ଼ିକ ଶେଷ ହୋଇପାରି ନାହିଁ ଫଳରେ ଗ୍ରାମାଞ୍ଚଳର ଲୋକମାନେ ଏପର୍ଯ୍ୟନ୍ତ ଶୁଦ୍ଧ ପାନୀୟ ଜଳ ସୁବିଧାରୁ ବଞ୍ଚିତ ରହୁଥିବା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଥିଲା। ଏହି ସମସ୍ୟାକୁ ଗମ୍ଭୀରତାର ସହ ଗ୍ରହଣ କରି ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଜରୁରୀ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସ୍ପଷ୍ଟ କରାଯାଇଛି ଯେ, ଗ୍ରାମାଞ୍ଚଳରେ ପାନୀୟ ଜଳ ଯୋଗାଣ ସରକାରଙ୍କ ଏକ ପ୍ରାଥମିକତା କାର୍ଯ୍ୟକ୍ରମ ହୋଇଥିବାରୁ ଏଥିରେ କୌଣସି ସ୍ଥାନରେ ସିଥାଳିଆ କିମ୍ବା ଅବହେଳାକୁ ବରଦାସ୍ତ କରାଯିବ ନାହିଁ। ଯେଉଁ ଠିକାସଂସ୍ଥାଗୁଡ଼ିକ କାମରେ ବିଳମ୍ବ କରୁଛନ୍ତି, ସେମାନଙ୍କୁ ସତର୍କ କରାଯିବା ସହ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ କାମ ଶେଷ କରିବାକୁ କୁହାଯାଇଛି। ଅନ୍ୟପକ୍ଷରେ, ପ୍ରଶାସନର ଏହି କଡ଼ା ପଦକ୍ଷେପ ପରେ ପ୍ରକଳ୍ପ କାମରେ ବେଗ ଆସିବ ଏବଂ ଶୀଘ୍ର ଜିଲ୍ଲାର ପ୍ରତ୍ୟେକ ଗ୍ରାମର ଲୋକମାନେ 'ଜଳ ଜୀବନ ମିଶନ' ଅଧୀନରେ ପାଇପ୍ ଯୋଗେ ବିଶୁଦ୍ଧ ପାନୀୟ ଜଳ ପାଇପାରିବେ ବୋଲି ଆଶା କରାଯାଉଛି।

ମାଟିର ଖବର

ହାତୀ ଆକ୍ରମଣରେ ବୃଦ୍ଧ ମୃତ



ହିନ୍ଦୋଳ: ୨୮ ଅକ୍ଟୋବର:(ଆଦ୍ୟାଶା ଲାଇଭ୍ - ମାନସ ମାଝୀ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡରେ ହାତୀ ଆକ୍ରମଣର ସୁଅ ଛୁଟିଥିବା ବେଳେ ଗତ କିଛିଦିନ ହେଲା ଏହା ଲଗାତାର ଭାବେ ନିରୀହ ଜୀବନ ନେବାରେ ଲାଗିଛି। ହେଲେ ବନବିଭାଗ ପକ୍ଷରୁ କୌଣସି ସ୍ଥାୟୀ ପ୍ରତିକାର ବା ନିରାକରଣ କରାଯାଉନଥିବାରୁ ଏବେ ସାଧାରଣରେ ଏବଂ ହିନ୍ଦୋଳ ଅଞ୍ଚଳର ଜନସାଧାରଣଙ୍କ ମନରେ ବନ ବିଭାଗ ବିରୋଧରେ ପ୍ରବଳ ଅସନ୍ତୋଷର ନିଆଁ ଜଳିବାରେ ଲାଗିଛି।ପ୍ରାପ୍ତ ଖବରରୁ ପ୍ରକାଶ ଯେ, ହିନ୍ଦୋଳ ଅଞ୍ଚଳରେ ଲଗାତାର ହାତୀ ଆକ୍ରମଣ ଜାରି ରହିଥିବା କାରଣରୁ ମାତ୍ର ଗୋଟିଏ ସପ୍ତାହ ଭିତରେ ୪ ରୁ ୫ ଜଣ ବ୍ୟକ୍ତିଙ୍କର ମର୍ମନ୍ତୁଦ ମୃତ୍ୟୁ ଘଟିସାରିଲାଣି। ଏଭଳି ଏକ ଅଭାବନୀୟ ଏବଂ ଦୁଃଖଦକର ପରିସ୍ଥିତି ଜାରି ରହିଥିବା ବେଳେ ଆଜି ସକାଳେ ହିନ୍ଦୋଳ ଉପଖଣ୍ଡ ବନାଞ୍ଚଳ ଅନ୍ତର୍ଗତ କର୍ଣ୍ଣପୁର ବିଟ୍ ବାଲିମିଥାନା ଅଧୀନ କନ୍ତିମିଳି ଗ୍ରାମରେ ଆଉ ଏକ ଜୀବନ ଯାଇଛି।ଗ୍ରାମର ସ୍ୱର୍ଗତ ରଙ୍କ ବେହେରାଙ୍କ ପୁଅ ଅଭିରାମ ବେହେରା (୬୮) ଆଜି ସକାଳ ପ୍ରାୟ ୮ ଘଣ୍ଟା ସମୟରେ ଗ୍ରାମ ନିକଟରେ ଥିବା ନିଜସ୍ୱ ଚାଷଜମି ଓ ପନିପରିବା ବଗିଚାକୁ ଫସଲରେ ସାର ପକାଇବା ପାଇଁ ଯାଇଥିଲେ। ତେବେ ସେଠାରେ ପୂର୍ବରୁ ଲୁଚି ରହିଥିବା କିମ୍ବା ଆଖପାଖ ଜଙ୍ଗଲରୁ ଆସିଥିବା ଏକ ବଣୁଆ ହାତୀପଲ ଭିତରୁ ଏକ ପ୍ରକୋପିତ ଦନ୍ତାହାତୀ ହଠାତ୍ ଅଭିରାମଙ୍କ ଉପରେ ଆକ୍ରମଣ କରିଥିଲା। ହାତୀଟି ତାଙ୍କୁ ହାତୀ ଶୁଣ୍ଢରେ ଘୋଷାରି ନେଇ ଜମିରେ କଚାଡ଼ି ଦେବା ସହ ନିଜ ଗୋଡ଼ରେ ଦଳି ଦେଇଥିଲା, ଯାହାଫଳରେ ଘଟଣାସ୍ଥଳରେ ଅଭିରାମଙ୍କର କରୁଣ ମୃତ୍ୟୁ ଘଟିଥିଲା।ଏହି ଦୁର୍ଘଟଣା ସମ୍ପର୍କରେ ଖବର ପାଇବା ପରେ ହିନ୍ଦୋଳ ବନବିଭାଗର ବରିଷ୍ଠ ଅଧିକାରୀ, କର୍ମଚାରୀ ଏବଂ ମୃତକଙ୍କ ପରିବାରବର୍ଗ ଘଟଣାସ୍ଥଳରେ ପହଞ୍ଚି ତୁରନ୍ତ ତାଙ୍କୁ ଉଦ୍ଧାର କରି ଖଜୁରିଆକଟା ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ପରୀକ୍ଷା କରି ମୃତ ବୋଲି ଘୋଷଣା କରିଥିଲେ। ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିବା ବେଳେ ପୋଲିସ ଓ ବନବିଭାଗ କର୍ମଚାରୀମାନେ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛନ୍ତି। ବାରମ୍ବାର ଏଭଳି ଜୀବନହାନୀ ଘଟୁଥିବାରୁ ସ୍ଥାନୀୟ ଅଞ୍ଚଳରେ ଗ୍ରାମବାସୀଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଇଛି।

ଜନମତ

ଢ଼େଙ୍କାନାଳ ସହରରେ ସ୍ମାର୍ଟ ମିଟର ଲଗାଇବା ପ୍ରକ୍ରିୟା ଜୋରଦାର

ଢ଼େଙ୍କାନାଳ: ଢ଼େଙ୍କାନାଳ ସହର ଏବଂ ଏହାର ଆଖପାଖ ଅଞ୍ଚଳରେ ବିଦ୍ୟୁତ୍ ସେବାକୁ ଅଧିକ ଆଧୁନିକ, ସ୍ୱଚ୍ଛ ଏବଂ ତ୍ରୁଟିମୁକ୍ତ କରିବା ଲକ୍ଷ୍ୟରେ ବିଦ୍ୟୁତ୍ ବିଭାଗ (TPCODL) ପକ୍ଷରୁ ସ୍ମାର୍ଟ ମିଟରସ୍ଥାପନ ପ୍ରକ୍ରିୟାକୁ ବ୍ୟାପକ ଭାବେ ଜୋରଦାର କରାଯାଇଛି। ପୁରୁଣା ଏବଂ ଯାନ୍ତ୍ରିକ ତ୍ରୁଟିପୂର୍ଣ୍ଣ ମିଟର ସ୍ଥାନରେ ଏହି ଅତ୍ୟାଧୁନିକ ସ୍ମାର୍ଟ ମିଟର ଲଗାଯିବା ଦ୍ୱାରା ଗ୍ରାହକମାନେ ବିଭିନ୍ନ ପ୍ରକାରର ସୁବିଧା ପାଇପାରିବେ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ବିଭାଗୀୟ ସୂତ୍ରରୁ ପ୍ରକାଶ ଯେ, ଢ଼େଙ୍କାନାଳ ସହରର ବିଭିନ୍ନ ୱାର୍ଡ, ବ୍ୟବସାୟିକ ପ୍ରତିଷ୍ଠାନ ଏବଂ ଆଖପାଖର ଗ୍ରାମାଞ୍ଚଳରେ ପର୍ଯ୍ୟାୟକ୍ରମେ ଏହି ସ୍ମାର୍ଟ ମିଟର ଲଗାଯାଉଛି। ପୂର୍ବରୁ ବିଲ୍ ତିଆରିରେ ହେଉଥିବା ବିଭ୍ରାଟ, ମିଟର ପାଠକ ଆସିବାରେ ଅସୁବିଧା ଏବଂ ଭୁଲ୍ ବିଲ୍ ଆସିବା ଭଳି ସମସ୍ୟାରୁ ଗ୍ରାହକମାନେ ମୁକ୍ତି ପାଇବେ। ସ୍ମାର୍ଟ ମିଟର ଲାଗିବା ପରେ ଗ୍ରାହକମାନେ ସେମାନଙ୍କର ଦୈନନ୍ଦିନ ବିଦ୍ୟୁତ୍ ଖର୍ଚ୍ଚ ଏବଂ ବ୍ୟବହାରକୁ ମୋବାଇଲ୍ ଆପ୍ଲିକେସନ୍ ମାଧ୍ୟମରେ ସିଧାସଳଖ ତଦାରଖ କରିପାରିବେ। ଏହାଦ୍ୱାରା ବିଦ୍ୟୁତ୍ ସଞ୍ଚୟ କରିବାରେ ମଧ୍ୟ ସୁବିଧା ହେବ। ଏହି ସ୍ମାର୍ଟ ମିଟର ସ୍ଥାପନ କାର୍ଯ୍ୟକୁ ସୁରୁଖୁରୁରେ ସମ୍ପାଦନ କରିବା ପାଇଁ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଟେକ୍ନିକାଲ୍ ଟିମ୍ ନିୟୋଜିତ କରାଯାଇଛି। ଘରୋଇ ତଥା ବାଣିଜ୍ୟିକ ଗ୍ରାହକମାନଙ୍କୁ ସ୍ମାର୍ଟ ମିଟରର ଉପକାରିତା ସମ୍ପର୍କରେ ସଚେତନ ମଧ୍ୟ କରାଯାଉଛି। କିଛି ଗ୍ରାହକଙ୍କ ମଧ୍ୟରେ ଏହାକୁ ନେଇ କିଛି ସନ୍ଦେହ ରହିଥିଲେ ମଧ୍ୟ ବିଭାଗୀୟ ଅଧିକାରୀମାନେ ସ୍ପଷ୍ଟ କରିଛନ୍ତି ଯେ, ଏହି ମିଟରଗୁଡ଼ିକ ସମ୍ପୂର୍ଣ୍ଣ ସଠିକ୍ ଏବଂ ଏହାଦ୍ୱାରା ଗ୍ରାହକମାନେ କେବଳ ସେମାନେ ବ୍ୟବହାର କରିଥିବା ବିଜୁଳିର ସଠିକ୍ ମୂଲ୍ୟ ପୈଠ କରିବେ। ଅନ୍ୟପକ୍ଷରେ, ଢ଼େଙ୍କାନାଳ ସହରରେ ଏହି ପ୍ରକ୍ରିୟା ସଫଳ ହେବା ପରେ ଆଗାମୀ ଦିନରେ ଜିଲ୍ଲାର ଅନ୍ୟାନ୍ୟ ବ୍ଲକ ଏବଂ ପୌରାଞ୍ଚଳଗୁଡ଼ିକରେ ମଧ୍ୟ ସ୍ମାର୍ଟ ମିଟର ଲଗାଯିବା ନେଇ ଯୋଜନା ରହିଛି। ବିଭାଗ ପକ୍ଷରୁ ସମସ୍ତ ଗ୍ରାହକଙ୍କୁ ଅନୁରୋଧ କରାଯାଇଛି ଯେ, ମିଟର ବଦଳାଇବା କାର୍ଯ୍ୟରେ ନିୟୋଜିତ ଥିବା କର୍ମଚାରୀମାନଙ୍କୁ ସହଯୋଗ କରନ୍ତୁ ଏବଂ ନୂତନ ବ୍ୟବସ୍ଥାକୁ ଆପଣାଇ ନିଜର ବିଦ୍ୟୁତ୍ ସେବାକୁ ଅଧିକ ସୁଦୃଢ଼ କରନ୍ତୁ।

ଜିଲ୍ଲାରେ କାଳବୈଶାଖୀ ଓ ଝଡ଼ବର୍ଷା ସମୟରେ ସୁରକ୍ଷା ପାଇଁ କଡ଼ା ପଦକ୍ଷେପ

ଢେଙ୍କାନାଳ: ଢେଙ୍କାନାଳ ଜିଲ୍ଲାରେ ପ୍ରତିବର୍ଷ କାଳବୈଶାଖୀ, ଲଗାଣ ବର୍ଷା ଏବଂ ପ୍ରବଳ ଝଡ଼ବର୍ଷା ସମୟରେ ଘଟୁଥିବା ଅଭାବନୀୟ ବିଦ୍ୟୁତ୍ ଦୁର୍ଘଟଣାକୁ ସମ୍ପୂର୍ଣ୍ଣ ଭାବେ ଏଡ଼ାଇବା ପାଇଁ ବିଦ୍ୟୁତ୍ ବଣ୍ଟନକାରୀ ସଂସ୍ଥା (TPCODL) ପକ୍ଷରୁ ବ୍ୟାପକ ତଥା କଡ଼ା ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ପାଗ ଖରାପ ରହିଲେ କିମ୍ବା ଆକାଶରେ କଳାମେଘ ଜମି ଝଡ଼ବର୍ଷା ଓ ବଜ୍ରପାତର ଆଭାସ ମିଳିବାମାତ୍ରେ, ସାଧାରଣ ଜନସାଧାରଣଙ୍କ ସୁରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦେଇ ସମୟାନୁବର୍ତୀ ଭାବେ ସମ୍ପୃକ୍ତ ଅଞ୍ଚଳରେ ବିଦ୍ୟୁତ୍ ସଂଯୋଗକୁ ସାମୟିକ ଭାବେ ବନ୍ଦ କରାଯିବ ବୋଲି ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି।ବିଭାଗୀୟ ସୂତ୍ରରୁ ପ୍ରକାଶ ପାଇଛି ଯେ, କାଳବୈଶାଖୀ ଓ ପ୍ରବଳ ଝଡ଼ ସମୟରେ ଅତି ଦ୍ରୁତ ବେଗରେ ପବନ ବହିବା ଯୋଗୁଁ ରାସ୍ତାକଡ଼ର ବିଦ୍ୟୁତ୍ ତାର ଛିଡ଼ି ପଡ଼ିବା, ଗଛଡାଳ ଭାଙ୍ଗି ଲାଇନ୍ ଉପରେ ପଡ଼ିବା ଏବଂ ବିଦ୍ୟୁତ୍ ପୋଲ୍‌ଗୁଡ଼ିକ ଭାଙ୍ଗିଯିବା ଭଳି ଅତ୍ୟନ୍ତ ବିପଦଜନକ ପରିସ୍ଥିତି ସୃଷ୍ଟି ହୋଇଥାଏ। ଏପରିକି ଜୀବନ୍ତ ତାର ସଂସ୍ପର୍ଶରେ ଆସି ମନୁଷ୍ୟ ଏବଂ ଗାଈଗୋରୁଙ୍କ ପ୍ରତି ମହାବିପଦ ସୃଷ୍ଟି ହେଉଥିବା ଦୃଷ୍ଟିରୁ ଏହି ସମ୍ଭାବ୍ୟ ଦୁର୍ଘଟଣାକୁ ସମ୍ପୂର୍ଣ୍ଣ ପ୍ରତିହତ କରିବା ପାଇଁ ଜିଲ୍ଲାର ସମସ୍ତ ଗ୍ରୀଡ୍ ଏବଂ ସବ୍-ଷ୍ଟେସନ୍‌ଗୁଡ଼ିକୁ ସର୍ବଦା ସତର୍କ ରହିବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ପାଗ ବିଗିଡ଼ିବା ମାତ୍ରେ ସମ୍ପୃକ୍ତ ସ୍ଥାନୀୟ ଅଞ୍ଚଳର ଲାଇନ୍ ସଂଯୋଗ କାଟିଦିଆଯିବ ଏବଂ ପାଗ ସ୍ୱାଭାବିକ୍ ହେବା ପରେ ବିଭାଗୀୟ ଟିମ୍ ଦ୍ୱାରା ଲାଇନ୍ ପୁଙ୍ଖାନୁପୁଙ୍ଖ ଯାଞ୍ଚ କରାଯାଇ ପୁନର୍ବାର ବିଦ୍ୟୁତ୍ ସରବରାହ ଚାଲୁ କରାଯିବ। ଅନ୍ୟପକ୍ଷରେ, ଏହି ସାମୟିକ ବିଦ୍ୟୁତ୍ କାଟ୍ ଯୋଗୁଁ ଗ୍ରାହକମାନଙ୍କୁ କିଛି ସମୟ ପାଇଁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିପାରେ, ମାତ୍ର ଏହା ଜନସାଧାରଣଙ୍କ ଅମୂଲ୍ୟ ଜୀବନ ଓ ସମ୍ପତ୍ତି ସୁରକ୍ଷା ପାଇଁ ଅତ୍ୟନ୍ତ ଜରୁରୀ ବୋଲି ବିଭାଗ ପକ୍ଷରୁ ଦୃଢ଼ୋକ୍ତି ପ୍ରକାଶ କରାଯାଇଛି। ପ୍ରବଳ ବର୍ଷା ଏବଂ ଝଡ଼ ସମୟରେ କୌଣସି ବ୍ୟକ୍ତି ଛିଡ଼ିଥିବା ବିଦ୍ୟୁତ୍ ତାର କିମ୍ବା ପୋଲ୍ ନିକଟକୁ ନଯିବା ପାଇଁ ବ୍ୟାପକ ସଚେତନତା ସୃଷ୍ଟି କରାଯାଉଛି। ଯଦି କୌଣସି ସ୍ଥାନରେ ବିଦ୍ୟୁତ୍ ସମ୍ବନ୍ଧୀୟ ଦୁର୍ଘଟଣା କିମ୍ବା ତାର ଛିଡ଼ିଥିବା ଦେଖିବାକୁ ମିଳେ, ତେବେ ତୁରନ୍ତ ନିକଟସ୍ଥ ବିଦ୍ୟୁତ୍ କାର୍ଯ୍ୟାଳୟ କିମ୍ବା ବିଭାଗୀୟ ହେଲ୍‌ପଲାଇନ୍ ନମ୍ବରରେ ଯୋଗାଯୋଗ କରିବାକୁ ଜନସାଧାରଣଙ୍କୁ ବିଶେଷ ଭାବେ ଅନୁରୋଧ କରାଯାଇଛି।

ଜିଲ୍ଲାରେ ଅଚଳ ଟ୍ରାନ୍ସଫର୍ମର ବଦଳାଇବା ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ନିର୍ଦ୍ଦେଶ

ଢ଼େଙ୍କାନାଳ: ଢ଼େଙ୍କାନାଳ ଜିଲ୍ଲାର ବିଭିନ୍ନ ଗ୍ରାମାଞ୍ଚଳରେ ଦୀର୍ଘଦିନଧରି ପୋଡ଼ିଯାଇଥିବା, ନଷ୍ଟ ହୋଇଯାଇଥିବା କିମ୍ବା ଅଚଳ ଅବସ୍ଥାରେ ପଡ଼ିଥିବା ଟ୍ରାନ୍ସଫର୍ମରଗୁଡ଼ିକୁ ଯୁଦ୍ଧକାଳୀନ ଭିତ୍ତିରେ ବଦଳାଇ ନୂତନ ଟ୍ରାନ୍ସଫର୍ମର ଲଗାଇବା ପାଇଁ ବିଦ୍ୟୁତ୍ ବିଭାଗ (TPCODL) ଉଚ୍ଚ କର୍ତ୍ତୃପକ୍ଷଙ୍କ ପକ୍ଷରୁ କଡ଼ା ନିର୍ଦ୍ଦେଶ ଜାରି କରାଯାଇଛି। ଗ୍ରାମାଞ୍ଚଳର ଜନସାଧାରଣଙ୍କୁ ନିରବଚ୍ଛିନ୍ନ ଏବଂ ସ୍ୱାଭାବିକ ବିଦ୍ୟୁତ୍ ସେବା ଯୋଗାଇଦେବା ଲକ୍ଷ୍ୟରେ ବିଭାଗ ଏଭଳି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛି। ଜିଲ୍ଲାର ଢ଼େଙ୍କାନାଳ ସଦର ସମେତ କାମାକ୍ଷାନଗର, ପରଜଙ୍ଗ, ଭୁବନ, ମେରୁଣ୍ଡା, କଙ୍କଡ଼ାହାଡ଼ ଏବଂ ଗଁଦିଆ ଆଦି ବିଭିନ୍ନ ବ୍ଲକର ଅନେକ ଗ୍ରାମାଞ୍ଚଳରେ ଅଧିକ ବିଦ୍ୟୁତ୍ ଲୋଡ୍, ବଜ୍ରପାତ ଓ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ବାରମ୍ବାର ଟ୍ରାନ୍ସଫର୍ମର ପୋଡ଼ି ଯାଉଥିବା ନେଇ ଅଭିଯୋଗ ହୋଇଆସୁଥିଲା। ଟ୍ରାନ୍ସଫର୍ମର ନଷ୍ଟ ହୋଇଯିବା ଫଳରେ ସମ୍ପୃକ୍ତ ଗ୍ରାମଗୁଡ଼ିକରେ ଦିନ ଦିନ ଧରି ଅନ୍ଧାର ଜମି ରହିବା ସହ ଗ୍ରାମାଞ୍ଚଳର ପାନୀୟ ଜଳ ଯୋଗାଣ ପ୍ରକ୍ରିୟା ଏବଂ ଛାତ୍ରଛାତ୍ରୀଙ୍କ ପାଠପଢ଼ା ଗଭିର ଭାବରେ ପ୍ରଭାବିତ ହେଉଥିଲା। ଏହି ସମସ୍ୟାକୁ ଅତ୍ୟନ୍ତ ଗମ୍ଭୀରତାର ସହ ଗ୍ରହଣ କରି ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀମାନେ ଜିଲ୍ଲାର ସମସ୍ତ ସବ୍-ଡିଭିଜନ ଏବଂ କନିଷ୍ଠ ଯନ୍ତ୍ରୀମାନଙ୍କୁ କଡ଼ା ତାଗିଦ୍ କରିଛନ୍ତି। ନିର୍ଦ୍ଦେଶ ଅନୁଯାୟୀ, କୌଣସି ଅଞ୍ଚଳରେ ଟ୍ରାନ୍ସଫର୍ମର ଜଳିଗଲେ କିମ୍ବା ଖରାପ ହେଲେ ତୁରନ୍ତ ସେଗୁଡ଼ିକୁ ଚିହ୍ନଟ କରାଯିବ ଏବଂ ନିର୍ଦ୍ଧାରିତ କମ୍ ସମୟସୀମା ମଧ୍ୟରେ ସେଗୁଡ଼ିକୁ ବଦଳାଇ ନୂତନ ଟ୍ରାନ୍ସଫର୍ମର ସ୍ଥାପନ କରାଯିବ। ସେହିପରି ଗ୍ରାମାଞ୍ଚଳରୁ ଆସୁଥିବା ଟ୍ରାନ୍ସଫର୍ମର ଜନିତ ଅଭିଯୋଗଗୁଡ଼ିକୁ ସର୍ବୋଚ୍ଚ ଅଗ୍ରାଧିକାର ଭିତ୍ତିରେ ସମାଧାନ କରିବାକୁ ଜରୁରୀକାଳୀନ ମରାମତି ଦଳ କୁ ମଧ୍ୟ ସମ୍ପୂର୍ଣ୍ଣ ସତର୍କ କରାଯାଇଛି। ଅନ୍ୟପକ୍ଷରେ, ବିଭାଗର ଏହି ତ୍ୱରିତ ପଦକ୍ଷେପକୁ ସ୍ଥାନୀୟ ଜନସାଧାରଣ, ପଞ୍ଚାୟତ ପ୍ରତିନିଧି ଏବଂ ବୁଦ୍ଧିଜୀବୀମାନେ ସ୍ୱାଗତ କରିଛନ୍ତି। କିଛି ଦିନ ହେବ ଟ୍ରାନ୍ସଫର୍ମର ଅଚଳ ହେବା କାରଣରୁ ନାନା ଅସୁବିଧାର ସମ୍ମୁଖୀନ ହେଉଥିବା ଗ୍ରାମବାସୀମାନେ ଏବେ ଖୁବ୍‌ଶୀଘ୍ର ବିଜୁଳି ସେବା ପାଇବେ ବୋଲି ଆଶା ପୋଷଣ କରିଛନ୍ତି। ବିଭାଗ ପକ୍ଷରୁ କୁହାଯାଇଛି ଯେ, ଯେଉଁ ସବୁ ଗ୍ରାମରେ ବର୍ତ୍ତମାନସୁଦ୍ଧା ଟ୍ରାନ୍ସଫର୍ମର ଅଚଳ ହୋଇପଡ଼ିରହିଛି, ସେଠାରେ ଆଗାମୀ କିଛି ଦିନ ଭିତରେ ନୂତନ ଟ୍ରାନ୍ସଫର୍ମର ସ୍ଥାପନ କରାଯାଇ ବିଦ୍ୟୁତ୍ ସରବରାହକୁ ସମ୍ପୂର୍ଣ୍ଣ ସ୍ୱାଭାବିକ୍ କରାଯିବ।

ଆଦ୍ୟାଶା ADYASHA
ରାଜ୍ୟ
PRGI No. ORORI/25/A0506
Daily Edition
Email : adyashalive@gmail.com
BHUBANESWAR | Vol. 02 | Issue 12
ଗୁରୁବାର, ୨୯ ଅକ୍ଟୋବର ୨୦୨୬

ଆଜିର ପ୍ରମୁଖ

ଜଳସେଚନ ଅଭାବ ଓ ଧାନ କ୍ରୟ ଅନିୟମିତତାକୁ ନେଇ ସରଗରମ ନୂଆପଡ଼ା ରାଜନୀତି

ନୂଆପଡ଼ା: ନୂଆପଡ଼ା ଜିଲ୍ଲାରେ ଚାଷୀମାନଙ୍କ ବିଭିନ୍ନ ମୌଳିକ ସମସ୍ୟା, ବିଶେଷକରି ଜଳସେଚନର ଅଭାବ ଏବଂ ଧାନ କ୍ରୟ ପ୍ରକ୍ରିୟାରେ ଦେଖାଦେଇଥିବା ଜଟିଳତାକୁ ନେଇ ରାଜନୀତି ଜୋର ଧରିଛି। ଜିଲ୍ଲାରେ ଚାଷୀମାନେ ସେମାନଙ୍କ ହକ୍ ପାଇଁ ସଂଘର୍ଷ କରୁଥିବାବେଳେ ବିରୋଧୀ ଦଳଗୁଡ଼ିକ ଏହି ପ୍ରସଙ୍ଗକୁ ଆୟୁଧ କରି ଜିଲ୍ଲା ପ୍ରଶାସନ ଏବଂ ସରକାରଙ୍କ ବିରୁଦ୍ଧରେ ତୀବ୍ର ପ୍ରତିବାଦ ସହ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ବିଭାଗୀୟ ସୂତ୍ରରୁ ପ୍ରକାଶ ଯେ, ନୂଆପଡ଼ା, ଖରିଆର, କୋମନା, ଏବଂ ସିନାପାଳି ଅଞ୍ଚଳରେ ଅଧିକାଂଶ ଚାଷୀ ବର୍ଷାଜଳ ଉପରେ ନିର୍ଭର କରିଥାନ୍ତି। ମାତ୍ର ସଠିକ୍ ସମୟରେ ଜଳସେଚନ ସୁବିଧା ନମିଳିବା ଏବଂ ପୁରୁଣା ପ୍ରକଳ୍ପଗୁଡ଼ିକ ଅଚଳ ହୋଇପଡ଼ିଥିବାରୁ ଚାଷ କାମ ବାଧାପ୍ରାପ୍ତ ହେଉଛି। ଏହାସହ ଧାନ କ୍ରୟ ମଣ୍ଡିଗୁଡ଼ିକରେ ଟୋକନ୍ ବ୍ୟବସ୍ଥାରେ ଅନିୟମିତତା, ମିଲର୍‌ମାନଙ୍କ ମନମୁଖୀ କାର୍ଯ୍ୟ ଏବଂ କ୍ୱିଣ୍ଟାଲ୍ ପିଛା ଅଧିକ ଧାନ କାଟିବା ଭଳି ସମସ୍ୟାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ସମସ୍ୟାଗୁଡ଼ିକୁ ନେଇ ବିଭିନ୍ନ ବିରୋଧୀ ରାଜନୈତିକ ଦଳର ନେତାମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସେମାନେ ଦାବି କରିଛନ୍ତି ଯେ, ଯଦି ଶୀଘ୍ର ଚାଷୀଙ୍କ ଜଳସେଚନ ସମସ୍ୟା ଦୂର କରା ନଯାଏ ଏବଂ ସ୍ୱଚ୍ଛତାର ସହ ଧାନ କ୍ରୟ କରା ନଯାଏ, ତେବେ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ କରାଯିବ। ଚାଷୀଙ୍କ ଜଳ ଓ ଧାନ କ୍ରୟ ପ୍ରସଙ୍ଗକୁ ନେଇ ଦେଖାଦେଇଥିବା ଏହି ରାଜନୈତିକ ଘମାଘୋଟ ଲଢ଼େଇ ଏବେ ଜିଲ୍ଲାରେ ଚର୍ଚ୍ଚାର ମୁଖ୍ୟ କେନ୍ଦ୍ରବିନ୍ଦୁ ପାଲଟିଛି।

ଜନସମସ୍ୟା ବୁଝିବାକୁ ଗ୍ରାମାଞ୍ଚଳମୁହାଁ ନୂଆପଡ଼ାର ନେତା

ନୂଆପଡ଼ା: ନୂଆପଡ଼ା ଜିଲ୍ଲାରେ ରାଜନୈତିକ ସରଗରମତା ବୃଦ୍ଧି ପାଇବା ସହ ନେତାମାନେ ଏବେ ସିଧାସଳଖ ତୃଣମୂଳ ସ୍ତରର ଜନସାଧାରଣଙ୍କ ପାଖରେ ପହଞ୍ଚିବା ପାଇଁ ଗ୍ରାମାଞ୍ଚଳ ଗସ୍ତକୁ ବ୍ୟାପକ କରିଛନ୍ତି। ସାଧାରଣ ଜନତାଙ୍କ ମୌଳିକ ସମସ୍ୟା, ସରକାରୀ ଯୋଜନାର ସଫଳତା ତଥା ଅସୁବିଧାଗୁଡ଼ିକୁ ପାଖରୁ ଅନୁଭବ କରିବା ଉଦ୍ଦେଶ୍ୟରେ ଜିଲ୍ଲାର ବିଧାୟକ ଏବଂ ବିଭିନ୍ନ ଦଳର ଜିଲ୍ଲାସ୍ତରୀୟ ନେତାମାନେ ବିଭିନ୍ନ ବ୍ଲକ, ପଞ୍ଚାୟତ ଏବଂ ଦୁର୍ଗମ ଗ୍ରାମଗୁଡ଼ିକ ଗସ୍ତ କରୁଛନ୍ତି। ବିଭାଗୀୟ ସୂତ୍ରରୁ ପ୍ରକାଶ ଯେ, ନୂଆପଡ଼ା, ଖରିଆର, କୋମନା, ଏବଂ ସିନାପାଳି ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳରେ ନେତାମାନଙ୍କର ଏହି ଗସ୍ତ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଗ୍ରାମଗୁଡ଼ିକରେ ପହଞ୍ଚି ନେତାମାନେ ସ୍ଥାନୀୟ ଲୋକଙ୍କ ସହ ବୈଠକ କରି ପାନୀୟ ଜଳ, ଗମନାଗମନ, ସ୍ୱାସ୍ଥ୍ୟ ସେବା, ଚାଷୀଙ୍କ ଧାନ ବିକ୍ରି ସମସ୍ୟା ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଭଳି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରୁଛନ୍ତି। ଲୋକମାନେ ମଧ୍ୟ ନିଜ ଅଞ୍ଚଳର ଅସୁବିଧା ସମ୍ପର୍କରେ ଖୋଲାଖୋଲି ଭାବେ ନେତାମାନଙ୍କ ଆଗରେ ଅଭିଯୋଗ ଉପସ୍ଥାପନ କରୁଛନ୍ତି। ବିଶେଷ କରି ଦୁର୍ଗମ ଓ ପାହାଡ଼ିଆ ଅଞ୍ଚଳର ଲୋକମାନେ ଯେପରି ସରକାରୀ ସୁବିଧାରୁ ବଞ୍ଚିତ ନହୁଅନ୍ତି ଏବଂ ସେମାନଙ୍କର ଦୁଃଖସୁଖରେ ନେତାମାନେ ସାମିଲ ହେଉଛନ୍ତି, ତାହା ଦଳୀୟ ସଂଗଠନକୁ ମଧ୍ୟ ଅଧିକ ମଜଭୁତ କରୁଛି। ନେତାମାନେ ପ୍ରତିଜ୍ଞା କରୁଛନ୍ତି ଯେ, ସେମାନଙ୍କ ଦ୍ୱାରା ଚିହ୍ନଟ ହୋଇଥିବା ସମସ୍ୟାଗୁଡ଼ିକୁ ଖୁବ୍ ଶୀଘ୍ର ଜିଲ୍ଲା ପ୍ରଶାସନ ଏବଂ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟିକୁ ନିଆଯାଇ ସମାଧାନ କରାଯିବ। ଗ୍ରାମାଞ୍ଚଳରେ ନେତାଙ୍କ ଏହି କ୍ରମାଗତ ଗସ୍ତ ଫଳରେ ସାଧାରଣ ଜନତାଙ୍କ ମଧ୍ୟରେ ଏକ ଆଶାର ସଞ୍ଚାର ହୋଇଥିବାବେଳେ ଆଗାମୀ ଦିନରେ ରାଜନୈତିକ ବାତାବରଣ ଆହୁରି ଅଧିକ ଗତିଶୀଳ ହେବ ବୋଲି ଆଶା କରାଯାଉଛି।

ଜିଲ୍ଲା ପରିଷଦ ବୈଠକରେ ପ୍ରଶାସନିକ ଅବହେଳାକୁ ନେଇ କ୍ଷୋଭ

ନୂଆପଡ଼ା: ନୂଆପଡ଼ା ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଜିଲ୍ଲାର ବିଭିନ୍ନ ମୌଳିକ ଜନସମସ୍ୟା ଏବଂ ପ୍ରଶାସନିକ କଳର କାର୍ଯ୍ୟଶୈଳୀକୁ ନେଇ କ୍ଷୋଭ ଓ ଅସନ୍ତୋଷ ପ୍ରକାଶ ପାଇଛି। ଜିଲ୍ଲାରେ ପାନୀୟ ଜଳ ସଙ୍କଟ, ସ୍ୱାସ୍ଥ୍ୟସେବାର ଅବସ୍ଥା, ବିଦ୍ୟୁତ୍ ସମସ୍ୟା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଏବଂ ସଡ଼କ ନିର୍ମାଣ କାର୍ଯ୍ୟରେ ଅନିୟମିତତାକୁ ନେଇ ଜିଲ୍ଲା ପରିଷଦ ସଦସ୍ୟମାନେ ବୈଠକରେ ସରକାରୀ ଅଧିକାରୀମାନଙ୍କୁ କାଠଗଡ଼ାରେ ଠିଆ କରିଥିଲେ। ବିଭାଗୀୟ ସୂତ୍ରରୁ ପ୍ରକାଶ ଯେ, ବୈଠକ ଆରମ୍ଭ ହେବା ମାତ୍ରେ ବିଭିନ୍ନ ପଞ୍ଚାୟତ ସମିତିର ଅଧ୍ୟକ୍ଷ ଏବଂ ଜିଲ୍ଲା ପରିଷଦ ସଦସ୍ୟମାନେ ନିଜ ନିଜ ଅଞ୍ଚଳର ଜନସମସ୍ୟାର ସମାଧାନ ହେଉନଥିବା ଅଭିଯୋଗ କରି ପ୍ରଶାସନ ଉପରେ ବର୍ଷିଥିଲେ। ଗ୍ରାମାଞ୍ଚଳରେ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟଗୁଡ଼ିକ ଅତ୍ୟନ୍ତ ମନ୍ଥର ଗତିରେ ଚାଲିଥିବା ଏବଂ କେତେକ ବିଭାଗୀୟ ଅଧିକାରୀ ଜନ ପ୍ରତିନିଧିମାନଙ୍କ କଥାକୁ ଠିକ୍‌ଭାବେ କର୍ଣ୍ଣପାତ କରୁନଥିବା ନେଇ ସଦସ୍ୟମାନେ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଥିଲେ। ବିଶେଷ କରି ଜିଲ୍ଲାରେ କୃଷି, ଜଳସେଚନ ଏବଂ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ଡାକ୍ତରଙ୍କ ଅନୁପସ୍ଥିତି ପ୍ରସଙ୍ଗକୁ ନେଇ ବୈଠକରେ ଗରମାଗରମ ପରିସ୍ଥିତି ସୃଷ୍ଟି ହୋଇଥିଲା। ସମସ୍ୟାଗୁଡ଼ିକର ସମାଧାନ ପାଇଁ ବାରମ୍ବାର ଦାବି କରାଯାଉଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ଠୋସ୍ ପଦକ୍ଷେପ ନିଆଯାଉ ନଥିବାରୁ କେତେକ ସଦସ୍ୟ ବୈଠକ ମଧ୍ୟରେ ପ୍ରତିବାଦ କରି ହଙ୍ଗାମା କରିଥିଲେ। ପରେ ବରିଷ୍ଠ ଅଧିକାରୀ ଏବଂ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା ଏବଂ ସମସ୍ତ ସମସ୍ୟାର ସମାଧାନ ପାଇଁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ମିଳିଥିଲା। ଜିଲ୍ଲା ପରିଷଦ ବୈଠକରେ ଏଭଳି ପ୍ରତିବାଦ ଓ ଅସନ୍ତୋଷ ପ୍ରକାଶ ପାଇବା ଘଟଣା ଏବେ ସ୍ଥାନୀୟ ରାଜନୈତିକ ଏବଂ ପ୍ରଶାସନିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି।

ତିଳେଇମାଲରେ ଶିକ୍ଷା ସଚେତନତା ଅଭିଯାନ 'ବାଧାରୁ ପରିବର୍ତ୍ତନ' ଆରମ୍ଭ ଶିକ୍ଷା କ୍ଷେତ୍ରରେ ଥିବା ପ୍ରତିବନ୍ଧକ ଦୂର କରିବାକୁ ଗ୍ରାମବାସୀଙ୍କ ସଂକଳ୍ପ



ସିନାପାଲି:୨୬/୧୦: ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଅନ୍ତର୍ଗତ ଝାରବନ୍ଧ ଗ୍ରାମପଞ୍ଚାୟତର ତିଳେଇମାଲ ଗ୍ରାମରେ ଶିକ୍ଷା କ୍ଷେତ୍ରରେ ରହିଥିବା ବିଭିନ୍ନ ସମସ୍ୟା ଓ ପ୍ରତିବନ୍ଧକର ସମାଧାନ ଲକ୍ଷ୍ୟରେ ଏକ ସ୍ୱତନ୍ତ୍ର ଅଭିଯାନ 'ଶିକ୍ଷା ପ୍ରତିବନ୍ଧକରୁ ପରିବର୍ତ୍ତନ' ଆରମ୍ଭ ହୋଇଛି। ଶ୍ରମଜୀବୀ ବିକାଶ ମଞ୍ଚ, ନୂଆପଡ଼ା ଜିଲ୍ଲା ପକ୍ଷରୁ ଏହି ଅଭିଯାନ ଆୟୋଜନ କରାଯାଇଛି। ଏହା ମାଧ୍ୟମରେ ଗ୍ରାମାଞ୍ଚଳରେ ଶିକ୍ଷା ପ୍ରତି ସଚେତନତା ବୃଦ୍ଧି କରିବା ସହ ପିଲାମାନଙ୍କ ପାଠପଢ଼ାରେ ଦେଖାଦେଉଥିବା ବାଧାଗୁଡ଼ିକୁ ଚିହ୍ନଟ କରି ସମାଧାନ କରିବା ଉପରେ ଗୁରୁତ୍ୱ ଦିଆଯାଉଛି। ଏହି ଅଭିଯାନର ଅଂଶସ୍ୱରୂପ ତିଳେଇମାଲ ଗ୍ରାମରେ ଏକ ସଚେତନତା ସଭା ଆୟୋଜିତ ହୋଇଥିଲା। ସଭାରେ ଗ୍ରାମର ଅଭିଭାବକ, ମହିଳା ଓ ଶିଶୁମାନେ ଯୋଗଦେଇ ଶିକ୍ଷା ସମ୍ପର୍କିତ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ବିଶେଷକରି ପିଲାମାନଙ୍କ ପାଠପଢ଼ାରେ ଦେଖାଦେଉଥିବା ବାଧା, ଶିକ୍ଷା ପ୍ରତି ଆଗ୍ରହ ବୃଦ୍ଧି ଏବଂ ଅଭିଭାବକମାନଙ୍କ ଭୂମିକା ସମ୍ପର୍କରେ ମତ ବିନିମୟ କରାଯାଇଥିଲା। ପିଲାମାନଙ୍କ ଶିକ୍ଷାରେ ଉନ୍ନତି ଆଣିବା ପାଇଁ କେବଳ ବିଦ୍ୟାଳୟର ପ୍ରୟାସ ଯଥେଷ୍ଟ ନୁହେଁ, ବରଂ ଅଭିଭାବକ ଓ ସମାଜର ସକ୍ରିୟ ସହଯୋଗ ମଧ୍ୟ ଅତ୍ୟନ୍ତ ଜରୁରୀ। ଏଥିପାଇଁ ପିଲାମାନଙ୍କ ପାଠପଢ଼ା ପ୍ରତି ନିୟମିତ ଧ୍ୟାନ ଦେବା, ସେମାନଙ୍କୁ ଉତ୍ସାହିତ କରିବା ଏବଂ ଶିକ୍ଷାଳୟରେ ଦେଖାଦେଉଥିବା ସମସ୍ୟାର ସମାଧାନ ଦିଗରେ ସମସ୍ତେ ମିଳିତ ଭାବେ କାମ କରିବା ଆବଶ୍ୟକ ବୋଲି ଆଲୋଚନାରେ ଗୁରୁତ୍ୱ ଦିଆଯାଇଥିଲା। ସଭାରେ ଗ୍ରାମର ଶିଶୁମାନଙ୍କ ଶିକ୍ଷାଗ୍ରହଣରେ ଥିବା ପ୍ରତିବନ୍ଧକଗୁଡ଼ିକୁ ଚିହ୍ନଟ କରି ସେଗୁଡ଼ିକର ସମାଧାନ ପାଇଁ ସମ୍ଭାବ୍ୟ ପଦକ୍ଷେପ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଏଥିସହ ଗ୍ରାମର ପ୍ରତ୍ୟେକ ଶିଶୁ ଯେପରି ଶିକ୍ଷାର ସୁଯୋଗ ପାଇପାରିବେ ଏବଂ ସେମାନଙ୍କ ପାଠପଢ଼ାରେ କୌଣସି ବାଧା ନ ଉପୁଜିବ, ସେଥିପ୍ରତି ସମସ୍ତେ ଯତ୍ନବାନ ହେବାକୁ ମତ ପ୍ରକାଶ ପାଇଥିଲା। ଏହି ଅବସରରେ ଗ୍ରାମବାସୀମାନେ ଶିକ୍ଷାକୁ ପ୍ରାଥମିକତା ଦେବା ସହ ପିଲାମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ଦିଗରେ ମିଳିତ ଭାବେ ପ୍ରୟାସ କରିବାକୁ ସଂକଳ୍ପ ନେଇଥିଲେ। ଏଭଳି ଅଭିଯାନ ଗ୍ରାମାଞ୍ଚଳରେ ଶିକ୍ଷା ପ୍ରତି ସଚେତନତା ବୃଦ୍ଧି କରିବା ସହ ପିଲାମାନଙ୍କ ଶିକ୍ଷାଗ୍ରହଣରେ ଥିବା ବାଧା ଦୂର କରିବାରେ ସହାୟକ ହେବ ବୋଲି ଆଶା ପ୍ରକାଶ ପାଇଛି। ଶିକ୍ଷା ହେଉଛି ସମାଜର ପ୍ରଗତି ଓ ବିକାଶର ମୁଖ୍ୟ ଆଧାର। ତେଣୁ ପ୍ରତ୍ୟେକ ଶିଶୁଙ୍କୁ ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ କରିବା ଏବଂ ଶିକ୍ଷା କ୍ଷେତ୍ରରେ ଥିବା ପ୍ରତିବନ୍ଧକକୁ ସୁଯୋଗରେ ପରିଣତ କରିବା ହିଁ ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଆୟୋଜକ ଶ୍ରମଜୀବୀ ବିକାଶ ମଞ୍ଚ, ନୂଆପଡ଼ା ପକ୍ଷରୁ କୁହାଯାଇଛି।

ଜିଲ୍ଲାରୁ ସିଧା ରିପୋର୍ଟ

ସଂରକ୍ଷିତ ଜଙ୍ଗଲରୁ ବାଉଁଶ କାଟି ବେଆଇନ ଚାଲାଣ! ବିବାଦ ଘେରରେ ଭଣ୍ଡାରବାଞ୍ଜି VSS କମିଟି ଓ ସଇଁତଲା ବନ ବିଭାଗ OD 05 BB 8474 ନମ୍ବର ଟ୍ରକରେ ନୂଆପଡ଼ା ଜିଲ୍ଲା ଖରିଆରକୁ ଚାଲାଣ, ଉଚ୍ଚସ୍ତରୀୟ ତଦନ୍ତ ଦାବି

ବଲାଙ୍ଗୀର:୨୮/୧୦:ବଲାଙ୍ଗୀର ଜିଲ୍ଲା ସଇଁତଲା ବ୍ଲକ କରମତଳା ପଞ୍ଚାୟତ ଅନ୍ତର୍ଗତ ଦାବଯୋରି ଭଣ୍ଡାରବାଞ୍ଜି ସଂରକ୍ଷିତ ଜଙ୍ଗଲରୁ ବେଆଇନ ଭାବେ ଲକ୍ଷ ଲକ୍ଷ ଟଙ୍କାର ବାଉଁଶ କାଟି ଅନ୍ୟ ଜିଲ୍ଲାକୁ ବିକ୍ରି କରାଯାଉଥିବା ନେଇ ଗୁରୁତର ଅଭିଯୋଗ ସାମ୍ନାକୁ ଆସିଛି। ଏହି ଘଟଣା ଏବେ ବଲାଙ୍ଗୀର ବନ ବିଭାଗ ପାଇଁ ବଡ ପ୍ରଶ୍ନବାଚୀ ସୃଷ୍ଟି କରିଛି।ସୂଚନା ଅନୁସାରେ, ଭଣ୍ଡାରବାଞ୍ଜି ସଂରକ୍ଷିତ ଜଙ୍ଗଲ (Reserved Forest) ରୁ ବାଉଁଶ କାଟି OD 05 BB 8474 ନମ୍ବର ବିଶିଷ୍ଟ ଟ୍ରକରେ ନୂଆପଡ଼ା ଜିଲ୍ଲାର ଖରିଆରକୁ ଚାଲାଣ କରାଯାଉଥିଲା। ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ବୁଦ୍ଧିଜୀବୀ ମହଲ ଏବଂ ପରିବେଶବିତ୍ ମାନେ ଏହାକୁ ଦୃଢ ବିରୋଧ କରିଛନ୍ତି।ଏ ନେଇ ଫୋନ୍ ଯୋଗେ ସଇଁତଲା ବନାଞ୍ଚଳ ଅଧିକାରୀ (ରେଞ୍ଜର) ଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ବଲାଙ୍ଗୀର ବନଖଣ୍ଡ ଅଧିକାରୀ (DFO) ଭଣ୍ଡାରବାଞ୍ଜି VSS କମିଟିକୁ ବାଉଁଶ କାଟିବାକୁ ଅନୁମତି ଦେଇଛନ୍ତି।ମାତ୍ର ଏଠାରେ ପ୍ରଶ୍ନ ଉଠୁଛି, ଜଙ୍ଗଲ ଆଇନ କ'ଣ କହୁଛି?ବନ ଆଇନ ଅନୁସାରେ, ଗ୍ରାମ୍ୟ ଜଙ୍ଗଲ (Village Forest) କିମ୍ବା ସଂରକ୍ଷିତ ବନର ବଫର ଅଞ୍ଚଳରୁ VSS କମିଟି ମାଧ୍ୟମରେ ବାଉଁଶ କିମ୍ବା ଗଛ କାଟି ବିକ୍ରି କରିବାର ଅନୁମତି ବନ ବିଭାଗ ଦେଇପାରେ, ହେଲେ ସଂରକ୍ଷିତ ଜଙ୍ଗଲ (Reserved Forest) ରୁ କୌଣସି ପ୍ରକାର ବାଉଁଶ କିମ୍ବା କାଠ କାଟି ବିକ୍ରି କରିବା ସମ୍ପୂର୍ଣ୍ଣ ବେଆଇନ। ତେବେ କେଉଁ ନିୟମ ବଳରେ DFO ସଂରକ୍ଷିତ ଜଙ୍ଗଲରୁ ବାଉଁଶ ବିକ୍ରି ପାଇଁ ଅନୁମତି ଦେଲେ, ତାହାକୁ ନେଇ ଅଞ୍ଚଳର ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅଭିଯୋଗ ହେଉଛି ଯେ, ଭଣ୍ଡାରବାଞ୍ଜି VSS କମିଟିର କିଛି ସଦସ୍ୟଙ୍କ ସହ ମିଶି ବନ ବିଭାଗର କିଛି ଅଧିକାରୀ ଏହି ବେଆଇନ ଚାଲାଣରେ ସମ୍ପୃକ୍ତ ଅଛନ୍ତି। ସଂରକ୍ଷିତ ଜଙ୍ଗଲରୁ ଲକ୍ଷ ଲକ୍ଷ ଟଙ୍କାର ବାଉଁଶ କାଟି ବାହାର ଜିଲ୍ଲାକୁ ପଠାଇ ମୋଟା ଅଙ୍କର ଟଙ୍କା ହଡପ କରାଯାଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।ଜଙ୍ଗଲ ସୁରକ୍ଷା ପାଇଁ ଗଠିତ VSS କମିଟି ହିଁ ଯଦି ଜଙ୍ଗଲ ଲୁଟରେ ସାମିଲ ହୁଏ, ତେବେ ଜଙ୍ଗଲ କିପରି ସୁରକ୍ଷିତ ରହିବ ବୋଲି ସାଧାରଣ ଲୋକେ ପ୍ରଶ୍ନ କରିଛନ୍ତି।ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଦୋଷୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି। ବଲାଙ୍ଗୀର RCCF ଏବଂ ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଅନୁରୋଧ କରିଛନ୍ତି। ଏହି ବାଉଁଶ ଚାଲାଣ ପଛରେ ବଡ ରାକେଟ ଥିବା ସନ୍ଦେହ କରାଯାଉଛି।ବର୍ତ୍ତମାନ ଦେଖିବାକୁ ବାକି ରହିଲା, ଖବର ପ୍ରକାଶ ପରେ ବନ ବିଭାଗ ଏହି ଘଟଣାର ତଦନ୍ତ କରୁଛି ନା ସବୁ କିଛି ଚାପି ଦେଉଛି।



ଗ୍ରାମାଞ୍ଚଳରେ ରାଜନୈତିକ ଦଳଗୁଡ଼ିକର କସରତ ଜୋରଦାର

ନୂଆପଡ଼ା: ନୂଆପଡ଼ା ଜିଲ୍ଲାରେ ତୃଣମୂଳ ସ୍ତରରୁ ରାଜନୈତିକ ଦଳଗୁଡ଼ିକର ସଂଗଠନକୁ ଅଧିକ ସୁଦୃଢ଼ କରିବା ପାଇଁ ପ୍ରୟାସ ଜାରି ରହିଛି। ଜିଲ୍ଲାର ଗ୍ରାମାଞ୍ଚଳ ତଥା ପଞ୍ଚାୟତ ସ୍ତରରେ ଦଳୀୟ ଭିତ୍ତିଭୂମିକୁ ମଜଭୁତ କରିବା ଉଦ୍ଦେଶ୍ୟରେ ଶାସକ ଏବଂ ବିରୋଧୀ ଦଳର ପ୍ରମୁଖ ନେତାମାନେ ଜିଲ୍ଲାର ବିଭିନ୍ନ ଅଞ୍ଚଳ ଗସ୍ତ କରିବା ସହ ବ୍ଲକ ଓ ପଞ୍ଚାୟତ ସ୍ତରୀୟ କର୍ମୀ ସମ୍ମିଳନୀ ଆରମ୍ଭ କରିଛନ୍ତି। ବିଭାଗୀୟ ସୂତ୍ରରୁ ପ୍ରକାଶ ଯେ, ଆଗାମୀ ଦିନର ପଞ୍ଚାୟତ ଏବଂ ସ୍ଥାନୀୟ ନିର୍ବାଚନକୁ ଦୃଷ୍ଟିରେ ରଖି ସମସ୍ତ ପ୍ରମୁଖ ରାଜନୈତିକ ଦଳଗୁଡ଼ିକ ଗ୍ରାମାଞ୍ଚଳର ମନୋବଳକୁ ବଢ଼ାଇବାକୁ ରଣନୀତି ପ୍ରସ୍ତୁତ କରିଛନ୍ତି। ନୂଆପଡ଼ା, ଖରିଆର, କୋମନା, ଏବଂ ସିନାପାଳି ବ୍ଲକର ବିଭିନ୍ନ ପଞ୍ଚାୟତରେ ବର୍ତ୍ତମାନ ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ସ୍ୱତନ୍ତ୍ର କର୍ମୀ ସମ୍ମିଳନୀମାନ ଅନୁଷ୍ଠିତ ହେଉଛି। ଏହି ସମ୍ମିଳନୀଗୁଡ଼ିକରେ ବୁଥ୍ ସ୍ତରୀୟ ସଭାପତି, ସାଧାରଣ କର୍ମୀ ଏବଂ ସ୍ଥାନୀୟ ନେତୃବୃନ୍ଦ ଯୋଗଦେଇ ଦଳୀୟ ସଂଗଠନକୁ କିପରି ଅଧିକ ଗତିଶୀଳ କରାଯିବ ସେନେଇ ଆଲୋଚନା କରୁଛନ୍ତି। ନେତାମାନେ ଗ୍ରାମାଞ୍ଚଳ ଗସ୍ତ ସମୟରେ ସାଧାରଣ ଜନତାଙ୍କ ମୌଳିକ ସମସ୍ୟା ଯଥା- ଜଳସେଚନ, ପାନୀୟ ଜଳ, ରାଜନୈତିକ ବୈଷମ୍ୟ, ଏବଂ ଗ୍ରାମୀଣ ବିକାଶ ଯୋଜନାର ସଫଳତାକୁ ନେଇ ଆଲୋଚନା କରୁଛନ୍ତି। ସାଧାରଣ ଜନତାଙ୍କ ପାଖରେ ପହଞ୍ଚି ସେମାନଙ୍କର ସୁଖଦୁଃଖ ବୁଝିବା ଏବଂ ଦଳ ପ୍ରତି ସମର୍ଥନ ବୃଦ୍ଧି କରିବା ପାଇଁ ଏହି ଗସ୍ତ କାର୍ଯ୍ୟକ୍ରମଗୁଡ଼ିକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଦଳୀୟ କର୍ମୀମାନେ ମତ ପ୍ରକାଶ କରିଛନ୍ତି। ଗ୍ରାମାଞ୍ଚଳରେ ନେତାମାନଙ୍କର ଏହି କ୍ରମାଗତ ଗସ୍ତ ଏବଂ କର୍ମୀ ସମ୍ମିଳନୀ ଯୋଗୁଁ ଜିଲ୍ଲାର ରାଜନୈତିକ ବାତାବରଣ ସରଗରମ ହୋଇଉଠିଛି ଏବଂ ଆଗାମୀ ଦିନରେ ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଆହୁରି ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି।

ନୂଆପଡ଼ା ଜିଲ୍ଲାର ଦୁର୍ଗମ ଗ୍ରାମଗୁଡ଼ିକରେ ଜଳ ସଙ୍କଟ ମୁକାବିଲା

ନୂଆପଡ଼ା: ନୂଆପଡ଼ା ଜିଲ୍ଲାର କେତେକ ଦୁର୍ଗମ, ପାହାଡ଼ିଆ ଏବଂ ସଂରକ୍ଷିତ ଜଙ୍ଗଲ ଘେରା ଗ୍ରାମାଞ୍ଚଳରେ ପାନୀୟ ଜଳର ସମସ୍ୟାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ଜରୁରୀକାଳୀନ ପଦକ୍ଷେପ ଗ୍ରହଣ କରାଯାଇଛି। ପାଇପଲାଇନ୍ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇନଥିବା କିମ୍ବା ଭୂତଳ ଜଳସ୍ତର ହ୍ରାସ ପାଇଥିବା ଦୁର୍ଗମ ଗ୍ରାମଗୁଡ଼ିକରେ ଲୋକଙ୍କୁ ଜଳାଭାବରୁ ରକ୍ଷା କରିବା ପାଇଁ ବିକଳ୍ପ ବ୍ୟବସ୍ଥା ସ୍ୱରୂପ ଟ୍ୟାଙ୍କର ମାଧ୍ୟମରେ ପାନୀୟ ଜଳ ଯୋଗାଇବାକୁ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ବିଭାଗୀୟ ସୂତ୍ରରୁ ପ୍ରକାଶ ଯେ, ଜିଲ୍ଲାର କୋମନା, ସିନାପାଳି, ବୋଡ଼େନ୍, ଖରିଆର ଏବଂ ନୂଆପଡ଼ା ବ୍ଲକର ଅନେକ ଅନ୍ତର୍ଗତ ଗ୍ରାମରେ ଗ୍ରୀଷ୍ମଋତୁ ପୂର୍ବରୁ କିମ୍ବା ଜଳଉତ୍ସ ଶୁଖିଯିବା କାରଣରୁ ପାନୀୟ ଜଳ ପାଇଁ ହାହାକାର ପରିସ୍ଥିତି ସୃଷ୍ଟି ହୋଇଥାଏ। ଯେଉଁ ଗ୍ରାମଗୁଡ଼ିକରେ ନଳକୂଳ ଅଚଳ ଅଛି କିମ୍ବା ବର୍ତ୍ତମାନ ପର୍ଯ୍ୟନ୍ତ ମେଗା ପାନୀୟ ଜଳ ପ୍ରକଳ୍ପର ସଂଯୋଗ ପହଞ୍ଚିପାରି ନାହିଁ, ସେହିସବୁ ଅଞ୍ଚଳକୁ ଚିହ୍ନଟ କରାଯାଇ ଏକ ସ୍ୱତନ୍ତ୍ର କାର୍ଯ୍ୟସୂଚୀ ପ୍ରସ୍ତୁତ କରାଯାଇଛି। ପ୍ରଶାସନର ନିର୍ଦ୍ଦେଶକ୍ରମେ ସମ୍ପୃକ୍ତ ପଞ୍ଚାୟତ ଏବଂ ଗ୍ରାମ୍ୟ ଜଳବଣ୍ଟନ ଓ ପରିମଳ ବିଭାଗ (RWSS) ପକ୍ଷରୁ ପାଣି ଟ୍ୟାଙ୍କରଗୁଡ଼ିକୁ ପ୍ରସ୍ତୁତ ରଖାଯାଇଛି। ପ୍ରତିଦିନ ନିର୍ଦ୍ଧାରିତ ସମୟରେ ଏହି ଟ୍ୟାଙ୍କରଗୁଡ଼ିକ ଦୁର୍ଗମ ଗ୍ରାମଗୁଡ଼ିକରେ ପହଞ୍ଚି ଗ୍ରାମବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଉଛନ୍ତି। ଏହାଦ୍ୱାରା ଗ୍ରାମର ମହିଳା ଓ ଲୋକମାନଙ୍କୁ ଦୂରସ୍ଥାନରୁ ଅସୁରକ୍ଷିତ ପାଣି ଆଣିବା ପାଇଁ ଆଉ ବାଧ୍ୟ ହେବାକୁ ପଡ଼ିବ ନାହିଁ। ଅନ୍ୟପକ୍ଷରେ, ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ୨୪ ଘଣ୍ଟିଆ କଣ୍ଟ୍ରୋଲ୍ ରୁମ୍ ମଧ୍ୟ କାର୍ଯ୍ୟକାରୀ କରାଯାଇଛି, ଯେଉଁଠାରେ କୌଣସି ଗ୍ରାମରୁ ଜଳ ସଙ୍କଟ ସମ୍ପର୍କ ଖବର ମିଳିବା କ୍ଷଣି ତତକ୍ଷଣାତ୍ ସେଠାକୁ ଟ୍ୟାଙ୍କର ପଠାଇବାର ବ୍ୟବସ୍ଥା କରାଯାଉଛି। ପ୍ରଶାସନର ଏହି ତ୍ୱରିତ ଓ ଜନକଲ୍ୟାଣକାରୀ ପଦକ୍ଷେପକୁ ସ୍ଥାନୀୟ ଜନସାଧାରଣ ଏବଂ ପଞ୍ଚାୟତ ପ୍ରତିନିଧିମାନେ ବେଶ୍ ପ୍ରଶଂସା କରିଛନ୍ତି।

ମାଟିର ଖବର

ବାତ୍ୟା ଅର୍ଣ୍ଣବ ପ୍ରଭାବରେ ଅଶାନ୍ତ ଦିଘା ସମୁଦ୍ର



ଭୋଗରାଇ: ୨୮ ଅକ୍ଟୋବର (ଆଦ୍ୟାଶା): ସମ୍ଭାବ୍ୟ ବାତ୍ୟା 'ଅର୍ଣ୍ଣବ'ର ସିଧାସଳଖ ପ୍ରଭାବ ଏବେ ଓଡ଼ିଶା-ପଶ୍ଚିମବଙ୍ଗ ସୀମାନ୍ତବର୍ତ୍ତୀ ତଥା ପଡ଼ୋଶୀ ରାଜ୍ୟର ପ୍ରମୁଖ ତଥା ଲୋକପ୍ରିୟ ପର୍ଯ୍ୟଟନସ୍ଥଳୀ ଦିଘା ସମୁଦ୍ର ଉପରେ ସ୍ପଷ୍ଟ ଭାବେ ପଡ଼ିଥିବାର ନଜର ଆସିଛି। ବାତ୍ୟାର ପ୍ରକୋପରେ ଦିଘା ସମୁଦ୍ର ସମ୍ପୂର୍ଣ୍ଣ ଅଶାନ୍ତ ହୋଇଉଠିଥିବା ବେଳେ ସମୁଦ୍ର ବକ୍ଷରେ ଭୟଙ୍କର ବଡ଼ ବଡ଼ ଲହଡ଼ି ଏବଂ ଉତ୍ତାଳ ଢେଉ ସୃଷ୍ଟି ହେଉଛି। ସମୁଦ୍ର କୂଳରେ ସୁରକ୍ଷା ପାଇଁ ନିର୍ମିତ ହୋଇଥିବା ପାଚେରିଗୁଡ଼ିକରେ ଏହି ଜୋରଦାର ଢେଉଗୁଡ଼ିକ କ୍ରମାଗତ ଭାବେ ମାଡ଼ ହେଉଥିବା ଦେଖିବାକୁ ମିଳିଛି। ପ୍ରାପ୍ତ ସୂଚନା ଅନୁଯାୟୀ, ଗତକାଲି ରାତିରୁ ହିଁ ସମୁଦ୍ରର ରୂପ ଅତ୍ୟନ୍ତ ଭୟଙ୍କର ହୋଇପଡ଼ିଥିଲା। ରାତି ସମୟରେ ମଧ୍ୟ ସମୁଦ୍ରର ବିଶାଳ ଢେଉଗୁଡ଼ିକ କୂଳରେ ଥିବା ସୁରକ୍ଷା ପାଚେରିରେ ଜୋର୍‌ରେ ପିଟି ହୋଇ ଭୟାବହ ଶବ୍ଦ ସୃଷ୍ଟି କରୁଥିଲା। ଆଜି ସକାଳୁ ସକାଳୁ ଦିଘା ସମୁଦ୍ରର ଏଭଳି ଏକ ଅସମ୍ଭାଳ ଓ ଉଗ୍ର ରୂପ ଦେଖିବାକୁ ମିଳିଛି, ଯାହାଫଳରେ ସ୍ଥାନୀୟ ବାସିନ୍ଦା ଏବଂ ସେଠାରେ ଉପସ୍ଥିତ ଥିବା ପର୍ଯ୍ୟଟକଙ୍କ ମଧ୍ୟରେ କ୍ଷଣସ୍ଥାୟୀ ଚିନ୍ତା ଓ ଆତଙ୍କ ବୃଦ୍ଧି ପାଇଛି। ଏବେ ମଧ୍ୟ ସମୁଦ୍ରର ପ୍ରଚଣ୍ଡ ଗର୍ଜନ ସହ ଅତ୍ୟନ୍ତ ଉଚ୍ଚ ଲହଡ଼ିଗୁଡ଼ିକ ବେଳାଭୂମି ଅତିକ୍ରମ କରି କୂଳ ଆଡ଼କୁ ମାଡ଼ି ଆସୁଥିବା ଦେଖାଯାଉଛି। ଦିଘା ଏକ ଅତ୍ୟନ୍ତ ପ୍ରମୁଖ ଓ ବ୍ୟସ୍ତବହୁଳ ପର୍ଯ୍ୟଟନସ୍ଥଳୀ ହୋଇଥିବାରୁ ଏଠାକୁ ପ୍ରତିଦିନ ରାଜ୍ୟ ଭିତରୁ ଏବଂ ବାହାରୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ବୁଲିବାକୁ ଆସିଥାନ୍ତି। ତେବେ ସମୁଦ୍ରର ଏଭଳି ଉତ୍ତାଳ ଓ ବିପଜ୍ଜନକ ସ୍ଥିତି ଯୋଗୁଁ ବର୍ତ୍ତମାନ ସମୁଦ୍ରକୂଳରେ ବୁଲିବା ଅତ୍ୟନ୍ତ ବିପଦଜନକ ହୋଇପଡ଼ିଛି। ବିଶେଷ କରି ଉଚ୍ଚ ଢେଉଗୁଡ଼ିକ ହଠାତ୍ କୂଳ ଆଡ଼କୁ ମାଡ଼ି ଆସିଲେ ବଡ଼ଧରଣର ଦୁର୍ଘଟଣା ଘଟିବାର ପ୍ରବଳ ଆଶଙ୍କା ରହିଛି। ଏହି ପରିପ୍ରେକ୍ଷୀରେ ପ୍ରଶାସନ ଏବଂ ପର୍ଯ୍ୟଟନ ବିଭାଗ ପକ୍ଷରୁ କଡ଼ା ନିର୍ଦ୍ଦେଶ ଜାରି କରାଯାଇଛି ଯେ, ପର୍ଯ୍ୟଟକମାନେ ସମୁଦ୍ରକୂଳକୁ ଯିବା ସମୟରେ ଅତ୍ୟଧିକ ସତର୍କତା ଅବଲମ୍ବନ କରନ୍ତୁ। ପ୍ରଶାସନ ଓ ପୋଲିସର ସୁରକ୍ଷା ନିର୍ଦ୍ଦେଶାବଳୀକୁ କଡ଼ାକଡ଼ି ଭାବେ ପାଳନ କରିବା ସହ କୌଣସି ପରିସ୍ଥିତିରେ ବି ସମୁଦ୍ର ଭିତରକୁ ନଯିବାକୁ ପରାମର୍ଶ ଦିଆଯାଇଛି। ସମୁଦ୍ରର ଏହି ଉଗ୍ର ଓ ରୌଦ୍ର ରୂପକୁ ଦେଖିବା ପାଇଁ କୌଣସି ବିପଦପୂର୍ଣ୍ଣ ସ୍ଥାନରେ ଭିଡ଼ ନ ଜମାଇବା ପାଇଁ ସମସ୍ତଙ୍କୁ ଅନୁରୋଧ କରାଯାଇଛି।

ଜନମତ

ନୂଆପଡ଼ା ଜିଲ୍ଲାରେ 'ଜଳ ଜୀବନ ମିଶନ' କାର୍ଯ୍ୟର ସମୀକ୍ଷା

ନୂଆପଡ଼ା: କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୁଗ୍ମ ସହଯୋଗରେ କାର୍ଯ୍ୟକାରୀ ହେଉଥିବା ମହତ୍ତ୍ୱାକାଂକ୍ଷୀ 'ଜଳ ଜୀବନ ମିଶନ' ଅଧୀନରେ ନୂଆପଡ଼ା ଜିଲ୍ଲାର ଗ୍ରାମାଞ୍ଚଳଗୁଡ଼ିକରେ ପ୍ରତି ଘରକୁ ପାଇପ୍ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା କାର୍ଯ୍ୟକୁ ନେଇ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ଦୁର୍ଗମ, ପାହାଡ଼ିଆ ଏବଂ ଫ୍ଲୋରାଇଡ୍ ପ୍ରଭାବିତ ଅଞ୍ଚଳରେ କିପରି ଶୀଘ୍ର ଏବଂ ସୁରକ୍ଷିତ ଭାବେ ପାଣି ପହଞ୍ଚିପାରିବ, ସେନେଇ ବୈଠକରେ ବିସ୍ତୃତ ଭାବେ ଆଲୋଚନା କରାଯାଇଛି। ବିଭାଗୀୟ ସୂତ୍ରରୁ ପ୍ରକାଶ ଯେ, ନୂଆପଡ଼ା ଜିଲ୍ଲାର ଖରିଆର, ନୂଆପଡ଼ା, ବୋଡ଼େନ୍, ସିନାପାଳି ଏବଂ କୋମନା ବ୍ଲକର ସମସ୍ତ ଗ୍ରାମପଞ୍ଚାୟତ ଓ ଅନ୍ତର୍ଗତ ଗ୍ରାମଗୁଡ଼ିକରେ ପାଇପଲାଇନ୍ ବିଛାଇବା, ଓଭରହେଡ୍ ଟାଙ୍କି ନିର୍ମାଣ ଏବଂ ଘରୋଇ ସଂଯୋଗ ପ୍ରଦାନ କରିବା କାର୍ଯ୍ୟ ବିଭିନ୍ନ ପର୍ଯ୍ୟାୟରେ ଜାରି ରହିଛି। ମାତ୍ର କେତେକ ଦୁର୍ଗମ ଅଞ୍ଚଳରେ ଭୂଗୋଳିକ ଜଟିଳତା ଏବଂ ଠିକାସଂସ୍ଥାମାନଙ୍କର ମନ୍ଥର କାର୍ଯ୍ୟ ଯୋଗୁଁ ପ୍ରକଳ୍ପଗୁଡ଼ିକ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମ୍ପୂର୍ଣ୍ଣ ହେବାରେ କିଛିଟା ବିଳମ୍ବ ଘଟୁଛି। ଅନୁଷ୍ଠିତ ସମୀକ୍ଷା ବୈଠକରେ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ସମ୍ପୃକ୍ତ ବିଭାଗୀୟ ଯନ୍ତ୍ରୀ ଏବଂ ଠିକାସଂସ୍ଥାଗୁଡ଼ିକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି ଯେ, କାମରେ ଆଉ ଆଳସ୍ୟ କିମ୍ବା ଅବହେଳାକୁ ଆଦୌ ବରଦାସ୍ତ କରାଯିବ ନାହିଁ। ଯେଉଁ ଗ୍ରାମଗୁଡ଼ିକରେ କାମ ଶେଷ ହେବା ଅବସ୍ଥାରେ ଅଛି, ସେଠାରେ ତୁରନ୍ତ ଟାଙ୍କି ପରୀକ୍ଷା କରି ଗ୍ରାହକଙ୍କୁ ପାଣି ଯୋଗାଣ ଆରମ୍ଭ କରାଯାଉ। ଏହାଛଡ଼ା, ପ୍ରତିକୂଳ ପାଗ କିମ୍ବା ଅନ୍ୟାନ୍ୟ ସମସ୍ୟା ରହିଥିବା ସ୍ଥାନଗୁଡ଼ିକରେ ସ୍ୱତନ୍ତ୍ର ଧ୍ୟାନ ଦେଇ କାମକୁ ତ୍ୱରାନ୍ୱିତ କରିବାକୁ କୁହାଯାଇଛି। ବୈଠକରେ ସ୍ପଷ୍ଟ କରାଯାଇଛି ଯେ, ଗ୍ରାମାଞ୍ଚଳର ମହିଳାମାନେ ଯେପରି ଆଉ ପାନୀୟ ଜଳ ପାଇଁ ଦୂରସ୍ଥାନକୁ କିମ୍ବା ନଳକୂଳକୁ ଯିବାକୁ ପଡ଼ିବ ନାହିଁ ଏବଂ ସେମାନେ ଘରେ ବସି ନଳରୁ ସୁରକ୍ଷିତ ପାଣି ପାଇପାରିବେ, ତାହାକୁ ସୁନିଶ୍ଚିତ କରିବା ଏହି ମିଶନର ମୁଖ୍ୟ ଲକ୍ଷ୍ୟ। ପ୍ରଶାସନର ଏହି କଡ଼ା ତଦନ୍ତ ଓ ତ୍ୱରିତ ପଦକ୍ଷେପ ଫଳରେ ଆଗାମୀ ଦିନରେ ନୂଆପଡ଼ା ଜିଲ୍ଲାର ପ୍ରତ୍ୟେକ ଗ୍ରାମରେ 'ଜଳ ଜୀବନ ମିଶନ' ସଫଳ ରୂପାୟନ ହୋଇପାରିବ ଏବଂ ଜନସାଧାରଣ ନିରବଚ୍ଛିନ୍ନ ଭାବେ ବିଶୁଦ୍ଧ ପାନୀୟ ଜଳ ପାଇପାରିବେ ବୋଲି ଦୃଢ଼ ଆଶା ପୋଷଣ କରାଯାଇଛି।

ନୟାଗଡ଼ ଜିଲ୍ଲାରେ ବାତ୍ୟା 'ଅର୍ଣ୍ଣବ'ର ତାଣ୍ଡବ ବ୍ୟାପକ କ୍ଷୟକ୍ଷତି, ଜନଜୀବନ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ

ନୟାଗଡ଼:(ଆଦ୍ୟାଶା) ୨୮/୧୦:ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଭୀଷଣ ସାମୁଦ୍ରିକ ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ସମଗ୍ର ନୟାଗଡ଼ ଜିଲ୍ଲାରେ ଜନଜୀବନ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ ହୋଇପଡ଼ିଛି। ବିଗତ ୨୪ ଘଣ୍ଟାରୁ ଅଧିକ ସମୟ ଧରି ଲଗାତାର ପ୍ରବଳ ବର୍ଷା ସାଙ୍ଗକୁ ଝଡ଼ ପବନ ଯୋଗୁଁ ଜିଲ୍ଲାର ସମସ୍ତ ବ୍ଲକରେ ସ୍ଥିତି ଗମ୍ଭୀର ରୂପ ଧାରଣ କରିଛି। ଦଶପଲ୍ଲା, ଗଣିଆ, ଭାପୁର, ଖଣ୍ଡପଡ଼ା, ଏବଂ ଓଡ଼ଗାଁ ଭଳି ଅଞ୍ଚଳରେ ବାତ୍ୟାର ପ୍ରକୋପ ସବୁଠାରୁ ଅଧିକ ଦେଖିବାକୁ ମିଳିଛି। ଜିଲ୍ଲାର ବିଭିନ୍ନ ସ୍ଥାନରେ ପ୍ରବଳ ପବନ ଯୋଗୁଁ ଶତାଧିକ ସାଳ, ପିଆଶାଳ ଓ ବଡ଼ ବଡ଼ ଗଛ ରାସ୍ତା ଉପରେ ଉପୁଡ଼ି ପଡ଼ିଛି। ଜାତୀୟ ରାଜପଥ ସମେତ ଗ୍ରାମ୍ୟ ରାସ୍ତାଗୁଡ଼ିକ ଅବରୋଧ ହେବା ଫଳରେ ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି। ଏହା ସହିତ ମୋବାଇଲ୍ ଟାୱାରଗୁଡ଼ିକ ଅଚଳ ହୋଇପଡ଼ିଥିବାରୁ ବିଭିନ୍ନ ଅଞ୍ଚଳ ମଧ୍ୟରେ ଯୋଗାଯୋଗ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଇଛି।ଲଗାଣ ବର୍ଷା ଯୋଗୁଁ ଜିଲ୍ଲାର ହେକ୍ଟର ହେକ୍ଟର ଚାଷଜମି ଏବେ ଜଳମଗ୍ନ। ବାରମ୍ବାର ବର୍ଷା ଯୋଗୁଁ ବିଲରେ ପାକଳ ହୋଇ ରହିଥିବା ଧାନ ଫସଲ ଓ ପନିପରିବା ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି, ଯାହା ଚାଷୀକୁଳର ମେରୁଦଣ୍ଡ ଭାଙ୍ଗି ଦେଇଛି। କୁସୁମୀ ଏବଂ ବୃତଙ୍ଗ ନଦୀର ଜଳସ୍ତର ବୃଦ୍ଧି ପାଇବା ସହ ସ୍ଥାନୀୟ ନାଳଗୁଡ଼ିକ ଫୁଲି ରହିଥିବାରୁ କେତେକ ତଳିଆ ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ବହୁ ମାଟିଘର ଓ କଞ୍ଚାଘରର କାନ୍ଥ ଭୁଶୁଡ଼ି ପଡ଼ିଥିବା ଖବର ମଧ୍ୟ ହସ୍ତଗତ ହୋଇଛି। ପରିସ୍ଥିତିର ମୁକାବିଲା ପାଇଁ ନୟାଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ସମସ୍ତ ସରକାରୀ ଅଧିକାରୀଙ୍କ ଛୁଟି ବାତିଲ କରାଯାଇ ସେମାନଙ୍କୁ ଆଲର୍ଟରେ ରଖାଯାଇଛି। ଓଡ୍ରାଫ୍ ଏବଂ ଅଗ୍ନିଶମ ବାହିନୀ ତୁରନ୍ତ ରାସ୍ତାରୁ ଗଛ କାଟି ସଫା କରିବା ସହ ଯାତାୟାତ ସ୍ୱାଭାବିକ କରିବାକୁ ଚେଷ୍ଟା ଚଳାଇଛନ୍ତି। ବିପଦସଙ୍କୁଳ ଅବସ୍ଥାରେ ଥିବା ଲୋକଙ୍କୁ ସ୍ଥାନୀୟ ବାତ୍ୟା ଆଶ୍ରୟସ୍ଥଳୀ ଓ ସ୍କୁଲ ଗୃହକୁ ସ୍ଥାନାନ୍ତର କରାଯାଇ ଶୁଖିଲା ଖାଦ୍ୟ ଓ ଚିକିତ୍ସା ସେବା ଯୋଗାଇ ଦିଆଯାଉଛି। ଲୋକମାନଙ୍କୁ ଆଗାମୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଘରୁ ନବାହାରିବାକୁ ଜିଲ୍ଲାପାଳ ଅନୁରୋଧ କରିଛନ୍ତି। (ନୟାଗଡ ରୁ ଜିଲ୍ଲା ପ୍ରତିନିଧି ଦୀପକ ନାୟକ ଙ୍କ ରିପୋର୍ଟ)

ଜିଲ୍ଲାରେ ଉପର ଜୋଙ୍କ ଜଳ ପ୍ରକଳ୍ପାଞ୍ଚଳରେ ଜଳସ୍ତର ହ୍ରାସ

ନୂଆପଡ଼ା: ନୂଆପଡ଼ା ଜିଲ୍ଲାର ଏକ ପ୍ରମୁଖ ଜଳଉତ୍ସ ତଥା ଜୀବନରେଖା ଭାବେ ପରିଚିତ ଉପର ଜୋଙ୍କ ଜଳସେଚନ ଓ ଜଳ ପ୍ରକଳ୍ପାଞ୍ଚଳରେ କ୍ରମଗତ ଭାବେ ଜଳସ୍ତର ହ୍ରାସ ପାଇବାରେ ଲାଗିଛି। ଏହାର ପ୍ରଭାବରେ ଆଗାମୀ ଦିନରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ପାନୀୟ ଜଳ ଯୋଗାଣ ଗମ୍ଭୀର ଭାବେ ପ୍ରଭାବିତ ହେବା ଆଶଙ୍କା ସୃଷ୍ଟି ହୋଇଛି। ଜଳସ୍ତର ହ୍ରାସ ପାଉଥିବା ସମସ୍ୟାକୁ ନେଇ ସ୍ଥାନୀୟ ବାସିନ୍ଦା ଏବଂ ଚାଷୀ ମହଲରେ ଗଭୀର ଚିନ୍ତା ପ୍ରକାଶ ପାଇଛି। ବିଭାଗୀୟ ସୂତ୍ରରୁ ପ୍ରକାଶ ଯେ, ଉପର ଜୋଙ୍କ ପ୍ରକଳ୍ପ ମାଧ୍ୟମରେ କେବଳ କୃଷି ଜମିକୁ ଜଳସେଚନ ଯୋଗାଇ ଦିଆଯାଏ ନାହିଁ, ବରଂ ଏହାର ଆଖପାଖ ଅଞ୍ଚଳର ଏବଂ ନୂଆପଡ଼ା ସହର ସମେତ ବିଭିନ୍ନ ଗ୍ରାମାଞ୍ଚଳକୁ ପାନୀୟ ଜଳ ଯୋଗାଣ ପାଇଁ ମଧ୍ୟ ଏହା ଏକ ମୁଖ୍ୟ ଜଳଉତ୍ସ ଭାବେ କାର୍ଯ୍ୟ କରିଥାଏ। ମାତ୍ର ଚଳିତ ବର୍ଷ ବର୍ଷା ପରିମାଣ କମ ରହିବା କିମ୍ବା ଅନ୍ୟାନ୍ୟ କାରଣରୁ ଜଳଭଣ୍ଡାରରେ ଜଳର ପରିମାଣ ଆଶାନୁରୂପକ ନରହି କମିବାରେ ଲାଗିଛି। ଯଦି ଏହିପରି ଭାବେ ଜଳସ୍ତର କମିବାରେ ଲାଗେ, ତେବେ ଗ୍ରୀଷ୍ମଋତୁ ପୂର୍ବରୁ ପାନୀୟ ଜଳ ପ୍ରକଳ୍ପଗୁଡ଼ିକ ପାଇଁ ପାଣି ସଂଗ୍ରହ କରିବା କଷ୍ଟକର ହୋଇପଡ଼ିବ। ଏହି ସମସ୍ୟାର ଗମ୍ଭୀରତାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ଏବଂ ଜଳସେଚନ ବିଭାଗ ପକ୍ଷରୁ ସ୍ଥିତିର ଅନୁଧ୍ୟାନ କରାଯାଉଛି। ଜଳର ଅପଚୟ ରୋକିବା ଏବଂ ଉପଲବ୍ଧ ଜଳକୁ ସଠିକ୍ ଭାବେ ବଣ୍ଟନ ଓ ସଂରକ୍ଷଣ କରିବା ନେଇ ବିଭାଗୀୟ ଅଧିକାରୀମାନଙ୍କ ମଧ୍ୟରେ ଆଲୋଚନା ଜାରି ରହିଛି। ପାନୀୟ ଜଳ ଯୋଗାଣକୁ ପ୍ରାଥମିକତା ଦିଆଯାଇ ଜଳଭଣ୍ଡାରର ଜଳକୁ ସଂରକ୍ଷଣ କରିବାକୁ ଯୋଜନା ପ୍ରସ୍ତୁତ କରାଯାଉଛି। ଅନ୍ୟପକ୍ଷରେ, ବୁଦ୍ଧିଜୀବୀ ଓ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି ଯେ, ପ୍ରଶାସନ ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ବିକଳ୍ପ ଜଳଉତ୍ସର ସନ୍ଧାନ କରୁ ଏବଂ ଜଳ ସଂରକ୍ଷଣ ପ୍ରକଳ୍ପଗୁଡ଼ିକୁ ତ୍ୱରାନ୍ୱିତ କରୁ, ଯାହାଫଳରେ ଭବିଷ୍ୟତରେ ଜଳ ସଙ୍କଟର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ।

ଆଦ୍ୟାଶା ADYASHA

ରାଜ୍ୟ

PRGI No. ORORI/25/A0506 | Daily Edition | Email : adyashalive@gmail.com

BHUBANESWAR | Vol. 02 | Issue 12 | ଗୁରୁବାର, ୨୯ ଅକ୍ଟୋବର ୨୦୨୬ | ପୃଷ୍ଠା ୦୯ | Rs. 7

ଆଜିର ପ୍ରମୁଖ

ସୁବର୍ଣ୍ଣପୁର ଜିଲ୍ଲାରେ ବିଭିନ୍ନ ପଞ୍ଚାୟତରେ ବ୍ୟାପକ ମିଶ୍ରଣ ପର୍ବ

ସୁବର୍ଣ୍ଣପୁର ଜିଲ୍ଲାରେ ରାଜନୈତିକ ବାତାବରଣ ଦିନକୁ ଦିନ ସରଗରମ ହେବାରେ ଲାଗିଛି। ବିଶେଷ କରି ତୃଣମୂଳ ସ୍ତରରେ ସଙ୍ଗଠନକୁ ଅଧିକ ସୁଦୃଢ଼ କରିବା ଏବଂ ଆଗାମୀ ସ୍ଥାନୀୟ ନିର୍ବାଚନରେ ନିଜର ପ୍ରଭାବ ବିସ୍ତାର କରିବା ଲକ୍ଷ୍ୟରେ ଭାରତୀୟ ଜନତା ପାର୍ଟି (ବିଜେପି) ପକ୍ଷରୁ ଜିଲ୍ଲାର ବିଭିନ୍ନ ପଞ୍ଚାୟତରେ ଜୋରଦାର ମିଶ୍ରଣ ପର୍ବ ଜାରି ରହିଛି। ରାଜ୍ୟ ସରକାରଙ୍କ ବିକାଶମୂଳକ ଯୋଜନା, ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ଏବଂ ସ୍ୱଚ୍ଛ ପ୍ରଶାସନିକ ବ୍ୟବସ୍ଥାରେ ପ୍ରଭାବିତ ହୋଇ ବିଭିନ୍ନ ବିରୋଧୀ ଦଳର ଯୁବକ, ସ୍ଥାନୀୟ ନେତା ଏବଂ ବହୁସଂଖ୍ୟାରେ କର୍ମୀ ହାତ ଛାଡ଼ି ପଦ୍ମ ଦଳରେ ସାମିଲ ହେଉଥିବା ଦେଖିବାକୁ ମିଳୁଛି। ଜିଲ୍ଲାର ସୋନପୁର, ବୀରମହାରାଜପୁର, ଉଲୁଣ୍ଡା, ଡୁଙ୍ଗୁରୁପାଲି ଏବଂ ତରଭା ବ୍ଲକର ବିଭିନ୍ନ ପଞ୍ଚାୟତରେ କ୍ରମାଗତ ଭାବେ ସ୍ୱତନ୍ତ୍ର ମିଶ୍ରଣ ପର୍ବ ଓ ସଭାସମିତିର ଆୟୋଜନ କରାଯାଉଛି। ବିଜେପିର ବରିଷ୍ଠ ନେତା ଓ ସ୍ଥାନୀୟ କର୍ମକର୍ତ୍ତାମାନେ ନବାଗତ କର୍ମୀମାନଙ୍କୁ ଦଳୀୟ ଉତ୍ତରୀୟ ଓ ଫୁଲତୋଡ଼ା ଦେଇ ସ୍ୱାଗତ କରୁଛନ୍ତି। ଦଳରେ ଯୋଗ ଦେଉଥିବା ନେତାମାନେ ମତ ପ୍ରକାଶ କରୁଛନ୍ତି ଯେ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦୂରଦର୍ଶୀ ଚିନ୍ତାଧାରା ଏବଂ ଗ୍ରାମାଞ୍ଚଳର ବିକାଶ ପ୍ରତି ପ୍ରତିବଦ୍ଧତା ଯୋଗୁଁ ସେମାନେ ବିଜେପି ପ୍ରତି ଆକର୍ଷିତ ହୋଇଛନ୍ତି। ରାଜନୈତିକ ବିଶ୍ଳେଷକଙ୍କ ମତରେ, ଏହି କ୍ରମାଗତ ମିଶ୍ରଣ ପର୍ବ ମାଧ୍ୟମରେ ବିଜେପି ସୁବର୍ଣ୍ଣପୁର ଜିଲ୍ଲାରେ ନିଜର ଭୂମିକୁ ଆହୁରି ମଜଭୁତ କରିବାରେ ସଫଳ ହେଉଛି। ବିରୋଧୀ ଦଳଗୁଡ଼ିକର ଦୁର୍ଗ କୁହାଯାଉଥିବା ଅଞ୍ଚଳରେ ମଧ୍ୟ ଦଳୀୟ ସଂଗଠନରେ ଏଭଳି ପରିବର୍ତ୍ତନ ଆଗାମୀ ଦିନର ପଞ୍ଚାୟତ ଓ ପୌର ନିର୍ବାଚନରେ ଶାସକ ଦଳକୁ ଏକ ବଡ଼ ମାନସିକ ଓ ସଂଗଠନଗତଲାଭ ଦେବ ବୋଲି ଆଶା କରାଯାଉଛି।

ମଦ୍ୟପାନ କରି ଗାଡି ଡ୍ରାଇଭିଂ କଲେ ମିଳିବ ଦଣ୍ଡ.ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକରେ ହୋଇଛି ନଷ୍ପତ୍ତି

ସୁବର୍ଣ୍ଣପୁର:୨୮|୧୦(ସଂଗ୍ରାମ):ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଦେବାଶିଷ ସିଂଙ୍କ ଅଧ୍ୟକ୍ଷତାରେ ଆଜି ଜିଲ୍ଲା ସଡ଼କ ସୁରକ୍ଷା କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି। ୨୦୨୬ ଜାନୁଆରୀରୁ ସେପ୍ଟେମ୍ବର ମଧ୍ୟରେ ଜିଲ୍ଲାରେ ହୋଇଥିବା ୨୮ଟି ଦୁର୍ଘଟଣାରେ ୨୫ ଜଣଙ୍କ ମୃତ୍ୟୁ ଘଟିଛି, ଯାହା ୨୦୨୫ର ୨୧ ଜଣ ତୁଳନାରେ ଅଧିକ। ସେପ୍ଟେମ୍ବରରେ ମୋଟ ୧,୩୬୨ଟି ଚାଲାଣ କରାଯାଇଥିଲା। ଏଥିରୁ ୧୩,୦୪,୩୭୨ ଟଙ୍କା ଆଦାୟ ହୋଇଛି ଏବଂ ୭୪,୭୯,୬୮୪ ଟଙ୍କା ଆଦାୟ ବାକି ଅଛି। ଜିଲ୍ଲାରେ ୧୦ଟି ବ୍ଲାକ୍ ସ୍ପଟ୍ ଚିହ୍ନଟ ହୋଇଛି, ସେଥିରୁ ସାତଟି ଜାତୀୟ ରାଜପଥରେ। ଅଧିକାଂଶ ମୃତ୍ୟୁ ବେପରୁଆ ଗାଡ଼ି ଚଳାଇବା ଯୋଗୁଁ ଘଟୁଥିବାରୁ ହେଲମେଟ୍ ଯାଞ୍ଚ କଡ଼ାକଡ଼ି କରିବା ଏବଂ ବେପରୁଆ ଗାଡ଼ି ଚଳାଇବା ଉପରେ ନଜର ରଖିବାକୁ ଜିଲ୍ଲାପାଳ ଅଧିକାରୀ ଓ ସଦସ୍ୟମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରବର୍ତ୍ତନ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଏବଂ ମଦ୍ୟପାନ କରି ଗାଡ଼ି ଚଳାଇବା ମାମଲା ଚିହ୍ନଟ କରିବାକୁ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ କୁହାଯାଇଛି। ପ୍ରବର୍ତ୍ତନ କାର୍ଯ୍ୟ ନିରନ୍ତର ଚାଲୁ ରହିବ। ଯେଉଁ ସ୍ଥାନରେ ଆଉ ଦୁର୍ଘଟଣା ଘଟୁନାହିଁ, ସେହି ବ୍ଲାକ୍ ସ୍ପଟ୍‌କୁ ତାଲିକାରୁ କିପରି ବାଦ୍ ଦିଆଯିବ, ସେ ବିଷୟରେ ବୈଠକରେ ଆଲୋଚନା ହୋଇଛି। ଦୀପାବଳି ପରେ ନଭେମ୍ବରରୁ ଜିରୋ ଫାଟାଲିଟି ୱିକ୍ ଆରମ୍ଭ ହେବ। ତା'ପୂର୍ବରୁ ସୋନପୁର ପୌରପରିଷଦ ବ୍ଲକ୍ ଛକର ଟ୍ରାଫିକ୍ ଲାଇଟ୍ ମରାମତି କରିବେ ଏବଂ ପିକନିକ୍ ସ୍ଥାନଗୁଡ଼ିକରେ ପାଟ୍ରୋଲିଂ ବଢ଼ାଯିବ। ପିଏମ୍ ରାହତ ଯୋଜନା ବିଷୟରେ ସଚେତନତା ବଢ଼ାଯିବ। ଏହି ଯୋଜନାରେ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତି ବେସରକାରୀ ଡାକ୍ତରଖାନା ଓ ନର୍ସିଂ ହୋମ୍‌ରେ ବୀମା ନଥିଲେ ବି ୧.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ନଗଦ ବିହୀନ ଚିକିତ୍ସା ପାଇପାରିବେ। ପ୍ରାଣଘାତୀ ମାମଲାକୁ ଜରୁରୀକାଳୀନ ଭାବେ ନେଇ ୨୪ ଘଣ୍ଟା ମଧ୍ୟରେ ଚିକିତ୍ସା ଦିଆଯିବ। ରାହାବୀର ଯୋଜନାରେ ପ୍ରାଥମିକ ଚିକିତ୍ସା ଦେଉଥିବା କିମ୍ବା ଦୁର୍ଘଟଣାଗ୍ରସ୍ତଙ୍କୁ ହସ୍ପିଟାଲ ନେଉଥିବା ବ୍ୟକ୍ତିଙ୍କୁ ସରକାର ୨୫,୦୦୦ ଟଙ୍କା ପୁରସ୍କାର ଦେବେ। ନୂଆ ଟ୍ରକ୍ ଟର୍ମିନାଲ୍ ପାଇଁ ସ୍ଥାନ ଚିହ୍ନଟ କରିବାକୁ ଆରଟିଓଙ୍କୁ କୁହାଯାଇଛି। ବ୍ଲକ୍ ଛକରୁ ଅମ୍ବେଦକର ଛକ ମଧ୍ୟରେ ରାସ୍ତା ଦଖଲ କରିଥିବା ଫୁଟପାଥ ଦୋକାନୀଙ୍କୁ ସେମାନଙ୍କ ନିର୍ଦ୍ଦିଷ୍ଟ ଭେଣ୍ଡିଂ ଜୋନ୍‌କୁ ପଠାଯିବ। ଜିଲ୍ଲାର ବିଭିନ୍ନ ସ୍ଥାନରେ ସିସିଟିଭି କ୍ୟାମେରା ଲଗାଇବା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ଆଲୋଚନା ହୋଇଥିଲା।



ଅର୍ଣ୍ଣବ ଦେଲା ଚାଷୀ ମୁହଁରେ ହସ ଲାଗିରହିଛି ବର୍ଷା ମରୁଡି ରୁ ରକ୍ଷା ପାଇଲା ଚାଷୀ



ସୁବର୍ଣ୍ଣପୁର:୨୮|୧୦(ସଂଗ୍ରାମ):ଅର୍ଣ୍ଣବ ଆସିଲା ବରଦାନ ହୋଇ ଚାଷୀ ସମାଜ ପାଇଁ ମରୁଡି ର କବଳରୁ ଉଦ୍ଧାର ପାଇଛି ଚାଷ ସମାଜ | ସୁବର୍ଣ୍ଣପୁର ଜିଲ୍ଲା ର ଉଲୁଣ୍ଡା, ବୀରମହାରାଜପୁର, ସୋନପୁର, ତରଭା, ବିନିକା ଓ ଡୁଙ୍ଗୁରିପାଲି ବ୍ଲକ ପାଣି ଅଭାବ ରୁ ଧାନ ମରିବାକୁ ବସିଥିବା ବେଳେ ଚାଷୀ ନିଜ ଚେଷ୍ଟା ରେ ପାଖରେ କିମ୍ବା ଦୂରରେ ଥିବା ଗଚ୍ଛିତ ପାଣି କୁ ନିଜର କ୍ଷେତ ରେ ଦେଇ ବଞ୍ଚେଇବାକୁ ଚେଷ୍ଟା କରୁଥିବା ବେଳେ କେତେକ ସ୍ଥାନ ରେ ଏହା ସମ୍ଭବ ହୋଇ ପାରୁନଥିଲା | ବର୍ଷା ଋତୁ ରେ ପ୍ରାୟତଃ ଲିଫ୍ଟ ହଉ କି କେନାଲ ପାଣି ଠିକ ସେ କାର୍ଯ୍ୟ କରିନଥାଏ କୋଉଠି ଲିଫ୍ଟ ଅଚଳ ତ କୋଉଠି ବିଦ୍ୟୁତ ସଙ୍କଟ ଥାଏ | ଏହି ପରିସ୍ଥିତି ରେ ଧାନ ଚାଷ ବର୍ଷା ଉପରେ ନିର୍ଭର କରିଥାଏ | ଏବର୍ଷ ଭଲ ବର୍ଷା ହେଇଥିବାରୁ ଜିଲ୍ଲାର ସମସ୍ତ ବ୍ଲକ ରେ ଧାନ ଚାଷ ଭଲ ହୋଇଛି | ଛୋଟ ଧାନ ଗୁଡିକ ହୋଇଥିବା ବେଳେ ମଧ୍ୟମ କିସମ ଓ ବିଳମ୍ବ କିସମ ଧାନ ଗୁଡିକ ଏବେ କେଣ୍ଡା ବାହାରିବା ଅବସ୍ଥା ରେ ଅଛି ଏବେ ପୂଜା, ଶାଳରା, କଳାଚମ୍ପା ଧାନ ଗୁଡିକ ଗର୍ଭ ରେ ଅଛି ତେଣୁ ବର୍ଷା ର ଅଭାବ ଯୋଗୁଁ ଚାଷୀ ଚିନ୍ତା ରେ ଥିବାବେଳେ ଅର୍ଣ୍ଣବ ପାଲିଟିଛି ଚାଷୀ ପାଇଁ ବରଦାନ | ଅର୍ଣ୍ଣବ ସୁବର୍ଣ୍ଣପୁର ଜିଲ୍ଲାରେ ମଙ୍ଗଳବାର ରାତି ରୁ ଏହାର ପ୍ରଭାବ ପକେଇଛି | ରାତି ରୁ ଝିପି ଝିପି ବର୍ଷା ଆରମ୍ଭ ହୋଇଥିବା ବେଳେ ବୁଧବାର ଦିନ ଏହାର ପରିମାଣ ବଢିଛି | ସଖାଳୁ ସଖାଳୁ ବର୍ଷା ଲାଗିରହିବା ସହ ବର୍ଷା ର ପରିମାଣ ବଢୁଛି | ଏଠାରେ ପବନ ନ ଥିବାରୁ ଖାଲି ବର୍ଷା ହେଉଥିବାରୁ ଧାନ ପାଇଁ ଏହା ବେଶ ଉପକାରୀ ହେଇଛି | ଧାନ କ୍ଷେତ କୁ ବଞ୍ଚେଇବା ପାଇଁ ଚାଷୀ ଖର୍ଚ୍ଚ କରି ପମ୍ପ ଦ୍ୱାରା ଧାନ କ୍ଷେତ କୁ ପାଣି ଦଉଥିଲା ଏବଂ ଗୋଟିଏ ବର୍ଷା ଉପରେ ନିର୍ଭର କରୁଥିଲା ଚାଷୀ ର ଭାଗ୍ୟ ଆଜି ପୂରଣ ହେଇଛି | ଏହି ଅର୍ଣ୍ଣବ ବାତ୍ୟା କାହା ପାଇଁ ଅଭିଶାପ ହୋଥିବା ବେଳେ ସୁବର୍ଣ୍ଣପୁର ପାଇଁ ବରଦାନ ହୋଇଛି ଆସନ୍ତୁ ଶୁଣିବା କିଛି ଚାଷୀଙ୍କ ମୁହଁରୁ.. *ଗୌରାଙ୍ଗ କର (ନନ୍ଦନମାଳ)+ ମୋର ସମସ୍ତ ଧାନ ଠିକ ଥିବେଳେ ୩ ଏକର ଜମି ପାଣି ଅଭାବ ରୁ ମରି ବା କୁ ବସିଥିବା ବେଳେ ଦୁଇଦିନ ଆଗରୁ ୧ ଏକର ଜମିକୁ ପମ୍ପ ଦ୍ୱାରା ପାଣି ମଡ଼େଇ ଥିଲି ହେଲେ ଆଜି ବର୍ଷା ମୋର ସମସ୍ତ କ୍ଷେତ ପାଇଁ ବରଦାନ ପାଲଟିଛି | *ଭିକାରି ବାଘ (ବାଙ୍କବିଜା) ମୁଁ କେବଳ ବର୍ଷା ଋତୁ ରେ ଧାନ ଚାଷ କରିଥାଏ ଏବର୍ଷ ଭଲ ବର୍ଷା ହେବାରୁ ମୋର ସମସ୍ତ ଜମି ଚାଷ ହୋଥିବା ବେଳେ ଏହି ଶେଷ ସମୟ ରେ କିଛି କ୍ଷେତ ର ଧାନ ପାଣି ଅଭାବ ରୁ ବାହାରି ପାରୁ ନ ଥିଲା ମୋର ଚେଷ୍ଟା ଦ୍ୱାରା କିଛି ଜମି ବଞ୍ଚେଇ ଥିବା ବେଳେ ଏହି ବର୍ଷା ମୋର ବହୁତ ଉପକାର କରିଛି * *ଭରତ ସାହୁ (ସରଦାପାଲି) ଆମ ଗାଁ ରେ ସମସ୍ତ ଚାଷ ଜମି କୁ ପାଣି ମଡ଼େଇବା ପାଇଁ ଲିଫ୍ଟ ପୁନଃ କାର୍ଯ୍ୟକ୍ଷମ କରି ଚାଷ ଜମିକୁ ଜଳସେଚନ କରିଥିଲୁ ହେଲେ ଏହା ସମସ୍ତ ଜମିକୁ ଜଳସେଚନ ସମ୍ଭବ ନ ଥିବା ବେଳେ ଏହି ବର୍ଷା ଆମ ପାଇଁ ଆର୍ଶୀବାଦ ହୋଇଛି ଏହା ଦ୍ୱାରା ଅନେକ ଚାଷୀ ଉପକୃତ ହେବେ |

ମିଛ ଅଭିନୟ ଶତଜୀବନ

ସଂସାରଟାକୁ ଅତି ନିକଟରୁ ପରଖିଲା ପରେ ଯେକୌଣସି ସମ୍ବେଦନଶୀଳ ମନ ପ୍ରାଣରେ ଏକ ଗଭୀର ଦାର୍ଶନିକ ଚିନ୍ତା ଆସିବା ସ୍ୱାଭାବିକ। ଆଜିର ମଣିଷ ଜୀବନର ଧାଡ଼ିଏ ସତ୍ୟକୁ ବଖାଣି ଲେଖିକା ପ୍ରଜ୍ଞାପରିମିତା ପୁରୀ ଲେଖିଛନ୍ତି ଯେ, ପ୍ରତ୍ୟେକ ମଣିଷ ନିଜ ଭିତରେ ଗୋଟେ ଅଦୃଶ୍ୟ ଯୁଦ୍ଧ ଲଢ଼ୁଛି। ବାହାରକୁ ସବୁକିଛି ଠିକ୍ଠାକ୍ ଏବଂ ସ୍ୱାଭାବିକ୍ ଦେଖାଯାଉଥିଲେ ମଧ୍ୟ ପ୍ରତ୍ୟେକ ବ୍ୟକ୍ତିର ବ୍ୟକ୍ତିଗତ ଜୀବନରେ କିଛି ନା କିଛି ଅସୁବିଧା, ଚିନ୍ତା ଏବଂ ମାନସିକ ସଂଘର୍ଷ ଲୁଚି ରହିଥାଏ। କାହାର ମୁହଁର ମିଠା ହସ ଦେଖି ତା'ର ଜୀବନ ସମ୍ପୂର୍ଣ୍ଣ ସୁଖମୟ ବୋଲି ଭାବିବା ଆମର ଏକ ସାଧାରଣ ଭ୍ରମ ମାତ୍ର। କାରଣ ଅନେକ ସମୟରେ ସେହି ହସ ତଳେ ଗୋଟିଏ ଗଭୀର ନୀରବ ଅଭିନୟ ଏବଂ ଅସୁମାରୀ ଯନ୍ତ୍ରଣା ଲୁଚି ରହିଥାଏ।ଆଜିକାଲିର ସାମାଜିକ ବ୍ୟବସ୍ଥା ଏବଂ ମାନସିକତାକୁ ଆଲୋଚନା କରି ଲେଖିକା ସ୍ପଷ୍ଟ ଭାବେ ଦର୍ଶାଇଛନ୍ତି ଯେ, କାଳର ପରିବର୍ତ୍ତନ ସାଥେ ସାଥେ ସମ୍ପର୍କର ମୂଲ୍ୟ କମିବାରେ ଲାଗିଛି ଏବଂ ପଇସା କିମ୍ବା ଆର୍ଥିକ ସାମର୍ଥ୍ୟ ସବୁକିଛି ପାଲଟିଛି। ମଣିଷର ଆନ୍ତରିକତା ଓ ହୃଦୟର ପ୍ରକୃତ ମୂଲ୍ୟ ବଦଳରେ ସମାଜ ଆଜି ତା'ର ଅର୍ଥବଳ ଓ ସାମର୍ଥ୍ୟକୁ ମାପୁଛି। କାହାର ଶାନ୍ତ ସ୍ୱଭାବ କିମ୍ବା ନୀରବତାକୁ ତା'ର ଦୁର୍ବଳତା ବୋଲି ଭାବିବା ଆମର ବଡ଼ ଭୁଲ ଅଟେ। ପ୍ରକୃତରେ ସେହି ନୀରବତା ଭିତରେ ଗୋଟିଏ ପ୍ରଚଣ୍ଡ ଝଡ଼ ଏବଂ ଅକୁହା ଯନ୍ତ୍ରଣା ଲୁଚି ରହିଥାଏ, ଯାହାକୁ ସମସ୍ତେ ବୁଝିପାରନ୍ତି ନାହିଁ। ଏହି ଲେଖାଟି ଆଜିର ଯନ୍ତ୍ରଣାଦଗ୍ଧ ସମାଜର ଏକ ସତ୍ୟ ଚିତ୍ର ପ୍ରସ୍ତୁତ କରିବା ସହିତ ମଣିଷ ପ୍ରତି ମଣିଷର ସହାନୁଭୂତି ଓ ବୁଝାମଣାକୁ ଅଧିକ ଗଭୀର କରିବା ପାଇଁ ଏକ ବାର୍ତ୍ତା ଦେଉଛି।



ଜିଲ୍ଲାରୁ ସିଧା ରିପୋର୍ଟ

ଏସ ରାମପୁର ଠାରେ ୪୬ ତମ ଗଜଲକ୍ଷ୍ମୀ ପୂଜା ମହୋତ୍ସବ ସହିତ ମୁରାସୁର ଦରବାର ଉଦଘାଟିତ

ସୁବର୍ଣ୍ଣପୁର(ଏସ.ରାମପୁର):୨୮| ୧୦(ସଂଗ୍ରାମ):ସୁବର୍ଣ୍ଣପୁର ଜିଲ୍ଲା ଏସ ରାମପୁର ମେହେରପଡା ସ୍ଥିତ ଅନନ୍ତକ୍ଲବ ପରିସରରେ ମାଁ ଗଜଲକ୍ଷ୍ମୀଙ୍କ ପୂଜା ମହାସମାରୋହରେ ଅନୁଷ୍ଠିତ ହେଉଥିବା ବେଳେ ଭକ୍ତ ଶ୍ରଦ୍ଧାଳୁଙ୍କ ପ୍ରବଳ ଜନସମାଗମ ଦେଖିବାକୁ ମିଳୁଛି | ଏ ଅବସରରେ ସ୍ଥାନୀୟ ନୋଡାଲ ହାଇସ୍କୁଲ ଖେଳପଡିଆ ଠାରେ ଆଜି ସନ୍ଧ୍ୟାରେ ମୁରାସୁର ଦରବାର ଉଦଘାଟିତ ହୋଇଯାଇଛି | ପୂଜା କମିଟି ସଭାପତି ପ୍ରକାଶ ଅଗ୍ରୱାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମ ଅବସରରେ ମୁରାସୁର ଦରବାରରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ରାମପୁର ଥାନା ଆଇଆଇସି ଶ୍ରୀମତୀ ବିନୋଦିନୀ ବରିହା ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁରାସୁର ଦରବାରକୁ ଦୀପ ପ୍ରଜ୍ଜ୍ୱଳନ ପୂର୍ବକ ଫିତା କାଟି ଉଦଘାଟନ କରିଥିଲେ | ସମ୍ମାନିତ ଅତିଥି ଭାବରେ ସ୍ଥାନୀୟ ଦମକଳ କେନ୍ଦ୍ର ଅଧିକାରୀ ଓଆଇସି କବି ସେଠ୍ ଯୋଗଦେଇଥିଲେ | ବରିଷ୍ଠ ସଦସ୍ୟ ପ୍ରଫୁଲ୍ଲ ମେହେର ମଞ୍ଚ ପରିଚାଳନା କରିବା ସହ ଅତିଥି ପରିଚୟ ପ୍ରଦାନ କରି ସ୍ୱାଗତ ଜଣାଇଥିଲେ |କମିଟି ସଭାପତି ପ୍ରକାଶ ଚନ୍ଦ୍ର ଅଗ୍ରୱାଲ ଅତିଥିଙ୍କୁ ସ୍ୱାଗତ କରିବା ସହ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ | ଆଜି ମୁରାସୁର ଦରବାର କାର୍ଯ୍ୟକ୍ରମର ପ୍ରଥମ ଦିବସରେ ଓଡିଶା ସରକାରଙ୍କ ସ୍ୱୀକୃତି ପ୍ରାପ୍ତ ବିଶ୍ୱାଶାନ୍ତି ସଂଗୀତ ଅନୁଷ୍ଠାନ ତରଫରୁ ଜଗବନ୍ଧୁ ମୁଦୁଲି ଏବଂ ତାଙ୍କ ଦଳ ପକ୍ଷରୁ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି | ମୁରାସୁର ଦରବାର ପ୍ରଥମ ଦିବସର ପ୍ରଥମ ସନ୍ଧ୍ୟାରେ ପୌରାଣିକ କଥାବସ୍ତୁ ମଞ୍ଚସ୍ଥ ହୋଇଥିଲା | ପୂଜା କମିଟି ସଭାପତି ପ୍ରକାଶଚନ୍ଦ୍ର ଅଗ୍ରୱାଲ, ଉପସଭାପତି ଉମାକାନ୍ତ ମେହେର, ସମ୍ପାଦକ ରିଙ୍କୁ ମେହେର,ସହସମ୍ପାଦକ ସୁମନ୍ତ ମେହେର, ଦୀପକ ମେହେର, ଅଭିନାଶ ମେହେର, ଗୋପୀ ସରାଫ, ପ୍ରହ୍ଲାଦ ମେହେର, ଗୋପବନ୍ଧୁ ମେହେର, ରଜତ ବେହେରା ଶଙ୍କର୍ଷଣ ସାହୁ ପ୍ରମୁଖ ତଥା ଯାତ୍ରା କମିଟିର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ଆୟୋଜନ ଏବଂ ପରିଚାଳନାରେ ସହଯୋଗ କରୁଛନ୍ତି |



ଡୁଙ୍ଗୁରିପାଲି ରେ ବିଜେଡିର ପଦଯାତ୍ରା, ରାଜ୍ଯ ସରକାରଙ୍କୁ ଟାର୍ଗେଟ କଲେ ସୁଜାତା କାର୍ତ୍ତିକେୟନ ପାଣ୍ଡିୟାନ



ସୁବର୍ଣ୍ଣପୁର:ଆଦ୍ୟାଶା(କିଶୋର ହୋତା):ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲିଠାରେ ବିଜୁ ଜନତା ଦଳ (ବିଜେଡି) ପକ୍ଷରୁ ଏକ ବିଶାଳ ପଦଯାତ୍ରା ଓ ଜନସମ୍ପର୍କ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଡୁଙ୍ଗୁରିପାଲି ବସଷ୍ଟାଣ୍ଡ ନିକଟସ୍ଥ ଶିବ ମନ୍ଦିର ପ୍ରାଙ୍ଗଣରୁ ହଜାର ହଜାର ଦଳୀୟ କର୍ମୀ ଓ ସମର୍ଥକଙ୍କୁ ନେଇ ଏହି ପଦଯାତ୍ରା ଶୁଭାରମ୍ଭ ହୋଇଥିଲା। ବିଜେଡିର ଶୀର୍ଷ ନେତୃବୃନ୍ଦଙ୍କ ଉପସ୍ଥିତିରେ ଏହି ପଦଯାତ୍ରା ସମଗ୍ର ସହର ପରିକ୍ରମା କରିବା ପରେ ଆରଏମସି (RMC) ମାର୍କେଟ ୟାର୍ଡ ନିକଟରେ ପହଞ୍ଚି ଏକ ବିଶାଳ ପଥପ୍ରାନ୍ତ ସଭାରେ ପରିଣତ ହୋଇଥିଲା। ସୁଜାତା କାର୍ତ୍ତିକେୟନଙ୍କ ଦ୍ୱାରା ରାଜ୍ୟ ସରକାରଙ୍କୁ ତୀବ୍ର ନିଶାଣ ଓ ଦମ୍ଭୋକ୍ତି ଏହି ସମାବେଶରେ ବିଜେଡି ନେତ୍ରୀ ସୁଜାତା କାର୍ତ୍ତିକେୟନ ସାମିଲ ହୋଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନବିରୋଧୀ ନୀତି ଓ ବିଫଳତାକୁ ନେଇ କଡ଼ା ସମାଲୋଚନା କରିଥିଲେ। ଜନସାଧାରଣଙ୍କ ସମସ୍ୟାର ସମାଧାନ କରିବାରେ ବର୍ତ୍ତମାନର ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ଅଭିଯୋଗ କରିବା ସହ ସେ ଦମ୍ଭୋକ୍ତି ପ୍ରକାଶ କରିଥିଲେ ଯେ ଆଗାମୀ ନିର୍ବାଚନରେ ବିଜୁ ଜନତା ଦଳ ପୁନର୍ବାର ଜନସାଧାରଣଙ୍କ ବିପୁଳ ଆଶୀର୍ବାଦ ଲାଭ କରି ବିଜୟୀ ହେବ। ପଶ୍ଚିମ ଓଡ଼ିଶାର ବରିଷ୍ଠ ବିଜେଡି ନେତା ଓ ବିଧାୟକଙ୍କ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଏହି ପଦଯାତ୍ରା ଓ ସମାବେଶରେ ପଶ୍ଚିମ ଓଡ଼ିଶାର ବହୁ ପ୍ରମୁଖ ନେତୃବୃନ୍ଦ ଉପସ୍ଥିତ ରହି ଦଳୀୟ ଏକତା ପ୍ରଦର୍ଶନ କରିଥିଲେ। ସୋନପୁର ବିଧାୟକ ନିରଞ୍ଜନ ପୂଜାରୀ, ପଦ୍ମପୁର ବିଧାୟିକା ବର୍ଷା ସିଂ ବେରିହା, ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ, ଅତାବିରା ପୂର୍ବତନ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ଏବଂ ବରଗଡ଼ର ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ଦଳୀୟ କର୍ମୀଙ୍କୁ ଉତ୍ସାହିତ କରିଥିଲେ। ଜିଲ୍ଲା ଓ ରାଜ୍ୟ ସ୍ତରୀୟ ନେତୃବୃନ୍ଦଙ୍କ ପରିଚାଳନା ଓ ଜନସମ୍ପର୍କ କାର୍ଯ୍ୟକ୍ରମରେ ବରିଷ୍ଠ ବିଜେଡି ନେତା ଗୌରହରି ମିଶ୍ର, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ହିମାଂଶୁ ବିଶ୍ୱାଳ, ରାଜ୍ୟ ବିଜେଡି ସମ୍ପାଦକ ନାରାୟଣ ଲୁହା, ମଧୁସୂଦନ ଓତା, ଜିଲ୍ଲା ଯୁବ ବିଜେଡି ସଭାପତି ଅଶୋକ ନନ୍ଦଙ୍କ ସମେତ ସୁବର୍ଣ୍ଣପୁର ଜିଲ୍ଲାର ପ୍ରମୁଖ ନେତୃବୃନ୍ଦ ଓ ଶତାଧିକ କର୍ମକର୍ତ୍ତା ସାମିଲ ହୋଇ ଶୋଭାଯାତ୍ରାକୁ ଶୃଙ୍ଖଳିତ ଭାବେ ପରିଚାଳନା କରିଥିଲେ। ସାଂଗଠନିକ ମଜବୁତି ଓ ଜନସାଧାରଣଙ୍କ ସହ ସିଧାସଳଖ ଯୋଗସୂତ୍ର ତୃଣମୂଳ ସ୍ତରରେ ଦଳୀୟ ସଂଗଠନକୁ ଅଧିକ ଶକ୍ତିଶାଳୀ କରିବା ଏବଂ ବିଜୁ ପଟ୍ଟନାୟକ ଓ ନବୀନ ପଟ୍ଟନାୟକଙ୍କ ବିକାଶମୂଳକ ଆଦର୍ଶକୁ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଏହି ପଦଯାତ୍ରା ଅତ୍ୟନ୍ତ ସଫଳ ହୋଇଛି ବୋଲି ବିଜେଡି ନେତୃବୃନ୍ଦ ପ୍ରକାଶ କରିଛନ୍ତି। ଆଗାମୀ ଦିନରେ ସୁବର୍ଣ୍ଣପୁର ଜିଲ୍ଲାର ପ୍ରତ୍ୟେକ ବ୍ଲକ ଓ ପଞ୍ଚାୟତରେ ଏହିପରି ଜନସମ୍ପର୍କ ଅଭିଯାନ ଜାରି ରହିବ। |

ସୁବର୍ଣ୍ଣପୁର ଜିଲ୍ଲାରେ ସଂଗଠନ ମଜଭୁତ ପାଇଁ ଦଳୀୟ କସରତ

ସୁବର୍ଣ୍ଣପୁର ଜିଲ୍ଲାରେ ରାଜନୈତିକ ପାଣିପାଗ ଦିନକୁ ଦିନ ଅଧିକ ସରଗରମ ହେବାରେ ଲାଗିଛି। ଆଗାମୀ ସ୍ଥାନୀୟ ନିର୍ବାଚନ, ଜିଲ୍ଲା ପରିଷଦ, ପଞ୍ଚାୟତ ଏବଂ ପୌର ପରିଷଦ ନିର୍ବାଚନକୁ ଦୃଷ୍ଟିରେ ରଖି ଜିଲ୍ଲାରେ ସମସ୍ତ ପ୍ରମୁଖ ରାଜନୈତିକ ଦଳ ଯଥା ବିଜୁ ଜନତା ଦଳ (ବିଜେଡି), ଭାରତୀୟ ଜନତା ପାର୍ଟି (ବିଜେପି) ଏବଂ କଂଗ୍ରେସ ପକ୍ଷରୁ ସଙ୍ଗଠନକୁ ଅଧିକ ମଜଭୁତ କରିବା ପାଇଁ ଜୋରଦାର କସରତ ଆରମ୍ଭ ହୋଇଛି। ବିଶେଷ କରି ଜିଲ୍ଲାର ଉଲୁଣ୍ଡା, ଡୁଙ୍ଗୁରୁପାଲି, ବିନିକା, ବୀରମହାରାଜପୁର ଏବଂ ତରଭା ଭଳି ପ୍ରତିଟି ବ୍ଲକ୍ ଓ ପଞ୍ଚାୟତ ସ୍ତରରେ ଦଳୀୟ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ବୈଠକ, ସମୀକ୍ଷା ଏବଂ କର୍ମଶାଳାର ସୁଅ ଛୁଟିଛି।ଦଳୀୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ବିଜୁ ଜନତା ଦଳ (ବିଜେଡି) ପକ୍ଷରୁ ଜିଲ୍ଲାରେ ପୂର୍ବରୁ ଥିବା ନିଜର ଦଖଲ ଓ ପ୍ରଭାବକୁ ବଜାୟ ରଖିବା ସହିତ ତୃଣମୂଳ ସ୍ତରରେ ଅସନ୍ତୁଷ୍ଟ କର୍ମୀଙ୍କୁ ଏକାଠି କରିବା ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ପୁରୁଣା ସଙ୍ଗଠନକୁ ସଜାଡ଼ିବା ଏବଂ ଯୁବ ଓ ଛାତ୍ର ସଂଗଠନକୁ ଅଧିକ ସକ୍ରିୟ କରିବା ପାଇଁ ଦଳର ବରିଷ୍ଠ ନେତାମାନେ ରଣନୀତି ପ୍ରସ୍ତୁତ କରୁଛନ୍ତି। ଅନ୍ୟପକ୍ଷରେ, ରାଜ୍ୟର ଶାସକ ଦଳ ବିଜେପି ମଧ୍ୟ ନିଜର ସରକାରୀ ଯୋଜନାଗୁଡ଼ିକୁ ସୁବର୍ଣ୍ଣପୁର ଜିଲ୍ଲାର ପ୍ରତିଟି ଗ୍ରାମର ଘରକୁ ଘର ପହଞ୍ଚାଇବା ପାଇଁ ଜୋରଦାର ପ୍ରୟାସ ଚଳାଇଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାର ସଫଳତାକୁ ଆଧାର କରି ବିରୋଧୀ ଦଳରୁ ଆସୁଥିବା ଅସନ୍ତୁଷ୍ଟ ନେତା ଓ କର୍ମୀଙ୍କୁ ମିଶ୍ରଣ ପର୍ବ ଜରିଆରେ ଦଳରେ ସାମିଲ କରି ବିଜେପି ନିଜର ସଙ୍ଗଠନକୁ କ୍ରମାଗତ ଭାବେ ମଜଭୁତ କରୁଛି।ଏହି ଦୁଇ ପ୍ରମୁଖ ଦଳର ପ୍ରତିଯୋଗିତା ମଧ୍ୟରେ କଂଗ୍ରେସ ମଧ୍ୟ ପଛରେ ପଡ଼ିନାହିଁ। ଜିଲ୍ଲାରେ ନିଜର ହଜିଯାଇଥିବା ପୁରୁଣା ଜନଆଧାର ଓ ଭୋଟ୍ ବ୍ୟାଙ୍କ୍ ଫେରିପାଇବା ପାଇଁ କଂଗ୍ରେସ ପକ୍ଷରୁ ଗ୍ରାମାଞ୍ଚଳରେ ସଙ୍ଗଠନକୁ ସକ୍ରିୟ କରିବାକୁ ନୂତନ ରଣନୀତି ପ୍ରସ୍ତୁତ କରାଯାଉଛି। ସାଧାରଣ ଜନତାଙ୍କ ବିଭିନ୍ନ ମୌଳିକ ସମସ୍ୟା, ବେରୋଜଗାର, ଦରଦାମ୍ ଏବଂ କୃଷକ ସମସ୍ୟାକୁ ଆୟୁଧ କରି ଦଳଗୁଡ଼ିକର ଏଭଳି ଆଭ୍ୟନ୍ତରୀଣ କସରତ ଆଗାମୀ ଦିନରେ ସୁବର୍ଣ୍ଣପୁର ଜିଲ୍ଲାର ରାଜନୈତିକ ପରିବେଶକୁ ଅଧିକ ରୋମାଞ୍ଚକର ଏବଂ ପ୍ରତିଯୋଗିତାମୂଳକ କରିବ ବୋଲି ବୁଦ୍ଧିଜୀବୀ ଓ ରାଜନୈତିକ ସମୀକ୍ଷକମାନେ ମତ ପ୍ରକାଶ କରିଛନ୍ତି।

ମାଟିର ଖବର

ଶରତ ଆସିଛି ମେଘ ରାଇଜକୁ ବଉଦ ରଥରେ ବସି ମରତ ପୁରକୁ ଆସିଛି ଶରତ କଇଁ ହସେ ଲାଜେଇ ଲାଜେଇ



ମେଘ ରାଇଜକୁ ବଉଦ ରଥରେ ବସି ମରତ ପୁରକୁ ଆସିଛି ଶରତ । କଇଁ ହସେ ଲାଜେଇ ଲାଜେଇ । ଧାରା ଶ୍ରାବଣ ତୃପ୍ତି ଲାଭ କରିବା ପରେ ଲାସ୍ୟମୟୀ ବରଷା ବିଦାୟ ନେଇଯାଏ । ଦୂର ଦିଗବଳୟ ତଳୁ ଧଳା ବାଦଲ ଡେଇଁ ଶରତ ଆସେ। ପ୍ରକୃତିର ଶୋଭା ଅପରୂପ ସୌନ୍ଦର୍ଯ୍ୟ ଭରି ଦିଏ । ଶୁଭ୍ର କାଶତଣ୍ଡୀ ପୁଷ୍ପ ଗୁଚ୍ଛରେ ଧରିତ୍ରୀ ଶାରଦୀୟ ସନ୍ଧ୍ୟାକୁ ଆବାହନ କରେ । ଜଗଜ୍ଜନନୀ ମା ଦୁର୍ଗାଙ୍କର ପୂଜା ଅର୍ଚ୍ଚନା ପାଇଁ ସର୍ବତ୍ର ଆନନ୍ଦର ଲହରୀ ଖେଳିଯାଏ । ଶରତ ରୂପ ନଗରୀର ରାଜକୁମାରୀ, ଋତୁରାଣୀ ଶରତ ପଲ୍ଲୀର ପୁଷ୍କରିଣୀ, ଦର୍ପଣରେ ମୁଖ ଦର୍ଶନକରେ, ଲଜ୍ଜିତ ହୋଇ ନଳିନୀ ସରସୀ ବକ୍ଷରେ ମୁହଁ ଲୁଚେଇ ଦିଏ । ଜ୍ୟୋସ୍ନାଭିଳାସୀ କୁମୁଦ ଓଠରେ ସୁନ୍ଦର ହସର ମଧୁରିମା ଖେଳିଯାଏ । ମନ୍ଦ ମନ୍ଦ ସମୀର ସ୍ପର୍ଶରେ ସରସୀ ଜଳରେ କୁମୁଦଗଣ ନୃତ୍ୟ କରନ୍ତି । ଆଉ ସେଇ ନୃତ୍ୟକୁ ମନ ଭରି ପାନ କରନ୍ତି ଗ୍ରାମ୍ୟ କିଶୋରୀଗଣ । ତାଙ୍କ ମୁଖ ମଣ୍ଡଳରେ ହରିଦ୍ରାର ପ୍ରଲେପ, ଓଠରେ ସ୍ମିତହାସ୍ୟ, ଅଙ୍ଗ ଅଙ୍ଗରେ ଯୌବନର ପହିଲି ସ୍ପର୍ଶ । ସ୍ନାନ ଶେଷ ପରେ ମୃଦୁ ପଦପାତରେ ଭରା କଳସୀ ଧରି ଫେରି ଆସନ୍ତି ଅଳସୀ ଗ୍ରାମ୍ୟ କିଶୋରୀ ମାନେ । ଶାରଦୀୟ ସନ୍ଧ୍ୟାର ଚନ୍ଦ୍ର ଶୋଭା ସବୁଠାରୁ ଆକର୍ଷଣୀୟ ଦିଶେ । ବାଦଲ କୋଳରେ ଜହ୍ନର ଲୁଚକାଳି ଖେଳ ପଲ୍ଲୀ ଜୀବନକୁ କରେ, ସରସ ଓ ମଧୁମୟ । ଉପରେ ରଜନୀ ବଧୂର ଧବଳ ଉତ୍ତରୀୟ ଜ୍ୟୋସ୍ନା ଆଉ ତଳେ ମୁଗ୍ଧ ପୃଥିବୀ, ଜହ୍ନି ଫୁଲର ରଙ୍ଗ ବର୍ଣ୍ଣାଳୀର ଓଠେ ଶରତ କୁମାରୀ ହସେ । ଶରତର ପରଶ ପାଦର ପାଉଁଜି ପିନ୍ଧି ଆସେ ଆକାଶର ଦିବ୍ୟ ନୀଳିମାରେ, ଝରଣାର ସ୍ୱଚ୍ଛ ଧାରେ, ହରିତ କେଦାରେ ଦିଗବଳୟର ମଧୁର ପାଦ ପ୍ରଦୀପରେ ସାରା ଜଗତ ସୁଶୋଭିତ , ଆମୋଦିତ । ଶରତ ପୁଣଗ ଆସ କାଶତଣ୍ଡୀର ଶୁଭ୍ର ସୌନ୍ଦର୍ଯ୍ୟ ରେ -- ପଦ୍ମ ମାଧୁରୀର ସୁନୀଳ ଅପରାଜିତାର ଛୁଆଁରେ-- ଦେବୀଙ୍କ ଅର୍ଚ୍ଚନାରେ, ପୂଜା ପାର୍ବଣରେ, ଜନ ମନ ପ୍ରାଣ ପୁଲକିତ ଚପଳ ଛନ୍ଦରେ--- ତରୁଣ ତାରୁଣ୍ୟର ସ୍ୱପ୍ନିଳ ରାଗ ଅନୁରାଗରେ, କୁଆଁରୀ ମାନଙ୍କ ଆବେଗ ଭରା ହୃଦୟରେ.... ଅନେକ ଅନେକ ଶୁଭେଚ୍ଛା ଓ ଶୁଭ କାମନା ସହ... ଡକ୍ଟର ରୀନାରାଣୀ ମହାନ୍ତ କଲ୍ୟାଣୀ ନଗର କଟକ

ଜନମତ

ଗ୍ରାମାଞ୍ଚଳରେ ପାନୀୟ ଜଳ ସମସ୍ୟା

ସୁବର୍ଣ୍ଣପୁର:ଜିଲ୍ଲାର ବିଭିନ୍ନ ବ୍ଲକ୍ ଏବଂ ଦୂରଦୂରାନ୍ତ ଗ୍ରାମାଞ୍ଚଳରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣକୁ ନେଇ ସ୍ଥାନୀୟ ଗଣମାଧ୍ୟମ ଓ ସମାଚାର ପତ୍ରମାନଙ୍କରେ ବାରମ୍ବାର ଗୁରୁତ୍ୱପୂର୍ଣ୍ଣ ରିପୋର୍ଟ ପ୍ରକାଶ ପାଇଥାଏ। ଏହି ବିଷୟର ଏକ ବିସ୍ତୃତ ଆଲୋଚନା ନିମ୍ନମତେ ରହିଛି: ପାନୀୟ ଜଳ ପ୍ରକଳ୍ପ ଏବଂ ବାସ୍ତବ ସ୍ଥିତି: ସରକାରଙ୍କ ପକ୍ଷରୁ ଗ୍ରାମାଞ୍ଚଳର ପ୍ରତିଟି ପରିବାରକୁ ପାଇପ୍ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯାକଣ ପାଇଁ 'ବସୁଧା' ଯୋଜନା ଏବଂ ବିଭିନ୍ନ ମେଗା ପାନୀୟ ଜଳ ପ୍ରକଳ୍ପ ହାତକୁ ନିଆଯାଇଛି। ତଥାପି, ସୋନପୁର ଜିଲ୍ଲାର କିଛି ଦୂରଦୂରାନ୍ତ ଏବଂ ଅଗମ୍ୟ ଗ୍ରାମାଞ୍ଚଳରେ ଏହି ପ୍ରକଳ୍ପଗୁଡ଼ିକର କାମ ସମ୍ପୂର୍ଣ୍ଣ ହୋଇନଥିବାରୁ କିମ୍ବା ପାଇପ୍ ଲାଇନ୍ ସଂଯୋଗ ପହଞ୍ଚି ନଥିବାରୁ ଲୋକେ ଶୁଦ୍ଧ ପାଣି ପାଇବାରୁ ବଞ୍ଚିତ ହେଉଥିବା ଖବର ସାମ୍ନାକୁ ଆସିଥାଏ। ନଳକୂପ ଅଚଳ ସମସ୍ୟା: ଅନେକ ଗ୍ରାମରେ ପୁରୁଣା ନଳକୂପଗୁଡ଼ିକ ଅଚଳ ହୋଇପଡ଼ିଥିବା ଯୋଗୁଁ ଗ୍ରାମବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ପାଇଁ ନଦୀ, ନାଳ କିମ୍ବା ଚୂଆ ପାଣି ଉପରେ ନିର୍ଭର କରିବାକୁ ପଡୁଛି। ଗ୍ରାମାଞ୍ଚଳରେ ଜଳ ସ୍ତର ହ୍ରାସ ପାଇବା ମଧ୍ୟ ଏକ ବଡ଼ ଚନ୍ତାର କାରଣ ପାଲଟିଛି। ପ୍ରଶାସନିକ ପଦକ୍ଷେପ ଓ ସମୀକ୍ଷା: ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଦେଖାଦେଉଥିବା ପାନୀୟ ଜଳ ସମସ୍ୟାକୁ ଦୃଷ୍ଟିରେ ରଖି ପ୍ରଶାସନ ଏବଂ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ (RWSS) ପକ୍ଷରୁ ଅଚଳ ନଳକୂପ ମରାମତି ଏବଂ ଅସମ୍ପୂର୍ଣ୍ଣ ପାଇପ୍ ଜଳ ଯୋଗାଣ ପ୍ରକଳ୍ପଗୁଡ଼ିକୁ ଶୀଘ୍ର କାର୍ଯ୍ୟକ୍ଷମ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି। ରାଜ୍ୟ ସରକାରଙ୍କ ନୂତନ ଗ୍ରାମୀଣ ପାନୀୟ ଜଳ ନୀତି ଏବଂ ସମୟବଦ୍ଧ ଯୋଜନା ମାଧ୍ୟମରେ ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଉଦ୍ୟମ ଜାରି ରହିଛି।

ବୟନଶିଳ୍ପ ଓ ସୋନପୁରୀ ଶାଢ଼ୀପ୍ରସିଦ୍ଧ ବାନ୍ଧକଳ ଏବଂ ସୋନପୁରୀ ହାତନଖାଁ ଶାଢ଼ୀର ବଜାର ଚାହିଦା

ସୁବର୍ଣ୍ଣପୁର: ଜିଲ୍ଲା କେବଳ ପ୍ରାକୃତିକ ଶୋଭା ପାଇଁ ନୁହେଁ, ବରଂ ଏହାର ବିଶ୍ୱପ୍ରସିଦ୍ଧ ହାତଶାଳ ବାନ୍ଧକଳଏବଂ ସୋନପୁରୀ/ସମ୍ବଲପୁରୀ ଶାଢ଼ୀ ପାଇଁ ସମଗ୍ର ଦେଶରେ ସ୍ୱତନ୍ତ୍ର ପରିଚୟ ବହନ କରିଥାଏ। ଏହି ପାରମ୍ପରିକ ବୟନଶିଳ୍ପ ଏବଂ ଏଥିରେ ଜଡ଼ିତ ବୁଣାକାରମାନଙ୍କ ବର୍ତ୍ତମାନର ସ୍ଥିତି, ବଜାର ଚାହିଦା ଏବଂ ବିଭିନ୍ନ ସମସ୍ୟାକୁ ନେଇ ସ୍ଥାନୀୟ ଗଣମାଧ୍ୟମରେ ପ୍ରକାଶିତ ପ୍ରମୁଖ ରିପୋର୍ଟର ବିସ୍ତୃତ ବିବରଣୀ: ବାନ୍ଧକଳ ଏବଂ ସୋନପୁରୀ ଶାଢ଼ୀର ବଜାର ଚାହିଦା: ସୋନପୁର, ତରଭା, ବିନିକା ଏବଂ ଜିଲ୍ଲାର ଅନ୍ୟାନ୍ୟ ଅଞ୍ଚଳରେ ପ୍ରସ୍ତୁତ ହେଉଥିବା ବାନ୍ଧକଳ ସିଲ୍କ ଓ କଟନ୍ ଶାଢ଼ୀ, ବୋମକାଇ, ପାସପାଲି ଏବଂ ବିଚିତ୍ରପୁରୀ ଶାଢ଼ୀର ଦେଶବିଦେଶରେ ପ୍ରବଳ ଚାହିଦା ରହିଛି। ବିଶେଷ କରି ବିବାହ ଉତ୍ସବ, ପର୍ବପର୍ବାଣୀ ଏବଂ ସ୍ୱତନ୍ତ୍ର ଅବସରରେ ଗ୍ରାହକମାନେ ଏହି ପାରମ୍ପରିକ କାରୁକାର୍ଯ୍ୟପୂର୍ଣ୍ଣ ହାତନଖାଁ ଶାଢ଼ୀକୁ ଅଧିକ ପସନ୍ଦ କରିଥାନ୍ତି। ବୁଣାକାରଙ୍କ ପ୍ରମୁଖ ସମସ୍ୟା ଓ କଞ୍ଚାମାଲ ମୂଲ୍ୟବୃଦ୍ଧି: ଦିନକୁ ଦିନ ବୁଣାକାରମାନେ ବିଭିନ୍ନ ଗୁରୁତର ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଶାଢ଼ୀ ବୁଣିବା ପାଇଁ ବ୍ୟବହୃତ ହେଉଥିବା ଅଶୁଦ୍ଧ/ଶୁଦ୍ଧ ସୂତା (Silk & Cotton yarn), ରଙ୍ଗ ଏବଂ ଅନ୍ୟାନ୍ୟ କଞ୍ଚାମାଲର ଦର ଆକାଶଛୁଆଁ ହେବାରେ ଲାଗିଛି। ମାତ୍ର ସେହି ଅନୁପାତରେ ବୁଣାକାରମାନେ ସେମାନଙ୍କ ଶ୍ରମର ସଠିକ୍ ମୂଲ୍ୟ ପାଉନାହାନ୍ତି, ଯାହାଫଳରେ ସେମାନଙ୍କ ଆର୍ଥିକ ଅବସ୍ଥା ଦିନକୁ ଦିନ ଶୋଚନୀୟ ହେବାରେ ଲାଗିଛି। ବଜାର ଏବଂ ମଧ୍ୟସ୍ଥିଙ୍କ ପ୍ରଭାବ: ଅଧିକାଂଶ ଗରିବ ଓ ନିରୀହ ବୁଣାକାର ସିଧାସଳଖ ବଜାରରେ ନିଜ ପ୍ରସ୍ତୁତ ସାମଗ୍ରୀ ବିକ୍ରି କରିବାରେ ଅସମର୍ଥ ହେଉଛନ୍ତି। ସାହୁକାର କିମ୍ବା ମଧ୍ୟସ୍ଥିମାନେ କମ୍ ଦରରେ ଶାଢ଼ୀ କିଣି ନେଇ ବଡ଼ ବଡ଼ ସହରରେ ଅଧିକ ମୂଲ୍ୟରେ ବିକ୍ରି କରୁଥିବାରୁ ପ୍ରକୃତ କାରିଗରମାନେ ଉଚିତ୍ ପ୍ରାପ୍ତିରୁ ବଞ୍ଚିତ ହେଉଛନ୍ତି। ପ୍ରଶାସନିକ ପଦକ୍ଷେପ ଓ ଆଶା: ବୁଣାକାରମାନଙ୍କ ଜୀବନଜୀବିକାକୁ ସୁରକ୍ଷା ଦେବା, ସେମାନଙ୍କୁ ସୁଲଭ ମୂଲ୍ୟରେ କଞ୍ଚାମାଲ ଯାଇବା ଏବଂ ବାନ୍ଧକଳ ସାମଗ୍ରୀ ବିକ୍ରି ପାଇଁ ସଠିକ୍ ବଜାର ସୁଯୋଗ ସୃଷ୍ଟି କରିବା ନିମନ୍ତେ ସରକାରୀ ଏବଂ ସମବାୟ ସମିତିଗୁଡ଼ିକ ପକ୍ଷରୁ ବିଭିନ୍ନ ପ୍ରୋତ୍ସାହନମୂଳକ ଯୋଜନା କାର୍ଯ୍ୟକାରୀ କରାଯାଉଛି। ତଥାପି, ଅଧିକରୁ ଅଧିକ ପ୍ରଚାର, ପ୍ରଶାସନିକ ସହାୟତା ଏବଂ ଅନ୍‌ଲାଇନ୍ ବଜାର ସଂଯୋଗୀକରଣ ଦ୍ୱାରା ହିଁ ସୋନପୁରର ଏହି ଐତିହାସିକ ବୟନଶିଳ୍ପକୁ ସମ୍ପୂର୍ଣ୍ଣ ସୁରକ୍ଷା ଦିଆଯାଇପାରିବ ବୋଲି ବୁଣାକାର ସଙ୍ଗଠନଗୁଡ଼ିକ ମତ ପ୍ରକାଶ କରିଛନ୍ତି।

ମହାନଦୀ ଜଳସ୍ତର ଓ ପ୍ରକଳ୍ପ ସମୀକ୍ଷା

ସୁବର୍ଣ୍ଣପୁର:ଜିଲ୍ଲାର ଜୀବନରେଖା ତଥା ମୁଖ୍ୟ ଜଳସ୍ରୋତ ମହାନଦୀର ଜଳପ୍ରବାହ ଏବଂ ଏହାର ଜଳରାଶିର ସଦୁପଯୋଗ ପାଇଁ ହାତକୁ ନିଆଯାଇଥିବା ଗୁରୁତ୍ୱପୂର୍ଣ୍ଣ ଇନ୍-ଷ୍ଟ୍ରିମ୍ ଷ୍ଟୋରେଜ୍ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତିକୁ ନେଇ ସମ୍ବାଦପତ୍ର ଓ ପ୍ରଶାସନିକ ମହଲରେ ବ୍ୟାପକ ଆଲୋଚନା ଜାରି ରହିଛି। ଏହି ପ୍ରସଙ୍ଗର ବିସ୍ତୃତ ରିପୋର୍ଟ ନିମ୍ନମତେ ରହିଛି:ମହାନଦୀରେ ଜଳସ୍ତର ଓ ପ୍ରବାହ ସ୍ଥିତି: ବର୍ଷାଋତୁର ପ୍ରଭାବ ଏବଂ ଉପରମୁଣ୍ଡରୁ ଆସୁଥିବା ଜଳପ୍ରବାହ ଯୋଗୁଁ ସୋନପୁର ସହର ଓ ଏହାର ଆଖପାଖ ଅଞ୍ଚଳରେ ମହାନଦୀର ଜଳସ୍ତର ଉପରେ ଜଳସମ୍ପଦ ବିଭାଗ ତୀକ୍ଷ୍ଣ ନଜର ରଖିଛି। ନଦୀର ଜଳପ୍ରବାହ ସ୍ୱାଭାବିକ ରହିଥିଲେ ମଧ୍ୟ ଗ୍ରାମାଞ୍ଚଳର ଜଳସେଚନ ଏବଂ ଭୂତଳ ଜଳସ୍ତର ବୃଦ୍ଧି ପାଇଁ ଏହାର ସୁବ୍ୟବସ୍ଥିତ ପରିଚାଳନା ନିତାନ୍ତ ଜରୁରୀ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।ଇନ୍-ଷ୍ଟ୍ରିମ୍ ଷ୍ଟୋରେଜ୍ ପ୍ରକଳ୍ପ (ISS) ର ଗୁରୁତ୍ୱ: ସୋନପୁର ଜିଲ୍ଲାରେ ଜଳ ସଙ୍କଟ ଦୂର କରିବା, କୃଷି ଜମିକୁ ବର୍ଷସାରା ଜଳସେଚନ ଯୋଗାଇବା ଏବଂ ପାନୀୟ ଜଳର ଚାହିଦା ମେଣ୍ଟାଇବା ପାଇଁ ମହାନଦୀ ମଧ୍ୟରେ ସ୍ଥାୟୀ ଜଳ ସଂରକ୍ଷଣ ପ୍ରକଳ୍ପ (ISS) ନିର୍ମାଣ ପାଇଁ ରାଜ୍ୟ ସରକାର ଓ ଜଳସମ୍ପଦ ବିଭାଗ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ବିଶେଷ କରି ଗୋଧାନେଶ୍ୱର, ଖଇରମାଲ, ଉଲୁଣ୍ଡା ଏବଂ ସୁରୁବଳି ଆଦି ପ୍ରମୁଖ ସ୍ଥାନରେ ଏହି ପ୍ରକଳ୍ପଗୁଡ଼ିକର ରୂପାୟନ ପାଇଁ ଯୋଜନା ଓ ସମୀକ୍ଷା ଜୋରଦାର କରାଯାଇଛି।ପ୍ରଶାସନିକ ସମୀକ୍ଷା ଓ କାର୍ଯ୍ୟାନ୍ୱୟନ: ନିକଟରେ ଅନୁଷ୍ଠିତ ବିଭିନ୍ନ ଉନ୍ନୟନମୂଳକ ସମୀକ୍ଷା ବୈଠକରେ ଏହି ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତା, ଡିଜାଇନ୍ ଏବଂ ନିର୍ମାଣ ଅଗ୍ରଗତି ନେଇ ବିସ୍ତୃତ ଆଲୋଚନା ହୋଇଛି। ନିର୍ଦ୍ଧାରିତ ସମୟସୀମା ଭିତରେ କାମ ଶେଷ କରିବାକୁ ସ୍ଥାନୀୟ ପ୍ରଶାସନ ଓ ନିର୍ମାଣକାରୀ ସଂସ୍ଥାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ସୋନପୁର ଜିଲ୍ଲାରେ କୃଷିକ୍ଷେତ୍ରରେ ଏକ ବଡ଼ପ୍ରକାରର ବିପ୍ଳବ ଆସିବା ସହ ଗ୍ରାମାଞ୍ଚଳର ଜଳକଷ୍ଟ ସବୁଦିନ ପାଇଁ ଦୂର ହୋଇପାରିବ ବୋଲି ଆଶା କରାଯାଉଛି।

ଆଦ୍ୟାଶା ADYASHA
ରାଜ୍ୟ
PRGI No. ORORI/25/A0506
Daily Edition
Email : adyashalive@gmail.com
BHUBANESWAR | Vol. 02 | Issue 12
ଗୁରୁବାର, ୨୯ ଅକ୍ଟୋବର ୨୦୨୬
ପୃଷ୍ଠା ୧୦ Rs. 7

ଦଶପଲ୍ଲାରେ ଜିଓ ନେଟୱର୍କ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ବିଦ୍ୟୁତ କାଟ ହେଲେ ଅଚଳ ହେଉଛି ସେବା ଗ୍ରାହକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ

ନୟାଗଡ/ଦଶପଲ୍ଲା(ଆଦ୍ୟାଶା)୨୮/୧୦:ଦଶପଲ୍ଲା ଅଞ୍ଚଳରେ ଜିଓ ମୋବାଇଲ୍ ନେଟୱର୍କ ସେବା ସମ୍ପୂର୍ଣ୍ଣ ରୂପେ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଗ୍ରାହକମାନେ ଉଭୟ ସାଧାରଣ କଲ୍ କରିବା ଏବଂ ଇଣ୍ଟରନେଟ୍ ବ୍ୟବହାର କରିବାରେ ଚରମ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ଅଞ୍ଚଳରେ ଲାଇନ୍ ବା ବିଦ୍ୟୁତ ସରବରାହ ବନ୍ଦ ହୋଇଗଲେ, ଜିଓ ନେଟୱର୍କ ସମ୍ପୂର୍ଣ୍ଣ ଭାବେ ଅଚଳ ହୋଇପଡୁଛି। ଏଭଳି ସ୍ଥିତିରେ ଜିଓ କର୍ତ୍ତୃପକ୍ଷ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ସମସ୍ୟାର ସମାଧାନ କରିବା ପାଇଁ ସାଧାରଣରେ ଜୋରଦାର ଦାବି ହେଉଛି। ସୂଚନାଯୋଗ୍ୟ ଯେ, ଦଶପଲ୍ଲା ଏନଏସି ସହରାଞ୍ଚଳରେ ହିଁ ଯଦି ଜିଓ ଗ୍ରାହକମାନଙ୍କୁ ଏଭଳି ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି, ତେବେ ଗ୍ରାମାଞ୍ଚଳର ସ୍ଥିତି କେତେ ଭୟାବହ ହୋଇଥିବ ଏବଂ ସେଠାକାର ଜନସାଧାରଣ କିଭଳି ସେବା ପାଉଥିବେ, ତାହାକୁ ନେଇ ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସହରଠାରୁ ଆରମ୍ଭ କରି ଗ୍ରାମ ପର୍ଯ୍ୟନ୍ତ ସବୁଠି ଗ୍ରାହକମାନେ ନେଟୱର୍କ ସମସ୍ୟା ଯୋଗୁଁ ଅତିଷ୍ଠ ହୋଇପଡ଼ିଛନ୍ତି। ଡିଜିଟାଲ୍ ଇଣ୍ଡିଆ ଯୁଗରେ ମୋବାଇଲ୍ ନେଟୱର୍କ ଏକ ଅତ୍ୟାବଶ୍ୟକ ସେବା ପାଲଟିଥିବା ବେଳେ, ଜିଓର ଏଭଳି ଦାୟିତ୍ୱହୀନ ମନୋଭାବ ଗ୍ରାହକଙ୍କୁ ନିରାଶ କରିଛି। ବିଦ୍ୟୁତ ଗଲେ ନେଟୱର୍କ ସମ୍ପୂର୍ଣ୍ଣ ଠପ୍ ହୋଇଯିବା ଘଟଣା ଟାୱାରଗୁଡ଼ିକରେ ଥିବା ପାୱାର ବ୍ୟାକଅପ୍ (ବ୍ୟାଟେରୀ କିମ୍ବା ଜେନେରେଟର) ବ୍ୟବସ୍ଥାର ଦୁର୍ବଳତାକୁ ହିଁ ପଦାରେ ପକାଇଛି। ଏହି ଗମ୍ଭୀର ସମସ୍ୟାର ତୁରନ୍ତ ସ୍ଥାୟୀ ସମାଧାନ କରି ଦଶପଲ୍ଲା ଅଞ୍ଚଳର ହଜାର ହଜାର ଉପଭୋକ୍ତାଙ୍କୁ ଉଚିତ ସେବା ଯୋଗାଇ ଦେବାକୁ ସ୍ଥାନୀୟ ଜନସାଧାରଣ ଜିଓର ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଦୃଢ ଦାବି କରିଛନ୍ତି। ଅନ୍ୟଥା ଆଗାମୀ ଦିନରେ ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ରୂପେ ପ୍ରକାଶ ପାଇବା ସହ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସାଧାରଣରେ ଚେତାବନୀ ଦିଆଯାଇଛି। (ନୟାଗଡ ରୁ ଜିଲ୍ଲା ପ୍ରତିନିଧି ଦୀପକ ନାୟକ ଙ୍କ ରିପୋର୍ଟ)



ଜିଲ୍ଲାରୁ ସିଧା ରିପୋର୍ଟ

ବାଂଶପାଳ ଶୁଡଙ୍ଗ ଗାଁ ରେ ଶ୍ୱାସ ରୁଦ୍ଧ ହୋଇ 2 ମୃତ 3 ଗୁରୁତର

କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ ନୟାକୋଟ ଥାନା ଅନ୍ତର୍ଗତ ସୁଡ଼ଙ୍ଗ ଗ୍ରାମରେ ଏକ ଅଭାବନୀୟ ଏବଂ ମର୍ମନ୍ତୁଦ ଘଟଣା ଘଟିଛି। ଗ୍ରାମରେ ଲକ୍ଷ୍ମୀପୂଜା ଚାଲିଥିବା ସମୟରେ ବିଦ୍ୟୁତ୍ ସରବରାହ ବନ୍ଦ ହୋଇଯିବାରୁ ଏକ ବନ୍ଦ କୋଠରୀ ଭିତରେ ଜେନେରେଟର୍ ଚାଲୁ କରି ଶୋଇଥିବା ପାଞ୍ଚ ଜଣ ଯୁବକ/ପିଲା ଶ୍ୱାସରୁଦ୍ଧ ହୋଇ ମୃତାହତ ହୋଇଛନ୍ତି। ଉକ୍ତ ଘଟଣାରେ ଦୁଇ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ତିନି ଜଣ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ଗତକାଲି ରାତିରେ ବିଦ୍ୟୁତ୍ ଚାଲିଯିବା ପରେ ଏହି ପାଞ୍ଚ ଜଣ ପିଲା ଗୋଟିଏ କୋଠରୀରେ ଜେନେରେଟର୍ ଲଗାଇ କବାଟ ଓ ଝରକା ସମ୍ପୂର୍ଣ୍ଣ ବନ୍ଦ କରି ଶୋଇ ପଡ଼ିଥିଲେ। ଜେନେରେଟରରୁ ବାହାରିଥିବା ବିଷାକ୍ତ କାର୍ବନ ମୋନୋକ୍ସାଇଡ୍ ଗ୍ୟାସ୍ ପୁରା କୋଠରୀରେ ବ୍ୟାପିଯିବାରୁ ସେମାନେ ଶ୍ୱାସରୁଦ୍ଧ ହୋଇପଡ଼ିଥିଲେ। ଆଜି ସକାଳୁ ସେମାନଙ୍କୁ ଅଚେତ୍ ଅବସ୍ଥାରେ ସ୍ଥାନୀୟ ଲୋକେ ଉଦ୍ଧାର କରି ପ୍ରଥମେ ବାଂଶପାଳ ଡ଼ାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡ଼ାକ୍ତର ଦୁଇ ଜଣଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ଅନ୍ୟ ତିନି ଜଣଙ୍କ ଅବସ୍ଥା ଗୁରୁତର ରହିବାରୁ ସେମାନଙ୍କୁ ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ନିମନ୍ତେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏହି ଦୁଃଖଦ ଘଟଣା ସମ୍ବାଦ ପ୍ରସାରଣ ପରେ ସମଗ୍ର ସୁଡ଼ଙ୍ଗ ଗ୍ରାମ ଏବଂ ଆଖପାଖ ଅଞ୍ଚଳରେ ଶୋକର କଳାବାଦଲ ଖେଳିଯାଇଛି। ଖବର ପାଇ ନୟାକୋଟ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ଘଟଣାର ବୈଷୟିକ ଏବଂ ପାରିପାର୍ଶ୍ୱିକ ସ୍ଥିତି ଯାଞ୍ଚ କରି ତଦନ୍ତ ଜାରି ରଖିଛି। ବନ୍ଦ କୋଠରୀ ଭିତରେ ଜେନେରେଟର୍ କିମ୍ବା ପେଟ୍ରୋଲ/ଡିଜେଲ୍ ଚାଳିତ ଯନ୍ତ୍ରାଂଶ ବ୍ୟବହାର କରିବା ଯେ କେତେ ବିପଜ୍ଜନକ, ଏହି ଦୁର୍ଘଟଣା ତାହା ପୁଣିଥରେ ପ୍ରମାଣିତ କରିଛି।



ଝଡ଼ବର୍ଷା ସମୟରେ ଦୁର୍ଘଟଣା ଏଡ଼ାଇବା ପାଇଁ ବିଭାଗର ଜରୁରୀ ପଦକ୍ଷେପ

ବରଗଡ଼: ବରଗଡ଼ ଜିଲ୍ଲାରେ ଲଗାଣ ବର୍ଷା ଏବଂ ସମ୍ଭାବ୍ୟ ବାତ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ବିଦ୍ୟୁତ୍ ସେବାକୁ ଅଧିକ ସୁରକ୍ଷିତ ତଥା ନିରବଚ୍ଛିନ୍ନ ରଖିବା ପାଇଁ ବିଦ୍ୟୁତ୍ ବିଭାଗ ପକ୍ଷରୁ ବ୍ୟାପକ ରକ୍ଷଣାବେକ୍ଷଣ ଏବଂ ସତର୍କତାମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବିଶେଷ କରି ପ୍ରବଳ ପବନ ଓ ଝଡ଼ବର୍ଷା ସମୟରେ ବିଦ୍ୟୁତ୍ ତାର ଛିଡ଼ିବା କିମ୍ବା ପୋଲ୍ ଭାଙ୍ଗି ଘଟୁଥିବା ଅଘଟଣକୁ ଏଡ଼ାଇବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ସଜାଗ ରହିଛନ୍ତି। ପ୍ରାପ୍ତ ସୂଚନା ଅନୁଯାୟୀ, ଜିଲ୍ଲାର ବିଭିନ୍ନ ଉପଖଣ୍ଡ ଏବଂ ଗ୍ରାମାଞ୍ଚଳରେ ବିଦ୍ୟୁତ୍ ଲାଇନର ଝୁଲି ରହିଥିବା ତାରଗୁଡ଼ିକୁ ଟାଣିବା, ବିପଦଜନକ ଭାବେ ଝୁଲିଥିବା ଗଛର ଡାଳ କାଟିବା ଏବଂ ଦୁର୍ବଳ ପୋଲଗୁଡ଼ିକୁ ମରାମତି କରିବାର ଜରୁରୀ କାମ ଯୁଦ୍ଧକାଳୀନ ଭାବେ ଜାରି ରହିଛି। ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଜରୁରୀକାଳୀନ ମରାମତି ଟିମ୍ ଗଠନ କରାଯାଇ, ସେମାନଙ୍କୁ ୨୪ ଘଣ୍ଟିଆ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯଦି ଝଡ଼ବର୍ଷା ସମୟରେ କୌଣସି ଅଞ୍ଚଳରେ ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ ହୁଏ, ତେବେ ତୁରନ୍ତ ତାହାକୁ ମରାମତି କରି ପୁନଃ ସଂଯୋଗ ଦେବା ପାଇଁ ସମସ୍ତ ସବ୍-ଷ୍ଟେସନ୍‌କୁ ନିର୍ଦ୍ଦେଶ ଦିଆଯାଇଛି। ସାଧାରଣ ଜନସାଧାରଣଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଝଡ଼ବର୍ଷା ସମୟରେ ବିଦ୍ୟୁତ୍ ଖମ୍ବ କିମ୍ବା ଛିଡ଼ିଥିବା ତାରଠାରୁ ଦୂରେଇ ରହିବାକୁ ପରାମର୍ଶ ଦିଆଯାଇଛି। କୌଣସି ସ୍ଥାନରେ ବିଦ୍ୟୁତ୍ ସମସ୍ୟା ଦେଖାଦେଲେ ତୁରନ୍ତ ବିଭାଗୀୟ ହେଲ୍ପଲାଇନ୍ ନମ୍ବରରେ ଯୋଗାଯୋଗ କରିବାକୁ ଜିଲ୍ଲାବାସୀଙ୍କୁ ଅନୁରୋଧ କରାଯାଇଛି।

ରୋଗୀଙ୍କୁ ମାଗଣା ଔଷଧ ଓ ଉତ୍ତମ ଚିକିତ୍ସା ଯୋଗାଇଦେବାକୁ କର୍ତ୍ତୃପକ୍ଷଙ୍କ କଡ଼ା ନିର୍ଦ୍ଦେଶ

ବରଗଡ଼: ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ (ଡିଏଚ୍‌ଏଚ୍) ତଥା ଅଧୀନସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକରେ ରୋଗୀଙ୍କୁ ପ୍ରଦାନ କରାଯାଉଥିବା ସ୍ୱାସ୍ଥ୍ୟ ସେବାର ଗୁଣବତ୍ତା, ଡାକ୍ତରଖାନାରେ ଜରୁରୀ ଔଷଧର ମହଜୁଦ ସ୍ଥିତି ଏବଂ ସଫାସୁତରା ପରିବେଶକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ସମସ୍ତ ବର୍ଗର ରୋଗୀଙ୍କୁ କିପରି ସର୍ବୋତ୍ତମ ଓ ତ୍ୱରିତ ଚିକିତ୍ସା ସେବା ମିଳିପାରିବ, ସେନେଇ ଜିଲ୍ଲା ପ୍ରଶାସନ ଏବଂ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀମାନେ ମିଳିତ ଭାବେ ହସ୍ପିଟାଲର ବିଭିନ୍ନ ୱାର୍ଡ ପରିଦର୍ଶନ କରିବା ସହ ସମୀକ୍ଷା କରିଛନ୍ତି। ପ୍ରାପ୍ତ ସୂଚନା ଅନୁଯାୟୀ, ବୈଠକରେ ମୁଖ୍ୟତଃ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଔଷଧ ଗୋଦାମ ଏବଂ ବିଶେଷ କରି ମାଗଣା ଔଷଧ ବଣ୍ଟନ କେନ୍ଦ୍ରରେ ଜରୁରୀ ଜୀବନରକ୍ଷକ ଔଷଧଗୁଡ଼ିକର ଉପଲବ୍ଧତା ସଂକ୍ରାନ୍ତରେ ପୁଙ୍ଖାନୁପୁଙ୍ଖ ଯାଞ୍ଚ କରାଯାଇଥିଲା। କୌଣସି ମଧ୍ୟ ରୋଗୀ ଯେପରି ବାହାରୁ ମହଙ୍ଗା ଔଷଧ କିଣିବାକୁ ବାଧ୍ୟ ନହୁଅନ୍ତି, ସେଥିପାଇଁ ଡାକ୍ତରଖାନା ପରିସରରେ ସମସ୍ତ ଆବଶ୍ୟକୀୟ ଔଷଧ ପର୍ଯ୍ୟାପ୍ତ ପରିମାଣରେ ମହଜୁଦ ରଖିବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଜରୁରୀକାଳୀନ ବିଭାଗ (ଇମରଜେନ୍ସି), ଶିଶୁ ବିଭାଗ, ପ୍ରସୂତି ଓ ସ୍ତ୍ରୀ ରୋଗ ବିଭାଗ ଏବଂ ଜେନେରାଲ୍ ୱାର୍ଡରେ ରୋଗୀଙ୍କୁ ଦିଆଯାଉଥିବା ସେବାର ମାନକୁ ନେଇ ମଧ୍ୟ ଅଧିକାରୀମାନେ ସନ୍ତୋଷ ପ୍ରକାଶ କରିବା ସହ ଆବଶ୍ୟକୀୟ ପଦକ୍ଷେପ ନେବାକୁ ପରାମର୍ଶ ଦେଇଛନ୍ତି। ଏହାବ୍ୟତୀତ ଡାକ୍ତରଖାନା ପରିସରର ସ୍ୱଚ୍ଛତା, ରୋଗୀଙ୍କ ପାଇଁ ଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା, ଏବଂ ବିଶେଷ କରି ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀମାନେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ରୋଗୀ ସେବା କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ବାତ୍ୟା ଓ ଲଗାଣ ବର୍ଷାକୁ ଦୃଷ୍ଟିରେ ରଖି ହସ୍ପିଟାଲରେ ସ୍ୱତନ୍ତ୍ର ଜରୁରୀକାଳୀନ ୱାର୍ଡ ଏବଂ ପର୍ଯ୍ୟାପ୍ତ ସଂଖ୍ୟକ ସାପ୍ତାହିକ ଔଷଧ ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ସରକାରୀ ସ୍ୱାସ୍ଥ୍ୟ ସେବାର ସୁଫଳ ଯେପରି ଅନ୍ତଃପ୍ରଦେଶର ଗରୀବ ଓ ନିଃସହାୟ ରୋଗୀମାନଙ୍କ ପାଖରେ ସହଜରେ ପହଞ୍ଚିପାରିବ, ସେନେଇ ସମସ୍ତ ସ୍ୱାସ୍ଥ୍ୟକର୍ମୀଙ୍କୁ ଦାୟିତ୍ୱବାନ୍ ହେବାକୁ କୁହାଯାଇଛି।

ମାଟିର ଖବର

ଘଟଗାଁ / ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ୱଚ୍ଛତା କାର୍ଯ୍ୟକ୍ରମ



ଘଟଗାଁ:ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ହସ୍ପିଟାଲର ସମସ୍ତ କର୍ମଚାରୀ ପରିସରରେ ସାର୍ବଜନୀନ ସ୍ୱାସ୍ଥ୍ୟ ମାର୍ଗଦର୍ଶନରେ ଅନୁଷ୍ଠିତ ଏହି ଏକପ୍ରକାର ସ୍ୱେଚ୍ଛାକୃତ ଭାବେ ସେବା ଅନୁଷ୍ଠାନଗୁଡ଼ିକରେ ସ୍ୱଚ୍ଛତା ଓ କାର୍ଯ୍ୟକ୍ରମରେ ଜନ ସ୍ୱାସ୍ଥ୍ୟ ସାମିଲ ହୋଇ ଶ୍ରମଦାନ କରିଥିଲେ। ପରିମଳ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ ଅଧିକାରିଣୀ ପୁଷ୍ପଲତା ମହାପାତ୍ର, ସ୍ୱାସ୍ଥ୍ୟ ଅନୁଷ୍ଠାନରେ ଏଭଳି ସ୍ୱଚ୍ଛତା କରିବା ଏବଂ ଏକ ପରିବର୍ତ୍ତନକାରୀ ଗୋଷ୍ଠୀ କାର୍ଯ୍ୟକ୍ରମ ପରିଚାଳିକା କାର୍ଯ୍ୟକ୍ରମ ଜାରି ରହିଲେ ରୋଗୀଙ୍କ ପ୍ରଭାବ ଆଣିବା ଲକ୍ଷ୍ୟରେ ଏକ ସୁନିତା ଦାଶ ଏବଂ ପରିସଂଖ୍ୟାଣ ଆଶୁ ଆରୋଗ୍ୟ ଏବଂ ସଂକ୍ରମଣର ସ୍ୱତନ୍ତ୍ର ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ଅଧିକାରୀ ବିପିନି ବିହାରୀ ଷଡ଼ଙ୍ଗୀ ଆଶଙ୍କା ହ୍ରାସ ପାଇବାରେ ବେଶ୍ ଅନୁଷ୍ଠିତ ହୋଇଯାଇଛି। କାୟାକଳ୍ପ ପ୍ରମୁଖ ସକ୍ରିୟ ଭାବେ ଯୋଗଦେଇ ସହାୟକ ହେବ ବୋଲି ବୁଦ୍ଧିଜୀବୀ ଓ କାର୍ଯ୍ୟକ୍ରମର ଏକ ଅଂଶବିଶେଷ ସମଗ୍ର ଅଭିଯାନକୁ ପରିଚାଳନା ଓ ସ୍ଥାନୀୟ ଜନସାଧାରଣ ମତ ପ୍ରକାଶ ଭାବେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। କରିଛନ୍ତି। ଆଗାମୀ ଦିନରେ ଏହି ଡାକ୍ତରଖାନାର ଚତୁର୍ଦ୍ଦିଗ, ଅନ୍ତର୍ବିଭାଗ ଡାକ୍ତରଖାନାକୁ ଆସୁଥିବା ରୋଗୀ ଓ ପରିମଳ ବ୍ୟବସ୍ଥାକୁ ସ୍ଥାୟୀ ରୂପ ତଥା ବହିର୍ବିଭାଗ ପରିସରକୁ ସମ୍ପୂର୍ଣ୍ଣ ସାଧାରଣ ଲୋକଙ୍କୁ ଏକ ସ୍ୱଚ୍ଛ, ଦେବା ପାଇଁ ହସ୍ପିଟାଲ ପ୍ରଶାସନ ଭାବେ ପରିଷ୍କାର ଓ ପରିଚ୍ଛନ୍ନ ନିର୍ମଳ ଏବଂ ସୁସ୍ଥ ପରିବେଶ ପକ୍ଷରୁ ନିୟମିତ ସଫାଇ ଉପରେ କରାଯାଇଥିଲା। ଗୋଷ୍ଠୀ ସ୍ୱାସ୍ଥ୍ୟ ଯୋଗାଇଦେବା ଉଦ୍ଦେଶ୍ୟରେ ଗୁରୁତ୍ୱ ଦିଆଯାଉଥିବା ନେଇ ମଧ୍ୟ କେନ୍ଦ୍ରର ଅଧିକ୍ଷକ ଡାକ୍ତର ମୁକ୍ତିକାନ୍ତ ହୋଇଥିବା ଏହି ଅଭିଯାନରେ ସୂଚନା ମିଳିଛି।

ଆଜିର ପ୍ରମୁଖ

ଜାମସେଠ ରେ ଚିତ୍ରଗୁପ୍ତ ପୂଜା ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ



ପାଇକମାଳ:୨୮/୧୦ : (ଆଦ୍ୟାଶା):ବରଗଡ଼ ଜିଲ୍ଲା ପାଇକମାଳ ବ୍ଲକ୍ ଅନ୍ତର୍ଗତ ଜାମସେଠ ଗ୍ରାମରେ ଶ୍ରୀଶ୍ରୀ ଚିତ୍ରଗୁପ୍ତ ମହାରାଜଙ୍କ ପୂଜା ମହୋତ୍ସବ ଆୟୋଜନ ନିମନ୍ତେ କରଣ ସମାଜ ନୃସିଂହନାଥ ଜୋନ୍ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜୋନ୍ ସଭାପତି ବିଶିକେଶନ ରାୟଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ ଆସନ୍ତା ନଭେମ୍ବର ୧୧ ତାରିଖରେ ଜାମସେଠ ଗ୍ରାମର ଅଙ୍ଗ ନଦୀ କୂଳସ୍ଥିତ ଆମ୍ବତୋଟାରେ ପାରମ୍ପରିକ ରୀତିନୀତିରେ ପୂଜା ମହୋତ୍ସବ ଆୟୋଜନ କରିବାକୁ ସ୍ଥିର ହୋଇଛି। ବୈଠକରେ ଉପସଭାପତି ପ୍ରମୋଦ ରାୟ ଆଗାମୀ ବର୍ଷର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିବା ବେଳେ ସମ୍ପାଦକ ତପନ ବହିଦାର କାର୍ଯ୍ୟସୂଚୀ ଉପସ୍ଥାପନ କରିଥିଲେ। ଏଥିରେ ନୃସିଂହନାଥ ଜୋନ୍‌ର କରଣ ସମାଜର ସଦସ୍ୟମାନେ ଯୋଗଦେଇଥିଲେ। ଶେଷରେ ସଭାପତି ଶ୍ରୀ ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

ସତଲମାରେ ମା’ ଗଜଲକ୍ଷ୍ମୀ ପୂଜାର ରୌପ୍ୟ ଜୟନ୍ତୀ ସମାରୋହ ପାଞ୍ଚ ଦିନ ଧରି ଭକ୍ତିମୟ ପରିବେଶ, ଆନନ୍ଦ ଉଲ୍ଲାସରେ ମାତିଲେ ଶ୍ରଦ୍ଧାଳୁ



ବରପାଲି : ୨୮/୧୦ (ସୁଦାମ ଦୀପ)ବରଗଡ଼ ଜିଲ୍ଲା ବରପାଲି ବ୍ଲକ ଅନ୍ତର୍ଗତ ସତଲମା ଗ୍ରାମରେ ମା’ ଗଜଲକ୍ଷ୍ମୀ ପୂଜା ମହୋତ୍ସବ ଆନନ୍ଦ ଉଲ୍ଲାସ ଓ ଭକ୍ତିମୟ ପରିବେଶ ମଧ୍ୟରେ ପାଳିତ ହେଉଛି। ଚଳିତ ବର୍ଷ ପୂଜା ମହୋତ୍ସବର ରୌପ୍ୟ ଜୟନ୍ତୀ ସମାରୋହ ଆୟୋଜିତ ହେଉଥିବାରୁ ଗ୍ରାମବାସୀ ଓ ଶ୍ରଦ୍ଧାଳୁଙ୍କ ମଧ୍ୟରେ ବିଶେଷ ଉତ୍ସାହ ଦେଖିବାକୁ ମିଳିଛି। ମା’ ଗଜଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା, ଧାର୍ମିକ ରୀତିନୀତି ଓ ବିଭିନ୍ନ ଉତ୍ସବମୁଖର କାର୍ଯ୍ୟକ୍ରମ ଯୋଗୁଁ ସମଗ୍ର ଗ୍ରାମରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି।ପୂଜା ଅବସରରେ ଲକ୍ଷ୍ମୀପ୍ରିୟା ସାହୁ ଓ ବେଲାର ସାହୁ କର୍ତ୍ତା ଭାବେ ଦାୟିତ୍ୱ ତୁଲାଉଛନ୍ତି। ପୂଜା କମିଟିର ସଭାପତି ସୁରେନ୍ଦ୍ର ଭୋଇ ଓ ସମ୍ପାଦକ ସୁଶାନ୍ତ ଜାଲଙ୍କ ସମେତ ତରଣୀ ସାହୁ, ସୁମନ୍ତ ସାହୁ, ରୁଦ୍ରପ୍ରତାପ ସାହୁ, ଡୋଲାମଣି ଜାଲ, ପରମାନନ୍ଦ ଭୋଇ, ମନୋରଞ୍ଜନ ସାହୁ, ବ୍ୟାସଦେବ ଭୋଇ, ମିଥୁନ ଭୋଇ ଓ ଅନ୍ୟ କମିଟି ସଦସ୍ୟମାନେ ପୂଜା ପରିଚାଳନାରେ ସକ୍ରିୟ ସହଯୋଗ କରୁଛନ୍ତି।ରୌପ୍ୟ ଜୟନ୍ତୀ ସମାରୋହକୁ ସ୍ମରଣୀୟ କରିବା ପାଇଁ ପାଞ୍ଚ ଦିନ ଧରି ବିଭିନ୍ନ ଧାର୍ମିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଏହି କାର୍ଯ୍ୟକ୍ରମ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧି କରିବା ସହ ଗ୍ରାମର ସାମାଜିକ ଓ ସାଂସ୍କୃତିକ ପରମ୍ପରାକୁ ଆହୁରି ସୁଦୃଢ଼ କରୁଛି। ପୂଜା ମହୋତ୍ସବରେ ଶ୍ରଦ୍ଧାଳୁମାନେ ମା’ ଗଜଲକ୍ଷ୍ମୀଙ୍କ ଦର୍ଶନ କରିବା ସହ ପରିବାର ଓ ସମାଜର ମଙ୍ଗଳ କାମନା କରୁଛନ୍ତି।ଆସନ୍ତା ୨୮ ତାରିଖରେ ମା’ ଗଜଲକ୍ଷ୍ମୀଙ୍କ ପ୍ରତିମା ବିସର୍ଜନ ସହ ଏହି ପାଞ୍ଚ ଦିନିଆ ମହୋତ୍ସବର ପରିସମାପ୍ତି ଘଟିବ। ରୌପ୍ୟ ଜୟନ୍ତୀ ବର୍ଷର ଏହି ପୂଜା ମହୋତ୍ସବ କେବଳ ଧାର୍ମିକ ଆସ୍ଥାର ପ୍ରତୀକ ହୋଇ ରହିନାହିଁ, ବରଂ ଗ୍ରାମବାସୀଙ୍କ ମଧ୍ୟରେ ଭାଇଚାରା, ସାମାଜିକ ଏକତା ଓ ସାମୂହିକ ସହଯୋଗର ବାର୍ତ୍ତା ମଧ୍ୟ ପ୍ରଦାନ କରୁଛି।

କଳା ଜଗତର ସର୍ବ ଶ୍ରେଷ୍ଠ କଳା ହେଉଛି ପାଲା : ଗୁରୁ ପାର୍ବତୀ ଭୋଇ



ବରପାଲି:(ସୁଦାମ ଦୀପ):ବରଗଡ଼ ଜିଲ୍ଲା ବରପାଲି ବ୍ଲକ ଅନ୍ତର୍ଗତ ଲୋକକଳା ଗାଁ କୁମ୍ଭାରୀ ଲକ୍ଷ୍ମୀନଗରରେ ଅନୁଷ୍ଠିତ ହୋଇଯାଇଛି ଗଜଲକ୍ଷ୍ମୀ ପୂଜା ମହୋତ୍ସବ। ଏହି ମହୋତ୍ସବରେ ଆକର୍ଷଣ ସାଜିଥିଲା ଝିଅ ପାଲା।ନାଗଡିହିର ପ୍ରସିଦ୍ଧ ଶିବାନୀ ଝିଅ ପାଲା ଦଳ ପରିବେଷଣ କରି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲା। ଏହି ଅବସରରେ ପାଲା ଗୁରୁ ପାର୍ବତୀ ଭୋଇ କହିଛନ୍ତି, "କଳା ଜଗତର ସର୍ବ ଶ୍ରେଷ୍ଠ କଳା ହେଉଛି ପାଲା"। ପାଲା କେବଳ ମନୋରଞ୍ଜନ ନୁହେଁ, ଏହା ଶାସ୍ତ୍ର, ପୁରାଣ, ନୀତି ଓ ସଂସ୍କୃତିର ସମନ୍ୱୟାଗତ ରାତିରେ ଅନୁଷ୍ଠିତ ଏହି ପାଲା ପରିବେଷଣରେ ଶାସ୍ତ୍ରୀୟତା ସହ ସମସ୍ତ ବୃତ୍ତ, ଅଳଙ୍କାର ଆଦି ଶୈଳୀରେ ଗାୟନ କରାଯାଇଥିଲା। ଷୋଳହ ପ୍ରହର ପାଲା ଗାୟନ ସହ ଭରପୂର କମେଡି ଦର୍ଶକଙ୍କୁ ବେଶ ଉପଭୋଗ୍ୟ ହୋଇଥିଲା। ଅଗଣିତ ଦର୍ଶକ ଶେଷ ପର୍ଯ୍ୟନ୍ତ ବସି ପାଲା ଉପଭୋଗ କରିଥିଲେ। ଆଧୁନିକତା ବଳୟରେ ଆମ ପୁରୁଣା ସଂସ୍କୃତି ଯେତେ ଛନ୍ଦି ହୋଇଥିଲେ ମଧ୍ୟ ପାଲାର ଚାହିଦା ଏବେବି ଅତୁଟ ରହିଛି। ମହାବାତ୍ୟା ଅର୍ଣ୍ଣବର ତାଣ୍ଡବ ମଧ୍ୟ ପାଲା ଦର୍ଶକଙ୍କୁ ରୋକି ପାରିନାହିଁ ବୋଲି ପୂଜା କମିଟିର ଉମ୍ବରୁଧର ନାୟକ ପ୍ରକାଶ କରିଛନ୍ତି। ଗଜଲକ୍ଷ୍ମୀ ପୂଜା ମହୋତ୍ସବରେ ପାଲା ପରି ଲୋକକଳାକୁ ସ୍ଥାନ ଦେବା ଦ୍ୱାରା ଆମ ସଂସ୍କୃତି ବଞ୍ଚି ରହିବ ବୋଲି ସେ କହିଛନ୍ତି।

ଜନମତ

ଦଶପଲ୍ଲା ଆବାସ ଯୋଜନାରେ ବ୍ୟାପକ ହରିଲୁଟ୍: ‘ତେଲିଆ ମୁଣ୍ଡରେ ତେଲ’ ମାରୁଛନ୍ତି କୁଜି ନେତା ଓ ଅଫିସର

ନୟାଗଡ/ଦଶପଲ୍ଲା (ଆଦ୍ୟାଶା) ୨୮/୧୦ ଦଶପଲ୍ଲା ବିଜ୍ଞାପିତ ଅଞ୍ଚଳ ପରିଷଦ ଏବଂ ବ୍ଲକ ପ୍ରଶାସନ ଅଧୀନରେ ଚାଲିଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଦୁର୍ନୀତି ଏବେ ଚରମ ସୀମାରେ ପହଞ୍ଚିଛି। ସରକାରୀ ନିୟମକୁ ବୁଢ଼ା ଆଙ୍ଗୁଠି ଦେଖାଇ ପକ୍କା ଘର ଥିବା ଧନୀ ଲୋକଙ୍କୁ ପୁଣି ଥରେ ଆବାସ ଯୋଜନା ବଣ୍ଟା ଚାଲିଥିବା ବେଳେ ପ୍ରକୃତ ଗରିବଙ୍କ ପେଟକୁ ଲାତ ମରାଯାଇଛି। ଏହି ମହାଘୋଟାଲାକୁ ନେଇ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଆକ୍ରୋଶ ପ୍ରକାଶ ପାଇବା ସହ ଭ୍ରଷ୍ଟ ସରକାରୀ ବାବୁ ଓ କୁଜି ନେତାଙ୍କ ମଧୁଚନ୍ଦ୍ରିକା ବିରୋଧରେ ଜନଗର୍ଜନ ତୀବ୍ର ହେବାରେ ଲାଗିଛି। ରିପୋର୍ଟ ମୁତାବକ, ଏହି ଅଞ୍ଚଳରେ ‘ତେଲିଆ ମୁଣ୍ଡରେ ତେଲ’ ନୀତି ସମ୍ପୂର୍ଣ୍ଣ ଭାବେ କାମ କରୁଛି। ଯେଉଁମାନେ ୨୦ ରୁ ୩୦ ହଜାର ଟଙ୍କା ପର୍ଯ୍ୟନ୍ତ ପିସି ଗଣି ଦେଇପାରୁଛନ୍ତି, କେବଳ ସେହିମାନଙ୍କ ପାଇଁ ହିଁ ସରକାରୀ ଫାଇଲ୍ ଆଗକୁ ବଢୁଛି। ଅତ୍ୟନ୍ତ ଆଶ୍ଚର୍ଯ୍ୟର ବିଷୟ ଯେ, ଯେଉଁମାନଙ୍କର ଆଗରୁ ବଡ଼ ବଡ଼ କୋଠା ଘର ରହିଛି, ସେମାନେ ମଧ୍ୟ ଲାଞ୍ଚ ବଳରେ ପୁନର୍ବାର ଆବାସ ହାତେଇବାରେ ସଫଳ ହେଉଛନ୍ତି। ଅନ୍ୟପଟେ ଯେଉଁ ଗରିବ ଶ୍ରେଣୀର ଲୋକେ ଭଙ୍ଗା ଦଦରା ଚାଳ ଘରେ ଦିନ କାଟୁଛନ୍ତି, ଟଙ୍କା ଦେଇ ନପାରିବାରୁ ସେମାନଙ୍କୁ ଯୋଜନାରୁ ସମ୍ପୂର୍ଣ୍ଣ ବାଦ୍ ଦିଆଯାଉଛି। ଏହି ସମଗ୍ର ବେଆଇନ କାରବାର ସ୍ଥାନୀୟ ଅସାଧୁ ଅଫିସର ଏବଂ କିଛି ସ୍ୱାର୍ଥପର କୁଜି ନେତାଙ୍କ ମେଲେମାଲ ଓ ପ୍ରତ୍ୟକ୍ଷ ଛତ୍ରଛାୟାରେ ଚାଲିଛି। ହିତାଧିକାରୀ ଚୟନ ପାଇଁ ଉଦ୍ଦିଷ୍ଟ ଜିଓ-ଟ୍ୟାଗିଂ ଏବଂ ସରଜମିନ ତଦନ୍ତ କେବଳ ପ୍ରହସନରେ ପରିଣତ ହୋଇଛି। ଅଫିସରମାନେ ନିଜ ପକେଟ ଗରମ କରିବା ପାଇଁ ସବୁ ଜାଣିଶୁଣି ଆଖି ବୁଜି ଦେଉଛନ୍ତି ଏବଂ ଦୁର୍ନୀତିର ଚେର ତୃଣମୂଳ ସ୍ତରରୁ ନେଇ ସରକାରୀ ଦପ୍ତର ପର୍ଯ୍ୟନ୍ତ ଲମ୍ବିଛି। ସରକାରୀ ଅର୍ଥକୁ ହରିଲୁଟ୍ କରୁଥିବା ଏହି ଭ୍ରଷ୍ଟ ଅଫିସର ଏବଂ ସେମାନଙ୍କ ଦଲାଲ ସାଜିଥିବା ନେତାମାନଙ୍କ ବିରୋଧରେ ତୁରନ୍ତ ଫୌଜଦାରୀ ମାମଲା ରୁଜୁ କରିବା ପାଇଁ ଦାବି ଜୋର ଧରିଛି। ଏହି ବ୍ୟାପକ ଆବାସ ଦୁର୍ନୀତିର ଏକ ଉଚ୍ଚସ୍ତରୀୟ ନିରପେକ୍ଷ ତଦନ୍ତ କରି ଦୋଷୀ ଅଫିସରମାନଙ୍କୁ ଚାକିରିରୁ ନିଲମ୍ବିତ କରିବା ସହ ଜେଲ୍ ପଠାଇବାକୁ ସ୍ଥାନୀୟ ଜନସାଧାରଣ ଚେତାବନୀ ଦେଇଛନ୍ତି। ଯଦି ପ୍ରଶାସନ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନନିଏ, ତେବେ ଆଗାମୀ ଦିନରେ ବ୍ଲକ ଓ ଏନଏସି କାର୍ଯ୍ୟାଳୟ ଘେରାଉ ସହ ଆନ୍ଦୋଳନ ଉଗ୍ର ରୂପ ଧାରଣ କରିବ ବୋଲି ଚେତାବନୀ ଦିଆଯାଇଛି। (ନୟାଗଡ ରୁ ଜିଲ୍ଲା ପ୍ରତିନିଧି ଦୀପକ ନାୟକ ଙ୍କ ରିପୋର୍ଟ)

୫୦୦ ମିଟର ରାସ୍ତା ଫାଟି ଦୁଇଫାଳ, ଉପମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀରେ ହଇଚଇ

ଗୋପ ୨୮/୧୦/୨୦୨୬: ନିର୍ମାଣକୁ ମାତ୍ର ଚାରି ମାସ ବିତିଛି, ହେଲେ ଦବିଗଲା ୮ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମିତ ରାସ୍ତା! ପ୍ରାୟ ୫୦୦ ମିଟର ରାସ୍ତା ଦବିଯାଇ ଫାଟି ଦୁଇଫାଳ ହୋଇପଡ଼ିଥିବାରୁ ଦଶଟି ଗାଁର ଲୋକଙ୍କ ଯାତାୟାତକୁ ନେଇ ଚିନ୍ତା ବଢ଼ିଛି। ନିର୍ମାଣର ମାନ ଓ ବିଭାଗୀୟ ତଦାରଖକୁ ନେଇ ଗୁରୁତର ପ୍ରଶ୍ନ ଉଠିଥିବାବେଳେ ଏହି ରାସ୍ତା ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ାଙ୍କ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଅଞ୍ଚଳରେ ଅବସ୍ଥିତ ହୋଇଥିବାରୁ ଘଟଣାଟି ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ଗୋପ ବ୍ଲକର ଡଭାର ପଞ୍ଚାୟତ ଅନ୍ତର୍ଗତ ଇଟାକୁଦରୁ ଶଙ୍ଖଡିରା ପର୍ଯ୍ୟନ୍ତ ପ୍ରାୟ ୫ କିଲୋମିଟର ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୮ କୋଟିରୁ ଅଧିକ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ କରାଯାଇଥିଲା। ଗଣେଶ୍ୱରପୁର ଅଞ୍ଚଳକୁ ସଂଯୋଗ କରୁଥିବା ଏହି ରାସ୍ତା ଉପରେ ଡଭାର ଓ ଗଣେଶ୍ୱରପୁର ପଞ୍ଚାୟତର ପ୍ରାୟ ୧୦ଟି ଗାଁର ଲୋକେ ନିର୍ଭର କରନ୍ତି। ମାତ୍ର ନିର୍ମାଣର ଚାରି ମାସ ମଧ୍ୟରେ ୫୦୦ ମିଟର ଅଂଶ ଦବିଯିବାରୁ ଯାତାୟାତ ବିପଦପୂର୍ଣ୍ଣ ହୋଇପଡ଼ିଛି। ଅଧିକାରୀ–ଠିକାଦାରଙ୍କ ମଧୁଚନ୍ଦ୍ରିକା ଅଭିଯୋଗ । ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ, ରାସ୍ତା ନିର୍ମାଣ ସମୟରେ ମାଟିର ଗୁଣବତ୍ତା ପରୀକ୍ଷା, ମାଟିର ଦୃଢ଼ୀକରଣ ଓ ଆବଶ୍ୟକ ତଦାରଖ ଠିକ୍ ଭାବେ ହୋଇନଥିଲା। ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁଁ ନିର୍ମାଣର ଗୁଣବତ୍ତାକୁ ଅଣଦେଖା କରାଯାଇଥିବା ସେମାନେ ଅଭିଯୋଗ କରିଛନ୍ତି। ଏହି ଘଟଣା ସମ୍ପର୍କିତ ପ୍ରମାଣ ଓ ତଥ୍ୟ ମହଜୁଦ ଥିବା ମଧ୍ୟ ସେମାନେ ଦାବି କରିଛନ୍ତି। ତେବେ ରାସ୍ତା ଦବିବାର ପ୍ରକୃତ କାରଣ ବୈଷୟିକ ଯାଞ୍ଚ ପରେ ହିଁ ସ୍ପଷ୍ଟ ହୋଇପାରିବ। ତେଣୁ ନିର୍ମାଣ ସମ୍ପର୍କିତ ଦଲିଲ, ଗୁଣବତ୍ତା ପରୀକ୍ଷା ରିପୋର୍ଟ ଓ ବିଭାଗୀୟ ତଦାରଖ ରେକର୍ଡ ଯାଞ୍ଚ କରିବା ସହ ନିରପେକ୍ଷ ତଦନ୍ତ କରିବାକୁ ଦାବି ହୋଇଛି। ସରକାରୀ ଅର୍ଥର ଉତ୍ତରଦାୟିତ୍ୱ କାହାର? ୮ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମିତ ରାସ୍ତା ଅଳ୍ପ ସମୟରେ ଦବିଯିବା ଘଟଣା ଗୁରୁତର ଭାବେ ନେବା ଆବଶ୍ୟକ। ତଦନ୍ତରେ ନିର୍ମାଣଗତ ତ୍ରୁଟି କିମ୍ବା ଅନିୟମିତତା ପ୍ରମାଣିତ ହେଲେ ସମ୍ପୃକ୍ତ ଠିକାଦାର ଓ ଦାୟିତ୍ୱରେ ଥିବା ଅଧିକାରୀଙ୍କ ବିରୋଧରେ ନିୟମାନୁସାରେ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏଥିସହ କ୍ଷତିଗ୍ରସ୍ତ ରାସ୍ତାର ତୁରନ୍ତ ମରାମତି ଓ ସ୍ଥାୟୀ ସମାଧାନ ପାଇଁ ଦାବି ହୋଇଛି। ଏବେ ସମସ୍ତଙ୍କ ନଜର ଗ୍ରାମ୍ୟ ଉନ୍ନୟନ ବିଭାଗ ଓ ସମ୍ପୃକ୍ତ ଜନପ୍ରତିନିଧିଙ୍କ ପଦକ୍ଷେପ ଉପରେ। ଦଶଟି ଗାଁର ଲୋକଙ୍କୁ ସୁରକ୍ଷିତ ଯାତାୟାତ ଯୋଗାଇଦେବା ସହ ଘଟଣାର ପ୍ରକୃତ କାରଣ ଚିହ୍ନଟ କରି ଦାୟିତ୍ୱ ନିର୍ଦ୍ଧାରଣ କରିବା ଏବେ ଜରୁରୀ ହୋଇପଡ଼ିଛି।

ଦଶପଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗରେ ବ୍ୟାପକ ଅନିୟମିତତା କାମ ନହୋଇ ହେଉଛି ଜାଲ ବିଲ୍, ସରକାରୀ ଅର୍ଥ ହରିଲୁଟ୍ ଅଭିଯୋଗ

ନୟାଗଡ/ଦଶପଲ୍ଲା:(ଆଦ୍ୟାଶା):୨୮/୧୦:ନୟାଗଡ଼ ଜିଲ୍ଲା ଦଶପଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଚାଲିଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟରେ ଦୁର୍ନୀତି ଚରମ ସୀମାରେ ପହଞ୍ଚିଛି। ଗ୍ରାମାଞ୍ଚଳର ଭିତ୍ତିଭୂମି ସୁଦୃଢ଼ କରିବା ପାଇଁ ସରକାର କୋଟି କୋଟି ଟଙ୍କା ଅନୁଦାନ ଯୋଗାଇ ଦେଉଥିବା ବେଳେ, ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା ଯୋଗୁଁ ଏହି ଅର୍ଥର ବ୍ୟାପକ ବାଟମାରଣା ହେଉଥିବା ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସବୁଠାରୁ ଚାଞ୍ଚଲ୍ୟକର ତଥ୍ୟ ହେଉଛି ଯେ, ଅନେକ ସ୍ଥାନରେ କ୍ଷେତ୍ର ସ୍ତରରେ କୌଣସି କାର୍ଯ୍ୟ କରାଯାଇ ନଥିଲେ ମଧ୍ୟ କାଗଜପତ୍ରରେ ମିଛ ବିଲ୍ ପ୍ରସ୍ତୁତ କରାଯାଇ ଟଙ୍କା ଉଠାଇ ନିଆଯାଉଛି। ବିଭାଗୀୟ ଯନ୍ତ୍ରୀ ଓ ଠିକାଦାର ମିଶି କାମ ସମ୍ପୂର୍ଣ୍ଣ ହୋଇଥିବା ଦର୍ଶାଇ ସରକାରୀ ଅର୍ଥ ଆତ୍ମସାତ କରୁଛନ୍ତି। ଫଳରେ ଯୋଜନା ଗୁଡ଼ିକ କେବଳ ଫାଇଲ୍ ଭିତରେ ସୀମିତ ରହୁଛି ଏବଂ ସରକାରଙ୍କ ଆଖିରେ ଧୂଳି ଦିଆଯାଉଛି। ଜାଲ ବିଲ୍ ସହ ଯେଉଁ ଅଳ୍ପ ବହୁତ କାମ ହେଉଛି, ସେଥିରେ ମଧ୍ୟ ବ୍ୟାପକ ଜାଲିଆତି କରାଯାଉଛି। ନିର୍ଦ୍ଧାରିତ ଏଷ୍ଟିମେଟ୍ ଅନୁଯାୟୀ କାର୍ଯ୍ୟ ନକରି ଅତି ନିମ୍ନମାନର ସାମଗ୍ରୀ ବ୍ୟବହାର କରାଯାଉଛି। ଅନେକ ସ୍ଥାନରେ ପିଚୁ ରାସ୍ତା ନିର୍ମାଣର ମାତ୍ର କେଇଟା ମାସ ମଧ୍ୟରେ ତାହା ଖଣ୍ଡ ଖଣ୍ଡ ହୋଇ ଉଠିଯାଉଥିବା ବେଳେ କଂକ୍ରିଟ୍ ରାସ୍ତାରେ ଫାଟ ସୃଷ୍ଟି ହେଲାଣି। ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀମାନେ ମୋଟା ଅଙ୍କର ପିସି ନେଇ ବିନା ଯାଞ୍ଚରେ ବିଲ୍ ପାସ୍ କରିଦେଉଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଜନସାଧାରଣଙ୍କ ସୁବିଧା ପାଇଁ ଉଦ୍ଦିଷ୍ଟ ଏହି ପ୍ରକଳ୍ପ ଗୁଡ଼ିକରେ ବ୍ୟାପକ ଭାବେ ମେସିନ ସାହାଯ୍ୟରେ କାମ କରାଇ ନକଲି ମାଷ୍ଟର ରୋଲ୍ ପ୍ରସ୍ତୁତ କରାଯାଉଛି। ଏହା ଦ୍ୱାରା ସ୍ଥାନୀୟ ଶ୍ରମିକମାନେ ରୋଜଗାର ହରାଉଥିବା ବେଳେ ସେମାନଙ୍କ ନାମରେ ଆସୁଥିବା ଶ୍ରମିକ ଅର୍ଥକୁ ସନ୍ତୋଷଜନକ ଭାବେ ହରିଲୁଟ୍ କରାଯାଉଛି। ଆର.ଡି. ବିଭାଗର ଏଭଳି ସୀମାହୀନ ମନମୁଖୀ କାର୍ଯ୍ୟକଳାପ ଯୋଗୁଁ ଗ୍ରାମାଞ୍ଚଳର ଲୋକେ ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଏହି ଘଟଣାରେ ସ୍ଥାନୀୟ ବୁଦ୍ଧିଜୀବୀ ଓ ଜନସାଧାରଣ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହି ବ୍ୟାପକ ଜାଲ ବିଲ୍ କାରବାର ଓ ନିମ୍ନମାନର କାର୍ଯ୍ୟର ଏକ ଉଚ୍ଚସ୍ତରୀୟ ଭିଜିଲାନ୍ସ ତଦନ୍ତ କରିବା ସହ ଦୋଷୀ ଅଧିକାରୀ ଏବଂ ଠିକାଦାରଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି ହୋଇଛି। ଆଗାମୀ ଦିନରେ ଏହାର ସଠିକ୍ ତଦନ୍ତ ନହେଲେ ଜନଆନ୍ଦୋଳନ ହେବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି। (ନୟାଗଡ ରୁ ଜିଲ୍ଲା ପ୍ରତିନିଧି ଦୀପକ ନାୟକ ଙ୍କ ରିପୋର୍ଟ)

ଆଜିର ପ୍ରମୁଖ

ଆଧାର କାର୍ଡ ଅଭାବରୁ ପେନସନ ଓ ରାସନ କାର୍ଡରୁ ବଞ୍ଚିତ ୭୧ ବର୍ଷୀୟା ବୃଦ୍ଧା



ଖଇରପୁଟ:୨୮।୧୦(ଆଦ୍ୟାଶା): ଆଧାର କାର୍ଡ ନଥିବାରୁ ଜଣେ ୭୧ ବର୍ଷୀୟା ବୃଦ୍ଧା ସରକାରୀ ଯୋଜନାର ସୁଫଳ ପାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ଅନ୍ତର୍ଗତ ନାଳିଗୁଡା ଗାଁର ଲକ୍ଷ୍ମୀ ନାଲି, ସ୍ୱାମୀ ହରିସଚନ୍ଦ୍ର ନାଲିଙ୍କ ଆଧାର କାର୍ଡ ନଥିବାରୁ ସେ ପେନସନ ଓ ରାସନ କାର୍ଡ ଭଳି ଅତ୍ୟାବଶ୍ୟକ ସରକାରୀ ସୁବିଧାରୁ ବଞ୍ଚିତ ରହିଥିବା ଜଣାପଡ଼ିଛି। ବୃଦ୍ଧାବସ୍ଥାରେ ସରକାରୀ ସହାୟତାର ଆବଶ୍ୟକତା ଥିବା ସତ୍ତ୍ୱେ ଜଣେ ବୃଦ୍ଧା ଆଧାର କାର୍ଡ ଅଭାବରୁ ମୌଳିକ ସରକାରୀ ସୁବିଧା ପାଇପାରୁ ନଥିବାରୁ ସେ ଚିନ୍ତା ପ୍ରକାଶ କରିଛନ୍ତି। ଏଭଳି କ୍ଷେତ୍ରରେ ସମ୍ପୃକ୍ତ ବୃଦ୍ଧାଙ୍କ ସମସ୍ୟାକୁ ଗୁରୁତ୍ୱର ସହ ବିଚାର କରି ତାଙ୍କୁ ଆବଶ୍ୟକ ସହାୟତା ଯୋଗାଇଦେବା ଦିଗରେ ପ୍ରଶାସନର ପଦକ୍ଷେପ ଜରୁରୀ ବୋଲି ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏହି ସମସ୍ୟାକୁ ଲୋକଲୋଚନକୁ ଆଣିବା ସହ ଗ୍ରାମାଞ୍ଚଳର ବିଭିନ୍ନ ଜନସମସ୍ୟାର ସମାଧାନ ପାଇଁ ଶ୍ରମଜୀବୀ ସଂଗଠନର କାର୍ଯ୍ୟକର୍ତ୍ତା ଶୁକ୍ରା ଗୁରୁତେଲି ପ୍ରୟାସ ଜାରି ରଖିବା ସହ ବିଭିନ୍ନ ଅଧିକାରୀଙ୍କୁ ଅବଗତ କରାଇଛନ୍ତି। ଏବେ ନାଳିଗୁଡା ଗାଁର ଏହି ବୃଦ୍ଧାଙ୍କ ସମସ୍ୟାର ସମାଧାନ କରି ତାଙ୍କୁ ଆଧାର କାର୍ଡ ପ୍ରାପ୍ତି ପାଇଁ ଆବଶ୍ୟକ ସହଯୋଗ ଏବଂ ନିୟମାନୁଯାୟୀ ପେନସନ ଓ ରାସନ କାର୍ଡର ସୁବିଧା ଯୋଗାଇଦେବାକୁ ସମ୍ପୃକ୍ତ ପ୍ରଶାସନ ନିକଟରେ ଦାବି ହୋଇଛି। ତେବେ ଏନେଇ ସ୍ଥାନୀୟ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ମହିଳାଙ୍କ ଆଧାର କାର୍ଡ କରାଇ ପେନସନ ପ୍ରଦାନ ଦିଗରେ ପଦକ୍ଷେପ ନେବେ ବୋଲି ପ୍ରକାଶ କରିଛନ୍ତି।

ଭୂମିହୀନଙ୍କୁ ପଟ୍ଟା ଯୋଗାଇ ଦେବା ଦାବିରେ ବିଶାଳ ଗଣ ବିକ୍ଷୋଭ

ଭୋଗରାଇ :୨୮/୧୦(ଆଦ୍ୟାଶା): ଭୋଗରାଇ ବ୍ଲକର ଦୁଇ ହଜାରରୁ ଅଧିକ ଭୂମିହୀନ ସଂଗଠନ ଉଦ୍ୟୋଗରେ ଭୋଗରାଇ ତହସିଲ ଅଫିସ ସମ୍ମୁଖରେ ବିଶାଳ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି । ଏହି ବିକ୍ଷୋଭ ଥାନାଛକ ହେଲିପେଡ ପଡିଆ ଠାରୁ ଏକ ବିଶାଳ ରାଲି ବାହାରି ତହସିଲ ଅଫିସ ପହଂଚି ଥିଲେ । ଭୂମିହୀନଙ୍କୁ ଘର ବାଡ଼ି ପଟ୍ଟା ଯୋଗାଇ ଦେବା, ଭୂମିହୀନଙ୍କ ଦଖଲ ଦେବା, ମାଗଣାରେ ଇନକମ ସାର୍ଟିଫିକେଟ, କାଷ୍ଟ ସାରର୍ଟିଫିକେଟ ଇତ୍ୟାଦି ଦାବିରେ ଭୋଗରାଇ ତହସିଲଦାରଙ୍କ ଜରିଆରେ ମୁଖ୍ୟ ମନ୍ତ୍ରୀଙ୍କୁ ଦାବୀ ପତ୍ର ଦିଆଯାଇଛି । ଉପସ୍ଥିତ ଜନସଭାରେ ସଭାପତି ଥିଲେ ଚୈତନ୍ୟ ହାଁସଦା, ଅନ୍ୟମାନଙ୍କ ମଧ୍ୟରେ ରତନ ସୋରେନ,ଗଣେଷ ହେମ୍ବ୍ରମ, ନରେଶ ହେମ୍ବ୍ରମ,ହରେକୃଷ୍ଣ ଦାସ, ରୁହିହା ସୋରେନ, ଶ୍ୟାମ ହେମ୍ବ୍ରମ ଉପସ୍ଥିତ ଥିଲେ । ଆଗାମୀ ଦିନରେ ଏ ଦାବୀ ପୂରଣ ନ ହୁଏ ବୃହତ୍ତର ଜନ ଆନ୍ଦୋଳନ ପାଇଁ ଆପଣ ଦାୟୀ ରହିବେ ବୋଲି ସଂଗଠନର ସଭ୍ୟ ହରେକୃଷ୍ଣ ଦାସ କହିଥିଲେ ।

ଭୋଗରାଇ :୨୮/୧୦(ଆଦ୍ୟାଶା): ଭୋଗରାଇ ବ୍ଲକର ଦୁଇ ହଜାରରୁ ଅଧିକ ଭୂମିହୀନ ସଂଗଠନ ଉଦ୍ୟୋଗରେ ଭୋଗରାଇ ତହସିଲ ଅଫିସ ସମ୍ମୁଖରେ ବିଶାଳ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି । ଏହି ବିକ୍ଷୋଭ ଥାନାଛକ ହେଲିପେଡ ପଡିଆ ଠାରୁ ଏକ ବିଶାଳ ରାଲି ବାହାରି ତହସିଲ ଅଫିସ ପହଂଚି ଥିଲେ । ଭୂମିହୀନଙ୍କୁ ଘର ବାଡ଼ି ପଟ୍ଟା ଯୋଗାଇ ଦେବା, ଭୂମିହୀନଙ୍କ ଦଖଲ ଦେବା, ମାଗଣାରେ ଇନକମ ସାର୍ଟିଫିକେଟ, କାଷ୍ଟ ସାରର୍ଟିଫିକେଟ ଇତ୍ୟାଦି ଦାବିରେ ଭୋଗରାଇ ତହସିଲଦାରଙ୍କ ଜରିଆରେ ମୁଖ୍ୟ ମନ୍ତ୍ରୀଙ୍କୁ ଦାବୀ ପତ୍ର ଦିଆଯାଇଛି । ଉପସ୍ଥିତ ଜନସଭାରେ ସଭାପତି ଥିଲେ ଚୈତନ୍ୟ ହାଁସଦା, ଅନ୍ୟମାନଙ୍କ ମଧ୍ୟରେ ରତନ ସୋରେନ,ଗଣେଷ ହେମ୍ବ୍ରମ, ନରେଶ ହେମ୍ବ୍ରମ,ହରେକୃଷ୍ଣ ଦାସ, ରୁହିହା ସୋରେନ, ଶ୍ୟାମ ହେମ୍ବ୍ରମ ଉପସ୍ଥିତ ଥିଲେ । ଆଗାମୀ ଦିନରେ ଏ ଦାବୀ ପୂରଣ ନ ହୁଏ ବୃହତ୍ତର ଜନ ଆନ୍ଦୋଳନ ପାଇଁ ଆପଣ ଦାୟୀ ରହିବେ ବୋଲି ସଂଗଠନର ସଭ୍ୟ ହରେକଷ୍ଣ ଦାସ କହିଥିଲେ ।



ବାଲିଗୁଡ଼ାରେ ବିଜେଡିର ପ୍ରେସମିଟ୍ ବାଲି ଚୋରାଚାଲାଣକୁ ନେଇ ଉଦ୍‌ବେଗ, ପ୍ରଶାସନର ଭୂମିକା ଉପରେ ଉଠିଲା ପ୍ରଶ୍ନ



ବାଲିଗୁଡ଼ା: ବାଲିଗୁଡ଼ା ଅଞ୍ଚଳରେ ବାଲିଘାଟ ବନ୍ଦ ରହିଥିବା ସତ୍ତ୍ୱେ ବାଲି ଚୋରାଚାଲାଣ ଅଭିଯୋଗକୁ ନେଇ ରାଜନୀତି ସରଗରମ ହେବାକୁ ଯାଉଛି। ବାଲି ମାଫିଆଙ୍କ କାର୍ଯ୍ୟକଳାପ ଓ ଏହାକୁ ରୋକିବାରେ ପ୍ରଶାସନର ଭୂମିକାକୁ ନେଇ ବିଜୁ ଜନତା ଦଳ (ବିଜେଡି) ପ୍ରଶ୍ନ ଉଠାଇବା ସହ ଘଟଣାର ନିରପେକ୍ଷ ତଦନ୍ତ ଦାବି କରିବାକୁ ଯାଉଛି। ଏହି ପ୍ରସଙ୍ଗ ସମେତ ବିଭିନ୍ନ ଜନସମସ୍ୟାକୁ ନେଇ ବାଲିଗୁଡ଼ାରେ ଦଳ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମତ ରଖାଯିବ। ବାଲିଘାଟ ବନ୍ଦ ଥିବା ସମୟରେ ଅଞ୍ଚଳରେ ବାଲି ଉତ୍ତୋଳନ ଓ ପରିବହନ କେଉଁ ନିୟମ ଅନୁଯାୟୀ ହେଉଛି, ତାହାକୁ ନେଇ ପ୍ରଶ୍ନ ଉଠୁଛି। ଯଦି ବେଆଇନ ଭାବେ ବାଲି ଉତ୍ତୋଳନ କିମ୍ବା ଚୋରାଚାଲାଣ ହେଉଛି, ତେବେ ଏହାକୁ ରୋକିବା ପାଇଁ ସମ୍ପୃକ୍ତ ବିଭାଗ କି ପଦକ୍ଷେପ ନେଉଛି, ତାହାର ତଦନ୍ତ ହେବା ଆବଶ୍ୟକ ବୋଲି ଦଳ ଦାବି କରିବ। ଏହାସହ ବେଆଇନ ବାଲି କାରବାରରେ କାହାରି ସମ୍ପୃକ୍ତି ଥିଲେ ତାହାର ନିରପେକ୍ଷ ତଦନ୍ତ କରି ଆଇନ ଅନୁଯାୟୀ ପଦକ୍ଷେପ ନେବାକୁ ଦାବି ଉଠିବ। କେବଳ ବାଲି ଚୋରାଚାଲାଣ ନୁହେଁ, ବାଲିଗୁଡ଼ାର ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ଟେଣ୍ଡର ପ୍ରକ୍ରିୟା ଓ କାର୍ଯ୍ୟ ବଣ୍ଟନରେ ସ୍ୱଚ୍ଛତାକୁ ନେଇ ମଧ୍ୟ ବିଜେଡି ପ୍ରଶ୍ନ ଉଠାଇବ। ବିନା ଟେଣ୍ଡରରେ କାମ ବଣ୍ଟନ ଏବଂ କାର୍ଯ୍ୟ ଫିକ୍ସିଂ ସମ୍ପର୍କିତ ଅଭିଯୋଗର ତଦନ୍ତ ସହ ସରକାରୀ ଅର୍ଥର ସଠିକ୍ ବିନିଯୋଗ ଓ ନିର୍ମାଣ କାର୍ଯ୍ୟର ଗୁଣବତ୍ତା ଯାଞ୍ଚ କରିବାକୁ ଦଳ ଦାବି କରିବାର ସମ୍ଭାବନା ରହିଛି। ଅନ୍ୟପକ୍ଷରେ ବାଲିଗୁଡ଼ା ସହର ଓ ବିଧାନସଭା କ୍ଷେତ୍ରରେ ଉନ୍ନୟନମୂଳକ କାର୍ଯ୍ୟର ଅଗ୍ରଗତିକୁ ନେଇ ମଧ୍ୟ ଆଲୋଚନା ହେବ। ରାସ୍ତାଘାଟ, ପାନୀୟ ଜଳ, ଡ୍ରେନେଜ୍, ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ଭଳି ମୌଳିକ ସମସ୍ୟାର ସମାଧାନ ସହ ଅଧାପନ୍ତରିଆ ପ୍ରକଳ୍ପଗୁଡ଼ିକୁ ଶୀଘ୍ର ସମ୍ପୂର୍ଣ୍ଣ କରିବା ଉପରେ ଦଳ ଗୁରୁତ୍ୱ ଦେବ। ଏହାସହ ବାଲିଗୁଡ଼ା ବ୍ଲକ୍, ଏନ୍‌ଏସି ଓ ବିଧାନସଭା କ୍ଷେତ୍ରରେ ବିଜେଡିର ସାଂଗଠନିକ ସ୍ଥିତିକୁ ସୁଦୃଢ଼ କରିବା, ଯୁବକ ଓ ମହିଳାଙ୍କୁ ସଂଗଠନରେ ଅଧିକ ସକ୍ରିୟ କରିବା ଏବଂ ଜନସାଧାରଣଙ୍କ ସମସ୍ୟାକୁ ନେଇ ଆଗାମୀ ଦିନରେ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ଗ୍ରହଣ କରିବା ସମ୍ପର୍କରେ ମଧ୍ୟ ରଣନୀତି ଆଲୋଚନା ହୋଇପାରେ। ବାଲି ଚୋରାଚାଲାଣ ଅଭିଯୋଗର ତଦନ୍ତ, ସରକାରୀ କାର୍ଯ୍ୟରେ ସ୍ୱଚ୍ଛତା ଏବଂ ଜନସାଧାରଣଙ୍କ ସମସ୍ୟାର ସମାଧାନ ଏହି ସାମ୍ବାଦିକ ସମ୍ମିଳନୀର ପ୍ରମୁଖ ପ୍ରସଙ୍ଗ ରହିବ। ତେବେ ବିଜେଡିର ଦାବି ଉପରେ ସମ୍ପୃକ୍ତ ପ୍ରଶାସନିକ ଅଧିକାରୀଙ୍କ ପ୍ରତିକ୍ରିୟା ଏବଂ ଏହି ଅଭିଯୋଗଗୁଡ଼ିକର ତଦନ୍ତରେ କି ପଦକ୍ଷେପ ନିଆଯାଉଛି, ତାହା ଉପରେ ଏବେ ସମସ୍ତଙ୍କ ନଜର ରହିଛି। ଅନ୍ୟ ପାଖରେ ପୂର୍ବତନ ସଂଗଠକ ଶ୍ରୀ ଚୁନା ଦାସ ଙ୍କ ଉପରେ ମଧ୍ୟ ପ୍ରଶ୍ନ ଉଠିଥିଲା ଯେଉଁଠି ରାଜ୍ୟ ନେତୃତ୍ୱ ଙ୍କ ନିଷ୍ପତି ନେଏ ବଲି ମତ ପ୍ରକାଶ କରିଛନ୍ତି ବ୍ଲକ ସଭାପତି କ୍ଲେଶ ପ୍ରଧାନ, ଅନ୍ୟ ପାଶ୍ୱୟେ ବାଲିଗୁଡା ରେ ବିଭିନ୍ନ ବିଭାଗୀୟ ଅଧିକାରୀ ଙ୍କ ଅରାଜିକତା ଯୋଗୁଁ ବେ ନିୟମ ରେ କାମ ବାଣ୍ଟିବା କୁ ନେଇ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି, ବିଜେଡି ର ନୁତନ କର୍ମକର୍ତା, ଅନ୍ୟ ପାଶ୍ୱରେ ଦିର୍ଘ ଦିନ ଧରି ଶ୍ରୀ ଚୁନାଦାସ ଙ୍କ ଅନୁପସ୍ଥିତ ବାଲିଗୁଡା ବିଜେଡି ରେ ଶୁନ୍ୟସ୍ଥାନ ବର୍ତମାନ ପରିସ୍ଥିତି ପୁରଣ ହେବ କି ନାହିଁ ଆଗାମୀ ଦିନ ରେ ଜଣାପଡିବ, ଏହି ସାମ୍ବାଦିକ ସମ୍ମିଳନୀ ରେ, ବ୍ଲକ ସଭାପତି କ୍ଲେଶ ପ୍ରଧାନ, ନଗର ସଭାପତି ଅମିତ ନାୟକ, କାର୍ଯ୍ୟକାରୀ ସଭାପତି କବି ରଣା, ତୁମୁଡିବନ୍ଧ ର ସଭାପତି ଦଣ୍ଡସେନା, କାଯ୍ୟକାରୀ ସଭାପତି ଜହନ ବାରିକ, କଟଗଡର କାଯ୍ୟକାରୀ ସଭାପତି ସରଜ ବଳିୟାର ସିଂ ଙ୍କ ସହ ଦଣ୍ଡପଦର ଅଞ୍ଚଳ ୨୫ରୁ ଉର୍ଧ ଯୁବକ ଉପସ୍ଥିତ ଥିଲେ

ମାଲକାନଗିରିରେ ବାତ୍ୟା 'ଅର୍ଣ୍ଣବ'ର ମୁକାବିଲା ପ୍ରସ୍ତୁତି ଜୋରଦାର; ୮୯୦୨ରୁ ଅଧିକ ଲୋକ ସ୍ଥାନାନ୍ତରିତ, ୧୩ ହଜାରରୁ ଉର୍ଦ୍ଧ୍ୱଙ୍କୁ ମାଗଣା ରନ୍ଧା ଖାଦ୍ୟ ପ୍ରଦାନ

ମାଲକାନଗିରି: ସମ୍ଭାବ୍ୟ ବାତ୍ୟା ଅର୍ଣ୍ଣବ ର ସଫଳ ମୁକାବିଲା ପାଇଁ ମାଲକାନଗିରି ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ ବ୍ୟାପକ କରାଯାଇଛି। ଜିଲ୍ଲା ପ୍ରଭାରୀ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ନିଜେ କ୍ଷେତ୍ରସ୍ତରକୁ ଯାଇ ମୁଣ୍ଡାଗୁଡ଼ା ଓ ନୂଆଗୁଡ଼ା ବାତ୍ୟା ଆଶ୍ରୟସ୍ଥଳୀ ସମେତ ମାଥିଲି ବ୍ଲକର ଉଦୟଗିରି ଗ୍ରାମ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିବା ସହ ସ୍ଥାନୀୟ ଲୋକଙ୍କୁ ସିଧାସଳଖ ଭେଟି ଆବଶ୍ୟକତା ସମ୍ପର୍କରେ ପଚାରି ବୁଝିଛନ୍ତି। ଜିଲ୍ଲା ଜରୁରୀକାଳୀନ ବିଭାଗର ରିପୋର୍ଟ ଅନୁଯାୟୀ ବର୍ତ୍ତମାନ ସୁଦ୍ଧା ଜିଲ୍ଲାର ବିଭିନ୍ନ ବିପଦସଙ୍କୁଳ ଖାଲୁଆ ଅଞ୍ଚଳରୁ ସମୁଦାୟ ୮,୯୦୨ ଜଣ ଲୋକଙ୍କୁ ୧୭୮ଟି ଅସ୍ଥାୟୀ ଆଶ୍ରୟସ୍ଥଳୀକୁ ସୁରକ୍ଷିତ ସ୍ଥାନାନ୍ତର କରାଯାଇଛି ଏବଂ ସେମାନଙ୍କ ମଧ୍ୟରୁ ୧୩,୮୩୨ ଜଣଙ୍କୁ ପ୍ରଶାସନ ପକ୍ଷରୁ ସଫଳତାର ସହ ମାଗଣା ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଇଛି। ସୁରକ୍ଷା ଓ ଉଦ୍ଧାର କାର୍ଯ୍ୟ ପାଇଁ ଓଡ୍ରାଫ୍ ର ୦୫ଟି ଟିମ୍, ଏନଡିଆରଏଫ୍ ର ୦୧ଟି ଟିମ୍ ଏବଂ ୯ଟି ଅଗ୍ନିଶମ ବାହିନୀ ଟିମ୍ ମୁତୟନ କରାଯାଇଛି। ଜନସ୍ୱାସ୍ଥ୍ୟକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଇ ଆଗାମୀ ୧୫ ଦିନ ମଧ୍ୟରେ ପ୍ରସବ ହେବାକୁ ଥିବା ୨୦୨ ଜଣ ଗର୍ଭବତୀ ମହିଳାଙ୍କୁ ସୁରକ୍ଷିତ ଭାବେ ନିକଟସ୍ଥ ମା' ଗୃହ ଓ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। କୋରୁକୋଣ୍ଡା ଓ ପୋଡ଼ିଆ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ର ମେଡିକାଲ ରାପିଡ୍ ରେସପନ୍ସ ଟିମ୍ ଏବଂ ଆରୋଗ୍ୟ ପ୍ଲସ ମୋବାଇଲ ହେଲଥ୍ ୟୁନିଟ୍ ଦ୍ୱାରା ଆଶ୍ରୟସ୍ଥଳୀ ଗୁଡ଼ିକରେ ବୃଦ୍ଧବୃଦ୍ଧା, ଗର୍ଭବତୀ ମହିଳା ଓ ଅନ୍ତେବାସୀଙ୍କୁ ଜରୁରୀକାଳୀନ ଚିକିତ୍ସା ସେବା ଓ ମାନସିକ ପରାମର୍ଶ ଯୋଗାଇ ଦିଆଯାଉଛି। ବାତ୍ୟା ପ୍ରଭାବିତ ଚାଷୀମାନଙ୍କ ଗୋ-ସମ୍ପଦ ସୁରକ୍ଷା ପାଇଁ କୁଡୁମୁଲୁଗୁମ୍ମା ବ୍ଲକରେ ସ୍ଥାନୀୟ ସରପଞ୍ଚ ଏବଂ ଜନ ପ୍ରତିନିଧିଙ୍କ ଉପସ୍ଥିତିରେ ଜରୁରୀକାଳୀନ ଗୋ-ଖାଦ୍ୟ ବିତରଣ କରାଯାଇଛି। ଜିଲ୍ଲାର ପ୍ରମୁଖ ଷ୍ଟୋରେଜ୍ ପଏଣ୍ଟ ଗୁଡ଼ିକରେ ୧,୮୦୯ ପ୍ୟାକେଟ୍ ପଲିଥିନ ରୋଲ୍, ୨,୧୮,୫୭ ପ୍ୟାକେଟ୍ ଓ.ଆର.ଏସ ପାଉଡର, ୩,୮୭୦ ଭାଏଲ୍ସ ସର୍ପାଘାତ ପ୍ରତିଷେଧକ ଔଷଧ , ୨୭,୦୦୦ ହାଲାଜୋନ୍ ଜଳ ବିଶୋଧନ ବଟିକା ଏବଂ ୧୩୦ କ୍ୱିଣ୍ଟାଲ ଚୁଡ଼ା ଓ ୧୦୦ କ୍ୱିଣ୍ଟାଲ ଚିନି ଭଳି ଶୁଖିଲା ଖାଦ୍ୟ ସାମଗ୍ରୀ ବ୍ୟାପକ ପରିମାଣରେ ମହଜୁଦ ରଖାଯାଇଛି। ପ୍ରଶାସନ ପକ୍ଷରୁ ଜାତୀୟ ରାଜପଥ ୩୨୬ ସମେତ ପ୍ରମୁଖ ରାସ୍ତାରେ ଥିବା ୯ଟି ବ୍ରିଜ୍‌କୁ ଜଳମଗ୍ନ ପ୍ରବଣ ଭାବେ ଚିହ୍ନଟ କରାଯାଇ ଯାତାୟାତ ପାଇଁ ବିକଳ୍ପ ରୁଟ୍ ପ୍ଲାନ୍ ପ୍ରସ୍ତୁତ କରାଯାଇଛି। ଖଇରପୁଟର ବଣ୍ଡାଘାଟି ଏବଂ ଚିତ୍ରକୋଣ୍ଡାର ପାର୍ବତ୍ୟ ଅଞ୍ଚଳକୁ ଭୂସ୍ଖଳନ ପ୍ରବଣ ଜୋନ୍ ଭାବେ ସତର୍କ କରାଯାଇଛି। ଜନସାଧାରଣଙ୍କ ସହାୟତା ପାଇଁ ଜିଲ୍ଲା ଜରୁରୀକାଳୀନ ନିୟନ୍ତ୍ରଣ କକ୍ଷ ନମ୍ବର 06861-231372 ଏବଂ ଟୋଲ୍ ଫ୍ରି ନମ୍ବର 1077 ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ରହିଛି ବୋଲି ସୂଚନା ମିଳିଛି।



ଜିଲ୍ଲାରୁ ସିଧା ରିପୋର୍ଟ

ଖଲ୍ଲିକୋଟ ଜଗନ୍ନାଥ ମନ୍ଦିର ସିଂହ ଦ୍ୱାରୁ ଖସିଲା ବିଶାଳ ପଥର

ଖଲ୍ଲିକୋଟ:ଅଞ୍ଚଳରେ ବହୁ ପୁରାତନ କାଳରୁ ଥିବା ଶ୍ରୀ ଜଗନ୍ନାଥ ମନ୍ଦିର ରେ ଅବ୍ୟବସ୍ଥା ସୁଧୁରିବ କେବେ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଇତିହାସ ରୁ ଜଣାଯାଏ କଳା ପାହାଡ଼ ଆକ୍ରମଣ ବେଳେ ଶ୍ରୀ ଜଗନ୍ନାଥ ଙ୍କୁ ସୁରକ୍ଷିତ ସ୍ଥାନରେ ରଖାଯାଇ ଥିଲା । ସେହି କଳା ପାହାଡ ବଂଶ ରକ୍ଷକ ମାନେ ବର୍ତ୍ତମାନ ମଠ ମନ୍ଦିର କଳା ସଂସ୍କୃତି କୁ ଲୋପ କରିବା ପାଇଁ ନୀତି ନିୟମ କୁ ବେଖାତିର କରି ସନାତନ ଧର୍ମକୁ ନଷ୍ଟ କରିବା ପାଇଁ ଆସିଛନ୍ତି । ଆଜି ଖଲ୍ଲିକୋଟ ଶ୍ରୀ ଜଗନ୍ନାଥ ମନ୍ଦିର ସିଂହ ଦ୍ୱାର ଗମ୍ଭୀରା ଉପରୁ ବିଶାଳ କାୟ ପଥର ଖସିପଡ଼ିଥିବା ଦେଖିବାକୁ ମିଳିଛି । ଗତ କାଲି ମଧ୍ୟ ଗମ୍ଭୀରା ଉପରୁ ପଥର ଖସିପଡ଼ିଥିବା ଦେଖିବାକୁ ମିଳିଥିଲା । ଆଜିକୁ 5 ମାସ ପୂର୍ବେ ବଡ ଦେଉଳ ଉପରୁ ଏକ 6 ଫୁଟ ର ସିଂହ ଭାଙ୍ଗି ଖସିପଡି ତଳେ ଖଣ୍ଡ ବିଖଣ୍ଡିତ ହୋଇ ତାଳେପାଡ଼ି ମାଟିରେ ମିଶିଥିବା ଦେଖିବାକୁ ମିଳିଥିଲା । କିନ୍ତୁ ବଡ଼ ଦୁଃଖର ବିଷୟ ଯେ ଛୁଞ୍ଚି ମୁନ ରେ ଗଢ଼ା ହୋଇଥିବା ଖଲ୍ଲିକୋଟ ଶ୍ରୀ ଜଗନ୍ନାଥ ମନ୍ଦିର ର କାରୁକାର୍ଯ୍ଯ ରକ୍ଷଣା ବେକ୍ଷଣା ନହୋଇଥିବାରୁ କାରୁକାର୍ଯ୍ୟ ଭାଙ୍ଗି ଖଣ୍ଡ ବିଖଣ୍ଡିତ ହୋଇ ତଳେ ପଡୁଛି । ମନ୍ଦିର ର ଅବେବସ୍ଥା ଓ ପଣ୍ଡା ସୁଆରଙ୍କ ଅନୀତି କୁ ନେଇ ମନ୍ଦିର ର କାର୍ଯ୍ୟ ନିର୍ବାହୀ ଅଧିକାରୀ ଡି ମଲେଶ୍ୱର ପତ୍ର ଓ ମନ୍ଦିର କମିଟି କୁ ଖଲ୍ଲିକୋଟ ଜନ ସାଧାରଣ ଜଣେଇଲେ ମଧ୍ୟ କୌଣସି ପଦେକ୍ଷପ ନେଉନାହାନ୍ତି । ପ୍ରଶ୍ନ ଉଠୁଛି ଯେ ଜଗନ୍ନାଥ ମନ୍ଦିର ସଂକଟପୂର୍ଣ ଅବସ୍ଥାରେ କେବେ ଜିଲ୍ଲା ପ୍ରଶାସନ, ରାଜ୍ୟ ସରକାର ଦୃଷ୍ଟି ଦେବେ ଏହା ଜନ ସାଧାରଣ ରେ ଚର୍ଚ୍ଚା ର ବିଷୟ ପାଲଟିଛି । ଏହାକୁ ନେଇ ଜନ ସାଧାରଣ କଣ କହୁଛନ୍ତି ଆସନ୍ତୁ ଶୁଣିବା ଖଲ୍ଲିକୋଟ ରୁ ଲକ୍ଷ୍ମୀକାନ୍ତ ମହାପାତ୍ର



ନବରଙ୍ଗପୁର ଜିଲ୍ଲାର ବିଭିନ୍ନ ଆଶ୍ରୟସ୍ଥଳୀ ଓ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କଲେ ଜିଲ୍ଲାପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ଶାସନ ସଚିବ



ନବରଙ୍ଗପୁର:୨୭ ଅକ୍ଟୋବର ୨୦୨୬: ନବରଙ୍ଗପୁର ଜିଲ୍ଲାରେ ବିଭିନ୍ନ ଆଶ୍ରୟସ୍ଥଳୀ ଓ ସ୍ୱାସ୍ଥ୍ୟକେନ୍ଦ୍ରରେ ଉପଲବ୍ଧ ସୁବିଧାସୁଯୋଗ, ପରିଚାଳନା ବ୍ୟବସ୍ଥା ଏବଂ ଜନସାଧାରଣଙ୍କୁ ଯୋଗାଇ ଦିଆଯାଉଥିବା ସେବାର ସମୀକ୍ଷା ନିମନ୍ତେ ଜିଲ୍ଲାପାଳ ଶ୍ରୀମତୀ ମଧୁମିତା ଓ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରେରିତ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ଶାସନ ସଚିବ ଡ. ମହେଶ୍ୱର ସ୍ୱାଇଁ ଆଜି ଜିଲ୍ଲାର ବିଭିନ୍ନ ସ୍ଥାନ ପରିଦର୍ଶନ କରିଥିଲେ। ଏହି ଗସ୍ତ ଅବସରରେ ସେମାନେ ନବରଙ୍ଗପୁର ପୌରପାଳିକା ଅନ୍ତର୍ଗତ ବସ୍‌ଷ୍ଟାଣ୍ଡ ନିକଟସ୍ଥ ସହରାଞ୍ଚଳ ଆଶ୍ରୟସ୍ଥଳୀ, ପୂଜାରୀଗୁଡ଼ା ଓ ଶାଉନିଗୁଡ଼ାସ୍ଥିତ ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳୀ ଏବଂ ନବରଙ୍ଗପୁର ବ୍ଲକ୍ ଅନ୍ତର୍ଗତ ସାନମସିଗାଁ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲେ। ଆଶ୍ରୟସ୍ଥଳୀଗୁଡ଼ିକରେ ପାନୀୟ ଜଳ, ପରିମଳ, ବିଦ୍ୟୁତ୍ ଯୋଗାଣ, ଶୌଚାଳୟ, ଆଲୋକ ବ୍ୟବସ୍ଥା ଓ ଅନ୍ୟାନ୍ୟ ମୌଳିକ ସୁବିଧାର ସ୍ଥିତି ସେମାନେ ଯାଞ୍ଚ କରିଥିଲେ। ଏଥିସହ ସେଠାରେ ନିୟୋଜିତ କର୍ମଚାରୀ ଓ ଦାୟିତ୍ୱରତ ଅଧିକାରୀମାନଙ୍କ ସହ ଆଲୋଚନା କରି ଆଶ୍ରୟସ୍ଥଳୀଗୁଡ଼ିକର ସୁଚାରୁ ପରିଚାଳନା, ପରିଷ୍କାର-ପରିଚ୍ଛନ୍ନତା ଏବଂ ଆଶ୍ରୟ ନେଉଥିବା ଲୋକମାନଙ୍କୁ ଆବଶ୍ୟକ ସେବା ଯୋଗାଣ ସମ୍ପର୍କରେ ତଥ୍ୟ ନେଇଥିଲେ। ସେହିପରି ସାନମସିଗାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଉପଲବ୍ଧ ଚିକିତ୍ସା ସେବା, ଔଷଧ ମଜୁତ, ଚିକିତ୍ସା ଉପକରଣ, ରୋଗୀମାନଙ୍କ ପାଇଁ ମୌଳିକ ସୁବିଧା ଏବଂ ଆବଶ୍ୟକୀୟ ମାନବ ସମ୍ବଳ ସମ୍ପର୍କରେ ସେମାନେ ଅନୁଧ୍ୟାନ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ରୋଗୀମାନଙ୍କୁ ସମୟୋପଯୋଗୀ, ଗୁଣାତ୍ମକ ଓ ସୁଲଭ ସ୍ୱାସ୍ଥ୍ୟସେବା ଯୋଗାଇବା ସହ ଆବଶ୍ୟକ ସୁବିଧାଗୁଡ଼ିକୁ ସୁଚାରୁ ଭାବେ ରକ୍ଷଣାବେକ୍ଷଣ କରିବା ପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ ଗୁରୁତ୍ୱ ଦିଆଯାଇଥିଲା। ଏହି ପରିଦର୍ଶନ ସମୟରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଡ. ପ୍ରମୋଦ କୁମାର ପୃଷ୍ଟି, ଉପଜିଲ୍ଲାପାଳ ଶ୍ରୀ ପ୍ରକାଶ କୁମାର ମିଶ୍ର, ନବରଙ୍ଗପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁନୀଲ ଖୋରା ଓ ତହସିଲଦାର ଭୋଲେଶ୍ୱର ନାୟକ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ବିଶ୍ୱଜିତ ବର୍ମନ ନନ୍ଦାହାଣ୍ଡି ବ୍ଲକ୍ ଅନ୍ତର୍ଗତ ବିଭିନ୍ନ ଆଶ୍ରୟସ୍ଥଳୀ ପରିଦର୍ଶନ କରି ସେଠାରେ ଉପଲବ୍ଧ ସୁବିଧାସୁଯୋଗ, ପରିଷ୍କାର-ପରିଚ୍ଛନ୍ନତା ଓ ପରିଚାଳନା ବ୍ୟବସ୍ଥାର ଯାଞ୍ଚ କରିଥିଲେ। ଏଥିସହ ଆଶ୍ରୟ ନେଇଥିବା ପ୍ରଭାବିତ ଲୋକମାନଙ୍କ ସହ ଆଲୋଚନା କରି ସେମାନଙ୍କ ଆବଶ୍ୟକତା, ସମସ୍ୟା ଓ ଅଭିଯୋଗ ସମ୍ପର୍କରେ ପଚାରି ବୁଝିଥିଲେ। ଆଶ୍ରୟସ୍ଥଳୀରେ ଯୋଗାଇ ଦିଆଯାଉଥିବା ରନ୍ଧା ଖାଦ୍ୟର ଗୁଣବତ୍ତା, ପରିମାଣ ଓ ବଣ୍ଟନ ବ୍ୟବସ୍ଥା ମଧ୍ୟ ସେ ଯାଞ୍ଚ କରିଥିଲେ। ଆଶ୍ରୟ ନେଇଥିବା ସମସ୍ତଙ୍କୁ ସୁରକ୍ଷିତ ପରିବେଶ, ପର୍ଯ୍ୟାପ୍ତ ଖାଦ୍ୟ, ପାନୀୟ ଜଳ ଓ ଆବଶ୍ୟକ ସେବା ନିଶ୍ଚିତ କରିବା ପାଇଁ ସେ ସମ୍ପୃକ୍ତ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗସ୍ତ ସମୟରେ ନନ୍ଦାହାଣ୍ଡି ବ୍ଲକ୍ ଗୋଷ୍ଠୀ ଉନ୍ନୟନ ଅଧିକାରୀ କ୍ଷୀରୋଦ ଚନ୍ଦ୍ର ସାହୁ ଉପସ୍ଥିତ ଥିଲେ।

ଶିଶୁ ମହୋତ୍ସବ ସୁରଭି ପାଇଁ ପ୍ରସ୍ତୁତି ବୈଠକ ବଡମ୍ବା



ବଡମ୍ବା:୨୮.୧୦.୨୬:ବଡମ୍ବା ବିଜ୍ଞାପିତ ଅଂଚଳ ପରିଷଦ ଅନ୍ତର୍ଗତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଚଳିତ ବର୍ଷ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ପାଇଁ ପ୍ରଥମ ପ୍ରସ୍ତୁତି ବୈଠକ ସମାପନ ହୋଇଯାଇଛି । ମହୋତ୍ସବର ସଭାପତି ବଡମ୍ବା ଗୋଷ୍ଠୀ ଶିକ୍ଷାଧିକାରୀ ତ୍ରିଲୋଚନ ଜେନାଙ୍କ ସଭାପତିତ୍ୱରେ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ କୈଳାଶ ଚନ୍ଦ୍ର ବେହେରା ଓସ୍ଥା ସଂଘ କଟକ ଜିଲ୍ଲା ସଭାପତି କଳିଙ୍ଗ କେଶରୀ ପ୍ରଧାନ ବଡମ୍ବା ବ୍ଲକ ସଭାପତି ଶ୍ୟାମବନ୍ଧୁ ବେହୁରା,ବଡମ୍ବା ବ୍ଲକ ପ୍ରାଥମିକ ଶିକ୍ଷକ ଫେଡେରେଶନ ସଭାପତି ଚିତ୍ତରଞ୍ଜନ ପ୍ରଧାନ ନୂତନ ପେନସନ ଭୁକ୍ତ ଶିକ୍ଷକ ସଂଘ ସଭାପତି ସୁରସୁନ୍ଦର ଶତପଥୀ, ଆୟୋଜକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ବିଶ୍ୱଜିତା ଚୌଧୁରୀ ବି ଆର ଟି ଦୀନବନ୍ଧୁ ଦଳେଇ ଉପସ୍ଥିତ ଥିଲେ ନୂତନ ପେନସନ ଭୁକ୍ତ ଶିକ୍ଷକ ସଂଘ କଟକ ଜିଲ୍ଲା ଉପସଭାପତି ରମେଶ ଚନ୍ଦ୍ର ବେହେରା କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ବ୍ଲକ ଗ୍ରାଣ୍ଟ ଶିକ୍ଷକ ସଂଘ କଟକ ଜିଲ୍ଲା ସମ୍ପାଦକ ସରୋଜ କୁମାର ସାହୁ ଉପସ୍ଥିତ ଥିଲେ ପ୍ରତିବର୍ଷ ଭଳି ଚଳିତ ବର୍ଷ ସୁରଭି କାର୍ଯ୍ୟକ୍ରମକୁ ସରସ ସୁନ୍ଦର କରିବା ପାଇଁ ବହୁ ବରିଷ୍ଠ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କର ସୁନ୍ଦର ସୁନ୍ଦର ପ୍ରସ୍ତାବ ଆଗତ ହୋଇଥିଲା କାର୍ଯ୍ୟକ୍ରମକୁ ପୂର୍ବ ବର୍ଷ ଠାରୁ ଆହୁରି ଅଧିକ ଆକର୍ଷଣୀୟ କରିବା ପାଇଁ ଉନ୍ନତ ମାନର ସାଜ ସଜ୍ଜା ସହ ତ୍ବରଣ ହେବା ପାଇଁ ପ୍ରସ୍ତାବ ଆସିଥିଲା । ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଚଳିତ ୨୦୨୬ ମସିହାର ସୁରଭି କାର୍ଯ୍ୟକ୍ରମ ହେବା ପାଇଁ ସର୍ବ ସମ୍ମତି ହୋଇଥିଲା ୧୬ ଟି କ୍ଲଷ୍ଟରରୁ ଉପସ୍ଥିତ ଥିବା ସମସ୍ତ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ମାନେ ନିଜ ନିଜର ପ୍ରସ୍ତାବ ଆଗତ କରିଥିଲେ ତନ୍ମଧ୍ୟରୁ ଓସ୍ଥା ବଡମ୍ବା ବ୍ଲକ ଶିକ୍ଷକ ସଂଘ ସମ୍ପାଦକ ଅଶୋକ କୁମାର ଧଳ,ବରିଷ୍ଠ ପ୍ରଧାନଶିକ୍ଷକ ସରୋଜ କୁମାର ମିଶ୍ର ମନୋଜ କୁମାର ରଥ ବିକ୍ରମ କେଶରୀ ରାଉତ ଓ ଅନ୍ୟମାନେ ଉପାଦେୟ ପ୍ରସ୍ତାବ ମାନ ଆଗତ କରିଥିଲେ ଆଗାମୀ ନଭେମ୍ବର ୧ମ ସପ୍ତାହରେ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ହେବା ପାଇଁ ସଭାରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା ସର୍ବଶେଷରେ ନୂତନ ପେନସନ ଭୁକ୍ତ ଶିକ୍ଷକ ସଂଘ ବଡମ୍ବା ବ୍ଲକ ସମ୍ପାଦକ ରାଜେଶ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

ମାଟିର ଖବର

ହକ୍ ଓ ସମ୍ମାନ ପାଇଁ ଚାରି କ୍ୟାଡରର ମହାସ୍ୱର, ପାଞ୍ଚଦଫା ଦାବି ନେଇ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ AOBEO-JCC



ଯାଜପୁର :ନ୍ୟାଯ୍ୟ ଅଧିକାର, ସେବାଗତ ମର୍ଯ୍ୟାଦା ଓ ଉପଯୁକ୍ତ ସ୍ୱୀକୃତି ଦାବିରେ ଏକଜୁଟ ହୋଇଛନ୍ତି ଚାରି କ୍ୟାଡରର ଅଧିକାରୀ। ନିଖିଳ ଓଡ଼ିଶା ବ୍ଲକ୍ ସମ୍ପ୍ରସାରଣ ଅଧିକାରୀ ମିଳିତ ସମନ୍ୱୟ ପରିଷଦ (AOBEO-JCC)ର ଆହ୍ୱାନକ୍ରମେ ଯାଜପୁର ଜିଲ୍ଲା ମିଳିତ ସମନ୍ୱୟ ପରିଷଦ (DJCC) ପକ୍ଷରୁ ମଙ୍ଗଳବାର ଜିଲ୍ଲାପାଳଙ୍କୁ ପାଞ୍ଚଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ବେତନ ସଂଶୋଧନ, ଯାତାୟାତ ଭତ୍ତା, ପଦୋନ୍ନତିର ସୁଯୋଗ, ସ୍ୱାସ୍ଥ୍ୟ ଓ ଆଇନଗତ ସୁରକ୍ଷା ସହ କାର୍ଯ୍ୟଭାର ହ୍ରାସ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ନେଇ ପରିଷଦ ପକ୍ଷରୁ ଦାବି ଉପସ୍ଥାପନ କରାଯାଇଛି। ପରିଷଦର କହିବା ଅନୁଯାୟୀ, ଦୀର୍ଘଦିନ ଧରି ବେତନଗତ ବୈଷମ୍ୟ, ପଦୋନ୍ନତିର ସୀମିତ ସୁଯୋଗ, ଅତିରିକ୍ତ ଦପ୍ତରୀୟ କାର୍ଯ୍ୟଭାର ଏବଂ ନିୟମିତ କ୍ଷେତ୍ର ପରିଦର୍ଶନ ଯୋଗୁଁ ଅଧିକାରୀମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସରକାରୀ ଯୋଜନାର କାର୍ଯ୍ୟକାରିତା, ଜନସାଧାରଣଙ୍କୁ ସେବା ପ୍ରଦାନ ଏବଂ ଗ୍ରାମାଞ୍ଚଳର ଉନ୍ନତି କ୍ଷେତ୍ରରେ ଏହି ଅଧିକାରୀମାନଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଥିବାରୁ ସେମାନଙ୍କ ସେବା ସର୍ତ୍ତରେ ଉନ୍ନତି ଆଣିବା ଆବଶ୍ୟକ ବୋଲି ପରିଷଦ ମତ ପ୍ରକାଶ କରିଛି। ପ୍ରଥମତଃ, ଚାରି କ୍ୟାଡରର ଅଧିକାରୀମାନଙ୍କ ପ୍ରାରମ୍ଭିକ ବେତନ ସ୍ତରକୁ ପେ' ଲେଭଲ୍-୧୦ ତଥା ଗ୍ରେଡ୍ ପେ' ୪,୬୦୦ ଟଙ୍କା ଅନୁଯାୟୀ ସଂଶୋଧନ କରିବାକୁ ଦାବି କରାଯାଇଛି। ଦ୍ୱିତୀୟତଃ, ସରକାରୀ କାର୍ଯ୍ୟ ଏବଂ ନିୟମିତ କ୍ଷେତ୍ର ପରିଦର୍ଶନ ପାଇଁ ପର୍ଯ୍ୟାପ୍ତ ଯାତାୟାତ ଖର୍ଚ୍ଚ କିମ୍ବା ଇନ୍ଧନ ଭତ୍ତା ପ୍ରଦାନ କରିବାକୁ ପରିଷଦ ଦାବି ରଖିଛି। ସେହିପରି, ଅଭିଜ୍ଞ ଓ ଯୋଗ୍ୟ ସମ୍ପ୍ରସାରଣ ଅଧିକାରୀମାନଙ୍କ ପାଇଁ ବ୍ଲକ୍ ଉନ୍ନୟନ ଅଧିକାରୀ (BDO) ପଦବୀକୁ ପଦୋନ୍ନତିର ସୁଯୋଗ ସୃଷ୍ଟି କରିବାକୁ ଦାବି ହୋଇଛି। ଚତୁର୍ଥ ଦାବି ଭାବେ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଅଧୀନରେ ସ୍ୱାସ୍ଥ୍ୟ ସୁରକ୍ଷା ସୁନିଶ୍ଚିତ କରିବା ସହ କର୍ତ୍ତବ୍ୟ ସମ୍ପାଦନ ସମୟରେ ଅଧିକାରୀମାନଙ୍କୁ ଆବଶ୍ୟକ ଆଇନଗତ ସୁରକ୍ଷା ପ୍ରଦାନ କରିବାକୁ କୁହାଯାଇଛି। ପଞ୍ଚମ ଦାବିରେ ଅଧିକାରୀମାନଙ୍କ ଉପରେ ନ୍ୟସ୍ତ ଅତିରିକ୍ତ ଦପ୍ତରୀୟ ଓ କିରାଣି କାର୍ଯ୍ୟଭାର ହ୍ରାସ କରିବା ସହ ଦୈନନ୍ଦିନ କାର୍ଯ୍ୟର ସୁଚାରୁ ପରିଚାଳନା ପାଇଁ ଆବଶ୍ୟକ ସହାୟକ କର୍ମଚାରୀ ନିଯୁକ୍ତି ଉପରେ ଗୁରୁତ୍ୱ ଦିଆଯାଇଛି। ଏହି ସ୍ମାରକପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ଯାଜପୁର ଜିଲ୍ଲାର ମୁଖ୍ୟ ସମନ୍ୱୟକ ତଥା ସହ-ଆବାହକ ବିଷ୍ଣୁପ୍ରିୟା ନାୟକ (ଇନ୍ସପେକ୍ଟର ଅଫ୍ ସପ୍ଲାଏସ୍ କ୍ୟାଡର), ସହ-ଆବାହକ ଅଭିନ୍ନ କୁମାର ଜେନା (BSSO କ୍ୟାଡର), ସରସ୍ୱତୀ ସାହୁ (WEO କ୍ୟାଡର) ଏବଂ ସୌରଭ ପାଲ (GPDO କ୍ୟାଡର)ଙ୍କ ସମେତ DJCCର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ପରିଷଦ ପକ୍ଷରୁ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଲୋଡ଼ାଯାଇ ଦାବିଗୁଡ଼ିକୁ ରାଜ୍ୟ ସରକାରଙ୍କ ନିକଟରେ ଉପସ୍ଥାପନ କରିବା ସହ ସେଗୁଡ଼ିକର ଶୀଘ୍ର ସମାଧାନ ଦିଗରେ ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଛି। "ଚାରି କ୍ୟାଡର, ଏକ ସ୍ୱର, ଏକ ସଂକଳ୍ପ" ଆହ୍ୱାନକୁ ଆଧାର କରି ନିଜର ନ୍ୟାଯ୍ୟ ଅଧିକାର, ସେବାଗତ ମର୍ଯ୍ୟାଦା ଓ ପ୍ରାପ୍ୟ ସ୍ୱୀକୃତି ହାସଲ ପାଇଁ ଆଗାମୀ ଦିନରେ ଏକତା ଓ ସମନ୍ୱୟ ବଜାୟ ରଖି ଗଣତାନ୍ତ୍ରିକ ଉପାୟରେ ଦାବି ଉପସ୍ଥାପନ ଜାରି ରଖାଯିବ ବୋଲି ପରିଷଦର ସହ-ଆବାହକମାନେ ଦୃଢ଼ ସଂକଳ୍ପ ପ୍ରକାଶ କରିଛନ୍ତି।

ଜନମତ

ବାରବାଟୀ ଷ୍ଟାଡିୟମ୍ ସଂସ୍କାର ଓ ପୁନରୁଦ୍ଧାର ପ୍ରକଳ୍ପ

କଟକ:ଐତିହାସିକ ବାରବାଟୀ ଷ୍ଟାଡିୟମର ସଂସ୍କାର ଓ ବୃହତ ଆଧୁନିକୀକରଣ ପ୍ରକଳ୍ପକୁ ନେଇ କ୍ରୀଡ଼ାପ୍ରେମୀ, ଓଡ଼ିଶା କ୍ରିକେଟ୍ ଅସୋସିଏସନ୍ (OCA) ଏବଂ ରାଜ୍ୟ କ୍ରୀଡ଼ା ବିଭାଗ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଛି। ପ୍ରାୟ ୬୦୦ ରୁ ୭୦୦ କୋଟି ଟଙ୍କାର ପ୍ରାକ୍କଳିତ ବ୍ୟୟରେ ବାରବାଟୀ ଷ୍ଟାଡିୟମର କାୟାକଳ୍ପ ପାଇଁ ସ୍ୱତନ୍ତ୍ର ପ୍ଲାନ୍ ଆପ୍ରୁଭ୍ ହୋଇଛି। ୧୯୫୨ ମସିହାରେ ନିର୍ମିତ ଏହି ପୁରାତନ ଷ୍ଟାଡିୟମର ପୁରୁଣା ଏବଂ ଜରଜର ଢାଞ୍ଚାକୁ ଭାଙ୍ଗି ଏକ ବିଶ୍ୱସ୍ତରୀୟ ସ୍ପୋର୍ଟସ୍ କମ୍ପ୍ଲେକ୍ସରେ ପରିଣତ କରିବା ପାଇଁ ଯୋଜନା ରହିଛି। ନୂତନ ପ୍ରକଳ୍ପ ନକ୍ସା ଅନୁଯାୟୀ, ଷ୍ଟାଡିୟମର ଦର୍ଶକ ଧାରଣ କ୍ଷମତା ୪୨,୦୦୦ ରୁ ୬୦,୦୦୦ କୁ ବୃଦ୍ଧି କରାଯିବ। ଏହା ସହିତ ଅନ୍ତର୍ଜାତୀୟ ମାନର କର୍ପୋରେଟ୍ ବକ୍ସ, ଆଧୁନିକ ପ୍ଲେୟାର୍ସ ଡ୍ରେସିଂ ରୁମ୍, ବିଶ୍ୱସ୍ତରୀୟ ଫ୍ଲଡ୍ ଲାଇଟ୍, ଆଡଭାନ୍ସଡ୍ ଡ୍ରେନେଜ୍ ସିଷ୍ଟମ୍ (ଯାହା ବର୍ଷା ହେବାର ଅଳ୍ପ ସମୟ ମଧ୍ୟରେ ପଡ଼ିଆକୁ ଖେଳ ଉପଯୋଗୀ କରିବ) ଏବଂ ବହୁତଳ ପାର୍କିଂ ବ୍ୟବସ୍ଥା ନିର୍ମାଣ କରାଯିବ। ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ପରେ ବର୍ତ୍ତମାନ ବିସିସିଆଇ (BCCI), ଓସିଏ (OCA) ଏବଂ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ଡିଟେଲ୍ ପ୍ରୋଜେକ୍ଟ ରିପୋର୍ଟ (DPR) ଏବଂ ନିର୍ମାଣ କାର୍ଯ୍ୟର ଅଗ୍ରଗତି ଉପରେ ନିୟମିତ ସମୀକ୍ଷା ଚାଲିଛି। କଟକର ଏହି ପ୍ରମୁଖ କ୍ରୀଡ଼ା ଭିତ୍ତିଭୂମିର ସଂସ୍କାର ହେବା ଦ୍ୱାରା ନିୟମିତ ଭାବେ ଅନ୍ତର୍ଜାତୀୟ କ୍ରିକେଟ୍ ମ୍ୟାଚ୍ ଓ ଆଇପିଏଲ୍ (IPL) ପରି ବୃହତ୍ ଟୁର୍ନାମେଣ୍ଟ ଆୟୋଜନ ହୋଇପାରିବ, ଯାହା ସହରର ଅର୍ଥନୀତି, ପର୍ଯ୍ୟଟନ ଓ ସ୍ଥାନୀୟ କ୍ରୀଡ଼ାବିତ୍‌ଙ୍କ ବିକାଶରେ ପ୍ରମୁଖ ଭୂମିକା ଗ୍ରହଣ କରିବ।

ସିଏମସି ମହାନଗର ନିଗମର ବଜେଟ୍ ଓ ବିକାଶମୂଳକ କାର୍ଯ୍ୟ ଉପରେ ଚର୍ଚ୍ଚା

କଟକ: ମହାନଗର ନିଗମ (ସିଏମସି)ର ନୂତନ ଆର୍ଥିକ ବଜେଟ୍ ଏବଂ ସହରସାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ବିକାଶମୂଳକ ପ୍ରକଳ୍ପକୁ ନେଇ କାଉନସିଲର, ମେୟର ଏବଂ ସ୍ଥାନୀୟ ପ୍ରଶାସନିକ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଓ ଚର୍ଚ୍ଚା ଜାରି ରହିଛି। ରୁପେଲି ପରଦାର ସହର କଟକର ସାମଗ୍ରିକ କାୟାକଳ୍ପ ପାଇଁ ସିଏମସି ପକ୍ଷରୁ ମୁଖ୍ୟତଃ ଭିତ୍ତିଭୂମିର ବିକାଶ, ନିଷ୍କାସନ ବ୍ୟବସ୍ଥା (ଡ୍ରେନେଜ୍), ରାସ୍ତାଘାଟ ନିର୍ମାଣ, ପରିମଳ ଓ ସ୍ୱଚ୍ଛତା ଏବଂ ନୂତନ ସାଧାରଣ ସୁବିଧାସୁଯୋଗ ବୃଦ୍ଧି ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି। ବଜେଟ୍ ପ୍ରାବଧାନ ଓ ଉନ୍ନୟନମୂଳକ ଯୋଜନାଗୁଡ଼ିକ ମଧ୍ୟରେ ସହରର ବିଭିନ୍ନ ୱାର୍ଡରେ କଂକ୍ରିଟ୍ ରାସ୍ତା, ପେଭର୍ ବ୍ଲକ୍ ଫୁଟପାଥ୍, ଏବଂ ପ୍ରଚୁର ବର୍ଷାଜଳ ନିଷ୍କାସନ ନିମନ୍ତେ ଆରସିସି ନାଳସହ କଭର୍ ସ୍ଲାବ୍ ନିର୍ମାଣ ପାଇଁ ବହୁ କୋଟି ଟଙ୍କାର ଟେଣ୍ଡର ଆହ୍ୱାନ କରାଯାଇ କାର୍ଯ୍ୟ ହାତକୁ ନିଆଯାଉଛି। ଏହା ସହିତ କଳା ଓ ସଂସ୍କୃତିର ପୀଠ ଭାବେ କମ୍ୟୁନିଟି ସେଣ୍ଟର୍, ପାର୍କ ଓ ପବ୍ଲିକ୍ ଲାଇବ୍ରେରୀର ନବୀକରଣ ଏବଂ ଶ୍ମଶାନ/ସତ୍କାର ସ୍ଥଳଗୁଡ଼ିକର ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ ମଧ୍ୟ ବଜେଟର ପ୍ରମୁଖ ଅଂଶ ପାଲଟିଛି। ତେବେ ଉନ୍ନୟନମୂଳକ କାର୍ଯ୍ୟର ମାନ ଓ ବିଳମ୍ବକୁ ନେଇ କାଉନସିଲ୍ ବୈଠକଗୁଡ଼ିକରେ ଶାସକ ଓ ବିରୋଧୀ କାଉନସିଲରଙ୍କ ମଧ୍ୟରେ ଗରମାଗରମ ବିତର୍କ ଦେଖିବାକୁ ମିଳୁଛି। ବିରୋଧୀ ଦଳ ପକ୍ଷରୁ ବଜେଟ୍ ଅର୍ଥର ସଠିକ୍ ବିନିଯୋଗ ଏବଂ ତଳିଆ ଅଞ୍ଚଳରେ ହେଉଥିବା ଜଳବନ୍ଦୀ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ବଜେଟ୍ରେ ଅଧିକ ପାଣ୍ଠି ବରାଦ ନିମନ୍ତେ ଦାବି କରାଯାଉଥିବା ବେଳେ, ନିଗମ ପ୍ରଶାସନ ସମସ୍ତ ୫୯ଟି ଯାକ ୱାର୍ଡର ସମାନ ବିକାଶ ପାଇଁ ସଙ୍କଳ୍ପବଦ୍ଧ ବୋଲି ସ୍ପଷ୍ଟ କରିଛି। ସହରରେ ବାରମ୍ବାର ଦେଖାଦେଉଥିବା ଜଳବନ୍ଦୀ ସମସ୍ୟାର ସ୍ଥାୟୀ ନିରାକରଣ ପାଇଁ ବୃହତ ମୁଖ୍ୟ ବର୍ଷାଜଳ ନିଷ୍କାସନ ନାଳ (Storm Water Drains) ଗୁଡ଼ିକର ପୁନରୁଦ୍ଧାର, ସ୍ୱତନ୍ତ୍ର ଡ୍ରେନେଜ୍ ଡିଭିଜନ୍ ଗଠନ, ବର୍ଷକୁ ତିନିଥର ପଙ୍କ ଉଦ୍ଧାର (Desiltation) ଏବଂ ନାଳଗୁଡ଼ିକ ଉପରେ କଭର ସ୍ଲାବ୍ ପକାଇ ସୁରକ୍ଷା ବାରିକେଡ୍ ନିର୍ମାଣ କରିବା ପ୍ରକଳ୍ପକୁ ଆଗାମୀ ଦିନରେ ଅଧିକ କ୍ରିୟାଶୀଳ କରାଯିବ ବୋଲି ସିଏମସି ସୂଚନା ଦେଇଛି। ସାଧାରଣ ଜନସାଧାରଣଙ୍କ ସୁବିଧା ଓ ନିରାପତ୍ତାକୁ ଆଖିଆଗରେ ରଖି ସମସ୍ତ ବିକାଶମୂଳକ ପ୍ରକଳ୍ପଗୁଡ଼ିକୁ ସମୟସୀମା ମଧ୍ୟରେ ଶେଷ କରିବାକୁ ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରମାନଙ୍କୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି।

ରେଭେନ୍ସା ନାମପରିବର୍ତ୍ତନ ବିବାଦ ଓ ଉତ୍ତପ୍ତ ରାଜନୀତି

କଟକ:ଓଡ଼ିଶାର ଶିକ୍ଷା, ସଂସ୍କୃତି ଓ ଐତିହ୍ୟର ପ୍ରତୀକ କଟକର ଐତିହାସିକ ରେଭେନ୍ସା ବିଶ୍ୱବିଦ୍ୟାଳୟର ନାମପରିବର୍ତ୍ତନ ଚର୍ଚ୍ଚାକୁ ନେଇ କଟକ ସହରସହ ସମଗ୍ର ରାଜ୍ୟରେ ରାଜନୈତିକ ଏବଂ ସାମାଜିକ ଉତ୍ତେଜନା ତୀବ୍ର ହୋଇଛି। ବିଲାତ ଶାସନ କାଳର କମିଶନର ଟି. ଇ. ରେଭେନ୍ସାଙ୍କ ନାମରେ ନାମିତ ଏହି ଶତାବ୍ଦୀ ପୁରାତନ ଅନୁଷ୍ଠାନର ନାମ ବଦଳାଇବା ପାଇଁ ଉଠିଥିବା ପ୍ରସ୍ତାବକୁ ନେଇ ଶାସକ ଓ ବିରୋଧୀ ଦଳଗୁଡ଼ିକ ମଧ୍ୟରେ ତୀବ୍ର ବାକ୍-ଯୁଦ୍ଧ ଆରମ୍ଭ ହୋଇଯାଇଛି। ସ୍ୱାଭିମାନ ଓ ନିଜସ୍ୱ ଅସ୍ମିତାକୁ ଆଧାର କରି ନାମପରିବର୍ତ୍ତନ ସପକ୍ଷରେ କିଛି ଗୋଷ୍ଠୀ ମତ ରଖୁଥିବା ବେଳେ, ଅନ୍ୟପକ୍ଷରେ ପୁରାତନ ଛାତ୍ର, ବୁଦ୍ଧିଜୀବୀ ଓ ସଂଗଠନଗୁଡ଼ିକ ଏହାକୁ ଐତିହ୍ୟ ଓ ପରିଚୟ ଉପରେ କୁଠାରଘାତ ବୋଲି ଦର୍ଶାଇ କଡ଼ା ବିରୋଧ କରୁଛନ୍ତି।ରାଜନୈତିକ ସ୍ତରରେ ବିଜେପି ନେତୃବୃନ୍ଦଙ୍କ ପକ୍ଷରୁ ଓଡ଼ିଶାର ସ୍ୱାଭିମାନ ଏବଂ ନିଜସ୍ୱ ପରିଚୟକୁ ପ୍ରାଧାନ୍ୟ ଦେଇ ଔପନିବେଶିକ ଶାସନର ଚିହ୍ନ ହଟାଇବା ପାଇଁ କୁହାଯାଉଥିବା ବେଳେ, ବିଜୁ ଜନତା ଦଳ (ବିଜେଡି) ଏବଂ କଂଗ୍ରେସ ପକ୍ଷରୁ ଏହାକୁ ମୂଳ ପ୍ରସଙ୍ଗରୁ ଧ୍ୟାନ ହଟାଇବାର ଏକ ରାଜନୈତିକ ପ୍ରୟାସ ବୋଲି ସମାଲୋଚନା କରାଯାଇଛି। କଟକର ବିଭିନ୍ନ ରାସ୍ତାଘାଟ, ସଭାସମିତି ଏବଂ ଚା' ଖଟୀରୁ ଆରମ୍ଭ କରି କଲେଜ କ୍ୟାମ୍ପସ୍ ପର୍ଯ୍ୟନ୍ତ ସବୁଠି ଏହି ବିଷୟକୁ ନେଇ ଚର୍ଚ୍ଚା ଜୋର ଧରିଛି। 'ରେଭେନ୍ସା ହେରିଟେଜ୍ ଫୋରମ୍' ଏବଂ ବିଭିନ୍ନ ଛାତ୍ର ସଂଗଠନଗୁଡ଼ିକ ସହରରେ ଗଣସମ୍ପର୍କ ଓ ଶାନ୍ତିପୂର୍ଣ୍ଣ ପ୍ରତିବାଦ ସଭା ଆୟୋଜନ କରି ଅନୁଷ୍ଠାନର ଗୌରବମୟ ଇତିହାସ ଓ ସ୍ୱାଧୀନତା ସଂଗ୍ରାମ ସହ ଏହାର ଯୋଡ଼ିପ୍ରସଙ୍ଗକୁ ଉପସ୍ଥାପନ କରୁଛନ୍ତି। ରାଜନୈତିକ ଅସ୍ଥିରତା ଓ ବିବାଦ ବୃଦ୍ଧି ପାଉଥିବାରୁ ପ୍ରଶାସନ ସ୍ଥିତି ଉପରେ କଡ଼ା ନଜର ରଖିଛି।ଏହି ପ୍ରସଙ୍ଗରେ ୧୮୬୬ ନଙ୍କ ଦୁର୍ଭିକ୍ଷ ସମୟରେ ତତ୍କାଳୀନ କମିଶନର ଟି. ଇ. ରେଭେନ୍ସାଙ୍କ ଭୂମିକା ଏବଂ ଓଡ଼ିଶାରେ ଉଚ୍ଚଶିକ୍ଷାର ବିକାଶ ପାଇଁ ସେ କରିଥିବା ଅବଦାନକୁ ନେଇ ଇତିହାସକାର ଓ ପୁରାତନ ଛାତ୍ରମାନଙ୍କ ମଧ୍ୟରେ ମଧ୍ୟ ଭିନ୍ନ ଭିନ୍ନ ମତ ପ୍ରକାଶ ପାଇଛି। ଗୋଟିଏ ପକ୍ଷରୁ 'ରେଭେନ୍ସା' କେବଳ ଏକ ନାମ ନୁହେଁ, ବରଂ ଓଡ଼ିଶାର ଆବେଗ, ଅସ୍ମିତା ଓ ଶିକ୍ଷାଗତ ବିପ୍ଳବର ସ୍ମାରକ ବୋଲି କୁହାଯାଉଥିବା ବେଳେ, ଅନ୍ୟପକ୍ଷରୁ ନାମପରିବର୍ତ୍ତନ ଅପେକ୍ଷା ବିଶ୍ୱବିଦ୍ୟାଳୟର ଗବେଷଣା, ଭିତ୍ତିଭୂମି ଓ ଶିକ୍ଷାଦାନର ମାନ ବୃଦ୍ଧି କରିବା ଉପରେ ସରକାର ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି। କ୍ୟାମ୍ପସରେ ଆଇନଶୃଙ୍ଖଳା ପରିସ୍ଥିତି ବଜାୟ ରଖିବା ଏବଂ ବିଶ୍ୱବିଦ୍ୟାଳୟର ସୁନାମ ରକ୍ଷା କରିବା ପାଇଁ ଶାନ୍ତିପୂର୍ଣ୍ଣ ଆଲୋଚନା ମାଧ୍ୟମରେ ସମାଧାନ ବାହାର କରିବାକ ସାଧାରଣରେ ଦାବି ହେଉଛି।

ଆଦ୍ୟାଶା ADYASHA

ରାଜ୍ୟ

PRGI No. ORORI/25/A0506 | Daily Edition | Email : adyashalive@gmail.com

BHUBANESWAR | Vol. 02 | Issue 12 | ଗୁରୁବାର, ୨୯ ଅକ୍ଟୋବର ୨୦୨୬ | ପୃଷ୍ଠା ୧୨ | Rs. 7

ଆଜିର ପ୍ରମୁଖ

ଭଦ୍ରକରେ ବିଜେଡିର ସାଂଗଠନିକ ବୈଠକ

ଭଦ୍ରକ: ଭଦ୍ରକ ଜିଲ୍ଲା ବିଜୁ ଜନତା ଦଳ (ବିଜେଡି) ପକ୍ଷରୁ ସ୍ଥାନୀୟ ଦଳୀୟ କାର୍ଯ୍ୟାଳୟରେ ଏକ ଗୁରୁତ୍ୱପୂର୍ଣ୍ଣ ଜିଲ୍ଲା ସ୍ତରୀୟ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ମନ୍ତ୍ରୀ, ବରିଷ୍ଠ ବିଧାୟକ, ଜିଲ୍ଲା ପରିଷଦ ସଭ୍ୟ ତଥା ବିଭିନ୍ନ ବ୍ଲକରୁ ଆସିଥିବା ଦଳୀୟ କର୍ମକର୍ତ୍ତା ଓ ସମେତ ଶୀର୍ଷ ନେତୃବୃନ୍ଦ ଏହି ବୈଠକରେ ଯୋଗଦେଇଥିଲେ। ଆଗାମୀ ଦିନରେ ଦଳର ମୂଳଦୁଆକୁ କିପରି ଅଧିକ ତୃଣମୂଳ ସ୍ତରରେ ସୁଦୃଢ଼ କରାଯିବ ଏବଂ ସରକାରଙ୍କ ବିଫଳତାକୁ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ କିପରି ମିଳିତ ଭାବେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ, ସେହି ସମ୍ପର୍କରେ ବୈଠକରେ ବିଶଦ ଭାବେ ଆଲୋଚନା କରାଯାଇଛି। ବୈଠକରେ ମୁଖ୍ୟତଃ ପଞ୍ଚାୟତ ଏବଂ ୱାର୍ଡ ସ୍ତରରେ ଦଳୀୟ କମିଟି ଗଠନ, ଯୁବ ଓ ଛାତ୍ର ସଂଗଠନର ସକ୍ରିୟତା ବୃଦ୍ଧି ଏବଂ ସାଧାରଣ ଜନତାଙ୍କ ବିଭିନ୍ନ ମୌଳିକ ସମସ୍ୟା ଯଥା ମଣ୍ଡି ସମସ୍ୟା, ଡ୍ରେନେଜ୍, ପାନୀୟ ଜଳ ଏବଂ ବେକାରୀ ସମସ୍ୟାକୁ ନେଇ ପ୍ରଶାସନକୁ ଘେରିବା ପାଇଁ ରଣନୀତି ପ୍ରସ୍ତୁତ ହୋଇଛି। ନେତୃବୃନ୍ଦମାନେ ମତବ୍ୟକ୍ତ କରିଛନ୍ତି ଯେ, କର୍ମୀମାନେ ହାତବାନ୍ଧି ନ ବସି ଘରକୁ ଘର ବୁଲି ଲୋକଙ୍କ ସୁଖଦୁଃଖରେ ସାମିଲ ହେବା ସହ ଦଳର ଆଦର୍ଶ ପ୍ରଚାର କରିବା ଆବଶ୍ୟକ। ଆଗାମୀ ଦିନରେ ଜିଲ୍ଲାର ପ୍ରତ୍ୟେକ ନିର୍ବାଚନମଣ୍ଡଳୀରେ ସାଂଗଠନିକ ସମୀକ୍ଷା ବୈଠକ ସାଙ୍ଗକୁ ଗଣ ଆନ୍ଦୋଳନ କରାଯିବ ବୋଲି ଏହି ବୈଠକରେ ନିଷ୍ପତ୍ତି ନିଆଯାଇଛି।

ଶିଶୁ ସୁରକ୍ଷା ସଚେତନତା ରଥ ପରିକ୍ରମା

ଭଣ୍ଡାରିପୋଖରୀ:ବ୍ଲକ ପରିସରରେ ଶିଶୁ ଶ୍ରମିକ ମୁକ୍ତ ସଚେତନତା ରଥ ପରିକ୍ରମା ଶୁଭାରମ୍ଭ ହୋଇଛି। ଆୟୋଜିତ କାର୍ଯ୍ୟକ୍ରମରେ ସହକାରୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନିଶିକାନ୍ତ ଖୁଣ୍ଟିଆ ଉପସ୍ଥିତ ଥିଲେ।ସହକାରୀ ଶ୍ରମ ଅଧିକାରୀଣି ତେଜସ୍ୱୀ ନାୟକ ଙ୍କ ସଂଯୋଜନାରେ ଶିଶୁ ଶ୍ରମିକ ମୁକ୍ତ ଓଡ଼ିଶା ସଙ୍କଳ୍ପ ପତ୍ର ପାଠ ହୋଇଥିଲା। ବ୍ଲକକୁ ଆସିଥିବା ଜନସାଧାରଣ ମାନେ ଏଥିରେ ଯୋଗ ଦେଇ ସଙ୍କଳ୍ପ ପତ୍ର ପାଠ କରିଥିଲେ। ୧୪ ବର୍ଷରୁ କମ ଶିଶୁ ମାନଙ୍କୁ କୌଣସି ବୃତ୍ତିରେ ନିୟୋଜିତ କରିବା ଆଇନତଃ ଅପରାଧ ବୋଲି ସୂଚନା ଦିଆ ଯାଇଥିଲା। ଏସମ୍ପର୍କରେ ଶ୍ରମ କାର୍ଯ୍ୟାଳୟ, ସ୍ଥାନୀୟ ଥାନା, ଶିଶୁ ସୁରକ୍ଷା ଅଧିକାରୀ ଙ୍କୁ ତୁରନ୍ତ ଜଣାଇବାକୁ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି। ଶିଶୁ ଶ୍ରମିକ ମୁକ୍ତ ଓଡ଼ିଶା ଗଠନ ର ନୀତି ନିୟମକୁ ନେଇ ସଚେତନତା ରଥ ପରିକ୍ରମା ଶୁଭାରମ୍ଭ ହୋଇଥିବା ଜଣାପଡିଛି।ରଥ ପରିକ୍ରମା ଦ୍ୱାରା ଜନସାଧାରଣ ମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି ହେବ ବୋଲି ମତପ୍ରକାଶ ପାଇଛି।



ଗ୍ରାମୀଣ ରାଜନୀତି ସରଗରମ, ସୁଦୃଢ଼ ହେଉଛି ଦଳୀୟ ଗଣିତ

ଭଦ୍ରକ: ଭଦ୍ରକ ଜିଲ୍ଲା ଧାମନଗର ଓ ବାସୁଦେବପୁର ନିର୍ବାଚନମଣ୍ଡଳୀ ସଂଲଗ୍ନ ତିହିଡ଼ି ବ୍ଲକରେ ଆଞ୍ଚଳିକ ରାଜନୀତି ବେଶ୍ ସରଗରମ ହୋଇଉଠିଛି। ବିଶେଷ କରି ସ୍ଥାନୀୟ କଂଗ୍ରେସ ଓ ବିଜୁ ଜନତା ଦଳ (ବିଜେଡି)ର କିଛି ଜଣାଶୁଣା ସରପଞ୍ଚ, ସମିତି ସଭ୍ୟ ତଥା ପଞ୍ଚାୟତ ସ୍ତରୀୟ ଅସନ୍ତୁଷ୍ଟ କର୍ମୀ ଶାସକ ଭାରତୀୟ ଜନତା ପାର୍ଟି (ବିଜେପି) ଆଡ଼କୁ ଢଳୁଥିବା ନେଇ ଦଳବଦଳ ଚର୍ଚ୍ଚା ଜୋର ଧରିଛି। ବ୍ଲକର ବିଭିନ୍ନ ପଞ୍ଚାୟତରେ ନୂତନ ସାଂଗଠନିକ ସମୀକରଣ ଏବଂ ପଞ୍ଚାୟତ ସ୍ତରୀୟ କ୍ଷମତା ଦଖଲ ପାଇଁ ନେତାମାନଙ୍କ ଗୁପ୍ତ ବୈଠକ ଓ ଆଲୋଚନା ଚାଲିଥିବା ଦେଖିବାକୁ ମିଳୁଛି। ଗ୍ରାମାଞ୍ଚଳରେ ଚାଲିଥିବା ରାଜନୈତିକ ଚର୍ଚ୍ଚା ଅନୁଯାୟୀ, ଦଳୀୟ ଆଭ୍ୟନ୍ତରୀଣ କୋନ୍ଦଳ, କାର୍ଯ୍ୟକର୍ତ୍ତାଙ୍କୁ ଅବହେଳା ଏବଂ ନେତୃତ୍ୱ ସହ ମତଭେଦ ଯୋଗୁଁ କିଛି ପୁରାତନ ଦଳୀୟ ନେତା ନିଜର ଦଳୀୟ ସ୍ଥିତିକୁ ନେଇ ଅସନ୍ତୁଷ୍ଟ ଅଛନ୍ତି। ଅନ୍ୟପକ୍ଷରେ, ତିହିଡ଼ି ଅଞ୍ଚଳରେ ନିଜର ସଂଗଠନକୁ ଅଧିକ କ୍ରିୟାଶୀଳ କରିବା ପାଇଁ ବିଜେପି ଶିବିର ପକ୍ଷରୁ ଏହି ଅସନ୍ତୁଷ୍ଟ ନେତୃବୃନ୍ଦଙ୍କୁ ଦଳରେ ସାମିଲ କରିବା ପାଇଁ ଉଦ୍ୟମ ଜାରି ରହିଛି। ବିଶେଷ କରି ଆଗାମୀ ସମବାୟ ସମିତି, ନୂତନ ଏନ୍ଏସି (NAC) ଓ ପଞ୍ଚାୟତ ନିର୍ବାଚନକୁ ଆଖିଆଗରେ ରଖି ଗ୍ରାମୀଣ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ଏହି ଦଳବଦଳ ପ୍ରକ୍ରିୟାକୁ ଏକ ରଣନୈତିକ ପଦକ୍ଷେପ ଭାବେ ଦେଖାଯାଉଛି। ଏହି ଦଳବଦଳ କଳ୍ପନାଜଳ୍ପନାକୁ ନେଇ ବିଜେଡି ଓ କଂଗ୍ରେସ ସ୍ଥାନୀୟ ନେତୃବୃନ୍ଦ ଦଳୀୟ କର୍ମୀଙ୍କୁ ଏକଜୁଟ୍ ରଖିବା ପାଇଁ ପଞ୍ଚାୟତ ସ୍ତରୀୟ ବୈଠକମାନ ଆୟୋଜନ କରୁଛନ୍ତି। କର୍ମୀମାନେ ଅନ୍ୟ ଦଳକୁ ନ ଯାଇ ଦଳୀୟ ଆଦର୍ଶରେ ବାନ୍ଧିହୋଇ ରହିବାକୁ ବରିଷ୍ଠ ନେତାମାନେ ନିବେଦନ କରୁଛନ୍ତି। ତେବେ ତିହିଡ଼ି ବ୍ଲକର ଏହି ଆବହାୱା ଆଗାମୀ ଦିନରେ ଜିଲ୍ଲାର ବୃହତ୍ ରାଜନୈତିକ ନକ୍ସାକୁ ପ୍ରଭାବିତ କରିବ ବୋଲି ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି।

ବାତ୍ୟା 'ଅର୍ଣ୍ଣବ'ର ପ୍ରଳୟଙ୍କରୀ ରୂପ

ଗଜପତି: ବାତ୍ୟା 'ଅର୍ଣ୍ଣବ'ର ପ୍ରଭାବରେ ଗଜପତି ଜିଲ୍ଲାରେ ବର୍ଷା ଓ ପବନର କୋପ ଜାରି ରହିଥିବାବେଳେ ଜିଲ୍ଲାର ଦୁର୍ଗମ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଥିବାର ଖବର ସାମ୍ନାକୁ ଆସିଛି। ବିଶେଷ କରି ରାୟଗଡ଼ା ବ୍ଲକ ଅନ୍ତର୍ଗତ ରାୟଗଡ଼ା ପଞ୍ଚାୟତର ସଉରାସୁନାପୁର ଗ୍ରାମରେ ବାତ୍ୟା ଏବଂ ଲଗାଣ ବର୍ଷା ଯୋଗୁଁ ଚାଷୀମାନଙ୍କର ଅବସ୍ଥା ଅତି ଶୋଚନୀୟ ହୋଇପଡ଼ିଛି। ପ୍ରାପ୍ତ ସୂଚନା ଅନୁଯାୟୀ, ବାତ୍ୟା ସମୟରେ ଅତି ପ୍ରବଳ ବେଗରେ ବହିଥିବା ପବନ ଏବଂ ପ୍ରଚଣ୍ଡ ବର୍ଷା ଯୋଗୁଁ ସଉରାସୁନାପୁର ଗ୍ରାମର ଶହ ଶହ ଏକର ଚାଷଜମିର ଫସଲ ନଷ୍ଟ ହୋଇଯାଇଛି। ଗ୍ରାମର ଚାଷୀମାନେ ଅତ୍ୟନ୍ତ କଷ୍ଟକରି କରିଥିବା କଦଳୀ ଚାଷ, କମଳା ବଗିଚା, ଲେମ୍ବୁ ଓ କାଜୁ ଚାଷ ସମେତ ବିଭିନ୍ନ ବହୁମୂଲ୍ୟ ପନିପରିବା ଓ ଫସଲ ସମ୍ପୂର୍ଣ୍ଣ ଭାବେ ଭାଙ୍ଗିରୁଜି ନଷ୍ଟ ହୋଇଯାଇଛି। ଫଳରେ ହାତ ପାଆନ୍ତାରେ ଥିବା ଫସଲ ନଷ୍ଟ ହେବା କାରଣରୁ ଅଞ୍ଚଳର ଚାଷୀକୁଳ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଏହା ବ୍ୟତୀତ ପ୍ରବଳ ବର୍ଷା ଓ ଝଡ଼ ପବନ କାରଣରୁ ପାହାଡ଼ିଆ ଅଞ୍ଚଳର ମାଟି ଅତଡ଼ା ଖସି ଏବଂ ବୁଦା କାଳବଶତଃ ଉପୁଡ଼ି ପାହାଡ଼ ରାସ୍ତାଗୁଡ଼ିକ ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇଯାଇଛି। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ମଧ୍ୟ ଅଞ୍ଚଳରେ ଲଗାଣ ବର୍ଷା ଏବେ ବି ଜାରି ରହିଥିବାରୁ ଜନଜୀବନ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ ହୋଇପଡ଼ିଛି। ରାସ୍ତାଘାଟ ଅବରୁଦ୍ଧ ହୋଇ ରହିଥିବାରୁ ଏବଂ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିବାରୁ କୌଣସି ପ୍ରକାରର ସହାୟତା କିମ୍ବା ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ସହଜରେ ପହଞ୍ଚିବାରେ ବାଧା ସୃଷ୍ଟି ହୋଇଛି। ପ୍ରଶାସନ ତୁରନ୍ତ ଏହି କ୍ଷତିଗ୍ରସ୍ତ ଅଞ୍ଚଳରେ ପହଞ୍ଚି କ୍ଷୟକ୍ଷତିର ଆକଳନ କରିବା ସହ ପ୍ରଭାବିତ ଚାଷୀମାନଙ୍କୁ ଯଥାଶୀଘ୍ର ଉପଯୁକ୍ତ ସରକାରୀ କ୍ଷତିପୂରଣ ପ୍ରଦାନ କରିବା ପାଇଁ ସ୍ଥାନୀୟ ଜନସାଧାରଣ ଓ ଚାଷୀମାନେ ଦୃଢ଼ ଦାବି କରିଛନ୍ତି। — ରାୟଗଡ଼ା ବ୍ଲକରୁ ଅଭିରାମ ଗମାଙ୍ଗଙ୍କ ରିପୋର୍ଟ, ଆଦ୍ୟାଶା ଲାଇଭ୍।



ଜିଲ୍ଲାରୁ ସିଧା ରିପୋର୍ଟ

ଶିଶୁଙ୍କ ସୁରକ୍ଷିତ ବାଲ୍ୟାବସ୍ଥା ପାଇଁ ଆଇନ ସଚେତନତା ଜରୁରୀ ବାପୁଜୀ ନୋଡାଲ ସ୍କୁଲରେ 'ସୁରକ୍ଷିତ ବଚପନ ଅଭିଯାନ'



ଭଦ୍ରକ:୨୮/୧୦:ଶିଶୁଙ୍କ ଅଧିକାରର ସୁରକ୍ଷା, ଯୌନ ଶୋଷଣର ନିରାକରଣ ଏବଂ ଏକ ସୁରକ୍ଷିତ ବାଲ୍ୟାବସ୍ଥା ନିଶ୍ଚିତ କରିବା ଦିଗରେ ଆଇନ ସଚେତନତାର ଗୁରୁତ୍ୱ ଅପରିସୀମ। ଏହି ଉଦ୍ଦେଶ୍ୟରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଭଦ୍ରକ ପକ୍ଷରୁ 'ସୁରକ୍ଷିତ ବଚପନ ଅଭିଯାନ' ଅନ୍ତର୍ଗତ 'ଯୌନ ଅପରାଧରୁ ଶିଶୁଙ୍କୁ ସୁରକ୍ଷା' ଶୀର୍ଷକ ଏକ ସଚେତନତା କାର୍ଯ୍ୟକ୍ରମ ଗେଲପୁରସ୍ଥିତ ବାପୁଜୀ ନୋଡାଲ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ତପନ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଳୋକ ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ଆଶିଷ କୁମାର ଦେ ସମ୍ମାନିତ ଅତିଥି ଏବଂ ଶିଶୁ ସୁରକ୍ଷା ଶାଖାର ସାମାଜିକ ଶିଶୁ ଆଇନ ଅଧିକାରୀ ସୁବ୍ରତ ଦାସ ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ। ପାରାଲିଗାଲ୍ କର୍ମୀ ଅନ୍ନପୂର୍ଣ୍ଣା ସାହୁ ସଭା ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ରଥ ନିଜ ବକ୍ତବ୍ୟରେ ଶିଶୁଙ୍କ ଅଧିକାରର ସୁରକ୍ଷା ଏବଂ ସେମାନଙ୍କୁ ଯୌନ ଅପରାଧରୁ ସୁରକ୍ଷିତ ରଖିବା ପାଇଁ ପ୍ରଚଳିତ ଆଇନଗତ ବ୍ୟବସ୍ଥା ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ। ଶିଶୁଙ୍କ ପ୍ରତି ହେଉଥିବା ଅନ୍ୟାୟ ଓ ଶୋଷଣକୁ ରୋକିବା ସହ ସେମାନଙ୍କୁ ନ୍ୟାୟ ପ୍ରଦାନ କରିବା ଦିଗରେ ଆଇନ ସଚେତନତାର ଭୂମିକା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ବିଚାରପତି ଶ୍ରୀ ଦେ ଶିଶୁଙ୍କ ସୁରକ୍ଷା ନିମନ୍ତେ ରହିଥିବା କଠୋର ଆଇନଗତ ବ୍ୟବସ୍ଥା ସମ୍ପର୍କରେ ଅବଗତ କରାଇଥିଲେ। ଅନ୍ୟପକ୍ଷରେ, ମୁଖ୍ୟ ବକ୍ତା ଶ୍ରୀ ଦାସ ପ୍ରତ୍ୟେକ ଶିଶୁ ନିଜର ଅଧିକାର ସମ୍ପର୍କରେ ସଚେତନ ହେବା ସହ ନିଜ ପ୍ରତି କିମ୍ବା ଅନ୍ୟ ଶିଶୁଙ୍କ ପ୍ରତି ହେଉଥିବା ଅନ୍ୟାୟ ଓ ଶୋଷଣ ବିରୋଧରେ ସ୍ୱର ଉତ୍ତୋଳନ କରିବା ଆବଶ୍ୟକ ବୋଲି କହିଥିଲେ। ଏଥିସହ ବିଦ୍ୟାଳୟ ଓ ଅଭିଭାବକମାନେ ମିଳିତ ଭାବେ ଶିଶୁଙ୍କ ପାଇଁ ଏକ ସୁରକ୍ଷିତ, ନିରାପଦ ଓ ଭୟମୁକ୍ତ ପରିବେଶ ଗଢ଼ି ତୋଳିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ସରସ୍ୱତୀ ଖଣ୍ଡେଇଙ୍କ ସମେତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନେ 'କାନୁନ ଜାଣ, ବଚପନ ବଚାଓ' ଏବଂ 'ଜାଗରୁକ ବଚପନ, ସଶକ୍ତ ଭାରତ' ଭଳି ସଚେତନତାମୂଳକ ସ୍ଲୋଗାନ ଦେଇ ଶିଶୁ ସୁରକ୍ଷାର ବାର୍ତ୍ତା ପ୍ରଚାର କରିଥିଲେ। ଜିଲ୍ଲା ଆଇନ ସେବା ପ୍ରାଧିକରଣର କର୍ମୀ ଶିବାନୀ ତ୍ରିପାଠୀ ଓ ସରୋଜ ସେଠୀ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ଶେଷରେ ପ୍ରଧାନଶିକ୍ଷକ ତପନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

ଦଳୀୟ ଅଦଳବଦଳ ଏବଂ କ୍ଷମତା ଦଖଲର ଲଢ଼େଇ

ଭଦ୍ରକ: ଭଦ୍ରକ ଜିଲ୍ଲାର ଏକ ପ୍ରମୁଖ ଏବଂ ରାଜନୈତିକ ଭାବେ ସ୍ୱତନ୍ତ୍ର ପରିଚୟ ବହନ କରିଥିବା ବାସୁଦେବପୁର ନିର୍ବାଚନମଣ୍ଡଳୀରେ ଶାସକ ଭାରତୀୟ ଜନତା ପାର୍ଟି (ବିଜେପି) ଏବଂ ମୁଖ୍ୟ ବିରୋଧୀ ଦଳ ବିଜୁ ଜନତା ଦଳ (ବିଜେଡି) ମଧ୍ୟରେ ସାଂଗଠନିକ ମାମଲାରେ କଡ଼ା ଟକ୍କର ଦେଖିବାକୁ ମିଳିଛି। ଉଭୟ ଦଳ ପକ୍ଷରୁ ନିଜର ମୂଳଦୁଆକୁ ମଜବୁତ କରିବା ଏବଂ ଗ୍ରାମାଞ୍ଚଳରେ ନିଜର ପ୍ରଭାବ ବିସ୍ତାର କରିବା ପାଇଁ ରଣନୀତି ପ୍ରସ୍ତୁତ କରାଯାଉଛି। ବିଶେଷ କରି ସ୍ଥାନୀୟ ସ୍ତରରେ ନେତାଙ୍କ ଦଳବଦଳ, ମିଶ୍ରଣ ପର୍ବ ଏବଂ ସାଂଗଠନିକ ପଦବୀରୁ ଅସନ୍ତୁଷ୍ଟ ନେତାଙ୍କ ଇସ୍ତଫା ପ୍ରସଙ୍ଗ ଏହି ଅଞ୍ଚଳର ରାଜନୀତିକୁ ସବୁବେଳେ ସରଗରମ ରଖିଛି। ଗତ କିଛି ଦିନ ହେବ ବାସୁଦେବପୁର ଅଞ୍ଚଳରେ ବିଜେଡିର କିଛି ପ୍ରଭାବଶାଳୀ ସ୍ଥାନୀୟ ନେତା, ପଞ୍ଚାୟତ ସମିତି ସଭାପତି ତଥା କର୍ମକର୍ତ୍ତାମାନେ ଦଳୀୟ ସଂଗଠନରୁ ବାହାରି ବିଜେପି ଶିବିର ପ୍ରତି ଆକୃଷ୍ଟ ହେଉଥିବା ଦେଖିବାକୁ ମିଳିଛି। ଶାସକ ଦଳ ପକ୍ଷରୁ ବିଧିବଦ୍ଧ ଭାବେ ମିଶ୍ରଣ ପର୍ବ ଆୟୋଜନ କରାଯାଇ ବିରୋଧୀ ଶିବିରର ନେତାମାନଙ୍କୁ ଦଳରେ ସାମିଲ କରାଯାଉଥିବାରୁ, ବିଜେଡିର ମୂଳ ସଙ୍ଗଠନକୁ ଏହା ଏକ ବଡ଼ ଆଘାତ ଦେଇଛି। ଅନ୍ୟପକ୍ଷରେ, ବିଜେଡି ନେତୃବୃନ୍ଦ ଏହାକୁ କେବଳ କିଛି ବ୍ୟକ୍ତିଗତସ୍ୱାର୍ଥ ସମ୍ପୃକ୍ତ ଘଟଣା ବୋଲି ଦର୍ଶାଇ କର୍ମୀମାନେ ଏବେ ମଧ୍ୟ ଦଳ ସାଥୀରେ ଦୃଢ଼ ଭାବେ ରହିଛନ୍ତି ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି। ଆଗାମୀ ଦିନରେ ସ୍ଥାନୀୟ ନିର୍ବାଚନ ଏବଂ ସମବାୟ ସମିତି ତଥା ପଞ୍ଚାୟତ ସ୍ତରୀୟ ଆଧିପତ୍ୟ ଜାହିର କରିବା ପାଇଁ ଉଭୟ ଦଳର ଶୀର୍ଷ ନେତୃବୃନ୍ଦ ବାସୁଦେବପୁର ଉପରେ କଡ଼ା ନଜର ରଖିଛନ୍ତି। ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶ୍ରେୟ ନେବାକୁ ନେଇ ମଧ୍ୟ ଶାସକ ଓ ବିରୋଧୀଙ୍କ ମଧ୍ୟରେ କୁଟ୍‌ନୈତିକ ଯୁଦ୍ଧ ଜାରି ରହିଛି, ଯାହା ସାଧାରଣ ଜନତାଙ୍କ ମଧ୍ୟରେ ଚର୍ଚ୍ଚାର ମୁଖ୍ୟ ପ୍ରସଙ୍ଗ ପାଲଟିଛି।

ଖରସ୍ରୋତା ଓ ବୈତରଣୀ ବନ୍ୟା ନିୟନ୍ତ୍ରଣ ଦାବି

ଭଦ୍ରକ:(ଆଦ୍ୟାଶା ଲାଇଭ୍): ଭଦ୍ରକ ଜିଲ୍ଲାର ଚାନ୍ଦବାଲି, ଭଣ୍ଡାରିପୋଖରୀ ଓ ଧାମନଗର ଅଞ୍ଚଳ ଦେଇ ପ୍ରବାହିତ ଖରସ୍ରୋତା ଏବଂ ବୈତରଣୀ ନଦୀର ସ୍ଥାୟୀ ବନ୍ୟା ନିୟନ୍ତ୍ରଣ ଦାବି ନେଇ ଜିଲ୍ଲାରେ ବ୍ୟାପକ ଆନ୍ଦୋଳନାତ୍ମକ ପରିବେଶ ସୃଷ୍ଟି ହୋଇଛି। ବର୍ଷା ଦିନେ ଉପରମୁଣ୍ଡରୁ ଆସୁଥିବା ବନ୍ୟାଜଳ ଯୋଗୁଁ ନଦୀବନ୍ଧରେ ଘଳିଆ ପଡ଼ି ହଜାର ହଜାର ହେକ୍ଟର ଚାଷଜମି ଓ ଶହ ଶହ ଗ୍ରାମ ଜଳମଗ୍ନ ହୋଇ ବ୍ୟାପକ କ୍ଷତିସାଧନ ହେଉଥିବା ବେଳେ ପ୍ରଶାସନର କେବଳ ଅସ୍ଥାୟୀ ମରାମତିକୁ ନେଇ କୃଷକ ସଂଗଠନ ଓ ସ୍ଥାନୀୟ ବୁଦ୍ଧିଜୀବୀମାନେ ଗଭୀର ଅସନ୍ତୋଷ ପ୍ରକାଶ କରିଛନ୍ତି।ଆଞ୍ଚଳିକ କୃଷକ ମୋର୍ଚ୍ଚା ଓ ନାଗରିକ ମଞ୍ଚ ପକ୍ଷରୁ ପ୍ରଶାସନକୁ ଦିଆଯାଇଥିବା ଦାବିପତ୍ରରେ ଦର୍ଶାଯାଇଛି ଯେ, ବୈତରଣୀ ନଦୀର ଆଖୁଆପଦା ଏବଂ ଖରସ୍ରୋତା ନଦୀତଟବର୍ତ୍ତୀ ଦୁର୍ବଳ ବନ୍ଧଗୁଡ଼ିକର ସ୍ଥାୟୀ ପଥର ପ୍ୟାକିଂ (Stone Packing) ଓ କଂକ୍ରିଟ୍ ସ୍ୱର୍ ନିର୍ମାଣ ନହେବା ପର୍ଯ୍ୟନ୍ତ ଏହି ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରିବ ନାହିଁ। ବାରମ୍ବାର ନଦୀକୂଳ ଖସିବା (Riverbank Erosion) ଯୋଗୁଁ ନଦୀକୂଳିଆ ଗ୍ରାମବାସୀଙ୍କ ଭିଟାମାଟି ବିପନ୍ନ ହେବାକୁ ବସିଲାଣି। ସ୍ଥାନୀୟ ନେତୃବୃନ୍ଦ ଜଳସମ୍ପଦ ବିଭାଗ ଓ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ତୁରନ୍ତ ସ୍ୱତନ୍ତ୍ର ପ୍ୟାକେଜ୍ ମାଧ୍ୟମରେ ଦୁର୍ବଳ ନଦୀବନ୍ଧ ସୁଦୃଢ଼ୀକରଣ ଏବଂ ପଙ୍କ ଉଦ୍ଧାର କାର୍ଯ୍ୟକ୍ରମ ହାତକୁ ନେବାକୁ ଦାବି କରିଛନ୍ତି। ଯଦି ବର୍ଷା ଋତୁ ପୂର୍ବରୁ ସ୍ଥାୟୀ ବନ୍ୟା ନିରୋଧୀ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଆରମ୍ଭ ନହୁଏ, ତେବେ ଗ୍ରାମବାସୀ ଓ ଚାଷୀମାନେ ନଦୀବନ୍ଧ ଉପରେ ଗଣଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି।

ମାଟିର ଖବର

ଘାଟ ବାଲିଯୋଡି ଜଙ୍ଗଲରୁ ମନୁଷ୍ୟ କଙ୍କାଳ ଉଦ୍ଧାର



ଘଟଗାଁ:୨୮/୧୦(ଆଦ୍ୟାଶା):କେନ୍ଦୁଝର ଜିଲ୍ଲା ଘଟଗାଁ ଥାନା ଅନ୍ତର୍ଗତ ଘାଟବାଲିଯୋଡ଼ି ଜଙ୍ଗଲରୁ ମାନବ ଅବଶେଷ ମିଳିବା ଘଟଣାରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଉକ୍ତ ଅବଶେଷ ନିଖୋଜ ମହିଳା କୁନି ମହାନ୍ତଙ୍କର ହୋଇଥାଇପାରେ ବୋଲି ତାଙ୍କ ବାପା ସନ୍ଦେହ ପ୍ରକାଶ କରିଛନ୍ତି। ଏହି ଘଟଣାରେ ମହିଳାଙ୍କ ସ୍ୱାମୀ ତ୍ରିଲୋଚନ ମହାନ୍ତଙ୍କୁ ପୁଲିସ ଅଟକ ରଖିଛି। ପୁଲିସ ସୂଚନା ଅନୁଯାୟୀ, ପାଟଣା ଥାନା ଅନ୍ତର୍ଗତ ଭୀମପଡ଼ା ଗ୍ରାମର ଚନ୍ଦ୍ରମଣି ମହାନ୍ତଙ୍କ ଝିଅ କୁନିଙ୍କ ବିବାହ ୨୦୦୯ ମସିହାରେ ଘଟଗାଁ ଥାନା ଅନ୍ତର୍ଗତ ଘାଟବାଲିଯୋଡ଼ି ଗ୍ରାମର ତ୍ରିଲୋଚନ ମହାନ୍ତଙ୍କ ସହ ବୈଦିକ ରୀତି ଅନୁଯାୟୀ ହୋଇଥିଲା। ବିବାହ ପରେ ତାଙ୍କ ସ୍ୱାମୀ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବା ନେଇ ଚନ୍ଦ୍ରମଣି ମହାନ୍ତ ଅଭିଯୋଗ କରିଛନ୍ତି। ଗତ ଜୁନ୍ ୪ ତାରିଖ ଘରେ ଝଗଡ଼ା ହେବା ପରେ କୁନି ଶାଶୁ ଘରୁ ଚାଲିଯାଇଥିବା ଖବର ପାଇଥିଲେ ବାପା। ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ନପାଇବାରୁ ଜୁନ୍ ୨୧ ତାରିଖ ଘଟଗାଁ ଥାନାରେ ନିଖୋଜ ସମ୍ପର୍କରେ ଜଣାଇଥିଲେ।ଗତ ୨୭ ତାରିଖରେ ଜଣେ ବ୍ୟକ୍ତିଙ୍କ ଠାରୁ ସୂଚନା ପାଇ ଚନ୍ଦ୍ରମଣି ଘାଟବାଲିଯୋଡ଼ି ଜଙ୍ଗଲକୁ ଯାଇଥିଲେ। ସେଠାରେ ଏକ ଗଛର ଡାଳରେ ଝୁଲୁଥିବା ଶାଢ଼ୀ ସହ କିଛି ମାନବ ଅସ୍ଥି,ଖପୁରୀ ଓ ନାଲିଚୁଡ଼ି ଦେଖିଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ଏନେଇ ଘଟଗାଁ ଥାନାରେ ତା ୨୮/୧୦/୦୨୬ରିଖ ଏକ ମାମଲା ନଂ ୫୪୦, ଦଫା ୮୫/୧୦୮ ବିଏନ୍ଏସ୍ ଅନୁଯାୟୀ ମାମଲା ରୁଜୁ କରି ତ୍ରିଲୋଚନ ମହାନ୍ତଙ୍କୁ ପୁଲିସ ଅଟକ ରଖିଥିବା ବେଳେ ତଦନ୍ତକାରୀ ଅଧିକାରୀ ଗାଙ୍ଗିଆ ଲାକ୍ରା ଘଟଣାର ତଦନ୍ତ କରୁଛନ୍ତି। ତେବେ ମାନବ ଅବଶେଷର ପରିଚୟ ଓ ମୃତ୍ୟୁର ପ୍ରକୃତ କାରଣ ତଦନ୍ତ ପରେ ସ୍ପଷ୍ଟ ହେବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

ଜନମତ

ଧାମନଗର ଓ ଭଦ୍ରକ କଲେଜଗୁଡ଼ିକରେ ଛାତ୍ର ରାଜନୀତି

ଭଦ୍ରକ: ଭଦ୍ରକ ଜିଲ୍ଲାର ପ୍ରମୁଖ ଶିକ୍ଷାନୁଷ୍ଠାନ ଯଥା ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ଏବଂ ଧାମନଗର କଲେଜ ସମେତ ବିଭିନ୍ନ ଡିଗ୍ରୀ କଲେଜଗୁଡ଼ିକରେ ଛାତ୍ର ସଂସଦ ନିର୍ବାଚନ ଏବଂ କ୍ୟାମ୍ପସ୍ ରାଜନୀତିକୁ ନେଇ ବେଶ୍ ସରଗରମ ପରିସ୍ଥିତି ସୃଷ୍ଟି ହୋଇଛି। ଦୀର୍ଘ ଦିନର ବ୍ୟବଧାନ ପରେ କଲେଜ କ୍ୟାମ୍ପସ୍‌ଗୁଡ଼ିକରେ ପୁଣିଥରେ ଛାତ୍ର ରାଜନୀତିର ହଲଚଲ ଦେଖିବାକୁ ମିଳୁଥିବାରୁ ଛାତ୍ରନେତା ଓ ଆଶାୟୀ ପ୍ରାର୍ଥୀମାନେ ଜୋରସୋରରେ ପ୍ରଚାର ଅଭିଯାନ ଆରମ୍ଭ କରିଛନ୍ତି। କଲେଜର ମୁଖ୍ୟ ଫାଟକରୁ ଆରମ୍ଭ କରି କ୍ୟାମ୍ପସ୍ କ୍ୟାଣ୍ଟିନ୍ ଏବଂ ଶ୍ରେଣୀଗୃହ ପର୍ଯ୍ୟନ୍ତ ସବୁଠି ସଭାପତି, ସମ୍ପାଦକ ଏବଂ ଅନ୍ୟାନ୍ୟ ପଦବୀ ପାଇଁ ଲବି ଏବଂ ଗୋଷ୍ଠୀଗତ ଆଲୋଚନା ଜୋର ଧରିଛି। ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ପରି ଏକ ବୃହତ୍ ପୁରାତନ ଅନୁଷ୍ଠାନରେ ଛାତ୍ରସଂସଦ ନିର୍ବାଚନକୁ ଜିତିବା ପାଇଁ ରାଜନୈତିକ ଦଳଗୁଡ଼ିକର ସ୍ଥାନୀୟ ଯୁବ ଶାଖା ଏବଂ ପ୍ରଚ୍ଛନ୍ନ ସମର୍ଥନ ରହିଥିବା ଚର୍ଚ୍ଚା ହେଉଛି। ପ୍ରାର୍ଥୀମାନେ ନିଜର ସମର୍ଥକମାନଙ୍କୁ ସାଙ୍ଗରେ ଧରି କ୍ଲାସରୁମ କ୍ଲାସରୁମ ବୁଲି ଭୋଟ୍ ଭିକ୍ଷା କରୁଛନ୍ତି। ସେହିପରି ଧାମନଗର କଲେଜରେ ମଧ୍ୟ ଛାତ୍ର ସମସ୍ୟା, କଲେଜର ଭିତ୍ତିଭୂମି ବିକାଶ, ପାଣି ଓ ପାର୍କିଂ ବ୍ୟବସ୍ଥା, ହଷ୍ଟେଲ ସୁବିଧା ଏବଂ ଲାଇବ୍ରେରୀର ଉନ୍ନତିକରଣ ଭଳି ମୌଳିକ ପ୍ରସଙ୍ଗଗୁଡ଼ିକୁ ଆଧାର କରି ପ୍ରାର୍ଥୀମାନେ ନିଜର ଇସ୍ତାହାର ପ୍ରସ୍ତୁତ କରୁଛନ୍ତି। ତେବେ ଛାତ୍ର ନିର୍ବାଚନକୁ କେନ୍ଦ୍ର କରି କ୍ୟାମ୍ପସ୍‌ରେ ଯେପରି କୌଣସି ଶୃଙ୍ଖଳାହାନି କିମ୍ବା ହିଂସାକାଣ୍ଡ ନଘଟେ, ସେଥିପ୍ରତି କଲେଜ କର୍ତ୍ତୃପକ୍ଷ ଏବଂ ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ କଡ଼ା ପଦକ୍ଷେପ ନିଆଯାଇଛି। ଲିଙ୍ଗଡୋ କମିଶନଙ୍କ ମାର୍ଗଦର୍ଶନକୁ କଡ଼ାକଡ଼ି ଭାବେ ପାଳନ କରିବା ଏବଂ ଶାନ୍ତିପୂର୍ଣ୍ଣ ଭାବେ ନିର୍ବାଚନ ପରିଚାଳନା କରିବା ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ଛାତ୍ରସଂଗଠନ ଓ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଇଛି। କଲେଜ କ୍ୟାମ୍ପସ୍‌ର ଏହି ରାଜନୈତିକ ଉତ୍ତେଜନା ସ୍ଥାନୀୟ ରାଜନୀତିକୁ ମଧ୍ୟ ପ୍ରଭାବିତ କରୁଥିବା ଦେଖିବାକୁ ମିଳୁଛି।

ଧାମରା ବନ୍ଦର ସମ୍ପ୍ରସାରଣ ଓ ଆଞ୍ଚଳିକ ରାଜନୀତି

ଭଦ୍ରକ: ଭଦ୍ରକ ଜିଲ୍ଲାର ବାଣିଜ୍ୟିକ କେନ୍ଦ୍ରବିନ୍ଦୁ ଧାମରା ବନ୍ଦରର ବୃହତ ସମ୍ପ୍ରସାରଣ ଯୋଜନାକୁ ନେଇ ଜିଲ୍ଲା ତଥା ଆଞ୍ଚଳିକ ରାଜନୀତି ସରଗରମ ହୋଇଉଠିଛି। ବନ୍ଦରର କ୍ଷମତା ବୃଦ୍ଧି, ନୂତନ ବର୍ଥ ନିର୍ମାଣ ଏବଂ ଶିଳ୍ପାଞ୍ଚଳ ବିକାଶ ପାଇଁ ସରକାରୀ ଓ ବେସରକାରୀ ସ୍ତରରେ ଉଦ୍ୟମ ଜାରି ରହିଥିବା ବେଳେ ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ଦାବି ଏବଂ ରାଜନୈତିକ ଦଳଗୁଡ଼ିକର ଆଭିମୁଖ୍ୟ ଭିନ୍ନ ଭିନ୍ନ ମୋଡ଼ ନେଉଛି। ବିଶେଷ କରି ଜମି ଅଧିଗ୍ରହଣ, ବିସ୍ଥାପିତଙ୍କ ପୁନର୍ବାସ, ପରିବେଶୀୟ ପ୍ରଭାବ ଏବଂ ସ୍ଥାନୀୟ ଯୁବକଯୁବତୀଙ୍କୁ ପ୍ରାଥମିକତା ଆଧାରରେ ନିଯୁକ୍ତି ଯୋଗାଇଦେବା ପ୍ରସଙ୍ଗ ଏବେ ମୁଖ୍ୟ ରାଜନୈତିକ ମୁଦ୍ଦା ପାଲଟିଛି। ସ୍ଥାନୀୟ ବିଜୁ ଜନତା ଦଳ (ବିଜେଡି) ଓ କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ବନ୍ଦର ସମ୍ପ୍ରସାରଣ ଦ୍ୱାରା ଅଞ୍ଚଳର କୃଷି ଓ ମତ୍ସ୍ୟଜୀବୀ ସମ୍ପ୍ରଦାୟ ଗମ୍ଭୀର ଭାବେ ପ୍ରଭାବିତ ହେଉଛନ୍ତି, ମାତ୍ର ସେମାନଙ୍କୁ ଆବଶ୍ୟକୀୟ କ୍ଷତିପୂରଣ କିମ୍ବା ସ୍ଥାୟୀ ଜୀବିକାର ସୁଯୋଗ ମିଳୁନାହିଁ। ବନ୍ଦର ପ୍ରକଳ୍ପରେ ବାହାର ଜିଲ୍ଲା ଓ ରାଜ୍ୟର ଶ୍ରମିକଙ୍କୁ ପ୍ରାଧାନ୍ୟ ଦିଆଯାଉଥିବା ବେଳେ ସ୍ଥାନୀୟ ଯୋଗ୍ୟ ଯୁବକମାନେ ଅବହେଳିତ ହୋଇ ରହୁଛନ୍ତି ବୋଲି ବିରୋଧୀ ନେତୃବୃନ୍ଦ ସମାଲୋଚନା କରିଛନ୍ତି। ସେହିପରି ଅନ୍ୟପକ୍ଷରେ, ଶାସକ ଭାରତୀୟ ଜନତା ପାର୍ଟି (ବିଜେପି) ନେତୃବୃନ୍ଦଙ୍କ କହିବା କଥା ଯେ, ଧାମରା ବନ୍ଦରର ବିକାଶ ଦ୍ୱାରା ସମଗ୍ର ଭଦ୍ରକ ଜିଲ୍ଲାର ଅର୍ଥନୀତି ବଦଳିଯିବ ଏବଂ ଅପରୋକ୍ଷ ଭାବେ ବହୁସଂଖ୍ୟକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଧାମରା ଅଞ୍ଚଳରେ ପରିବେଶ ସୁରକ୍ଷା ଏବଂ ମତ୍ସ୍ୟଜୀବୀଙ୍କ ସୁରକ୍ଷିତ ମାଛଧରା ନେଇ ମଧ୍ୟ ଗ୍ରାମାଞ୍ଚଳରେ ପ୍ରତିବାଦ ସଭାମାନ ଆୟୋଜିତ ହେଉଛି। ସ୍ଥାନୀୟ ସଂଗଠନ ଓ ନାଗରିକ ମଞ୍ଚ ପକ୍ଷରୁ ପ୍ରଶାସନ ଓ ବନ୍ଦର କର୍ତ୍ତୃପକ୍ଷଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇ ଦାବି କରାଯାଇଛି ଯେ, ସମ୍ପ୍ରସାରଣ କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ସ୍ଥାନୀୟ ବିସ୍ଥାପିତ ଓ ପ୍ରଭାବିତ ପରିବାରଙ୍କୁ ସ୍ଥାୟୀ ନିଯୁକ୍ତି ଓ ଉଚିତ୍ ସହାୟତା ପ୍ରଦାନ କରାଯାଉ। ନଚେତ୍ ଆଗାମୀ ଦିନରେ ବନ୍ଦର ସାମ୍ନାରେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି, ଯାହା ଭଦ୍ରକ ରାଜନୀତିକୁ ଆହୁରି ଗରମ କରିଦେଇଛି।

ଭଦ୍ରକ ସାଂସଦ ଓ ବିଧାୟକଙ୍କ ନେତୃତ୍ୱରେ ଜିଲ୍ଲା ସ୍ତରୀୟ ଉନ୍ନୟନ ବୈଠକ

ଭଦ୍ରକ: ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାର ସାମଗ୍ରିକ ବିକାଶ, ଭିତ୍ତିଭୂମିର ପ୍ରଗତି ଏବଂ ବିଭିନ୍ନ ସରକାରୀ ଯୋଜନାର ସଫଳ କାର୍ଯ୍ୟକାରିତାକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ଜିଲ୍ଲା ସ୍ତରୀୟ ଉନ୍ନୟନ ଓ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ସାଂସଦ ଏବଂ ସ୍ଥାନୀୟ ବିଧାୟକଙ୍କ ମିଳିତ ନେତୃତ୍ୱରେ ଆୟୋଜିତ ଏହି ବୈଠକରେ ଜିଲ୍ଲାପାଳ, ଜିଲ୍ଲା ପରିଷଦର ମୁଖ୍ୟ ନିର୍ବାହୀ ଅଧିକାରୀ, ଆରକ୍ଷୀ ଅଧୀକ୍ଷକଙ୍କ ସମେତ ବିଭିନ୍ନ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀମାନେ ଉପସ୍ଥିତ ଥିଲେ। ଜିଲ୍ଲାରେ ନିର୍ମାଣାଧୀନ ମୁଖ୍ୟ ରାସ୍ତାଘାଟ, ସେତୁ, ଜଳସେଚନ ପ୍ରକଳ୍ପ, ସ୍ୱାସ୍ଥ୍ୟସେବା, ପାନୀୟ ଜଳ ଯୋଗାଣ ଏବଂ ଗ୍ରାମୀଣ ବିଦ୍ୟୁତୀକରଣ କାର୍ଯ୍ୟର ସାମ୍ପ୍ରତିକ ସ୍ଥିତି ସମ୍ପର୍କରେ ବୈଠକରେ ବିଶଦ ଆଲୋଚନା କରାଯାଇଥିଲା। ବୈଠକରେ ପ୍ରକଳ୍ପଗୁଡ଼ିକର ବିଳମ୍ବକୁ ନେଇ ସାଂସଦ ଓ ବିଧାୟକମାନେ କ୍ଷୋଭ ପ୍ରକାଶ କରିବା ସହ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କାର୍ଯ୍ୟ ଶେଷ କରିବାକୁ ନିର୍ବାହୀ ଯନ୍ତ୍ରୀ ଓ ଠିକାଦାରମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ବିଶେଷ କରି ଆସନ୍ନ ବର୍ଷା ଓ ବନ୍ୟା ପରିସ୍ଥିତିକୁ ଆଖିଆଗରେ ରଖି ବୈତରଣୀ, ଖରସ୍ରୋତା ଓ ସାଳନ୍ଦୀ ନଦୀବନ୍ଧଗୁଡ଼ିକର ମରାମତି ଏବଂ ଜଳନିଷ୍କାସନ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ଗୁରୁତ୍ୱାରୋପ କରାଯାଇଛି। ଏହା ସହିତ ଗ୍ରାମାଞ୍ଚଳରେ 'ମେଗା ପାଇପ୍ ୱାଟର୍ ସପ୍ଲାଇ' ପ୍ରକଳ୍ପ ମାଧ୍ୟମରେ ପ୍ରତ୍ୟେକ ପରିବାରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱାସ୍ଥ୍ୟସେବାର ମାନ ବୃଦ୍ଧି କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ସମ୍ପୃକ୍ତ ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଛି। ଶାସକ ଓ ବିରୋଧୀ ଦଳର ନେତୃବୃନ୍ଦ ଜନସାଧାରଣଙ୍କ ଦାବି ଓ ସମସ୍ୟାଗୁଡ଼ିକୁ ବୈଠକରେ ଉପସ୍ଥାପନ କରିଥିଲେ। ସରକାରୀ ଯୋଜନାର ଲାଭ ଯେପରି ପ୍ରକୃତ ହିତାଧିକାରୀଙ୍କ ପାଖରେ ବିନା କୌଣସି ଅନିୟମିତତାରେ ପହଞ୍ଚିପାରିବ, ସେଥିପ୍ରତି ସ୍ୱଚ୍ଛତା ଓ ଜବାବଦିହିତା ଅବଲମ୍ବନ କରିବାକୁ ପ୍ରଶାସନକୁ ଆହ୍ୱାନ ଦିଆଯାଇଛି। ଜିଲ୍ଲାର ପ୍ରଗତି ପାଇଁ ଦଳମତ ନିର୍ବିଶେଷରେ ସମସ୍ତେ ମିଳିମିଶି କାର୍ଯ୍ୟ କରିବାକୁ ପ୍ରତିଶ୍ରୁତି ବଦ୍ଧ ହୋଇଥିବା ବେଳେ ଆଗାମୀ ଦିନରେ ଏହି ପ୍ରକଳ୍ପଗୁଡ଼ିକର ନିୟମିତ ତଦାରଖ କରାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

Printed At:DASH BROTHERS,Rathagadha Sahi (old town),Po-Nayagarh,Odiasha-752070.Published at Plot No.1276,Kalinga Vihar,K24,Bhubaneswar,Khordha,751019, e-mail:adyashalive@gmail.com.Mob:9776141794/7008523436

ସମ୍ପାଦକ - ଇଂ ଦେବବ୍ରତ ବେହେରା
Editor-Er.Debabrata Behera